ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଫେବୃଆରୀ ୨୦୨୨ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ




ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

‘ଆହ୍ୱାନ’ ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଲକ୍ଷଣ ପୂର୍ବାପେକ୍ଷା ଅତ୍ୟଧିକ ଭୟାବହ ନାହିଁ କିନ୍ତୁ ସଂକ୍ରମଣ ହାର ବହୁତ ଅଧିକ ଅଛି, ତେଣୁ ସାବଧାନ ରହନ୍ତୁ ।**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୭** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୮ | ଅଶୋକ ବିଶ୍ୱାଳ | ୧୮ |
| ନିଆରା ପ୍ରେମ | ନିତ୍ୟ ରଞ୍ଜନ ନନ୍ଦ | ୨୭ |
| ନିଆରା ପ୍ରତିଯୋଗିତା | ଇଂ ବିଦ୍ୟାଧର ପଣ୍ଡା | ୩୨ |
| ଆମ ଗାଆଁର ହୋଲି | ଅମରନାଥ ବାରିକ | ୩୭ |
| ବିଜୁଳି ଓ କଦଳୀ | ଲେଖିକା ଅନାମିକା | ୪୦ |
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୪୨ |
| **କବିତା ବିଭାଗ** | | **୪୭** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୪୮ |
| ମାର୍ଗଶୀର ଗୁରୁବାର | ଶିବ ନାରାୟଣ ଦାଶ | ୪୯ |
| ସୁବର୍ଣ୍ଣ ଶିଶୁ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୫୩ |
| ସୀମାହୀନ ତମ ମନ | ଡା ନୀଳମାଧବ କର | ୫୫ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଭାଙ୍ଗୁଛି ସ୍ୱପ୍ନ | ଦୁଷ୍ମନ୍ତ ବେହେରା | ୫୬ |
| ମାଁ ସମଲେଶ୍ୱରୀ | ଶଙ୍କର ବିଶ୍ୱାଳ | ୫୭ |
| କହିଲ ଦେଖି | ଅମରନାଥ ବାରିକ | ୫୮ |
| ହୃଦୟର ଭାଷା | ବିଶ୍ୱନାଥ ଭୁଏ | ୫୯ |
| ଅଭିମାନ | ପୁଷ୍ପାଞ୍ଜଳୀ ପଣ୍ଡା | ୬୦ |
| ଅଭିମାନ | ଜୟନ୍ତ କୁମାର ମଲ୍ଲିକ | ୬୨ |
| ସ୍ୱପ୍ନ ଇଲାକା | ନିରଞ୍ଜନ ସାହୁ | ୬୩ |
| ଯୁବକ୍ରାନ୍ତିର ମସାଲ | ଦୀନବଂଧୁ ବେଜ | ୬୪ |
| ପ୍ରେମ ଲଗ୍ନ | ସିଦ୍ଧେଶ୍ୱର ତ୍ରିପାଠୀ | ୬୫ |
| ବାପା | ଅନୁରାଧା କର | ୬୬ |
| ଭାରତ ଆମରି ମାଆ | ଗୌରୀ ପଣ୍ଡା | ୬୭ |
| ଆହ୍ୱାନ୍ ପାଇଁ ନାନାବାୟା | ନୀଳମଣି ଚାନ୍ଦ | ୬୯ |
| ଦେବବ୍ରତ | ସ୍ମୃତିରଞ୍ଜନ ବାରିକ | ୭୦ |
| କାଠଟିଏ ମୁଁ | ଦିନେଶ୍ ମେହେର | ୭୪ |
| କେମିତି କହିବି ତତେ | ନୂତନ କୁମାର ବେହେରା | ୭୫ |


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| କେମିତି କହିବି ତତେ | ଶୋଭାଗିନୀ ନନ୍ଦ | ୭୬ |
| ତୁମରି ଚରଣେ ଅରପି ଦେଇଛି | ପ୍ରତାପ କିଶୋର ରାଉତ | ୭୭ |
| ଗୁହାରି ଶୁଣିମା ହେଉ | ସାଧନା ପଣ୍ଡା | ୭୮ |
| ପିତା ହିଁ ଧର୍ମ ପିତା ହିଁ ସ୍ୱର୍ଗ | ରମେଶ ଟାକ୍ରୀ | ୮୦ |
| ପିତା ଧର୍ମ ପିତା ସ୍ୱର୍ଗ | ନଳିନୀପ୍ରଭା ମିଶ୍ର | ୮୧ |
| ପିତା ଧର୍ମ ପିତା ସ୍ୱର୍ଗ | ବିନୋଦିନୀ ଦାଶ | ୮୨ |
| ହେ ଠାକୁର | ମନୋଜ କୁମାର ଦାସ | ୮୩ |
| ପରୀ ରାଇଜ | ଅଜିତ କୁମାର ତ୍ରିପାଠୀ | ୮୪ |
| ପରୀ ରାଇଜ | ମନୋରମା ରାଉତରାୟ | ୮୫ |
| ଟେକିଦେଲି ଦୁଇ ହାତ | ବଂଶୀଧର ପଣ୍ଡା | ୮୬ |
| ଭକ୍ତ ଭଗବାନ | ଜନରଞ୍ଜନ ପ୍ରଧାନ | ୮୮ |
| ସୁଯୋଗ କରନା ହାତଛଡ଼ା | ତୃପ୍ତିରାଣୀ ପାତ୍ର | ୯୦ |
| ସୁଯୋଗ କରନା ହାତଛଡ଼ା | ସ୍ୱପ୍ନା ମହାନ୍ତି | ୯୧ |
| ସୁଯୋଗ କରନା ହାତଛଡ଼ା | ନିରୁପମା ପାଣି | ୯୨ |
| ଆଦର୍ଶ ଚୟନ | ନାରାୟଣ ଚନ୍ଦ୍ର ସେନାପତି | ୯୩ |


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| ଆଦର୍ଶ ଚୟନ | ଦେବାଶିଷ ସିଂହ | ୯୫ |
| ଆଦର୍ଶ ଚୟନ | ସନ୍ତୋଷ କୁମାର ସାହୁ | ୯୬ |
| ଆମ ପରିବାର ଅତି ସୁନ୍ଦର | ସ୍ୱାଗତିକା ସାହୁ | ୯୭ |
| ସବୁଠୁ ସୁନ୍ଦର ଆମ ପରିବାର | ଶାନ୍ତିଲତା ପଣ୍ଡା | ୯୮ |
| ଭିନ୍ନ ଏକ ମା | ହାସ୍ୟମୟୀ ରାଜ | ୯୯ |
| ଗାଁ ମୋ ସରଗ | ପ୍ରଫୁଲ୍ଲ କୁମାର ହୋତା | ୧୦୧ |
| ସ୍ମୃତି | ସଂଘମିତ୍ରା କବି | ୧୦୨ |
| ସମୟର ଅନନ୍ତ ଶୃଙ୍ଗାର | ମୌସୁମୀ | ୧୦୪ |
| ଆ ଜହ୍ନରେ ତୋଳିବା ଘର | ସଂଯୁକ୍ତା ସାହୁ | ୧୦୬ |
| ଜହ୍ନରେ ତୋଳିବି ଘର | ସଂଗୀତା ନାୟକ | ୧୦୭ |
| ଶେଷ ଆଶା | ପ୍ରେୟସୀ ରାଜମା | ୧୦୯ |
| ତୁମ ଶୁଭ ଜନ୍ମଦିନେ | ଦୀପ୍ତି ଦେବଦର୍ଶିନୀ ସୁତାର | ୧୧୧ |
| ପଞ୍ଚଭୂତ | ଭାଗିରଥୀ ଯାନୀ | ୧୧୨ |
| ଏକାନ୍ତ | ଗୀତାଞ୍ଜଳୀ ଭୂୟାଁ | ୧୧୪ |
| ଅଭୁଲା ସେ ସ୍ମୃତି | ପ୍ରୀତିଶ କୁମାର | ୧୧୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆହେ ମୋ ଜହ୍ନ | ପ୍ରୀତିରଞ୍ଜନ ନାୟକ | ୧୧୭ |
| ମୁଁ ସେହି ଦରପୋଡ଼ା କାଠ | ଭରତବନ୍ଧୁ ବିଶ୍ୱାଳ | ୧୧୮ |
| ଅମାନିଆ ହେବିନି | ଧୀରେନ୍ଦ୍ର ମଲ୍ଲିକ | ୧୧୯ |
| ସ୍ୱପ୍ନ ଅପସରୀ | ରାକେଶ ମୁଦୁଲି | ୧୨୧ |
| ଭଲକୁ ପାଉଛ ବୋଲି | ତାରା ପ୍ରସାଦ ଜେନା | ୧୨୩ |
| ପ୍ରିୟାର ଅଭିମାନ | ବାଲାଜୀ ସେଠୀ | ୧୨୪ |
| ତୁମ ନିରବତା | ଆଦରମଣି ପ୍ରଧାନ | ୧୨୬ |
| ବାହା ହେବାକୁ ରାଜି | ଶିଶିର କୁମାର ପଣ୍ଡା | ୧୨୭ |
| ଶୋଇବାକୁ ଗଲେ ସେ | ପଙ୍କଜ କୁମାର ମଙ୍ଗଳ | ୧୨୮ |
| ସତ୍ୟ ଧର୍ମରେ | ଟୋନିସ୍ ରୋହିଦାସ | ୧୨୯ |
| ମନ ଭିତରେ ଖୋଜେ ମୁଁ କିଏ | ରୋହିତ ପଟ୍ଟନାୟକ | ୧୩୧ |
| ପ୍ରହେଳିକା | ପ୍ରଶାନ୍ତ କୁମାର ମହାରଣା | ୧୩୩ |
| ଭବିଷ୍ୟତକୁ ସୁଧାରୁଥିବା କିଛି ମଣିଷ | ସୁଧର୍ମା ଡାଙ୍ଗୁଆ | ୧୩୪ |
| ହାସ୍ୟଧ୍ୱନୀ | ଗୋବର୍ଦ୍ଧନ ସେନାପତି | ୧୩୫ |
| ସିନ୍ଦୂର ପିନ୍ଧିବା ପୂର୍ବରୁ | କୃଷ୍ଣଚନ୍ଦ୍ର ବାରିକ | ୧୩୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ହଁ ମୁଁ ଘୃଣା କରେ ମୋ ଲୁହକୁ | ସବିତା ପଟ୍ଟନାୟକ | ୧୩୮ |
| **ସଂବଲପୁରୀ ବିଭାଗ** | | **୧୪୦** |
| ଅଲହନ୍ | ସତ୍ୟନାରାୟଣ ମିଶ୍ର | ୧୪୧ |
| **ପ୍ରବନ୍ଧ ବିଭାଗ** | | **୧୪୩** |
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୧୪୪ |
| ଯୋଜନା କେତେ ସଫଳ | କିଷାନ ମହାକୁର | ୨୦୨ |
| ମୋ ମା ଡାକୁଛି ମୋତେ ! | ପଙ୍କଜ କୁମାର ପାଣିଗ୍ରାହୀ | ୨୦୬ |
| ସ୍ୱାମୀ ବିବେକାନନ୍ଦ | ଦେବେନ୍ଦ୍ର ସାମଲ | ୨୧୧ |
| ବିବର୍ତ୍ତନବାଦର ଜନକ : ଡାରୱିନ୍ | ଅକ୍ଷୟ କୁମାର ରାଉତ | ୨୧୫ |
| ପ୍ରିୟ ହୃଦୟର କଥା | ପ୍ରିୟରଞ୍ଜନ ବିଶ୍ୱାଳ | ୨୨୩ |
| ବିଶେଷ ସୂଚନା | | ୨୨୪ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ଥର ଅନୁରୋଧ କରିବା ସତ୍ତ୍ୱେ କିଛି ବନ୍ଧୁ ମାସରେ ଅନ୍ୟୁନ ଦଶ କିମ୍ବା ଅଧିକ କବିତା ମୋ ଇମେଲରେ ପଠାଉଛନ୍ତି । କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପଠାନ୍ତୁ । ଯାହା ପ୍ରକାଶନ ଯୋଗ୍ୟ ବୋଲି ନିଜେ ଭାବୁଛନ୍ତି ସେହିଭଳି ଲେଖା ହିଁ ପଠାନ୍ତୁ । ଅଧିକ ଇମେଲ୍ ପଠାଇଲେ, ଗୁଗୁଲ୍ ଇମେଲ୍ ଆପଣଙ୍କ ଇମେଲ୍ ଠିକଣାକୁ ବନ୍ଦ କରିଦେଇ ପାରେ, ଏହାକୁ ସ୍ପାମ୍ ବୋଲି ନିଜେ ନିଜେ ଧରିନେଇ ଆପଣଙ୍କ ଇମେଲ୍ ସବୁକୁ ସ୍ପାମ୍ ଫୋଲ୍ଡରରେ ପକେଇ ଦେଇ ପାରେ । ତାପରେ ଆପଣଙ୍କ ଲେଖା ଆଉ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ ଦୟାକରି ଉପରୋକ୍ତ ତଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

ପ୍ରତ୍ୟେକ ମାସର ସଂସ୍କରଣ ପ୍ରକାଶନ ପରେ ହିଁ ନୂଆ ସଂସ୍କରଣ ପାଇଁ ଲେଖା ପଠାନ୍ତୁ । କେବଳ ଲେଖା ପଠାଇଲେ ଚଳିବ ନାହିଁ, ପତ୍ରିକାକୁ ନିଜ ବନ୍ଧୁଙ୍କୁ, ପରିଜନଙ୍କୁ ଦିଅନ୍ତୁ, ସେମାନଙ୍କୁ ଓଡ଼ିଆରେ ଲେଖିବା ଏବଂ ପଢ଼ିବା ପାଇଁ ଉତ୍ସାହିତ କରନ୍ତୁ । ଆସନ୍ତୁ ଆମେ ଆହ୍ୱାନ ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର କରିବା । ଆମ ଭାଷା ସାହିତ୍ୟର ଉନ୍ନତିକୁ ଆମେ ସାକାର କରିବା ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ବର୍ଷ ୨୦୨୨ର ଫେବୃଆରୀ ସଂସ୍କରଣ ସହ ମୁଁ ଉପସ୍ଥିତ । ଆହ୍ୱାନ ସହ ସଂଶ୍ଳିଷ୍ଟ ସମସ୍ତ ଲେଖକ, ଲେଖିକା, ପାଠକ ଗୋଷ୍ଠୀ ଜାଣନ୍ତି ଯେ ବର୍ଷ ୨୦୦୬ରେ ଫେବୃଆରୀ ୭ ତାରିଖ ସରସ୍ୱତୀ ପୂଜା ଦିନ ଏହି ଇ-ପତ୍ରିକାର ପ୍ରଥମ ସଂସ୍କରଣ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ପତ୍ରିକା ଏହାର ପ୍ରକାଶନର ସପ୍ତାଦଶ ବର୍ଷରେ ଉପନୀତ । ଏହାର ଲୋକପ୍ରିୟତା ଅନେକ ମାତ୍ରାରେ ବୃଦ୍ଧି ପାଇଥିବା ବେଳେ ଏହାକୁ ଆଧାର କରି ଅନେକ କ୍ଷୁଦ୍ର ଇ-ପତ୍ରିକାମାନ ପ୍ରକାଶିତ ହେଉଛି । ସାମ୍ପ୍ରତିକ ସମୟରେ ସାମାଜିକ ନେଟୱର୍କିଂ ମାଧ୍ୟମ ଯଥା ଫେସବୁକ୍ ଓ ହ୍ୱାଟ୍‌ସଆପ୍ ଦ୍ୱାରା ମଧ୍ୟ ସାହିତ୍ୟକୁ ବହୁଜନମୁଖୀ କରାଯାଉଛି । ଆମେ ଆନନ୍ଦିତ ଯେ ଯେଉଁ ଉଦ୍ଦେଶ୍ୟ ନେଇ ଆମେ ଆହ୍ୱାନ ଇ-ପତ୍ରିକାର ପ୍ରକାଶନ କରିଥିଲୁ, ଏବେ ତାହା ସମସ୍ତଙ୍କ ଦ୍ୱାରା ଆଦୃତ ହେବା ସହ କାର୍ଯ୍ୟାନ୍ୱୟନ କରାଯାଉଛି ।

ଆମ ଭାଷା ଓ ସାହିତ୍ୟ ଭଳି ଏକ ବିଶାଳ ସମ୍ପତ୍ତି ବିଶ୍ୱର ଅନ୍ୟ କୌଣସି ଭାଷାର ହୁଏତ ନ ଥାଇପାରେ, କିନ୍ତୁ ଅଣଓଡ଼ିଆ ଭାଷୀ ମାନଙ୍କର କ୍ରମବର୍ଦ୍ଧିଷ୍ଣୁ ବ୍ୟବହାର ଏବଂ ସରକାରୀ ତଥା ବେସରକାରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ଯ୍ୟରେ ହିନ୍ଦୀ ଏବଂ ଇଂରାଜୀ ଭାଷାର ପ୍ରାଦୁର୍ଭାବ ଫଳରେ ଓଡ଼ିଆ ଭାଷା ପ୍ରତି ନୂତନ ପୀଢ଼ି ବିତସ୍ପୃହ ହେବାର ଉଦାହରଣ ବିରଳ ନାହିଁ । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେ ଆମର କ୍ଷୁଦ୍ରତମ ପ୍ରଚେଷ୍ଟା ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟ ଜଗତକୁ ସମୃଦ୍ଧ କରିବାକୁ ଉପସ୍ଥିତ ହୋଇଛୁ । ଏଠାରେ ଅଗଣିତ ସାହିତ୍ୟ ସଂସଦ ଏବଂ ସଂସ୍ଥା ମଧ୍ୟ ଅନୁରୂପ ପ୍ରଚେଷ୍ଟା କରୁଛନ୍ତି । ସେମାନଙ୍କ ପ୍ରଚେଷ୍ଟା ଯେ ଓଡ଼ିଆ ଭାଷାକୁ ନୂତନ ଶତାବ୍ଦୀରେ ଏକ ସମୃଦ୍ଧ ଓ ଲୋକପ୍ରିୟ ଭାଷାରେ ପରିଣତ କରିବ, ଏଇ ଆଶା ଆମ ସମସ୍ତଙ୍କ ମନରେ ରହିଛି । ଆପଣ ସମସ୍ତଙ୍କ ସହାୟତାରେ ଆମେ ନିଶ୍ଚୟ ଏଥିରେ ସଫଳ ହେବା ଏଥିରେ ଦ୍ୱିମତ ନାହିଁ ।

ବର୍ତ୍ତମାନ ଓଡ଼ିଶା ସମେତ ଭାରତର ଅନେକ ରାଜ୍ୟରେ ନିର୍ବାଚନୀ ପରିବେଶ ଦେଖାଦେଇଛି । ପଞ୍ଚାୟତ ସ୍ତରୀୟ ନିର୍ବାଚନ ପାଇଁ ଓଡ଼ିଶାର ପୁରପଲ୍ଲୀ ବର୍ତ୍ତମାନ ପ୍ରଚାରମୁଖୀ ହୋଇଛି । ଖୁସିର କଥା ଅନ୍ତତଃ ନିର୍ବାଚନ ସମୟରେ ଶୁଦ୍ଧ ଓଡ଼ିଆ ଭାଷାରେ ନିର୍ବାଚନୀ ସ୍ଲୋଗାନ୍ ମାନ ଲେଖାଯାଉଛି । ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ଉଚ୍ଛ୍ୱସିତ ଭାବରେ ଏହି ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଆମେ ଅନୁରୋଧ କରୁଛୁ ।

ଏହି ବିଷୟ ସମ୍ବଳିତ ଏକ ଆଲେଖ୍ୟ ବିଗତ ଦିନରେ ହ୍ୱାଟସ୍ଆପ୍ ମାଧ୍ୟମରେ ଆମର ହସ୍ତଗତ ହୋଇଥିଲା । ନିର୍ବାଚନ ସମୟରେ କେଉଁଭଳି ଭାବରେ ଜଣେ ସାଧାରଣ ନାଗରିକ ବ୍ୟବହାର କରିବ ତାହା ସେଥିରେ ଉଲ୍ଲେଖ ହୋଇଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ଏଥିରେ ଅନେକ ତ୍ରୁଟି ରହିବା ସହିତ ସ୍ଥାନ ବିଶେଷରେ ଓଡ଼ିଶା ଶବ୍ଦକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରି ହିନ୍ଦୀ ଶବ୍ଦ ଗୁଡ଼ିକୁ ସିଧା ସିଧା ଲେଖାଯାଇଥିଲା । ଅନ୍ତତଃ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାମାଜିକ ନେଟୱର୍କରେ ଯଦି ଆପଣ କୌଣସି ଓଡ଼ିଆ ଭାଷାରେ ଲିଖିତ ଆଲେଖ୍ୟ ପ୍ରସାରିତ କରୁଛନ୍ତି, ଏଥିରେ ଥିବା ତ୍ରୁଟି ସବୁକୁ ସୁଧାରିବା ପରେ ହିଁ ସେମିତି କରନ୍ତୁ । କେବଳ ଏହି ଗୋଟିଏ ନୁହେଁ, ଏଭଳି ଅଗଣିତ ସମ୍ବାଦ ଆମେ ଫେସବୁକ୍, ହ୍ୱାଟସ୍ଆପ୍ ଆଦିରେ ପାଉ, ସେଥିରେ ଓଡ଼ିଆ ଭାଷାର ଶବ୍ଦ ଗୁଡ଼ିକୁ ବିକୃତ କରି କିମ୍ବା ଭୁଲ ଭାବରେ ଲେଖାଯାଉଛି । ବିଗତ ସପ୍ତାହରେ ରବିବାର ଦିନ ଏକ ପ୍ରତିଷ୍ଠିତ ସମ୍ବାଦପତ୍ରର ବିଶେଷ ସଂସ୍କରଣରେ ପ୍ରକାଶିତ ଏକ ଆଲେଖ୍ୟରେ କିମ୍ବଦନ୍ତୀ ଶବ୍ଦକୁ କିଂବଦନ୍ତି ବୋଲି ଲେଖାଯାଇଥିବା ଦେଖି ଦୁଃଖ ଲାଗିଲା । ଭାଷାକୁ ସରଳ କରିବା ଅର୍ଥ ନୁହେଁ ଏହାକୁ ସମ୍ପୂର୍ଣ୍ଣ ଭାବରେ ଯୁକ୍ତାକ୍ଷରରୁ ମୁକ୍ତ କରିଦେବା । ବର୍ତ୍ତମାନ ନୂତନ ଜ୍ଞାନକୌଶଳରେ ପ୍ରକାଶିତ ସଫଟବେର୍ ଦ୍ୱାରା ଆମେ ସହଜରେ ଯୁକ୍ତାକ୍ଷରମାନ ଟାଇପ୍ କରି ପାରୁଛୁ । ଏପରି ସ୍ଥଳେ ଯୁକ୍ତାକ୍ଷରକୁ ବାଦ ଦେଇ ଅନୁସ୍ୱାର ଓ ଚନ୍ଦ୍ରବିନ୍ଦୁର ବ୍ୟବହାର କରିବା କାହିଁକି କେଜାଣି ଯୁକ୍ତିଯୁକ୍ତ ମନେ ହେଉନାହିଁ । ଯଦି ସମ୍ପୃକ୍ତ ସମ୍ବାଦପତ୍ରର ସମ୍ପାଦକ ଏହି ବିଷୟ ପ୍ରତି ସଚେତନ ହୁଅନ୍ତି ତାହେଲେ ତାହା ଓଡ଼ିଆ ଭାଷାର ମୌଳିକତାକୁ ରକ୍ଷା କରି ହୁଅନ୍ତା ।

ବିଗତ ଦିନର ଏକ ରାଷ୍ଟ୍ରୀୟସ୍ତରର ଘଟଣା ଜନମାନସକୁ ଆନ୍ଦୋଳିତ କରୁଛି । କର୍ଣ୍ଣାଟକ ରାଜ୍ୟର ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ କିଛି ଛାତ୍ରୀ ହଠାତ ଇସଲାମ୍ ଧର୍ମୀୟ ପୋଷାକ ହିଜାବ୍ ପିନ୍ଧି ଆସିବାକୁ ଜିଦ ଧରିବା ପରେ ଏହାକୁ ନେଇ ସମଗ୍ର ରାଜ୍ୟ ସମେତ ଦେଶରେ ଅସ୍ୱସ୍ତିକର ପରିବେଶ ସୃଷ୍ଟି ହେଇଛି । ସୂଚନାଯୋଗ୍ୟଯେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ୟୁନିଫର୍ମ ଥାଏ, ଏବଂ ସମସ୍ତ ଛାତ୍ରଛାତ୍ରୀ ସେଇ ଏକ ପ୍ରକାରର ପୋଷାକ ପିନ୍ଧି ଆସନ୍ତି । ଏବଂ ସଂପୃକ୍ତ ଅନୁଷ୍ଠାନରେ ମଧ୍ୟ ଏହା ହୋଇ ଆସୁଥିଲା ହେଲେ ବିଗତ ଦୁଇ ମାସରେ କିଛି ଛାତ୍ରୀ ହିଜାବ୍ (ସମ୍ପୂର୍ଣ୍ଣ ଭାବେ ମୁହଁ ଏବଂ ଦେହକୁ ଲୁଚେଇ ଦେଉଥିବା) ପୋଷାକ ପିନ୍ଧିବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇ ଜିଦ୍ କରିବା ଆରମ୍ଭ କରିଥିଲେ । ଅନୁଷ୍ଠାନ ତରଫରୁ ଏହିଭଳି ଜିଦକୁ ଅସ୍ୱୀକାର କରିବାପରେ ଏହାକୁ ନେଇ ଧାର୍ମିକ ଆସ୍ଥା କ୍ଷୁର୍ଣ୍ଣ ହୋଇଥିବା କଥା ଉଠିଥିଲା । ତେଣେ ଛାତ୍ରୀମାନେ ହିଜାବ ପିନ୍ଧି ଅନୁଷ୍ଠାନକୁ ଆସିବା ଅନୁମତି ଦେବାପରେ ଅନ୍ୟ ଛାତ୍ରଛାତ୍ରୀମାନେ ଗେରୁଆ ରଙ୍ଗର ଗାମୁଛା ଓ ଦୁପଟ୍ଟା ପିନ୍ଧି ଆସିବା ଫଳରେ ଶିକ୍ଷାନୁଷ୍ଠାନ ମଧ୍ୟରେ ଏକ ପ୍ରତିଯୋଗୀତାମୂଳକ ପରିସ୍ଥିତି ସୃଷ୍ଟି ହେଲା । ମାମଲା ବିଚରାଳୟ ଅଧିନରେ ଥିବା ବେଳେ ଏହିଭଳି ପରିସ୍ଥିତି ପାଇଁ ବିଦେଶରେ ଥିବା ଦେଶବିରୋଧୀ ଗୋଷ୍ଠୀ ଏହାକୁ ଉସୁକାଉଥିବାର କଥା ଶୁଣିବାକୁ ମିଳୁଛି । ସେ ଯାହା ହେଉନା କାହିଁକି, ପ୍ରତ୍ୟେକ ଶିକ୍ଷାନୁଷ୍ଠାନର କିଛି ନୀତିନିୟମ ଥାଏ, ଏହାକୁ କେହି ଅଣଦେଖା କରିବା ଉଚିତ ନୁହେଁ । ୟୁନିଫର୍ମ ପିନ୍ଧିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଜାତି, ଧର୍ମ, ବର୍ଣ୍ଣ, ଆର୍ଥିକ ବର୍ଗ ଆଦି ବିଭେଦତା ଦୂର ହୋଇଥାଏ । କିନ୍ତୁ ହିଜାବ୍ ପିନ୍ଧିବା ଦ୍ୱାରା ଗୋଟିଏ ଧର୍ମର ବା ବର୍ଗର ବୋଲି ନିଜକୁ ଦର୍ଶାଇବା ଅନୁଚିତ ହୋଇପାରେ । ସୂଚନାଯୋଗ୍ୟ ଯେ କର୍ଣ୍ଣାଟକ ସଂଲଗ୍ନ କେରଳ, ତାମିଲନାଡୁ ସମେତ ଦେଶର ଅନେକ ରାଜ୍ୟର ସର୍ବୋଚ୍ଚ ନ୍ୟାୟାଳୟ ମାନେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଧାର୍ମିକ ପୋଷାକ ପରିପାଟୀ ପିନ୍ଧିବାକୁ ମନା କରାଯାଇଛି । ବର୍ତ୍ତମାନର ଏହି ପ୍ରକରଣ ଯେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଘଟଣା ଏହା ସମସ୍ତେ ଊଣା ଅଧିକେ ଉପଲବଧି କରି ପାରିବେଣି । ଏହାକୁ ବିରୋଧ କରାଯାଇ ବିଦାଳୟର ୟୁନିଫର୍ମକୁ ହିଁ ପ୍ରାଥମିକତା ଦିଆଯାଉ, ଏହା ଆମର ମନ୍ତବ୍ୟ ।

ବିଶ୍ୱର ଏକ ଶକ୍ତିଶାଳୀ ଦେହ ଋଷ ବର୍ତ୍ତମାନ ଏକ ସଂକଟ ଦେଇ ଗତି କରୁଛି । ଏହାର ପଡ଼ୋଶୀଦେଶ ୟୁକ୍ରେନ୍ ସହ ଯୁଦ୍ଧ ଭଳି ସଂକଟ ଦେଖାଦେଇଛି । ଯଦି ସେଭଳି କିଛି ହୁଏ ତାହେଲେ ବିଶ୍ୱର ଅନେକ ଦେଶ ଏହି ଯୁଦ୍ଧରେ ସିଧାସଳଖ ହେଉ ବା ପରୋକ୍ଷରେ ହେଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଂଶଗ୍ରହଣ କରିବାକୁ ବାଧ୍ୟ ହେବେ । ଏହା ଫଳରେ ବିଶ୍ୱ ଅର୍ଥନୀତି ଏକ ବଡ଼ ପ୍ରତିରୋଧର ସମ୍ମୁଖୀନ ହେବ । କରୋନା ମହାମାରୀ ହେତୁ ବିଗତ ଦୁଇବର୍ଷରେ ବିଶ୍ୱର ଅର୍ଥନୀତି ବହୁଳ ଭାବରେ ପ୍ରଭାବିତ ହୋଇ ଏବେ ଏବେ ସୁଧୁରୁଥିବା ବେଳେ ଏବର ପରିସ୍ଥିତି ଏହି ସୁଧୁରିଥିବା ପରିସ୍ଥିତିକୁ ବିପରୀତମୁଖୀ କରିଦେଇ ପାରେ ବୋଲି ଅର୍ଥନୀତିଜ୍ଞ ମାନେ ମତ ଦେଉଛନ୍ତି ।

ସଦ୍ୟପ୍ରାପ୍ତ ସୂଚନା ଅନୁସାରେ, ଭାରତ ସରକାର ପୁଣିଥରେ ଚୀନ ବିରୋଧରେ ଅର୍ଥନୈତିକ କାର୍ଯ୍ୟବାହୀ କରି ଆଉ ୫୪ ଗୋଟି ମୋବାଇଲ୍ ଆପକୁ ପ୍ରତିବନ୍ଧିତ କରିଛନ୍ତି । ଏହି ସବୁ ଆପ୍ ମାଧ୍ୟମରେ ଚୀନର ଅନେକ ସଂସ୍ଥା ଭାରତୀୟ ଉପଭୋକ୍ତାଙ୍କର ଗୋପନ ତଥ୍ୟ ଚୋରାଇବା ସହ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସବୁକୁ ହାତେଇବା ଭଳି କାର୍ଯ୍ୟ କରୁଥିଲେ ବୋଲି ସୁଚନାମିଳିଛି । ଆଗରୁ ମଧ୍ୟ ଭାରତ ସରକାର ଏହିଭଳି ପଦକ୍ଷେପ୍ ନେଇଥିଲେ । ଏହା ଫଳରେ ମୋବାଇଲ୍ ଆପ୍ ଦ୍ୱାରା ହେଉଥିବା ଲାଭ ଚୀନକୁ ମିଳିବ ନାହିଁ, ଏବଂ ଏହା ସେହି ଦେଶର ଅର୍ଥନୀତିକୁ ନିଶ୍ଚୟ ପ୍ରଭାବିତ କରିବ ।

ଆଶା କରୁଛି, ଆହ୍ୱାନ ଇ-ପତ୍ରିକାର ଚଳିତ ମାସର ସଂସ୍କରଣ ସମସ୍ତଙ୍କୁ ଭଲ ଲାଗିବ । ଆପଣଙ୍କ ସୁଚିନ୍ତିତ ମତାମତ ଅପେକ୍ଷାରେ ରହୁଛି । ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ,

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୮



ଅଶୋକ ବିଶ୍ୱାଳ

କାକୋଲୀ ପାଓଲିଙ୍କୁ ଘରକୁ ଡାକିଲା । ପାଓଲି କିଛି ନଭାବି ସେ ଘର ଆଡକୁ ମୁହାଁଇଲେ । ଛୋଟ ଘର । ଘର ଭିତରକୁ କାକୋଲୀ ଡାକୁଥିଲା । ସପନବାବୁ ପାଖରେ ଥିବା ହେତୁ ପାଓଲି ଦୋଦୋପାଞ୍ଚ ହେଉଥିଲେ । ତେଣୁ କାକୋଲୀ ଘର ଭିତରୁ ଦୁଇଟା ପ୍ଲାଷ୍ଟିକ କୁର୍ସୀ ବାହାର କରି ପଦାରେ ପକାଇଦେଲା । ସପନବାବୁ କୁର୍ସୀରେ ବସିଲେ । ତା'ର ଘରକୁ ଲାଗି ଏକ ପାଣିପମ୍ପ (ଚାପାକଳ) । ଏଠି ସମସ୍ତଙ୍କ ଘରେ ପାଣିପମ୍ପ ନାହିଁ । କିନ୍ତୁ ସେମାନଙ୍କ ଘରେ ପାଣି କଳ ଲାଗିଥିଲା । ଯେତେବେଳେ ଦରକାର ପାଣି ମିଳିବ ।

ପାଓଲି ଘରକୁ ଅନାଇଲେ । ଚାଳରେ ଲାଉ ଲଟା ମାଡିଛି । କିଛି ଲାଉ ଛୋଟ ଅଛି । ଅନେକ ଡେମ୍ଫରେ ଧଳା ଫୁଲ । ଗଛରେ ଭଲ ଫଳ ହେବ । ପାଓଲି କାକୋଲୀସହ ବାଡିରେ ବୁଲିଲେ । ଏକଦମ ଛୋଟବାଡି । ଘରକୁ ଲାଗି ଏକ ଛୋଟ ଗଡିଆ । କୂଳରେ କିଛି ବତକ ଠିଆ ହୋଇଥିଲେ । ଗୋଟାଏ ନିଜର ଦେହକୁ ଝାଡି ହେଉଥିଲା । କାକୋଲୀ ଟିକିଏ ଘର ଭିତରକୁ ଚାଲିଗଲା । ଅତିଥିଙ୍କ ପାଇଁ କିଛି ଆଣିବ ।

ପାଓଲି କୁର୍ସୀରେ ବସି କରିବେ କଣ ? ଭାବିଲେ ଟିକିଏ ଲାଉଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖିବେ । ତାଙ୍କୁ ସବୁଜିଆ ଲତା ଭଲ ଲାଗୁଥିଲା । ବେଶ ତାଜା ଆଉ ମୋଟ ଡଙ୍କ । ଗୋଟାଏ ଫୁଲ ଏକଦମ ହାତ ପାହାନ୍ତାରେ ଥିଲା । ସେଥିରେ କଷି ଧରିଥିଲା । ସେ ଲତାକୁ ମାଟିରେ ଏକ ମନ୍ଦାକରି ବାଉଁଶ ବାଡିଦେଇ ଚାଳରେ ମଡାଇ ଦିଆଯାଇଥିଲା । ଲତାଟା ବେଶ ମାଡିଥିଲା । ଅଧାଚାଳ ଗୋଟାଏ ଲତାରେ ।

"ତା' ହାତରେ ଭଲ ଗଛ ହୁଏ । ଏ ଲାଉ ପରା ସିଏ ଲଗାଇଛି । ଦେଖୁନ ପୂରା ଚାଳ ହେଲାଣି ।"– ଶାଶୁ କହିଲେ ।

ଶାଶୁଙ୍କର ଆଖି କାକୋଲୀ ଉପରେ ପଡିଥିଲା । ତାଙ୍କ ମୁହଁରେ ଖୁସି ବାରି ହୋଇ ପଡୁଥିଲା । କଳା ମୁହଁରେ ଧଳାଦାନ୍ତ ତାଙ୍କୁ ଭଲ ମାନୁଥିଲା । କାକୋଲୀ ସେପଟୁ ଘରୁ ଷ୍ଟିଲ ଗ୍ଲାସରେ ପାଣି ଆଣୁଥିଲା । ଅତିଥିଙ୍କୁ ପ୍ରଥମେ କିଛି ଦେବାକଥା । ହେଉଥାନ୍ତୁ ପଛେ ଦିନକର ଅତିଥି ।

ପାଓଲି ଲାଉ ଲଟାକୁ ଅନାଇଲେ । ସାରା ଚାଳ ମାଡିଛି । ସବୁ ପତ୍ର ଗାଢ ସବୁଜ । କାକୋଲୀ ଭଲ ଯତ୍ନ ନିଏ । ସେଇ ଛୋଟକାମ ପାଇଁ ଶାଶୁ ମୁହଁରେ ତା' ପାଇଁ ଭଲ କଥା ବାହାରୁଛି । ଏହା ଦୁହିଁଙ୍କ ଭିତରେ ମା ଆଉ ଝିଅର ସମ୍ବନ୍ଧ ତିଆରି କରୁଛି ଆଉ ଖୁସି ନେଇ ଆସୁଛି ।

ସେ ପାଣିପମ୍ପ ପାଖ ହୋଇ କୁର୍ସୀ ପାଖକୁ ଆସୁଥିଲେ । ତାଙ୍କ ଗୋଡ ପାଖରୁ ଚାଖେଣ୍ଡେ ଦୂରରେ କିଛି ଗୋଟାଏ ସର୍ ସର୍ ହୋଇ ଚାଲିଗଲା । ଏଇ ତା' ଉପରେ ଚଢି ଯାଇଥାନ୍ତେ । ପାଓଲି ଜୋରରେ ଡେଇଁ ପଡିଲେ । ସାପଟା ଜୋରରେ ବତକ ଘର ଆଡକୁ ଚାଲିଗଲା । ବତକର ଅଣ୍ଡା ଦେବା ସ୍ଥାନଟା ଘରକୁ ଲାଗିକରି ଥିଲା । ପାଖରେ ବତକଗୁଡା ଥିଲେ । ସାପଟା ସେପଟକୁ ଜୋରରେ ଚାଲିଯାଉଥିବା ଦେଖି ସେମାନେ ଡେଣାକୁ ଜୋରରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫଡ ଫଡ କରି ଉଠିଲେ । ହଠାତ୍ ଏକ ଶାନ୍ତ ବାତାବରଣ ଭିତରେ କିଛି ଗୋଟାଏ ଘଟିଗଲା ।

"ଆରେ, ସାପ ସାପ ।"- ପାଓଲି ଚିତ୍କାର କରି ଏକ ସ୍ପ୍ରିଙ୍ଗଭଳି ଉଛୁଳି ପଡିଲେ ।

କଣ ହେଲା କଣ ହେଲ ?- କହି କାକୋଲୀ ଆଉ ବୁଢୀ ଶାଶୁ ଛୁଟି ଆସିଲେ ।

ସେ ସାପଟା ଜୋରରେ ଯାଇ ଏକ ବୁଦା ପାଖରେ ଚୁପ ଚାପ ରହି ମୁଣ୍ଡ ବାହାର କରୁଥିଲା । ସାପର ଶରୀରର ଅଧିକ ଅଂଶ ବୁଦା ଭିତରେ ଛପିଯାଇଥିଲା । ସେପଟ କଡକୁ ବତକଗୁଡା ଠିଆହୋଇ କର୍ କର୍ ହେଉଥାନ୍ତି । ସେମାନେ ସାପର ଉପସ୍ଥିତିକୁ ସହ୍ୟ କରିପାରନ୍ତିନି । ବଡ଼ ସାପଟା । ତା'ର ମୁହଁରୁ ଜିଭ ବାହାରି ଆସୁଥିଲା ।

କାକୋଲୀ ଏକ ଲମ୍ବା ବାଡିରେ ସାପକୁ ହୁରୁଡାଇଦେଲା । କିନ୍ତୁ ତା'କୁ ପିଟି ମାରିବାପଇଁ ତା'ର ହାତ ଗଲାନି । ସାପ ତା' ବାଟରେ ଯାଉ । ବୁଢୀ ବି ସାପକୁ ମାରିବାକୁ ଚାହୁଁ ନଥିଲା । ଅଯଥାରେ ଜୀବହତ୍ୟା କରାଯାଏନି । ସାପଟା ସର୍ କିନା ବୁଦା ପାଖରେ ଥିବା କେଉଁ ଗାତ ଭିତରେ ପଶି ଲୁଚି ଗଲା ।

"ଏ ସାପଗୁଡା ସବୁଆଡେ ବୁଲୁଛନ୍ତି ।" – କାକୋଲୀ କହିଲା । ତା'ର ସ୍ୱର ଥରୁନଥିଲା ।

ପାଓଲିଙ୍କ ମୁହଁରୁ ଖର ନିଃଶ୍ୱାସ ବାହାରୁଥିଲା । ସାପ ପଛେ କିଛି ନକରୁ, ସାପକୁ ଦେଖିଲେ ଭିତରେ ଏକ ବଡ଼ ଭୟ ମାଡିଆସେ । ସୁନ୍ଦରବନର ଭିତରେ ଅନେକ ବିଷାକ୍ତ ସାପା ଆଉ ବନକୁ ଲାଗିଥିବା ଗାଁରେ ବିଷାକ୍ତ ସାପ ବୋଝେଇ ହୋଇ ରହିଛନ୍ତି ।

ପାଓଲି ଟିକେ ଶାନ୍ତ ହେଲେ ।

"ସାପଟା ନିଶ୍ଚିତ ନାଗ । ମୁଁ ତା' ଦେହର ଚିହ୍ନ ଦେଖିଛି ।"- ପାଓଲି କହିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାକୋଲୀ କିଛି କହିଲାନି । ସେ ସାପକୁ ଭଲଭାବେ ଦେଖିନଥିଲା । ଘରପାଖରେ ଢମଣା ଗୁଡା ବୁଲନ୍ତି । ନାଗସାପ ଘରପାଖକୁ ବେଳେବେଳେ ଆସେ । କେବେକେବେ ନାଗସାପ ଘର ମୁହଁରେ ଶୋଇଥିବାର ଦେଖାଯାଇଛି । ହୋଇପାରେ ଏ ସାପ ନାଗ ବା ଢମଣା ହେବ । କିନ୍ତୁ ସେ ସାପକୁ ଏତେ ଡରେନା । ଗାଁରେ ସବୁଆଡେ ସାପ ଅଛନ୍ତି । କି ବୁଦା, କି ଗାତ ସବୁଆଡେ ସାପ । ସେମାନେ ଗାଁରେ ସାପ ସହ ରହି ବଞ୍ଚିବା ଜାଣିଛନ୍ତି । ସାପ ମୂଷା ଖାଇବାକୁ ଅନେକ ସମୟରେ ଧାନଗଦା ବା ଘର ଅମାର ପାଖକୁ ଆସିଯାଏ । ଘରେ ବେଳେବେଳେ ଲୁଚିଯାଏ ।

"ତମେ ଡରିଗଲ କି ?"– କାକୋଲୀ ପାଓଲିଙ୍କୁ ପଚାରିଲା । ପାଓଲି କିଛି କହିଲେନି । ଚୁପ ରହିଲେ । କାକୋଲୀ ହାତରୁ ପାଣି ନେଇ ପିଇନେଲେ । ଭିତରକୁ ପାଣି ଯିବାରୁ ତାଙ୍କ ଭିତରର ଡର କମିଗଲା ।

"ତମକୁ ଡର ଲାଗେନି ?"- ପାଓଲି ପଚାରିଲେ ।

"ଏତେ ଲାଗେନା । ସାପକୁ ଡରି ଗାଁରେ ବଞ୍ଚି ହେବ ?"– କାକୋଲୀ କହିଲା ।

ଶାଶୁ ବୁଢୀ ଆସି ମାଟିରେ ବସି ପଡିଲେ । କାକୋଲୀ ଦୁଆରେ ଠିଆ ହୋଇଥିଲା । ବୁଢୀ କିଛି ଗୁଣୁଗୁଣୁ ହେଉଥିଲେ । ତାଙ୍କ ଆଖି ବନ୍ଦ ହୋଇଯାଇଥିଲା । ଓଠ ଥରୁଥିଲା । ସେ ମନେ ମନେ କିଛି ପଢୁଥିଲେ । କାକୋଲୀ ମଧ୍ୟ କିଛି ଗୁଣୁଗୁଣୁ ହେଉଥିଲା ।

ଏମିତି ଦୁଇଜଣଙ୍କୁ ଗୁଣୁଗୁଣୁ ହେବାର ଦେଖି ପାଓଲିଙ୍କ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସପନବାବୁ ମଧ୍ୟ ଟିକିଏ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏ ଶାଶୁ ଆଉ ବୋହୂ କଣ ଗୁଣୁଗୁଣୁ ହେଉଛନ୍ତି । ଶାଶୁ ଟିକିଏ ପରେ ଆଖି ଖୋଲି ନମସ୍କାର ହେଲେ ।

"କଣ ଜପୁଥିଲେ ?"- ପାଓଲି ପଚାରିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

"ମନସା ମଙ୍ଗଳ ସ୍ତୁତି ।"- ଶାଶୁ କହିଲେ । କାକୋଲୀ ମଧ୍ୟ ମୁଣ୍ଡ ଟୁଙ୍ଗାରିଲା । ଶାଶୁ ବୋହୂ ମନସା ମଙ୍ଗଳ ସ୍ତୁତି ପଢୁଥିଲେ । ମନସା ହେଉଛନ୍ତି ସାପର ଦେବୀ ।

"ଏ ମନସା ସ୍ତୁତିର ବଡ଼ ମହାତ୍ମ୍ୟ । ସାପର କୋପରୁ ଘରକୁ ରକ୍ଷାକରେ ।"- ବୁଢୀ କହିଲେ । କାକୋଲୀ ମୁଣ୍ଡ ହଲାଉଥିଲା । ତା'ର ମୁହଁରେ ସାମାନ୍ୟ ଆଶଙ୍କା ଦେଖାଯାଉ ନଥିଲା ।

ପାଓଲି କିଛି କହିପାରିଲେନି । ସେ ନିଜକୁ ସାମାନ୍ୟ କରିବାକୁ ସମୟ ନେଉଥିଲେ । ବୁଢୀ ଆଉ ସପନବାବୁ କଥା ହେବାକୁ ଲାଗିଲେ । କାକୋଲୀଘର ଭିତରକୁ ଚାଲିଯାଇଥିଲା ।

"ସାପର ଦାଉରୁ ମା ମନସାଙ୍କ ପଣତକାନି ଛଡା କିଏ ବଞ୍ଚେଇବ କହୁନ ?"- ବୁଢୀ କହିଲେ । ସେ ମନସାଙ୍କ ଉପରେ ସଂମ୍ପୂର୍ଣ ବିଶ୍ୱାସ କରନ୍ତି ।

"ଗାଁ ପାଖରେ ଡାକ୍ତରଖାନା ନାହିଁ ?"- ସପନବାବୁ ପଚାରିଲେ । ଏଠି ଗାଁ ଲୋକଙ୍କ ବିଶ୍ୱାସ ପୁରାତନ ଶାସ୍ତ୍ର, ଜଡିବୁଟି ଆଉ ଗୁଣୀଗାରେଡି ଉପରେ । ଏ ଭିତରେ ସ୍ୱାସ୍ଥ୍ୟସେବା ଭଲଭାବରେ ପହଞ୍ଚିପାରିନି ।

"ଡାକ୍ତରଖାନା କାହିଁ ? ସଜନାଖାଲି ସେପଟେ ଯାଇ ଡାକ୍ତରଖାନା । ଅନେକ ବାଟ ।"

"ସାପ କାମୁଡିଲେ ତାହେଲେ କଣ କର ?"- ସପନବାବୁ ପଚାରିଲେ ।

"ମା' ମନସାଙ୍କ ସୁଦୟା ଆମ ଉପରେ ଅଛି । ସାପ କାମୁଡିବ କାହିଁକି ?"- ବୁଢୀ କହିଲେ ।

"ତା' ସତ ଯେ । ତଥାପି । ତଥାପି ସାପ କାମୁଡା ରୋଗୀ କଣ ଡାକ୍ତରଖାନା ଯାଆନ୍ତିନି ?"– ସପନବାବୁ ପଚାରିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମା' ମନସାଙ୍କ ଗୁଣ ତମେ ଜାଣିନ ? ମନସାଙ୍କ କୃପାରୁ ପରା ଚାନ୍ଦ ସଦାଗରର ସପରିବାର ଜୀବିତ ହୋଇଥିଲେ ।"- ବୁଢ଼ୀ କହିଲେ ।

"କଥାଟା ।"- ସପନବାବୁ ପୁରା କରିପାରିଲେନି । ସେ ମନସା ମଙ୍ଗଳ କାବ୍ୟ ଭଲ ଭାବେ ଜାଣନ୍ତି । କିନ୍ତୁ ବୁଢ଼ୀ ତାଙ୍କୁ ଆଉ କହିବାକୁ ସୁଯୋଗ ଦେଲାନି । ନିଜେ କହି ଚାଲିଲା । ସପନବାବୁଙ୍କର ହଁ ରେ ହଁ ମିଳାଇବାଛଡା ଆଉ ଚାରା ନଥିଲା ।

ଚାନ୍ଦ ସଦାଗର ଏତେ ବଡଲୋକ । ତା'ର ପ୍ରତିପତ୍ତି ଆଗରେ କେହି ସମାନ ନଥିଲେ । ସେ କିନ୍ତୁ ମନସାଙ୍କୁ ମାନିଲେ ନାହିଁ । ମାନସା ତାଙ୍କୁ କେତେ ଚେତାବନୀ ଦେଲେ । ସେ କିନ୍ତୁ ମାନିଲେ ନାହିଁ । ଗୋଟିଏ ପରେ ଗୋଟିଏ ହୋଇ ଛଅପୁଅ ସର୍ପାଘାତରେ ମଲେ ।

"କିନ୍ତୁ ତଥାପି ଚାନ୍ଦ ସଦାଗର ମାନିଲେ ନାହିଁ ।"- ବୁଢ଼ୀ କହିଲେ ।

କାକୋଲୀ ଚାହା ଆଣି ପାଖରେ ଠିଆ ହୋଇଥିଲା । ସାଧାରଣ ଶସ୍ତା ପୋର୍ସିଲେନ କପରେ ଚାହା । ମୋଟା ଆଉ ଓଜନିଆ କପ । ପୋର୍ସିଲିନର ରଙ୍ଗ ଧଳା ନହୋଇ ସାମାନ୍ୟ ହଳଦିଆ । ଉପରେ ଘଷି ହୋଇଯାଥିବା ନୀଳ ରଙ୍ଗର ଚିତ୍ର ହୋଇଛି ।

ବୁଢ଼ୀ ନିଜେ ପାଓଲିଙ୍କୁ ଚାହା ବଢ଼ାଇଦେଲା । ଚାହାଟା ବେଶ ଭଲ । ଏକଦମ ଖାଣ୍ଟି ଦୁଧରେ ତିଆରି । ଚାହାରେ ଚିନି ଅଧିକ ଦିଆଯାଇଛି । ଏଠିକାର ଲୋକେ ଚାହାରେ ବେଶ ଅଧିକ ଚିନି ଦିଅନ୍ତି ।

ସପନବାବୁ ଆଉ କିଛି ନକହି ମନସା ଦେବୀଙ୍କ କାହାଣୀ ଭାବୁଥିଲେ ।

ମନସାଙ୍କର କଥା ପଦ୍ମପୁରାଣରେ ବର୍ଣିତ ହୋଇଛି । ସେ ନାଗରାଜ ବାସୁକୀଙ୍କର ଭଗିନୀ ଆଉ ଋଷି ଜରତକାରୁଙ୍କର ପତ୍ନୀ । ସେ ନାଗମାନଙ୍କ ମାତା । ତାଙ୍କୁ ବିଷହରୀ ମଧ୍ୟ କୁହାଯାଏ । ମନସା ଭୟଙ୍କର କ୍ରୋଧି । ସହଜରେ ଶାନ୍ତ ହୁଅନ୍ତି ନାହିଁ । ସ୍ୱାମୀ ତାଙ୍କର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ରୋଧକୁ ଗ୍ରହଣ କରିପାରନ୍ତିନି । ଦେବୀ ହିସାବରେ ସେ ପରିଗଣିତ ହୋଇପାରିଲେନି । ନିଜକୁ ଦେବୀ ଭାବରେ ପରିଗଣିତ କରିବାପାଇଁ ସେ କ୍ରୋଧକୁ ମାଧ୍ୟମ କରନ୍ତି ଆଉ ଯିଏ ତାଙ୍କୁ ପୂଜା ନ କରିଲା ବା ଅବମାନନା କଲା ତା'ର ସର୍ପାଘାତ ଦ୍ୱାରା ସର୍ବନାଶ କରାନ୍ତି ।

ସେ ନିଜର ସଖୀ ନେତ ସହ ପୃଥିବୀରେ ପାଦ ଦିଅନ୍ତି । ଚଣ୍ଡୀଙ୍କ ଦ୍ୱାର ଅନେକ ଅପମାନିତ ହୋଇଛନ୍ତି ମନସା । ପୃଥିବୀରେ ଅନେକ ଭର୍ତ୍ସିତ ହେଲେ । ଅବମାନନା ଆଉ ଭତ୍ସନା କରୁଥିବା ଲୋକମାନଙ୍କ ଉପରେ ତାଙ୍କ ଆଦେଶରେ ବିପତ୍ତି ପଡିଲା । ସେମାନେ ମନସାଙ୍କୁ ପୂଜା କରିବାରୁ ବିପଦ ଟଳିଥିଲା । ସମସ୍ତେ ତାଙ୍କୁ ମାନିଲେ । କିନ୍ତୁ ମାନିଲେ ନାହିଁ ବଣିକରାଜ ଚାନ୍ଦ ସଦାଗର । ମନସା କୋପକଲେ । ସେ ଶିବଭକ୍ତ । ଶିବଭିନ୍ନ ଆଉ କାହାକୁ ପୂଜା କରିବେ ନାହିଁ । ମନସାଙ୍କ କୋପରେ ଗୋଟିଏ ପରେ ଗୋଟିଏ ହୋଇ ଛଅ ପୁଅଙ୍କର ଜୀବନହାନି ଘଟିଲା ।

"କିନ୍ତୁ ସେ ନିଜର ବିଶ୍ୱାସରୁ ଟଳିଲେ ନାହିଁ । ଶେଷରେ ତାଙ୍କର ସବାସାନ ପୁଅ ଲଖୀନ୍ଦର ମନସାଙ୍କ କୋପରୁ ସର୍ପାଘାତରେ ମଲା ।"- ବୁଢୀ କହିଲେ ।

"ଚାନ୍ଦ ସଦାଗରଙ୍କ ଧୈର୍ଯ୍ୟକୁ ମାନିବା କଥା ।"- ପାଓଲି କହିଲେ । ଏତେ ଲୋକ ଘରୁ ମଲାପରେ ନିଜର କଥାରେ କେମିତି ଏକ ବାପ ଜିଦ ଧରିପାରେ ? ମଣିଷର ଜିଦଟା ତାହେଲେ ବଡ଼ ।

ସପନବାବୁ ସେ ଲାଉଡଙ୍କୁ ଚାହିଁଥିଲେ । ସେ ମନସା ମଙ୍ଗଳ କଥାଟା ଉପରେ ବୁଢୀର ବିଶ୍ୱାସ ଶୁଣୁଥିଲେ ।

"ଶକ୍ତିଟା ହେଉଛି ବେହୁଲାର । ସେ ଲଖିନ୍ଦରର ସ୍ତ୍ରୀ । ଯଦି ଘରେ ଅଦ୍ୟ ସୁଲକ୍ଷଣା ସ୍ତ୍ରୀ ଅଛି ତାହେଲେ ମୃତ୍ୟ ମୁଖରୁ ସ୍ୱାମୀର ଜୀବନ ଫେରିଆସେ ।"- ବୁଢୀ କହିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ବେହୁଲା ଇନ୍ଦ୍ରଙ୍କ ଆଗରେ ନୃତ୍ୟ କଲେ । ଇନ୍ଦ୍ର ସନ୍ତୁଷ୍ଟ ହେଲେ । ମନସା ସନ୍ତୁଷ୍ଟ ହେଲେ । ସମସ୍ତଙ୍କୁ ଜୀବନ୍ୟାସ ଦେଲେ । ଲଖିନ୍ଦର ଜୀବନ ପାଇଲା । ଶେଷରେ ଚାନ୍ଦ ସଦାଗର ନିଜେ ମାନସାଙ୍କୁ ମାନିଲେ । ତାଙ୍କର ପୂଜା କଲେ ।"- ବୁଢୀ କଥା ପୁରାକଲେ ।

"ତମ ଘରେ ସବୁଦିନ ମନସାଙ୍କର ପୂଜା ହୁଏ ?"- ପାଓଲି ପଚାରିଲେ ।

"ଆସୁନ ଦେଖିବା"- କାକୋଲୀ ହସିଦେଲା । ସେ ପାଓଲିଙ୍କୁ ଘର ଭିତରକୁ ଡାକିଲା ।

ଘର ଭିତରଟା ଅନ୍ଧାରୁଆ । ଏକ କଣରେ କିଛି ଫଟୋ ଅଛି । ସେ ମନସା ଦେବୀଙ୍କର ଫଟୋ ଦେଖାଇଲା । ଏକ ଛୋଟ ଫ୍ରେମରେ ଫଟୋ ବନ୍ଧାଯାଇଥିଲା । ସେ ପଦ୍ମ ଆସନରେ ବସିଥିଲେ । ତଳେ ଥିଲା ଶ୍ୱେତ ରାଜହଂସ, ତାଙ୍କର ବାହନ । ମୁଣ୍ଡଉପରେ ସପ୍ତଫଣାନାଗ । ନାଗ ହେଉଛି ମସ୍ତକର ମଣି । ଗଳାରେ ଶ୍ୱେତ ପୁଷ୍ପର ମାଳା, ହାତରେ କମଳ । ଫଟୋରେ ସେ କ୍ରୋଧିଦେବୀ ଲାଗୁନଥିଲେ । ସପ୍ତଫଣା ନାଗ କେବଳ ତାଙ୍କର ଭୟଙ୍କରିତାକୁ ଦର୍ଶାଉଥିଲା ।

"ଦେଉଧାନୀ ନାଚ ତୁମେ କର ? ବେହୁଲା ଯେ ସ୍ୱାମୀର ଜୀବନପାଇଁ ଦେଓଧାନୀ ନାଚ କରିଥିଲା ।"-କାକୋଲୀକୁ ଅନାଇ ପାଓଲି ପଚାରିଲେ । ପାଓଲି କାକୋଲୀ ଭିତରେ ଏକ ପତିପ୍ରେମଲଗ୍ନା ନାରୀକୁ ଆବିଷ୍କାର କରୁଥିଲେ । ସେ ଯଦି ନାଚ କରୁଥିବ ତେବେ ବହୁତ ସୁନ୍ଦରୀ ଲାଗୁଥିବ । ସୁନ୍ଦର ଭସା ଭସା ଆଖି, ଅଣ୍ଟା ପର୍ଯ୍ୟନ୍ତ ଲମ୍ବିଯାଉଥିବା ମୁକ୍ତ ଗହନ କେଶ । ତରଙ୍ଗାୟିତ ଶରୀର । ତା' ପାଖରେ ସମର୍ପଣର ମୁଦ୍ରା ଥିବ । କିନ୍ତୁ ଏଠି ଝିଅମାନେ ନାଚୁଥିବାର କିଛି ଖବର ନାହିଁ ।

"ଏମିତିଆ ନାଚ ଆମେ ଜାଣୁନା । ତା'ର ଦରକାର ବି କଣ ?"–ବୁଢୀ କହିଲେ । ପ୍ରଶ୍ନଟା ଅବଶ୍ୟ କାକୋଲୀ ପ୍ରତି ଥିଲା । ଶାଶୁମା ଉତ୍ତର ଦେଲେ । ବୋହୂ କି ଉତ୍ତର ଦେବ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ଆମେ ମନସାଙ୍କୁ ମାନୁ । ତାଙ୍କୁ ପୂଜା କରୁ । ସେ ଆମ ଉପରେ କ୍ରୋଧ କରିବେ କାହିଁକି ? ନାଚିବା କଣ ଆବଶ୍ୟକ ?" – କାକୋଲୀ କହିଲା ।

ସାଧାରଣ ହିସାବରେ ଏ ଦେଓଧାନୀ ନାଚର ଆବଶ୍ୟକତା କଣ ? ସର୍ପାଘାତ ମୃତ୍ୟୁ କଣ ପାଇଁ ଘଟିବ ? ମା' ମନସା ଯେ କୋପ କରି ନାହାନ୍ତି ।

ଅନେକ ସମୟ ହୋଇଯାଇଥିଲା । ଗାଁରେ କାହାଘରେ ଏତେ ସମୟ ବସି ହୁଏନା । ସେମାନେ ତାଙ୍କର ଘରକରଣା କାମ କରି ପାରନ୍ତିନି ।

ପାଓଲି ଆଉ ସପନବାବୁ ବାହାରି ଆସିଲେ । ତାଙ୍କ ପଛେ ପଛେ କାକୋଲୀ ଦାଣ୍ଡ ଉପରେ ସେମାନଙ୍କୁ ବିଦାୟ ଦେଲା । ସେମାନେ ଆଉ ଗାଁରେ ନବୁଲି ନଦୀକୂଳ ଆଡକୁ ଚାଲି ଚାଲି ଆସୁଥିଲେ । ନଦୀ କୂଳରେ ଜଣେ ବୁଢା ବସି ହୁକା ଟାଣୁଥିଲେ । ପାଓଲି ଆଉ ସପନବାବୁ ତାଙ୍କ ପାଖରେ ଠିଆହେଲେ । ସେ ବଡ଼ ନିଶ୍ଚିନ୍ତହୋଇ ହୁକା ଟାଣୁଥିଲେ । ଏମିତିଆ ହୁକା ଟାଣିବା ସେମାନେ ଆଉ କେଉଁଠି ଦେଖି ନଥିଲେ ।

"ତମେ ମାନେ କଲିକତାରୁ ଆସିଛ ?"– ବୁଢା ପଚାରିଲେ । ତାଙ୍କର ମୁଣ୍ଡରେ ଗୋଟାଏ ବାଳ ନାହିଁ । ଦେହରେ କିଛି ପିନ୍ଧି ନାହାନ୍ତି । ଖାଲି ଗୋଟାଏ ଲୁଙ୍ଗି ଅଣ୍ଟା ତଳକୁ ଅଛି ।

ସେ ଏକ ଲମ୍ବା ଢୋକ ନେଲେ । ବହୁତ ଲମ୍ବା ଢୋକ । ନାକ ଉପରେ ଏକ ବଡ଼ ଚାରିକୋଣିଆ ଚଷମା ଥିଲା । ତାଙ୍କ ଆଖିଟା ବନ୍ଦ ହୋଇଗଲା । ସେ ଜୋରରେ ହୁକାର ହୁକାର ଗୋଲିଆ ତଳକୁ ଧରିଥିଲେ । ଡାହାଣ ହାତରେ ତିନିଟା ରୂପାର ମୁଦି ପିନ୍ଧିଛନ୍ତି । ସେଥିରେ ଅଲଗା ଅଲଗା ରଙ୍ଗର ପଥର ସବୁ ଲାଗିଛି । ତା' ଛଡା ମଝି ଆଙ୍ଗୁଠିରେ ଏକ ତମ୍ବା ମୁଦି ପିନ୍ଧିଛନ୍ତି ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଆରା ପ୍ରେମ



ନିତ୍ୟରଞ୍ଜନ ନନ୍ଦ

ସମୁଦ୍ରର ନୀଳ ଜଳରାଶିକୁ ଚାହିଁ ରହିଛନ୍ତି "ଷ୍ଟିପେନ୍"। ଖୁବ୍ ରହସ୍ୟମୟ ଏ ସମୁଦ୍ର । କେଉଁଠି ଆରମ୍ଭ ଓ କେଉଁଠି ଏହାର ଅନ୍ତ । ଦୂର ଦିଗବଳୟକୁ ଚାହିଁଲେ ଲାଗୁଛି ଯେପରି ଗଗନ ଓ ସମୁଦ୍ର ଆଲିଙ୍ଗନରତ । ବୋଟ୍ ଟି ଦୋଳାୟମାନ ଓ ତା'ସହ ଷ୍ଟିପେନ୍ ବି । ଅନେକଦିନତଳୁ ଘରୁ ବାହାରି ଥିଲେ ଗୋଟେ ବଡ ଜାହାଜର ସବାରୀରେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ସମୁଦ୍ରରରେ ଅତ୍ୟନ୍ତ ବଡ ତୋଫାନର ସମ୍ମୁଖୀନ ହେବା ପରେ ଜାହାଜ ଓ ଜାହାଜର ଲୋକମାନଙ୍କ ଠିକଣା କାହା ପାଖରେ ନାହିଁ । ଷ୍ଟିପେନଙ୍କ ପାଖରେ କେବଳ ଏ ଛୋଟ ବୋଟ୍ ଟି । ସେ ଭଗବାନଙ୍କୁ ଅନେକ ଧନ୍ୟବାଦ ଦେଉଥାନ୍ତି ଜୀବିତ ଥିବାରୁ । ବୋଟଟି ଆପେ ଆପେ ପବନର ଗତି ସହ ପ୍ରବାହିତ ହେଉଛି । ଷ୍ଟିପେନ୍ ନିଜେ ବି ଜାଣି ନାହାନ୍ତି କୁଆଡେ ଯିବେ ଓ କୁଆଡେ ଯାଉଛନ୍ତି । ଏବେ ସବୁସେଇ ପରମେଶ୍ୱରଙ୍କ ଇଚ୍ଛା । ସେହି ହେଉଛନ୍ତି ସବୁର ସୃଷ୍ଟିକର୍ତ୍ତା ।

ଷ୍ଟିପେନ୍, ଏକୋଇଶି ବର୍ଷର ଜଣେ ଯୁବକ । ଜୀବନରେ ସବୁକିଛି ହରାଇବା ପରେ, ନିଜକୁ ଦୁନିଆ ଠାରୁ ଦୂରେଇ ରଖିବା ପାଇଁ ଘର ଛାଡିବାର ନିଷ୍ପତ୍ତି ତାଙ୍କୁ ଆଜି ମହଙ୍ଗା ପଡୁଛି । ଯେଉଁଠି ରହିଲେ ବି ତାଙ୍କର ଚିହ୍ନା, ଜଣା ଲୋକମାନେ ଖୋଜିନେବେ । ସେଥିପାଇଁ ସେ ସବୁଠାରୁ ଉପଯୁକ୍ତ ଜାଗା ପାଣିଜାହାଜକୁ ବାଛିଥିଲେ । କାରଣ ସେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗରୁ କେବେ ଏପରି ଯାତ୍ରାରେ ବାହାରି ନଥିଲେ ।

ସମୁଦ୍ରତଟ ଦେଶରେ ଯେତିକି ଦୁଷ୍ଟ ଏ ସମୁଦ୍ର, ଭିତର ଅଂଶ ସେତିକି ଚୁପ । ସମୁଦ୍ର ମଝିରେ ନା ଥାଏ ଢେଉ ନା ଥାଏ ଜୁଆର । ଏକଦମ ଚୁପ୍ । ସେଦିନ ସେ କାଳରାତ୍ରର ତୋଫାନ ଠାରୁ ନିଜକୁ ରକ୍ଷା କରିବା ପାଇଁ ଏ ବୋଟକୁ ଜାହାଜତଳକୁ ରସି ଲଗାଇ ଖସାଉଥାନ୍ତି ଜାହାଜର କର୍ମଚାରୀ । ମୁଁ ଡ଼ରିକି ନିଜକୁ ବଞ୍ଚାଇବାକୁ ତା ଉପରକୁ କୁଦିଥିଲି । ଦେଖୁ ଦେଖୁ ବଡ ଜାହାଜଟି ପାଣିରେ ସମ୍ପୂର୍ଣ୍ଣ ରୂପେ ବୁଡିଗଲା । କିଏ କୁଆଡେ ଗଲେ ଜଣା ନାହିଁ । ଖାଲି ମୁଁ ନୁହେଁ ମୋ ସହ ଆହୁରି ଚାରିଜଣ ଥିଲେ ସେ ବୋଟରେ କିନ୍ତୁ ସେମାନେ ବେଶୀ ଦିନ ବଞ୍ଚି ପାରିଲେନି ।

ବୋଟ୍ ଭିତରେ କିଛିଦିନ ପାଇଁ ମହଜୁତ ଥିବା ଖାଦ୍ୟ ଓ ପାଣି ସବୁ ସମାପ୍ତ ହୋଇଗଲା । ସୂର୍ଯ୍ୟକିରଣ ଏତେ ତୀବ୍ର ଥିଲା ତଣ୍ଟି ଶୁଖିଯାଉଥିଲା । କୁହାଯାଏ, ସମୁଦ୍ରରେ ଏତେ ପାଣି ଥାଇ ବି ଶୋଷ ମେଣ୍ଟେନି । ତାହା ମୁଁ ଆଜି ଅନୁଭବ କରୁଛି ।

ଅତ୍ୟଧିକ ତୃଷ୍ଣାରେ ମୋ'ସହ ପଥିକ ଚାରିଜଣ ନିଜକୁ ଅଟକାଇ ପାରିଲେନି, ସମୁଦ୍ରର ଲୁଣିଆ ଜଳକୁ ଢକ ଢକ ପିଇବାକୁ ଲାଗିଲେ । ଶୋଷ କଣ କେବେ ଲୁଣି ପାଣିରେ ମିଟେ । ଧୀରେ ଧୀରେ ସେମାନଙ୍କ ଦେହ କୁଣ୍ଡେଇ ହେବାରେ ଲାଗିଲା । ଆଖି ଆଗରେ ଭ୍ରମ ସୃଷ୍ଟି ହେଲା । ନିଜକୁ ନିଜେ ଖଣ୍ଡିଆ ଖାବରା କରିବାରେ ଲାଗିଗଲେ ।ଯେପରି ଲାଗିଲା ସମସ୍ତେ ମାନସିକ ଭାରସାମ୍ୟ ହରାଉଛନ୍ତି । ମୁଁ ସେମାନଙ୍କ ଠାରୁ ନିଜକୁ ଲୁଚାଇ ରଖିଲା ଭଳି ବୋଟର ପାଲ ଭିତରେ ପଶି ରହିଲି । ରାତିର କାକର ଯେତିକି ପାଲ ଉପରେ ପଡୁଥାଏ ମୁଁ ସେତିକି ପିଉଥାଏ । ସେମାନେ ଏପରି ଭାବରେ ଵା ଆଉ କେତେ ଦିନ ବଞ୍ଚିଥାନ୍ତେ ? ଜଣେ ପରେ ଜଣେ ଆଖି ବୁଜିଲେ । ପରମେଶ୍ୱର ତାଙ୍କ ଆତ୍ମାଙ୍କୁ ଶାନ୍ତି ଦିଅନ୍ତୁ ।

ସମୁଦ୍ରକୁ ମୁଁ ଏବେ ଜାଣିଲିନି, ଆଉ ଡର ଲାଗୁନି । ଡରିବି ବା କାହିଁକି, ଯାହା ହେବାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିବ ହେବ । ମା' ମତେ ବହୁତ ଥର ଅନେକ ପୁରାଣ ବହି ପଢ଼ିବାକୁ ଦେଇଛନ୍ତି । ମୁଁ ପଢିଛି...... "ପୃଥିବୀ ଯେତବେଳେ ଶୂନ୍ୟ ଥିଲା, କିଛିବି ନଥିଲା, ସେତବେଳେ ଜଳଭାଗ ଉପରେ ଖାଲି ଅନ୍ଧକାର ଘୋଡେଇ ଥିଲା ଓ ଇଶ୍ୱରଙ୍କ ଆତ୍ମା ଏ ଜଳଭାଗ ଉପରେ ବ୍ୟାପ୍ତ ଥିଲା । ତେଣୁ ଯେଉଁଠି ପ୍ରଥମେ ପରମେଶ୍ୱର ଥିଲେ, ମୁଁ ସେଇଠି ଡରିବାର କଣ ଅଛି । ଏଇ ଜଳରୁ ହିଁ ସବୁର ସୃଷ୍ଟି କରିଥିଲେ ସେ ପରମେଶ୍ୱର, ...... ଏ ଦିନ, ରାତି, ପୃଥିବୀ, ସୂର୍ଯ୍ୟ, ଏ ଗଛ, ପବନ............ । ଏମିତି ଭାବୁ ଭାବୁ ଷ୍ଟିପେନଙ୍କ ଆଖି ଲାଗିଯାଇଛି ।

ଆଖି ଖୋଲିଲେ ଷ୍ଟିପେନ୍ । ସେ କଣ କେଉଁ ସ୍ୱପ୍ନରାଇଜରେ ଅଛନ୍ତି । ଆଖିକୁ ଆଉ ଥରେ ମଳିକି ଚାହିଁଲେ । କି ସୁନ୍ଦର ସ୍ଥାନ ! ଲାଗୁଛି ସମୁଦ୍ର ମଝିରେ କୌଣସି ଟାପୁ । ଷ୍ଟିପେନ୍ ଖୁସିରେ ବୋଟଟିକୁ ଟାଣି ଟାଣି ଶୁଖିଲାକୁ ଆଣି ଉପରେ ପକାଇଲେ । ଏତେ ଦିନ ପରେ ସ୍ଥଳଭାଗରେ ଠିଆ ହୋଇଛନ୍ତି । ସେ ଲୋଟି ଗଲେ ତଳେ । ହାତ ଗୋଡ଼କୁ ଲମ୍ବେଇ ଶୋଇପଡିଲେ ସେ ବାଲି ଉପରେ । ଓଃ କି ଶାନ୍ତି ! ନୀଳ ଆକାଶରେ ଭାସି ବୁଲୁଥିବା ବଉଦ ଗୁଡିକ ତାଙ୍କୁ କେତେବେଳେ ଘୋଡା ଭଳି ତ, କେତବଳେ ସୁନ୍ଦର ଫୁଲ ଭଳି ଦେଖା ଯାଉଥାଏ । ଶରୀର ଦୁର୍ବଳ ! ଅନେକ କଷ୍ଟରେ ବୋଟଟିକୁ ଟାଣିବା ପରେ ନିଜକୁ ଶକ୍ତିହୀନ ଭଳି ଅନୁଭବ କରୁଥାନ୍ତି । ଶାନ୍ତି ଓ ଆନନ୍ଦରେ କେତେବେଳେ ଆଖି ଲାଗିଯାଇଛି ଜଣାନାହିଁ ।

ଷ୍ଟିପେନ୍ ଉଠି ବସିଲେ । ସକାଳ ପହିଲି କିରଣ ବିଛେଇ ହୋଇ ପଡିଥାଏ । ସୂର୍ଯ୍ୟକିରଣରେ ସମ୍ମୁଖ ଜଳରାଶି ଯେପରି ଚକ୍ ଚକ୍ ଦୃଶ୍ୟମାନ ହେଉଥାଏ । ପାଖରେ ଗୋଟେ ସଢ଼େଇ ଖୋଳରେ କିଛି ପାଣି ଓ ପତ୍ରରେ ବିଭିନ୍ନ ପ୍ରକାର ଫଳ ପାଇଲେ । ଷ୍ଟିପେନ୍ ଏପଟ ସେପଟ ଚାହିଁଲେ କିଏ ରଖିଲା ? ତାହେଲେ ଏଠାରେ କଣ ଜନ ବସତି ଅଛି ? ଏତେ ଦିନର ଭୋକ ଓ ଶୋଷକୁ ଆଉ ଅଟକାଇ ପାରିଲେନି । ସେ ପାଣିକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏକାଥରେ ପିଇଗଲେ, କି ମଧୁର ପାଣି ! ଅନେକ ଦିନର ଅବଧିରେ ଏତେ ଖାଦ୍ୟ ଖାଇଥିବାରୁ ନିଜ ପେଟ ଫାଟିଗଲା ଭଳି ଅନୁଭବ କରୁଥାନ୍ତି । ଏଥର ତାଙ୍କ ଦେହରେ ବଳ ଆସି ସାରିଥାଏ । ଖାଦ୍ୟ ଦେଇଥିବା ଅଜ୍ଞାତ ଲୋକକୁ ଧନ୍ୟବାଦ ଦେବା ଆଶାରେ ଆଗକୁ ବଢିଲେ । କିନ୍ତୁ ଘଞ୍ଚ ଜଙ୍ଗଲ ଓ ବିଭିନ୍ନ ପ୍ରକାର ଫୁଲଫଳ ଗଛ ବ୍ୟତିତ ଆଉ କାହାକୁ ନପାଇ ଫେରି ଆସିଲେ ।ଷ୍ଟିପେନ୍ ଜାଣି ସାରିଥିଲେ କିଏ ତନିଶ୍ଚୟ ଏଠାରେ ଅଛି ଯିଏ ମତେ ଖାଦ୍ୟ ପାଣି ସବୁବେଳେ ଯୋଗାଉଛି । ଷ୍ଟିପେନ୍ ଅନେକ ଥର ଲୁଚି ରହି ଦେଖିବାକୁ ଚେଷ୍ଟା କଲେ କିନ୍ତୁ ବିଫଳ ହେଲେ । ଏପରିକି ପାଦଚିହ୍ନର ଛାପ ନଥିଲା କେଉଁଠି । ସବୁ ସେଇ ପରମେଶ୍ୱରଙ୍କ ଇଛା ।

ଷ୍ଟିପେନ୍ ସେଦିନ ଜ୍ୱରରେ କମ୍ପୁଥାନ୍ତି । ଉଠିବାକୁ ଟିକେ ବି ବଳ ନାହିଁ । ମୁଣ୍ଡ ବୁଲାଇ ଦେଉଥାଏ । ଉଠିବାକୁ ଚେଷ୍ଟାକରି ମଧ୍ୟ ଧଡ଼ କରି ତଳେ ପଡିଗଲେ । କାହା ହାତର ସ୍ପର୍ଶରେ ଆଖି ଖୋଲି ଚାହିଁଲେ ଷ୍ଟିପେନ୍ । ପାଖରେ ଏପରି ଗୋଟେ ମୁହଁକୁ ଦେଖି ଚମକି ପଡିଲେ ।

ମୁହଁଟି ନା ଥିଲା ମଣିଷ ନା ଥିଲା ପଶୁର । ସମ୍ପୂର୍ଣ୍ଣ ରଙ୍ଗହୀନ ଦେହ । ହାତରେ ଚାରୋଟି ଲେଖା ଆଙ୍ଗୁଠି । ମୁଣ୍ଡ ଉପରେ ଆଖି, ମୁହଁରେ ନାକ ବୋଲି କିଛିବି ନାହିଁ । ଛୋଟ ପାଟି । ଆଖିର ଡୋଳା ଦୁଇଟି ନୀଳ, ଆଖି ଉପରେ ପତା ନାହିଁ । କାନ ଦୁଇଟି ଉପର ତଳକୁ ହଲୁଥାଏ । କିନ୍ତୁ ଶରୀରର ଗଠନ ଠିକି ଜଣେ ଝିଅ ଭଳି ଥିଲା । ମୁହଁକୁ ଚାହିଁଲେ ଚଢେଇ ଭଳି ମୁଣ୍ଡକୁ ବଙ୍କା କରି ଅନାଉଥାଏ । ଷ୍ଟିପେନ୍ ଡରିଯାଇ ଦୂରକୁ ଘୁଞ୍ଚିଗଲେ । ସେ ଭିନ୍ନ ଜୀବଟି ପିଠିରେ ପର ଦୁଇଟି ବାହାରି ଫଡ ଫଡ ହେବାରେ ଲାଗିଲା ଓ ଉଡ଼ିଗଲା ସେଇ ଘଞ୍ଚଜଙ୍ଗଲ ଭିତରକୁ । ଷ୍ଟିପେନଙ୍କ ଛାତିଟା ଧଡ଼ ଧଡ଼ ହେଉଥାଏ । ଯାହାକୁ ଏତେଦିନ ଧରି ଖୋଜୁଥିଲେ ସେ ଆଜି ତାଙ୍କ ସମ୍ମୁଖରେ ଥାଇବି କିଛି ନକହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡରିଗଲେ ? ସେ କେତେ ନିରୀହ ଆଖିରେ ଚାହୁଁଥିଲା । ଆଜି ପର୍ଯ୍ୟନ୍ତ ସେ ତ ମତେ ଦେଖି ଡ଼ରିନି, ମୁଁ କଣ ପାଇଁ ଡରିଗଲି ? ନିଜକୁ ଦୋଷୀ ଭଳି ଅନୁଭବ କରୁଥିଲେ ଷ୍ଟିପେନ୍ ଓ ନିଜକୁ ପଚାରୁ ଥିଲେ ଅନେକ ପ୍ରଶ୍ନ ?

ଦେହ ଏବେ ପୁରା ସୁସ୍ଥ । ଷ୍ଟିପେନ୍ ଆଜି ମନସ୍ତ କଲେ ଯାହାବି ହୋଇଯାଉ ସେ ଯାଇ ଭୁଲୁ ମାଗିବେ । ଜଙ୍ଗଲ ଭିତରକୁ ଯାଇ ବଡ ପାଟିରେ ଡାକିବାକୁ ଲାଗିଲେ..... "ଶୁଭୁଚି ତୁମକୁ, ମତେ କ୍ଷମା କର ।"

କିଛିବି ଉତ୍ତର ଅଥବା ଦେଖା ମିଳିଲାନି । ଅନେକ ଥର ଡାକିବା ଫଳରେ ଫେରି ଆସିଲେ ଷ୍ଟିପେନ୍ । ମନଦୁଃଖରେ ସମୁଦ୍ରକୂଳରେ ବସିଥାନ୍ତି । ଏତିକିବେଳେ ଉଡି ଆସିଲା ସେ ଜୀବଟି । ଷ୍ଟିପେନକୁ ବଢ଼ାଇ ଦେଲା ଫୁଲର ତୋଡ଼ ଟି । ଷ୍ଟିପେନ୍ ଅତ୍ୟଧିକ ଖୁସିରେ ତା ହାତରୁ ଫୁଲତୋଡ଼ାଟି ନେଇ ହାତକୁ ଚୁମି ଦେଲେ । ଓଃ କି ଥଣ୍ଡା ତା ଦେହ ! ସେ ଜୀବଟି ଭିତରୁ ପଶୁ ଭଳି ଗୁଡ଼ୁ ଗୁଡ଼ୁ ହେବାରେ ଲାଗିଲା । ଷ୍ଟିପେନ୍ ଜାଣି ସାରିଥିଲେ ସେ କୌଣସି ଭାଷା କହିବାକୁ ଅକ୍ଷମ ।

କେବଳ ଇସାରା କରି ଦୁହିଁଙ୍କ ଭିତରେ ଭାବ ଆଦାନ-ପ୍ରଦାନ ହେବାର ଲାଗିଲା । ଷ୍ଟିପେନ୍ ତା ନାଆଁ ରଖିଲେ;-

"ଆଂନ୍‌ସି", ଯାହାର ଅର୍ଥ ଥିଲା ସବୁଠୁ ସୁନ୍ଦର ।

ଷ୍ଟିପେନ୍ ରହିଗଲେ ସବୁଦିନ ପାଇଁ ଆଂନ୍‌ସି ପାଖରେ । ବାହାର ଦୁନିଆ ଠାରୁ ବହୁତ ଦୂରରେ । ପ୍ରେମ ଯେତେବେଳେ ହୁଏ ସେ କିଛି ବି ଦେଖେନି । ନା ଦେଖେ ରୂପ ନା ଦେଖେ ରଙ୍ଗ । ପରମେଶ୍ୱରଙ୍କର ପ୍ରାଣୀମାନଙ୍କୁ ଏକ ସୁନ୍ଦର ଅବଦାନ ହେଉଛି ପ୍ରେମ ।

ଡି.ଏଲ.ଏ.-୧୨, ବୀର ସୁରେନ୍ଦ୍ର ସାଏ ନଗର

ଭୁବନେଶ୍ୱର-୭୫୧୦୧୦, ମୋ - ୯୪୩୭୨୦୭୮୪୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ନିଆରା ପ୍ରତିଯୋଗିତା



ଇଂ ବିଦ୍ୟାଧର ପଣ୍ଡା

ନରିଆଇ ଚବିଶରେ ଆଉ ହାରିବନି । ଅବିରତ ଭାବରେ ପାଂଚପାଂଚ ଥର ହାରି ସିଏ ତାଳ ପାଇଛି ବୋଲି କହିବୁଲୁଛି । ଗାଁ ଗଣ୍ଡାରେ ପଦଯାତ୍ରା କରିକରି ଚପଲ ଚାରିହଳ ଛିଣ୍ଡେଇଦେଲା ସିନା ଅସଲ ବେଳକୁ ଗତ ଥର ନିର୍ବାଚନଦିନ କେହି ସାଙ୍ଗରେ ରହିଲେନି । ଓଲଟି କେଇଟା ଖାସଲୋକ ପ୍ରତିବାଦୀ ଦଳର କାଞ୍ଜିଆହତାରେ ମାଉଁସ ଖାଇ ନାଲିପାଣି ପିଇ ନରିଆଇକୁ କହିଲେ ଏଥର ଶୋଇପଡ । ଯାଅ ! ଘୋଡିଘାଡି ହୋଇ ହେଂସତଳେ ଶୋଇଯାଅ । ଆରଥରକୁ ବୁଢାଦେହ ଖରାପ ହେଲେ ଦେଖିବା । ଅବଶ୍ୟ ତୁମସାଙ୍ଗରେ ଏତେ ଦିନ ରହିବା ପରେ ତୁମର ନମକ ଖାଇଥିବାରୁ ଆମକୁ ତୁମର ସୁନିଶ୍ଚିତ ଅମାନତ ଜବତ ହେବା କଥା ଜଳଜଳ ହୋଇ ଦେଖାଯାଉଛି । ଏବେ ଆଉ କିଛି ଉପାୟ ନାହିଁ । ଯେତେ ବୁଝାଅ ଲୋକେ ବୁଝିବାକୁ ନାରାଜ । ମେଂଚଡ ଟୋକାର ମୁଣ୍ଡକୁ ମାନିବାକୁ ହେବ । କି ଜାଦୁ ଜାଣିଛି କେଜାଣି ! ସମସ୍ତଙ୍କୁ ପିଞ୍ଜରା ଭିତରେ ବନ୍ଦକରି ଚାବି ପକେଇ ରଖିଲା ପରି ରଖିଛି । ଖସି ଯିବାକୁ ଚାରା ନାହିଁ । ଏଥର ନରିଆଇ କିନ୍ତୁ ଭେଜା ଖଟେଇଛି । ଭାବିଛି ଆଉ ଭାଇଭତିଜା ବାଦରେ ସଂଗଠନ ଗଢିବନି । ପ୍ରକୃତ ଯୁବା ପ୍ରତିଭା ଅନ୍ୱେଷଣ କରି ତା ମୁଣ୍ଡରେ ଦାୟିତ୍ୱ ଲଦିବ । ସେଥିପାଇଁ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏକ ନିଆରା ପ୍ରତିଯୋଗିତା ଆୟୋଜନ କରିଛି । ଗାଁ ପଠା ଖୋଲା ପଡିଆରେ ଆସନ୍ତା ମକର ଦିନ ଅନୁଷ୍ଠିତ ହେବ । ସ୍ଥାନୀୟ ନେତୃବୃନ୍ଦ ସମୂହଙ୍କୁ ନିମନ୍ତ୍ରଣ କରାଯାଇଛି । ସେଠାରେ ଭାଗନେବାକୁ ହେଲେ ହଜାରେ ଟଙ୍କା ସହ ନିଜର ଆଧାର କାର୍ଡର ଏକକିତା ନକଲ ପ୍ରଥମେ ନରିଆଇକୁ ପୈଠ କରିବାକୁ ହେବ । ନରିଆଇ ସେମାନଙ୍କୁ ପ୍ରତିଯୋଗିତାର ନିୟମାବଳୀ ପ୍ରାଞ୍ଜଳ ଭାବରେ ବୁଝାଇ ମୈଦାନକୁ ପଠାଇବେ । ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବ୍ୟକ୍ତିଙ୍କୁ ନିର୍ବାଚନରେ ଲଢୁଥିବା ସାସଂଦ ପ୍ରାର୍ଥୀଙ୍କର ପ୍ରତିନିଧି ଘୋଷଣା କରାଯିବ । ଚତୁର୍ଥ, ପଂଚମ ଓ ଷଷ୍ଠ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀଙ୍କର ପ୍ରତିନିଧି ଘୋଷଣା କରାଯିବ । ସପ୍ତମ, ଅଷ୍ଟମ ଓ ନବମ ସ୍ଥାନରେ ରହିଥିବା ବ୍ୟକ୍ତି ବିଶେଷଙ୍କୁ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସହ ପ୍ରଚାରକ ପଦବି ମିଳିବ । ତାପରେ ଦଶମ ଓ ଏକାଦଶ ସ୍ଥାନରେ ରହିଥିବା ପ୍ରତିଯୋଗୀ ସେ ଜିଲ୍ଲାର ପ୍ରତ୍ୟେକ ସଭାସମିତିର ଆୟୋଜନ କରିବେ । ଏହା ଉପରାନ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ଯାହାର ଲକ୍ଷ୍ୟଭେଦ କୌଶଳରେ ନେତୃବୃନ୍ଦ ପ୍ରସନ୍ନ ହେବେ ସେ କାଉନସିଲର୍ ଏବଂ ୱାର୍ଡ ମେମ୍ବର ପ୍ରାର୍ଥୀ ହୋଇପାରିବେ । ଏମିତି ସବୁ ବିରାଟ ବିରାଟ ଫ୍ଲେକ୍ସି ଛକ ଯାଗାରେ ଲାଗିଲା । ପ୍ରତିଯୋଗିତାର ବିଶେଷ ବିବରଣୀ ଏବଂ ଲକ୍ଷ୍ୟଭେଦର ପ୍ରକ୍ରିୟା ଆଦି ନିଜେ ନରିଆଇ ଜଣଜଣ କରି ଗୁପ୍ତ ବୈଠକରେ ବୁଝେଇ ଦେବେ ବୋଲି ତଳେ ଦ୍ରଷ୍ଟବ୍ୟ ଲେଖାଗଲା ।

ଦିନକୁ ଶହ ଶହ ଯୌବନ ନରିଆଇ ଘର ବାରଣ୍ଡାରେ ଦୁଇଟା ପାଂଚଶହ ଟଙ୍କିଆ ନୋଟ ସହ ଅଧାର କାର୍ଡ ନକଲ ନେଇ ଧାରଣା ଦେଲେ । ସମସ୍ତଙ୍କୁ ପ୍ରତିଯୋଗିତା ବିଷୟରେ ସମ୍ୟକ ଜ୍ଞାନଦେବା ପରେ ନରିଆଇ ସର୍ବେଶ୍ୱରଙ୍କ ଧଣ୍ଡା ଛୁଆଁଇ ନିୟମ କରିବାକୁ କୁହେ, 'ମୁଁ ଯାହା କହୁଛି, ଏ ବେଲପତ୍ର ଧଣ୍ଡା ଧରି ତୁମେ କୁହ' – "ମୁଁ ଯାହା ନରିଆଇ ମୁହଁରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୁଣିଲି ପ୍ରତିଯୋଗିତା ନସରିବା ପୂର୍ବରୁ କାହାକୁ କହିବିନି ।" ଯଦି ନିୟମ ଭଙ୍ଗକଲ ତେବେ ନୌହସରାଜା ସର୍ପେଶ୍ୱରଙ୍କ ନାଗ ଗୋଡେଇ ଗୋଡେଇ ଦଂଶିବ । ସହଜିଆ ନିୟମ । କିଏ ବା କାହିଁକି ଏକଥା କାହାକୁ କହିବ । ମକର ପୂର୍ବଦିନ ନରିଆଇ ଶୋଇନି କି ଖାଇବାକୁ ସମୟ ପାଇନି । ପ୍ରବଳ ଭିଡ । ବହୁ ସଂଖ୍ୟାରେ ପ୍ରତିଯୋଗ୍ୱୀନଙ୍କର ସୁଅ ଛୁଟିଲା । ଛତୁଆରେ ଲୁଣଚିମୁଟେ ପକେଇ ଗିଲାସେ ଗିଲାସେ ଗୋଲି ଝଟପଟ ପିଇଦେଇ ସେଇ ପ୍ରତିଯୋଗୀମାନଙ୍କୁ ବୁଝେଇ ବୁଝେଇ ଥକିଗଲା । ଅଂଚଳସାରା ଏକ ଭିନ୍ନ ପ୍ରକାର କୁତୂହଳ ମୟ ବାତାବରଣ ସୃଷ୍ଟିହେଲା । ଅସଲ ପ୍ରତିଯୋଗିତା ବିଷୟରେ କେବଳ ନରିଆଇ ଜାଣେ ନଚେତ୍ ଯେଉଁମାନେ ହଜାରେ ହଜାରେ ଦେଇ ସେଥିରେ ଭାଗ ନେଉଛନ୍ତି ସେମାନେ ଜାଣନ୍ତି । ନରିଆଇର ସ୍ତ୍ରୀ ବି ଜାଣିନି । ଜାଣିବ କେମିତି ? ନରିଆଇ କହିଲେ ସିନା ଜାଣିବ । ନରିଆଇ କଣ ବୋକା ଯେ ସ୍ତ୍ରୀକୁ କହିବ ! କୌଣସି କଥାକୁ ପ୍ରଘଟ କରିବାର ଥିଲେ ଖାଲି ଜଣେ ସ୍ତ୍ରୀଲୋକକୁ କହି ଶେଷରେ କହିବ ଯେ ଆଉ କାହାରିକୁ ସେ ଏକଥା ଆଦୌ କହିବନି । ବାସ୍ ସେତିକିରେ କାମ ତମାମ ହେଲା ବୋଲି ଜାଣ । ନରିଆଇ ଏସବୁ ଜାଣେ । ତେଣୁ ଏହାକୁ ସେ ନିଜ ଘରେ ବି ଗୁପ୍ତ ରଖିଛି ।

ମକରର ତିନିଦିନ ପୂର୍ବରୁ ପଠାରେ ତମ୍ବୁ ଟଣା ହେଲା । ଚାରିପଟ ପାଲ ଘେରା ହେଲା । ମଂଚ ତିଆରି କରାଗଲା । ମଂଚସାମ୍ନାରେ ଶହେ ଫୁଟ ଓସାର ଦୁଇଟା ଗାର ତିନିଫୁଟ ଅନ୍ତରରେ ଟଣାହେଲା । ଆଗକୁ ଷାଠିଏ ପାହୁଣ୍ଡ ନରିଆଇ ଚାଲିଲା ପରେ ଆଉ ଶହେଫୁଟର ଗାରଟିଏ ଟାଣିବାକୁ ନିର୍ଦ୍ଦେଶ ଦେଲେ । ସବୁଗାରକୁ ପାଂଚ ଛଅ ଫୁଟ ଅନ୍ତରରେ ଛକି ପକାଗଲା । ଦୂରରେ ଥିବା ଗାରର ଛକି ଉପରେ ଛଅଫୁଟ ଉଚ୍ଚାର ବାଉଁଶ ପୋତାଗଲା । ତା ଉପରେ ମଣିଷ ମୁଣ୍ଡ ଆକାରର ମାଟିହାଣ୍ଡି ତଳମୁହାଁ କରି ରଖାଗଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧଳାରଙ୍ଗର ତୁଳିନେଇ ମାଟିହାଣ୍ଡି ଗୁଡିକରେ ମଥା, ଆଖି, ନାକ, ପାଟି ଆଦି ଚିତ୍ରକାର ଆଙ୍କିଲେ । ଯେତେ ସଂଖ୍ୟାରେ ପ୍ରତିଯୋଗୀ ଥିଲେ ସେତେ ସଂଖ୍ୟାରେ ହାଣ୍ଡି ପ୍ରସ୍ତୁତ କରି ମଂଚତଳେ ରଖାଗଲା । ମକରଦିନ ସକାଳୁସକାଳୁ ଦୁଇଟି ଆନ୍ତ୍ରଟ୍ରକ ଆସି ମଂଚପାଖରେ ଲାଗିଲା । ପାଲଘୋଡା ହୋଇଛି ବୋଲି ଭିତରେ କଣ ଅଛି କେହି ଜାଣି ପାରୁନାହାନ୍ତି । ଅଗଣିତ ପ୍ରତିଯୋଗୀ । ହଜାରରୁ ବହୁତ ଅଧିକ । ସମସ୍ତଙ୍କ ପାଇଁ ସେହି ଟ୍ରକରେ କିଛି ଅଛି । ଜଳଖିଆ ତ ରବିଗୁଡିଆ ଦେବ, ଏଗୁଡା ତେବେ କଣ । ନେତା ଆସିଲେ । ଆସନ୍ତା ପଂଚାୟତ ନିର୍ବାଚନ ବିଷୟରେ କିଛି ଭାଷଣବାଜି ସରିବାପରେ ଦଶଜଣ ବଛାବଛା ସ୍ଥାନୀୟ ନେତା ବିଚାରକ ଆସନ ଅଳଂକୃତ କଲେ । ପ୍ରତିଯୋଗିତାର ଅଯଥାରମ୍ଭ ପୂର୍ବରୁ ସେହି ଟ୍ରକ ଦୁଇଟିର ପାଲହଟେଇ ସମସ୍ତ ପ୍ରତିଯୋଗୀମାନଙ୍କୁ ଗୋଟେଗୋଟେ କାର୍ଟୁନ ଦିଆଗଲା । କାର୍ଟୁନରେ ଏକ ଟି-ସାର୍ଟ ଥିଲା ଯାହାର ପଛପଟେ ପ୍ରତିଯୋଗୀମାନଙ୍କର କ୍ରମିକ ସଂଖ୍ୟା ଲେଖାଥିଲା । ସେହି ସଂଖ୍ୟା ଦେଖି ମଂଚାସୀନ ବିଚାରକମାନେ ପ୍ରତିଯୋଗୀମାନଙ୍କୁ ନମ୍ବର ଦେବେ । ସମସ୍ତେ ଫଟାଫଟ୍ ଟି ସାର୍ଟ ପିନ୍ଧି ପ୍ରଥମ ଦୁଇଗାର ଭିତରେ ଗୋଟେଗୋଟେ ଛକିଚିହ୍ନ ଉପରେ ଛିଡାହୋଇ ପାଦତଳ ପେଟିର ସାଲୋଟେପ୍ ହଟେଇଲେ । ସେଥିରେ ଯାହା ଥିଲା ଦର୍ଶକମାନେ ଦେଖି ସ୍ତମ୍ଭିଭୂତ ହୋଇଗଲେ । ସେଥିରେ ଥିଲା କଂଚା ଅଣ୍ଡା । ଏକାଥରେ ପ୍ରାୟ କୋଡିଏ ଜଣ ପ୍ରତିଯୋଗୀ ଛିଡା ହୋଇଥାନ୍ତି । ସାମ୍ନାରେ ସେ ବାଉଁଶ ଉପରେ ହାଣ୍ଡିଗୁଡା ଗୋଟେଗୋଟେ ମଣିଷ ମୁଣ୍ଡ ପରି ଦିଶୁଥାଏ । ସମସ୍ତେ ନିଜ ହାତରେ ଗୋଟିଏ ଗୋଟିଏ ଅଣ୍ଡା ଧରି ହାଣ୍ଡିଉପରକୁ ଲକ୍ଷ୍ୟଭେଦ ମୁଦ୍ରାରେ ଛିଡାହେଲେ । ହୁଇସିଲ୍ ବାଜିଲା ମାତ୍ରେ ଫୋପାଡିଲେ । ଏମିତି ସକାଳୁ ସଞ୍ଜଯାଏଁ ଚାଲିଲା । ଯାହାର ନାକରେ ବାଜିଲା ଦଶ ନମ୍ବର, ଆଖିରେ ବାଜିଲେ ଆଠ ନମ୍ବର । ମଥା କିମ୍ବା ପାଟିରେ ବାଜିଲେ ଛଅ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନମ୍ବର । ବାକି ହାଣ୍ଡିର ଯେ କୌଣସି ଜାଗାରେ ବାଜିଲେ ଚାରି ନମ୍ବର । ମୋଟରୁ ନ ବାଜିଲେ ଶୂନ । ଏମିତି ଜଣକା ଦୁଇ ଡଜନ ଅଣ୍ଡା ତାଙ୍କପାଇଁ ଉଦ୍ଦିଷ୍ଟ ହାଣ୍ଡିକୁ ମାରିବେ, ବିଚାରକ ନମ୍ବର ଦେବେ । ପରିଶେଷରେ ହାରାହରି ହିସାବ କରି ବିଜେତାମାନଙ୍କ ସ୍ଥାନ ନିର୍ଦ୍ଧାରଣ କରାଯାଇ ଉପଯୁକ୍ତ ପୁରସ୍କାର ଦିଆଯିବ । ନରିଆଇ ଆଉ କ'ଣ ହାରିବ ? ଆଜିକାଲି ଅଣ୍ଡାମାଡରେ ଯିଏ ପାରଙ୍ଗମ ସିଏ ତ ନେତା । ସେପରି କଳାରେ ଧୁରନ୍ଧରଙ୍କୁ ନେଇ ଯଦି ବିରୋଧ କରାଯାଏ ଜିତିବା ଥୟ ବୋଲି କିଛି ଭାବୁଛନ୍ତି । ଯାହାହେଉ ନା କାହିଁକି ଏପରି ଯୁବା ପ୍ରତିଭା ଅନ୍ୱେଷଣ ଆଗରୁ ବୋଧହୁଏ କେହି କେବେ କରିନଥିବେ । ନରିଆଇକୁ ଗ୍ରିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ମିଳିବା ଉଚିତ୍ । ସତରେ ଏପରି ଅଣ୍ଡା ମାଡ ଓ ଲକ୍ଷ୍ୟ ଭେଦ ପ୍ରକ୍ରିୟା ନିଶ୍ଚିତ ଭାବରେ ଭିନ୍ନ ଶୈଳୀର ନିଆରା ପ୍ରତିଯୋଗିତା ।

ଇଂ. ବିଦ୍ୟାଧର ପଣ୍ଡା, ପରିବେଶବିତ୍, ଏମ୍. ଟେକ୍. ଏଲ୍. ଏଲ୍. ବି.
ଖ-୧୭/୧୫, ପଂଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର-୧୯
ଜି; ଖୋର୍ଧା, ଓଡ଼ିଶା, ମୋ-୯୪୩୯୧୨୮୦୫୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଗାଆଁରେ ହୋଲି



ଅମରନାଥ ବାରିକ

ସକାଳୁ ଉଠି ଗାଧୋଇ ପାଧୋଇ ଆମ୍ବଡାଳ, ଅଁଳାଡାଳ, ଦୁବ ବରକୋଳି ପତ୍ର ମାଟି କଳସରେ ରଖି ନୂଆ ଧାନ ଦେଇ ଦାଣ୍ଡ ଦୁଆରେ କୁମ୍ଭ ବସେଇଲି । କାଲି ଘର ଅଗଣା ଲିପାପୋଛା କରି ଦେଇଥିଲି । ବାକି ଥିଲା ସବୁଆଡ଼େ ଚିତାପଇତା ପକେଇବା । ତାହା ବି କାଲି ରାତିରେ ସାରି ଦେଇଥିଲି । ନ ହେଲେ ଆଜି ଆହୁରି ବିଳମ୍ବ ହୋଇଥାଆନ୍ତା । ଏତିକି କଥା ମନରେ ଭାବୁ ଭାବୁ, ମୋ ପୁଅ ଆକାଶର ଫୋନ ଆସିଲା ଦିଲ୍ଲୀରୁ । ତା' ବାପା ମୋତେ ଡାକ ଛାଡ଼ିଲେ "ଏ ରେବତୀ କୁଆଡ଼େ ଗଲ ଶୀଘ୍ର ଧାଇଁ ଆସ ଆମ ପୁଅ ଆକାଶ ଫୋନ କରିଛି ଦିଲ୍ଲୀରୁ" । ତାହା ଶୁଣି ମୁଁ କହିଲି ଆଗ ଦିଅ ମୁଁ ଟିକେ କଥା ହୁଏ ! ମୋ ପୁଅ ଦୁଇମାସ ପରେ ଫୋନ କରିଛି । ଆକାଶ କହିଲା ବୋଉ ତୁ କଣ କରୁଛୁ ? ଏଇ କଥା ଟିକେ ଶୁଣି ଦେଇ ମୋ ଆଖି ଲୁହ ଓଠ ପାଖରେ ପହଞ୍ଚିଲା । ଆରେ ପାଗଳା ତୁ କୁଆଡ଼େ ଯାଇଥିଲୁ ଦୁଇ ମାସ ହେଲାଣି ? ଆଜି ତୋ ବୋଉ କଥା ମନେ ପଡ଼ିଲା କେମିତି ଅଛୁ ! ଆକାଶ କହିଲା "ନାଇଁ ଲୋ ବୋଉ ବାପା ସିନା ପାଠ ପଢ଼ାଇ ଇଂଜିନିୟର କରି ଦିଲ୍ଲୀ ପଠାଇ ଦେଲେ । ହେଲେ ତୋ କଥା ଆଉ ବାପାଙ୍କ କଥା ସବୁବେଳେ ମନେ ପଡ଼େ !! ମୁଁ କ'ଣ କରିବି ଏଠି ତ ଯାବତୀୟ କାମ । ଅଫିସରେ ଏତେ ବ୍ୟସ୍ତରେ ରହୁଛି ଯେ ତୋ ବୋହୂ ଦେଇଥିବା ଟିଫିନ ବି ଖାଇ ପାରୁନାହିଁ । ଛାଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ସବୁ କଥା, ତୁ ଆଗ କହ, ଆଜି ପରା ଦୋଳପୂର୍ଣ୍ଣିମା ତୁ ପିଠା, କ୍ଷୀରି କରିଛୁନା ? ମୋର ଭାରି ଇଛା ହେଉଛି ତୋ ହାତ ତିଆରି ପିଠା, କ୍ଷୀରି ଖାଇବା ପାଇଁ ! ବାପାଙ୍କର ସେଇ ଓଗାଳ ବୋଲା, ଗାଁ ମୁଣ୍ଡରେ ବାଡ଼ି ଖେଳ, ଅବୀର ବୋଳା କଥା ବହୁତ ମନେ ପଡୁଛି । ଏଥର ଆମ ଗାଁ ଗୋପବନ୍ଧୁ ଠାକୁର ମୂର୍ତ୍ତି କେତେ ବଡ଼ ତିଆରି ହୋଇଛି କି ବୋଉ" ?

ହଁରେ ପାଗଳା ସବୁ ତ ଧୁମଧାମରେ ହେଉଛି । ହେଲେ ତୋ ବିନା ଆମକୁ କିଛି ଭଲ ଲାଗୁନାହିଁ । କାଲି ସନ୍ଧ୍ୟାରେ ଆର ସାହି ରଘୁଆ ମଉସା ଆମ ଘରକୁ ଆସିଥିଲେ । ତୋ କଥା ପଚାରି ବହୁତ ମନ ଦୁଃଖ କରୁଥିଲେ । କହିଲେ ଆମ ଆକାଶଟା ଗଲା ଦିନରୁ ଆଉ କେହି କୃଷ୍ଣଙ୍କ ଅଭିନୟ କରି ପାରୁନାହାନ୍ତି । ତା' ବିନା ପଡ଼ିଆରେ ମଞ୍ଚ ଖାଲି ରହିଛି । ଆଉ ଦୋଳ ନାଟକ ହେଉନାହିଁ । ହଉ ତୁ ଏବେ କହ ମୋ ବୋହୂ ନନ୍ଦିନୀ, ଆଉ ମୋ ନାତିଟୋକା କ'ଣ କରୁଛନ୍ତି ? ସେ ଭଲରେ ଅଛନ୍ତି ତ !! ମୋ କଥା ପାଟିରୁ ସରିନାହିଁ ଆକାଶ ଟିକେ ମୁରୁକି ହସିଦେଲା । ଠିକ ଏହି ସମୟରେ ତା' ବାପା ମୋତେ ଏପଟରୁ କହିଲେ "ଆରେ ଆମ ଆକାଶ, ବୋହୂ ନନ୍ଦିନୀ ଓ ନାତିଆଟୋକା ସମସ୍ତେ ଗାଡ଼ିରେ ବସି ଫୋନ କରୁଛନ୍ତି । ସେମାନେ ସମସ୍ତେ କାଲି ଆସି ପହଞ୍ଚିବେ ଘରେ ।" ଏତକ ଶୁଣି ସାରିବା ପରେ ଆକାଶର ବାପାଙ୍କଠାରୁ, ମୋ ଗୋଡ଼ ଆଉ ତଳେ ରହିଲା ନାହିଁ । ମୁଁ ଆକାଶକୁ କହିଲି ହଉରେ ଧନ ତୁ ରେଳରେ ବସିଛୁ ବେଶୀ କଥା ହୁଅ ନାହିଁ ଏବେ ଫୋନ ରଖ । ଭଲରେ ଆସି ଘରେ ପହଞ୍ଚେ ।

ମୋତେ ରାତିଟା ଲାଗୁଥାଏ ଯୁଗପରି । ରାତି ପାହି ସକାଳ ପାଞ୍ଚଟା ସମୟରେ ଆକାଶ ସହିତ ବୋହୂ ନାତି ସମସ୍ତେ ଆସି ଘରେ ପହଞ୍ଚିଗଲେ । ସେଦିନ ଥାଏ ହୋରି ଖେଳ । ସେମାନେ ସମସ୍ତେ ହାତ ଗୋଡ଼ ଧୁଆ ଧୋଇ ହୋଇ ଲୁଗାପଟା ବଦଳେଇ ଆସିଲେ । ଆମେ ସମସ୍ତେ ଠାକୁରଘରେ ବସି ରାଧାକୃଷ୍ଣଙ୍କ ପାଦ ଯୁଗଳରେ ଅବୀର ଲଗେଇ ତା' ପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରସ୍ପର ମଧ୍ୟରେ ଅବୀର ବୋଳି ହେଲୁ । କିନ୍ତୁ ଆକାଶର ମନ ଘରେ ଲାଗୁନଥାଏ । ସେ ଖାଲି ତରତର ହେଉଥାଏ । କେମିତି ଗାଁ ସାହିରେ ଯାଇ ତା' ସାଙ୍ଗ ମାନଙ୍କ ମେଳରେ ହୋରି ଖେଳିବ । ଗୋପବନ୍ଧୁ ଠାକୁରଙ୍କ ପାଖରେ ଲଗେଇଥିବା ଭୋଗ କଦଳୀ, ଫଳ, ଛେନା, ନଡ଼ିଆ, ପିଠା, କ୍ଷୀରି, ମିଠା, ଲହୁଣୀ ଇତ୍ୟାଦି ଆଣି ସମସ୍ତଙ୍କୁ ଖାଇବାକୁ ଦେଲି । ତାହା ସବୁ ଦେଖି ଆମ ଆକାଶର ପୁଅ, ଏଇବା ଆମ ନାତିଟୋକା ସାତ ବରଷର ହେବ । ତା' ମାଆ ନନ୍ଦିନୀକୁ କହିଲା । ମାମା ଏ ସବୁ କ'ଣ ? ତା' ଜେଜେ କହିଲେ "ଆରେ ନାତି ଆଜିପରା ହୋରି ଖେଳ । ପାଞ୍ଚ ଦିନ ପର୍ଯ୍ୟନ୍ତ ଆମେ ମାନେ ସମସ୍ତେ ଏମିତି ଅରୁଆ ଅନ୍ନ, ଡାଲମା, ପୁରି, ଫଳମୂଳ, ଭୋଗ ଆଦି ଖାଇବା । ଗାଁରେ ଦୋଳ ଠାକୁର (ମେଢ଼ରେ ରାଧାକୃଷ୍ଣଙ୍କ ଦୁଇ ପାଖରେ ଦୁଇ ସଖି ଏବଂ ଗାଈର ମୂର୍ତ୍ତି) ବସିବେ । ବାଡ଼ି ଖେଳ, ଓଗାଳ ବୋଲା, ଭଜନ କୀର୍ତ୍ତନ, ଅବୀର ବୋଳା, ଗୋମାତାଙ୍କୁ ପୂଜା କରିବା, ଭୋଜିଭାତ ବଣ୍ଟାକୁଣ୍ଟା ଇତ୍ୟାଦି ହେବ । ଏଇଟା ଆମ ଗୋପାଳମାନଙ୍କର ପୂର୍ବପୁରୁଷରୁ ରହି ଆସିଥିବା ପରମ୍ପରା ଦୋଳ ପର୍ବ । ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଏହି ପର୍ବରେ ସମସ୍ତେ ଗାଁକୁ ଫେରିବେ । ବନ୍ଧୁ ବାନ୍ଧବ ସମସ୍ତେ ଆସନ୍ତି । ପରସ୍ପର ମଧ୍ୟରେ ଭଲ ସଂପର୍କ ସ୍ଥାପନ କରନ୍ତି ।

ନାତି ସବୁ ଶୁଣି ସାରିବା ପରେ କହିଲା ଜେଜେ କିନ୍ତୁ ଦିଲ୍ଲୀରେ ଆମେ ରହୁଥିବା ସୋସାଇଟିରେ ସବୁ ଲୋକମାନେ ହୋଲି ସେଲିବ୍ରେଟ କରନ୍ତି । ଡିଜେ ବଜାଇ ନାଚନ୍ତି । ମୋ ଫ୍ରେଣ୍ଡମାନେ ମୋତେ ରଙ୍ଗ ଲଗାନ୍ତି । ଆଉ ଅଙ୍କଲ ଆଣ୍ଟି ଆସି ପାପା ମାମାଙ୍କ ଉପରେ କଲରଫୁଲ ପାଣି ଢ଼ାଳି ଦିଅନ୍ତି । କିଛି ଲୋକମାନେ ନିଜର କପଡା ଚିରି ଫିଙ୍ଗାଫିଙ୍ଗି କରନ୍ତି ଏବଂ ସମସ୍ତେ ବଡ଼ ପାଟିରେ କୁହନ୍ତି "ହ୍ୟାପି ହୋଲି" । ଶେଷରେ ନାତିଟୋକା କଥା ଶୁଣି ଆମେମାନେ ସମସ୍ତେ ହସି ହସି ମଜା କଲୁ ।

କଇଁଆ, ମଙ୍ଗଳପୁର, ଯାଜପୁର, ଓଡ଼ିଶା, ପିନ୍ ନଂ - ୭୫୫୦୧୧, ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଜୁଳୀ ଓ କଦଳୀ



ଲେଖିକା ଅନାମିକା

ଷ୍ଟେଟବ୍ୟାଙ୍କ ଛକରେ ରାଜୁ ଠେଲାଗାଡ଼ିରେ କଦଳୀ ବିକୁଥିଲା । ବିଜୁଳି ବିଭାଗର ଜଣେ ବରିଷ୍ଠ ଅଫିସର କଦଳୀ କିଣିବାକୁ ଆସିଲେ । ରାଜୁକୁ ପଚାରିଲେ : "କଦଳୀ ଡଜନ କେତେ ଟଙ୍କା ?

ରାଜୁ : କଦଳୀ କ'ଣ ପାଇଁ ନେବେ ଆଜ୍ଞା ?

ଅଫିସର : "ମତଲବ" ??

ରାଜୁ : ମତଲବ କିଛି ନାଇଁ ଆଜ୍ଞା,

ମନ୍ଦିରକୁ ଭୋଗ କରିବାକୁ ନେଲେ ଡଜନ ୧୦ ଟଙ୍କା ।

ବୃଦ୍ଧାଶ୍ରମକୁ ଦେବାକୁ ନେଲେ ଡଜନ ୧୫ ଟଙ୍କା ।

ଛୁଆଙ୍କ ଟିଫିନ ପାଇଁ ନେଲେ ଡଜନ ୨୦ ଟଙ୍କା ।

ଘରେ ଖାଇବା ପାଇଁ ନେଲେ ଡଜନ ୨୫ ଟଙ୍କା ।

ଆଉ ଯଦି ପିକନିକ୍ ପାଇଁ ନେଉଥିବେ ତ ଡଜନ ୩୦ ଟଙ୍କା ।

ଅଫିସର : ୟେ କେମିତି ? ଆରେ, ସବୁ କଦଳୀ ତ ସମାନ ଆଉ ଗୋଟିଏ ପ୍ରକାରର, ଦାମ୍ ଅଲଗା ଅଲଗା କାହିଁକି ??

ରାଜୁ : ୟେ ପଇସା ଅସୁଲ କରିବାର ଷ୍ଟାଇଲ ତ ଆପଣଙ୍କର ଆଜ୍ଞା ।

୧ ରୁ ୧୦୦ ରିଡିଂ ଗୋଟେ ରେଟ୍

୧୦୦ ରୁ ୨୦୦ ରିଡିଂ ପାଇଁ ଆଉ ଗୋଟେ ରେଟ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୨୦୦ ରୁ  ୩୦୦ ରିଡିଂ ପାଇଁ  ଆଉ ଗୋଟେ ରେଟ୍

ୟେ କେମିତି   ? ?

ଆପଣ ବି ତ ସେହି ଗୋଟିଏ ଖୁଣ୍ଟରୁ ବିଜୁଳି ଦେଉଛନ୍ତି ।

କିନ୍ତୁ "ଘର" ପାଇଁ ଗୋଟେ ରେଟ୍

"ଦୋକାନ" ପାଇଁ ଅଲଗା ରେଟ୍

"କାରଖାନା" ପାଇଁ ଆଉ ଗୋଟେ ରେଟ୍

ଏମିତି ଆଉ କେତେ କଣ ଥିବ..... ? ?

ହଁ ଆଜ୍ଞା, ଆଉ ଗୋଟିଏ କଥା

"ମିଟରର ଭଡ଼ା" ।

ମିଟର କଣ ଆମେରିକାରୁ ଆସିଛି ?

୨୫ ବର୍ଷ ହେଲା ଭଡ଼ା ଦେଇ ଆସୁଛି ।

ବାସ୍ତବରେ ତା ଦାମ କେତେ ? ? ଏଇଟା ତ ଅନ୍ତତଃ ମୋତେ କହି ଦିଅନ୍ତୁ  ।

* ବିଜୁଳି ଦରବୃଦ୍ଧିରେ ପୀଡ଼ିତ ଜଣେ ଉପଭୋକ୍ତାର ବ୍ୟଥା *

“ଆମେ ସବୁ ଭକୁଆ ବୋଲି ସବୁ ସହୁଛୁ  ।”

Lekhika nka nama ajana

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

। ।୧୭ଶ ଦୃଶ୍ୟ । ।

(ଅମରେନ୍ଦ୍ର ଚୁଧୁରୀ ନିଜ ବୈଠକ ଘରେ ଚେୟାରରେ ବସି ପେପର ପଢୁଥାନ୍ତି । ନିରଞ୍ଜନ ତାଙ୍କ ଗୋଡ ଘଷି ଦେଉଥାଏ ।)

ଅମରେନ୍ଦ୍ର- କିରେ କଥା କଣ ଆଜି ସକାଳୁ ସକାଳୁ କାହିଁକି ମୋ ଗୋଡ଼ ଘଷିଲୁଣି ?

ନିର- ବାବୁ.. !

ଅମ- କଣ କିଛି କହିବୁ ?

ନିର- ଛୋଟ ମୁହଁରେ ବଡ଼ କଥା ବାବୁ, ଆପଣଙ୍କୁ ବିଶ୍ୱାସ ହେବ କି ନାଁ....

ଅମ- ଏତେ ଆଉ ଭେଳିକି ଦେଖାନି । ମୁଁ ଜାଣେ ୫-୬ ମାସ ହେବ ତୁ ତୋ ଘରକୁ ଯାଇନାହୁଁ । ଛୁଟିନେଇ ଘରକୁ ଯିବାପାଇଁ ମୋତେ ସକାଳୁ ସକାଳୁ ମାଲିସ କରୁଛୁ ନୁହେଁ ?

ନିର- ନା ବାବୁ ସେକଥା ନୁହେଁ । ଘରକୁ ଯିବା କଥା ହେଲେ ମୁଁ ତ ଡାଇରେକ୍ଟ କହିଦିଏ । କିହୋ କାମ କଲି ବୋଲି ମୋର କଣ ଆଉ ଘର ସଂସାର ନାହିଁ ?

ଅମ- କିଏ ମନା କଲା ? ମୋର ଯେମିତି ଘର ସଂସାର ଅଛି ତୋର ମଧ୍ୟ ସେମିତି ଅଛି । ହଉ ଯଦି ଘରକୁ ଯିବାର ନାହିଁ ଆଉ କଣ ଟଙ୍କା ନେବୁ ?

ନିର- ନା

ଅମ- ତାହେଲେ ଆଉ କଣ କହିବୁ ମୋତେ ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର- ବାବୁ... ! କଥା କଣ କି..... !

ଅମ- କିରେ ଏମିତି ଥଙ୍ଗମଙ୍ଗ ହେଉଛୁ କାହିଁକି ? ତୁ ତ ଯାହା କହିବା କଥା ଡାଇରେକ୍ଟ କହୁ ବୋଲି ଆଉଟିକେ ପୂର୍ବରୁ ଜଣାଇଲୁ ।

ନିର - ହଁ ଯେ କାଳେ ଆପଣ ଖରାପ ଭାବିବେ..... ?

ଅମ- ହଉ ତୁ କଣ କହୁଛୁ କହ । ଯଦି ଖରାପ ଭାବିବା ଭଳି କଥା ହୋଇଥିବ ତାହେଲେ ହୁଏତ...

ନିର- କଥା କଣ କି ବାବୁ...

ଅମ- ଖାଲି ଏମିତି ବାବୁ ବାବୁ ହେଉଥିବୁ ନା ମୂଳ କଥାଟା ଜଣାଇବୁ ?

ନିର- କାଲି ରାତିରେ ଯାହାସବୁ ଦେଖିଲି ଶୁଣିଲି ମୁଁ ଚାକର ବାକର ଲୋକ ବୋଲି ସିନା ବରଦାସ୍ତ କରିଗଲି ନହେଲେ ଆପଣ ହୋଇଥିଲେ...

ଅମ- କିରେ କାଲି ରାତିରେ କଣ ଦେଖିଲୁ ? କଣ ଶୁଣିଲୁ ?

ନିର- ଶୁଣିଲେ ଆପଣ ମୋ ଉପରେ ବିଗିଡି ଯିବେନି ତ ?

ଅମ- ଓଃ ତୁ କେତେ ବୁଲେଇ ବଙ୍କେଇ ହେଉଛୁ । ଯାହା କହିବାର କଥା ସ୍ୱଷ୍ଟ କହ ?

ନିର- କାଲି ରାତିରେ.....      (ଫ୍ଲାସ ବେକ)

(ନିର ଚେୟାରରେ ବିସି ଢୁଳାଉଥାଏ । ମଶାଟିଏ କାମୁଡି ଦେବାରୁ ନିଜ ଗାଲରେ ଚାପୁଡ଼ା ମାରି କହିଉଠେ) ଓଃ ଏ ଅଭଦ୍ର ମଶା ଟିକେ ବସେଇ ଉଠେଇ ଦେବେନି । ଟିକେ ଯଦି ଆଖି ଲାଗିଗଲା ସବୁ ରକତ ଶୋଷିନେବେ । କେତେ ବେଳଯାଏ ମଣିଷ ଏମିତି ଢୁଳଉ ଥିବ କହିଲ ? ସାନ ବାବୁ ଥାନାରୁ ନ ଆସିବା ଯାଏ ଗେଟରେ ଚାବି ଲଗେଇବ କିଏ ? ଭଲା ଗୋଟେ ପୋଲିସ ଚାକିରୀ କରିଛନ୍ତି ଯେ ବେଳ ନାହିଁ ଉବେଳ ନାହିଁ ସବୁବେଳେ ଖାଲି ଡିୟୁଟି । କିହୋ ଚାକିରୀ କଲ ବୋଲି କଣ ରାତି ଦିନ କିଛି ମାନିବନି । ତୁମେ ଏକା ଚାକିରୀ କରିଛ ନା ଆଉ କେହି କରିଛନ୍ତି ? ସାନ ବାବୁଙ୍କୁ ସେଇଦିନୁ ଡାଇରେକ୍ଟ କହୁଛି ଏ ପୋଲିସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାକିରୀ ଆଦୌ ଭଲ ନୁହେଁ । ସେ କଣ ମୋ କଥା ଶୁଣିଲେ ନା ମାନିଲେ । ଯେସାକୁ ତେସା ଡାଇରେକ୍ଟ ମୋ ଉପରେ ପଡିଛି ଦଶା । (ହଠାତ କଲିଂ ବେଲ ବାଜିଉଠେ) ଏଇ ସାନ ବାବୁ ଆସିଗଲେଣି ନା କଣ ? (ପ୍ରବେଶ ଦ୍ୱାରକୁ ଯାଇ) ଆସ, ଆସ ସାନ ବାବୁ... (ପ୍ରବେଶ ଦ୍ୱାର ପାଖେ ସମ୍ବିତ ଠିଆ ହୋଇଥାଏ) ଆରେ ଶମ୍ଭୁ ବାବୁ... ତୁମେ ଏତେ ରାତିରେ... ?

ସମ୍ବିତ- ସମସ୍ତେ କଣ ଶୋଇ ପଡିଲେଣି ନିର ମଉସା ?

ନିର- ମୁଁ ତ ଜଗି ରହିଛି କୁହ କଥା କଣ ?

ସମ୍ବିତ- ଶ୍ରାବଣୀ କଣ ଶୋଇ ପଡ଼ିଲାଣି ?

ନିର- କିଏ ବୋହୁ ମା' ?

ସମ୍ବିତ- ହଁ

ନିର- ନା ଚାହିଁଥିବେ ବୋଧେ । ତୁମେ ଥୟ ଧର ମୁଁ ଡାକି ଦେଉଛି । ବୋହୂମା' ବୋହୂମା'... (ଡାକି ଡାକି ପ୍ରସ୍ଥାନ)

ଶ୍ରାବଣୀ- (ପ୍ରବେଶି) ଆରେ ସମ୍ବିତ ! ତୁମେ କେତେବେଳୁ ଆସିଲଣି ?

ସମ୍ବିତ- ଏଇ ଟିକେ ପୂର୍ବରୁ । ଏତେ ରାତିରେ କଣପାଇଁ ଏଠିକୁ ଆସିଛି ତୁମେ ମୋତେ ଦେଖି ଆଶ୍ଚର୍ଯ୍ୟ ହେଉଥିବ ନିଶ୍ଚୟ । ସେମିତି କିଛି ଜରୁରୀ କଥା ହୋଇନଥିଲେ ଅସମୟରେ ଆସିବାକୁ ବାଧ୍ୟ ହୋଇନଥାନ୍ତି ।

ଶ୍ରାବଣୀ- ଜରୁରୀ କଥା ? ତା ମାନେ ବୋଉର ଦେହ ପା' ଭଲ ଅଛିତ ?

ସମ୍ବିତ- ବୋଉ ଠିକ ଅଛି । ତୁମେ ତା' କଥା ଆଦୌ ଚିନ୍ତା କରନି । କିନ୍ତୁ ଆମକୁ ସେ ବଦମାସ ବିକ୍ରମକୁ କାବୁ କରିବାକୁ ହେବ । ମୁଁ ଗୁପ୍ତଭବେ ଶୁଣିଛି ବିକ୍ରମ ଆଜି ରାତିରେ ପୁଣି ଜଣେ ଝିଅର ଜୀବନ ନଷ୍ଟ କରିବାକୁ ଡିଭିଡିଏନ ଆଡ୍ଡାକୁ ଆଣୁଛି । ଯେମିତି ହେଉ ସେ ନିରୀହ ଝିଅଟିର ଜୀବନ ରକ୍ଷା କରି ଆମକୁ ବିକ୍ରମର ଆସଲ ଚେହେରା ସମସ୍ତଙ୍କ ସମ୍ମୁଖରେ ଏକ୍ସପୋଜ କରିବାକୁ ହେବ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେଥିପାଇଁ ପୂର୍ବ ପ୍ରସ୍ତୁତି ଆବଶ୍ୟକ ।

ଶ୍ରାବଣୀ- ହଁ ତାହାତ ଠିକ, ହେଲେ ଅସିତ ଏବେ ଏବେ ଥାନାରୁ ଫେରୁଥିବେ କଣ କରିବି କିଛି ବୁଦ୍ଧି ବାଟ ଦେଖାଯାଉ ନାହିଁ । ସେ ଯେମିତି ନ ଜାଣି ପାରିବେ ସେଥିପାଇଁ ତୁମେ କିଛି ବାଟ ବତାଅ ।

ସମ୍ବିତ- ନା ମୁଁ ତୁମ ଫେମିଲି ମେଟର ଭିତରେ ମୁଣ୍ଡ ପୂରେଇ ପାରିବି ନାହିଁ । ପ୍ଲିଜ ମୋତେ ତାହେଲେ ଏକାକୀ ଯିବାକୁ ଦିଅ ।

ଶ୍ରାବଣୀ- ନା ସମ୍ବିତ ସେଭଳି ଜଟିଳ ପରିସ୍ଥିତିକୁ ଏକା ଏକା ମୁକାବିଲା କରିବାକୁ ମୁଁ ତୁମକୁ ଅନୁମତି ଦେଇ ପାରିବି ନାହିଁ ।

ସମ୍ବିତ- ଆଉ କିଛି ଉପାୟ ନାହିଁ ଶ୍ରାବଣୀ ।

ଶ୍ରାବଣୀ- ମୁଁ ମଧ୍ୟ ତୁମ ସହିତ ଯିବି ।

ସମ୍ବିତ- ହ୍ୱାଟ ନନସେନ୍ସ । ତୁମେ କଣ କହୁଛ ନିଜେ ଭାବି ପାରୁଛ ତ ? ହୁଏତ ଆଉ ଅଳ୍ପ ସମୟ ପରେ ଅସିତ ଆସିଯିବେ । ତୁମେ ଘରେ ନାହଁ ବୋଲି ସେ ଯେତେବେଳେ ଜାଣିବେ ପରିସ୍ଥିତି କଣ ହେବ ଜାଣିଛ ?

ଶ୍ରାବଣୀ- ଗୋଟେ ପ୍ଲାନ କଲେ ମୁଁ ଏଠାରୁ ଅତି ସହଜରେ ଯାଇ ପାରିବି ।

ସମ୍ବିତ- ପ୍ଲାନ ?

ଶ୍ରାବଣୀ- ଶୁଣ (କାନ ପାଖେ ଚୁପ ଚୁପ କିଛି କହେ)

ସମ୍ବିତ- ନା ଶ୍ରାବଣୀ ବୋଉ ନା ରେ ଏତେବଡ଼ ମିଛ କଥା କହିବା ମହାପାପ ।

ଶ୍ରାବଣୀ- କାର୍ଯ୍ୟ ସିଦ୍ଧି ପାଇଁ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗଧର ପାଦ ଧରିଥିଲେ ।

ସମ୍ବିତ- ତାମାନେ... ?

ଶ୍ରାବଣୀ- ଆଉ କିଛି ଉପାୟ ନାହିଁ ।

ସମ୍ବିତ- ଠିକ ଅଛି, ତେବେ ରେଡି ହୋଇଯାଅ । । (ଅନ୍ଧାର)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ଫ୍ଲାସ ବେକ ସମାପ୍ତ)

(ପୁନଃ ମଞ୍ଚରେ ଅମରେନ୍ଦ୍ର ଓ ଚାକର ନିରଞ୍ଜନ)

ଅମ- ଆରେ ନିର ! ରାତିରେ ତୁ କୌଣସି ଦୁଃସପ୍ନ ଦେଖିଛୁ କି ?

ନିର- ଆଖିରେ ଦେଖିଥିବା ସତ କଥାକୁ ଆପଣ ସ୍ୱପ୍ନ କହୁଛନ୍ତି ବଡ଼ ବାବୁ ?

ଏତେ ସମୟ ଧରି ଜଣେ ପୁରୁଷ ଜଣେ ନାରୀ ସହିତ ଗୋଟେ ଘରେ ରହିବେ, ଅଥଚ ଆପଣ କହୁଛନ୍ତି....

ଅମ- ଚୁପକର ଚୁପକର ଯା ବାହାରି ଯା ମୋ ସମ୍ମୁଖରୁ । (ନିର ନିରୀହ ଅବସ୍ଥାରେ ଚାଲିଯାଏ ।) ଷ୍ଟୁପିଡ଼ କୋଉଠିକାର । ମୋ ଦେବୀ ସମାନ ବୋହୂ ଉପରେ ତୁଚ୍ଛାଟାରେ କଳଙ୍କ ବୋଲୁଛି ? ଯିଏ ମୋ ଘରର ଲକ୍ଷ୍ମୀ ପ୍ରତିମା ତା ଉପରେ କଳଙ୍କର ଛିଟା ଲଗାଉଛି । ନା ମୁଁ ଏହା କେବେ ବରଦାସ୍ତ କରିବି ନାହିଁ । ଆଜିରେ ଏ ଶଳା ନିରଞ୍ଜନକୁ ଘରୁ ବାହାର କରିବି । ନିର ଏ ନିର

(ଡାକି ଡାକି ପ୍ରସ୍ଥାନ)

(ମଞ୍ଚ ଅନ୍ଧାର)

କ୍ରମଶଃ............

email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

କବିଙ୍କ ଅସୁସ୍ଥତା ହେତୁ ଏହି କାବ୍ୟଲେଖର ଚଳିତ ମାସର ଅଂଶ ପ୍ରକାଶିତ ହୋଇ ପାରୁନାହିଁ ।

ଆହ୍ୱାନ ଇ-ପତ୍ରିକା କବିଙ୍କ ଆଶୁ ଆରୋଗ୍ୟ କାମନା କରୁଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାର୍ଗଶୀର ଗୁରୁବାର



ଶିବ ନାରାୟଣ ଦାଶ

(୧)

ମଗୁଶୀର ମାସ ଗୁରୁବାର ଆଜି ପଡଇ ମନେ,
ଅଭୁଲା କଥା ସେ ବିତାଇଅଛି ଯା ମୋ ପିଲାଦିନେ ।
ହାଡଭଙ୍ଗା ଶୀତେ ଅଳସ ପହଡ଼ ସହଳ ଭାଜି,
ରାତି ନ ପାହୁଣୁ ବୋଉ ଉଠେ ମୋର ବିଛଣା ତେଜି ।
ଉଛୁର ନ କରି ନୀତି କାମ ତାର ବେଏଗେ ସାରି,
ଗାଧୋଇ ପାଧୋଇ ଠାକୁରଙ୍କ ପାଖେ ମୁଣ୍ଡିଆ ମାରି ।
ବୋଉ ଚାଲିଯାଏ ଫୁଲର ଚାଙ୍ଗୁଡ଼ି ହାତରେ ଧରି,
ହରରଙ୍ଗୀ ଫୁଲ ବାଡ଼ି ବଗିଚାରୁ ଆଣଇ ଭରି ।

(୨)

ଗୋବର ପାଣିରେ ଲିପା ପୋଛା କରି ଘର ଅଗଣା,
ମୁରୁଜ ପକାଇ ଆଙ୍କିଦିଏ କେତେ ଝୋଟି-ଗହଣା ।
ଆଙ୍କିଦିଏ ପୁଣି ଅତି କମନୀୟ ଲକ୍ଷିମୀ ପାଦ,
"ମା" ଯେ ଆସିବେ ଲକ୍ଷୀବନ୍ତ କରି ଆମରି ଘର ।
କଳସ ସଜାଇ ଧାନ ମୁଠି ଥୋଇ ମା'ଙ୍କ ପାଖେ,
ଧୂପ, ଦୀପ ଦେଇ ବ୍ୟାକୁଳ ହୃଦୟେ ଆକୁଳେ ଡାକେ ।
ଝୁଣା-ଧୂଆଁ ଦେଇ ବୋଉ ପଢେ ପୁଣି ଲକ୍ଷ୍ମୀ ପୁରାଣ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିଜା ଭିଜା କଣ୍ଠେ ଭକତିରେ ଭରି ତା' ମନ, ପ୍ରାଣ ।

(୩)

ଶ୍ରୀୟା ଚଣ୍ଡାଳୁଣୀ କଥା ପଢୁ ପଢୁ କାନ୍ଦଇ ବୋଉ,
ଝରି ପଡୁଥାଏ ଆଖିରୁ ତାହାର ଲୁହର ଢେଉ ।
ପଢା ସରିଗଲେ ନଇଁ ପଡି ବୋଉ ମୁଣ୍ଡିଆ ମାରେ,
ଓଢଣୀ ମଥାରେ ଯୋଡ-ହାତ ହୋଇ ଭକତି ଭରେ ।
ବୋଉକୁ ଦେଖି ମୁଁ ଲକ୍ଷ୍ମୀ ଠାକୁରାଣୀ ଚରଣ ତଳେ,
ଲୋଟିପଡି ଯେବେ କୁନି ହାତ ଯୋଡି ପ୍ରଣାମ କରେ,
ମଥାରେ ମୋହର ବୁଲାଇ ତା' ହାତ ସେନେହ ଭରେ,
କାନ୍ଦି କାନ୍ଦି ବୋଉ ମା'ଙ୍କ ପାଖରେ ଗୁହାରି କରେ -
"ବାବୁଲିଟା ମୋ'ର ମୋତେ ଛାଡି ପରା ଯାଇଛି ଚାଲି,
ଜାଣିଛି କେବେ ସେ ଆସିବନି ଆଉ ପାଖକୁ ଫେରି ।
ଏଇ ବକଟେକୁ ରଖିବୁ ଆଗୁଳି ହୋଇବୁ ସାହା,
ମୋ ମୁଣ୍ଡରେ ଦେବୁ କଷଣ, ବିପଦ ଦେବାକୁ ଯାହା" ।

(୪)

ବୋଉ ରାନ୍ଧେ ପୁଣି ଭୋଗ ରାଗ କେତେ କରି ଯତନ,
ଅତି ସୁଆଦିଆ ପିଠାପଣା କେତେ ଦରବ ମାନ ।
ମହକରେ ଭରା ଆରିଷା, କାକରା ଘିଅରେ ଛଣା,
ଦହି, ଗୁଡ, ଛେନା, କଦଳୀ ଚକଟି କରଇ ପଣା ।
ଲକ୍ଷ୍ମୀ ଠାକୁରାଣୀ ଚରଣରେ ଭେଟି ପ୍ରଣତି ବାଢି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖଜୁରୀ ଗୁଡର ବହଳିଆ ମିଠା ଅରୁଆ ଖିରି ।
ଧୂପ, ଦୀପ, ଝୁଣା, ଭୋଗ ବାସନାରେ ଘରଟି ମୋର,
ଲାଗଇ ଯେପରି ବୋଉର ମନ୍ଦିର ସରଗପୁର ।
ଶେଷ ଗୁରୁବାର ମାଣ ପୁରି ଯେବେ ଆସଇ ଘରେ,
ଘରଟି ଆମର ଉତ୍ସବ ମୁଖର ଆନନ୍ଦେ ଭରେ ।
କୁନି କୁନି ମୋର ସାଙ୍ଗ ସାଥି ଆସି କରନ୍ତି ଖେଳ,
ମା, ମାଉସିଏ, ଖୁଡି, ଆଇବୁଢ଼ୀ ହୁଅନ୍ତି ଠୁଳ ।
ପିଠା ପଣା ସାଥେ ବୋଉ ରାନ୍ଧିଥାଏ ଖେଚୁଡ଼ି, ଖଟା,
ଘାଣ୍ଟ ତରକାରୀ, ଶାଗ-ବଡି ଦେଇ ବେସର ବଟା ।
କଦଳୀ ପତର ପକାଇ ସଭିଏଁ ହରଷ ମନେ,
ପାଆନ୍ତି ପ୍ରସାଦ ଅମୃତ ସମାନ ଲାଗଇ ଯେନହେ ।

(୫)

ସମୟର ସାଥେ ଜୀବନର ଚକ ଯାଇଛି ଗଡି,
ଅତି ଆପଣାର ଜନମ ଭୂଇଁ ମୋ ଆସିଛି ଛାଡି ।
ପ୍ରବାସୀ ସହରେ ଜୀବନ-ଜୀବିକା ବଡ ଦରବ,
ଜଣା ପଡେ ନାହିଁ ଆସେ କେବେ କେଉଁ ଓଷା ପରବ ।
ହାଡଭଙ୍ଗା ଶୀତେ ସହରଟା ଯେବେ ଉଠଇ ଥରି,
ମନେପଡିଯାଏ ବୋଉ କୋଳ-ପଶା ଉଷୁମ ଭାରି ।
ମନେପଡେ ପୁଣି ମଗୁଶୀର ମାସ ଆସିଲା ବୋଲି,
ଗୁରୁବାର ହେଲେ ଲକ୍ଷ୍ମୀ ଠାକୁରାଣୀ ଦିଶନ୍ତି ଖାଲି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସହରେ ଲୋକଙ୍କ ଟଙ୍କା ପଇସାର ନାହିଁ ଅଭାବ,

ମନଟା ତାଙ୍କର ଜାଣେନା କାହିଁକି ଏତେ ଗରିବ ।

ସୁନା, ରୂପ, ଧନ ନ ଥିଲା ତ କିଛି ମୋ ବୋଉ ପାଖେ,

ସଭିଙ୍କ ପାଇଁ ତା' ହୃଦୟରେ ଥିଲା ସେନେହ କେତେ ।

(୬)

କୋଉ କାଳୁ ବୋଉ ଗଲାଣି ଯେ ଚାଲି ଆମକୁ ଛାଡି,

ମଗୁଶୀର ମାସ ଗୁରୁବାରେ ଦିଶେ ତା' ମୁହଁ ଛବି ।

ପ୍ରବାସେ ଥାଇ ମୁଁ ପ୍ରଣମି ମା'ଙ୍କୁ ଭକତି ଭରେ,

ଜଣାଏ ମୋହର ଅନ୍ତର ଆକୁତି ଆକୁଳ ସୁରେ -

"ଲକ୍ଷ୍ମୀ ସାଆନ୍ତାଣୀ ! ତୁମେ ପରା ତା'ର ଅଗତି ଗତି,

କୃପା ଡୋରେ ତୁମ, ବୋଉକୁ ମୋହର ରଖିବ ବାନ୍ଧି ।

ଜନମେ ଜନମେ ବୋଉ ପରା ମୋ'ର ତୁମରି ଦାସୀ,

ଯେଉଁଠି ବି ଥାଉ ଗୁରୁବାର ଓଷା କରିବ ବସି ।

ମଗୁଶୀର ମାସ ଗୁରୁବାର ତୁମ ହେବନି ଊଣା,


ତୁମରି ଝିଅ ସେ, ଲକ୍ଷ୍ମୀ ଠାକୁରାଣୀ ତୁମକୁ ଜଣା" ।

ଅବସରପ୍ରାପ୍ତ ମହା ପ୍ରବନ୍ଧକ (ବିତ୍ତ)
ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍ - ନୂଆ ଦିଲ୍ଲୀ
ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁବର୍ଣ୍ଣ ଶିଶୁ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୧)

ଆତ୍ମାର ଜୟଯାତ୍ରା ପଥେ
ନିୟତିର ନୀତିବଳେ ପ୍ରକୃତିର କୋଳେ
ଜନମିଛି ଶିଶୁ ଏକ ଶୁଭଙ୍କରୀ
ପାର୍ଥିବ ତା" କଳେବର ଧରି
ପୂର୍ଣ୍ଣତିଥି ପୁଣ୍ୟ ଊଷାକାଳେ
ବିଦୀର୍ଣ୍ଣ କରି ବୀଭତ୍ସ
ତମିସ୍ରାର ଜଡ଼ ଗର୍ଭଗୃହ,
ଚିନ୍ମୟ ସତ୍ୟର ସୂର୍ଯ୍ୟ
ହୃଦୟେ ପ୍ରୋଥିତ କରି ଅମୃତର ତପ
ଅଲୋକ ସମ୍ଭବା ସେ' ଯେ
ଶାଶ୍ୱତର ଆଲୋକ ଦିଶାରୀ
ଉଦ୍ଭାସିତ କରି ବିଶ୍ୱ ମୋହିତ ହୃଦୟ
ଜନ୍ମ ଯା'ର ଜଗତକୁ କରି ଆଲିଙ୍ଗନ
ଉଲ୍ଲସିତ ମହାନନ୍ଦମୟ ।

(୨)

ହସିଲା ସେ ହସାଇବାପାଇଁ
ଜୀବନର କ୍ରନ୍ଦସୀ ରଜନୀ ଯେତେ
ଢାଳୁଥିଲେ ବ୍ୟଥା ଆଉ ବେଦନାର
କ୍ଲେଦସିକ୍ତ ଅବାରିତ ଅଶ୍ରୁ
ମୋହ ମୁଗ୍ଧ ବିକଳ ବୀକ୍ଷଣେ,
ବନ୍ଧନର ବିତ୍ରସ୍ତ ଜୀବନ
ବଂଚୁଥିଲେ ଅଜ୍ଞାନରେ ଅନ୍ଧ ହୋଇ
ଅହମିକା ଲୁବ୍ଧ ବଡ଼ପଣେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୁଲିଯାଇ ଆତ୍ମଚିନ୍ତା
ଜୀବନର ଦିବ୍ୟ ଅଭିସାର
ମିଥ୍ୟାକୁ ସତ୍ୟର ରୂପେ ଅବଲୋକି
ମୃଣ୍ମୟ ଭଙ୍ଗୁର ଯେତେ ପତିତ ଆଧାରେ
ପୂର୍ଣ୍ଣକରି କାମନାର ତିକ୍ତ ହଳାହଳ,
ତାଙ୍କୁ ସେହି ସୁବର୍ଣ୍ଣ ଶିଶୁଟି
ହସର ହିରଣ୍ୟ ଗର୍ଭୁ
ଦେଖାଇଲା ଜନ୍ମ ମୃତ୍ୟୁ ଅବଗାହୀ ଜୀବ
ଏ ଦେହର ମହାକାଳ କବଳିତ ପଥେ
ଆତ୍ମା ଆମ ଦିବ୍ୟତନୁ ଲାଭେ

(୩)

ସତ୍ୟର ଉନ୍ମେଷ କରି
କୃପାଘନ ଚେତନା ଉନମୁଖେ
ଆମପାଇଁ ସଞ୍ଚିଅଛି ଅମୃତର ଫଳ ।
ଆମେ କିମ୍ବା ଆତ୍ମମଗ୍ନ ହେବାନାହିଁ
ପୋଛିଦେବାପାଇଁ ଯେତେ
ଆମ ମନୁଁ ଆସକ୍ତିର ଅବଲେପ
ବାସନାର ବିଷାକ୍ତ ପ୍ରଲେପ
ଅବଗାହି ଆତ୍ମ ବାରିଧିରେ,
ଦିବ୍ୟ ବିଭୁତିରେ କିମ୍ବା
ବିଭୂଷିତ ହେବାନାହିଁ ଆମେ
ଚୂର୍ଣ୍ଣ କିମ୍ବା କରିଦେବାନାହିଁ
ମୋହ ଅହମିକା ଦୁର୍ଗ
ଚୈତନ୍ୟର ମୁଦ୍ଗର ପ୍ରହାରେ !
ତା'ହେଲେ ଅରୁଣୋଦୟ
ଜ୍ୟୋତିର୍ମୟ ସୁବର୍ଣ୍ଣ ସକାଳେ
ଆନନ୍ଦରେ ହୋଇ ଉଲ୍ଲସିତ
ନେବା ଆମେ ଶେଷଜନ୍ମ ଉଷାର ଗରଭୁଁ
ସୁବର୍ଣ୍ଣର ଶିଶୁପରି
ଚୈତନ୍ୟର ଆଲୋକ ବିସ୍ତାରେ,
ପାର୍ଥିବର ପଦଧ୍ୱନି ଆମ
ଜୀବନର ପୂର୍ଣ୍ଣଛନ୍ଦ ମନ୍ଦ ନିକ୍ୱଣରେ
ଓଁ କାରର ତାଳ ଲୟେ
ସଘନେ ଉଠିବ ବାଜି
ଅମୃତର ମହାସଂଗୀତରେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୀମାହୀନ ତମ ମନ



ଡା ନୀଳମାଧବ କର

ନୂଆ ଜୀବନର
ପ୍ରଥମ ଜନ୍ମଦିନରେ
ତମ ପାଇଁ
ତମ ସ୍ୱପ୍ନର ଘର
ସଜଉଛି ମୁଁ
ମୋ ହୃଦୟରେ ।

.

ସେ ଘରର ଝରକାରୁ
ଊଂକିମାରି ଦେଖୁଛି ମୁଁ
ତମ ମନର ରଂଗରେ ରଂଗା
ଆକାଶ ପରେ ଆକାଶ
ଦିଗବଳୟ, ଓ ତା ଆରପଟ
ବିଚିତ୍ର ଏ କୁହୁକ ଦୁନିଆ

.

ପରଦା ପଛରୁ
ତମ ନିଶ୍ୱାସରେ
ଅନୁଭବ କରୁଛି ମୁଁ
ତମ ନିବେଦନ, ତମ ଇଚ୍ଛା,
ତମ ଉତ୍ସାହ –
ଉଡିବାକୁ,
ଉଡ଼େଇବାକୁ ମୋତେ
ଲଂଘିବାକୁ ପୃଥିବୀର ମାୟା ମୋହ
ଭାଂଗିବାକୁ ଯେତେକ ବନ୍ଧନ ଏଠି
ଜୀବନର -

.

ଜିତିବାକୁ ସକଳ ବ୍ରହ୍ମାଣ୍ଡ
ତମ ପାଇଁ
ମୋ ପାଇଁ

ଓଲଭରହାମ୍ପଟନ, ୟୁକେ, nmadhab@yahoo.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାଙ୍ଗୁଛି ସ୍ୱପ୍ନ



ଦୁଷ୍ମନ୍ତ ବେହେରା

ମୁଁ ହତ ଭାଗା ମୋ ସହ
ଭାଗ୍ୟ ଖେଳି ଖେଳି ହସି
ଦେଉଛି ସ୍ୱପ୍ନ  ! !

ଯାହର ଚିରି ଯାଇଛି ମନ ତଳ
ପୁରୁଣା ପୁଷ୍ଠା କି ଯୋଡି
ପାରିବ ସ୍ୱପ୍ନ  ! !

ଅନେକ ଅବଶୋଷ ରେ ବୁଡି
ଯାଉଛି ମୋ ଶୋଷ ଆଶା
ଦରଦ ସ୍ୱପ୍ନ  ! !

କିଏ ମୋ ଦୁଃଖ ଶୁଣିବ ଯାହାକୁ
କହିଲେ ସେ ହସି ଦେଇ କହେ
ଏ ଭଙ୍ଗା ସ୍ୱପ୍ନ  ! !

ସମୟ କୁ ଦେଖି କହିଲି କଥା ପଦେ
ତୋ"ର ସମୟ ଅଛି ବୋଲି
ଭାଙ୍ଗୁଛି ସ୍ୱପ୍ନ  ! !

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୭୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ ସମଲେଶ୍ୱରୀ



ଶଙ୍କର ବିଶ୍ୱାଳ

ସମ୍ବଲପୁରରେ ବାସକଲୁ
ତୁହିଁ ବୁଢି ଠାକୁରାଣୀ ,
ସମଲେଇ ନାମେ ତତେ
ସର୍ଭିଏ ଲୋ ଜାଣି ।

ଲଙ୍କାଗଡ଼ୁତୁ ଅପମାନ ସହି
ଆସିଲୁ ତୁ ମାଁ ସମଲେଇ ,
ଓଡିଶା ରାଜ୍ୟେ ଅବସ୍ଥାନ କଲୁ
ରଖିଲୁ ଶ୍ରଦ୍ଧା ଘଣ୍ଟ ଘୋଡୋଇ ।

ଦୀପାବଳୀ, ଦଶହରା
ଅନ୍ୟ ପାର୍ବଣ ଯେ ତୋର ,
ଆରାଧନା ଭୋଗ ଦେଇ ମାଗୋ
ଆଶିଷ ପାଆନ୍ତି ତୋର ।

ସମ୍ବଲପୁରର ଅଧିଷ୍ଠାତା ଦେବୀ
ସମଲପୁରରେ ରହିଲୁ ,
ସମ୍ବଲପୁରରେ କୋଶଳି ମାନଙ୍କୁ
ଶ୍ରଦ୍ଧା, ଆଶୀର୍ବାଦ ଯେ ଦେଲୁ ।

ତୋ କରୁଣା ପାଇଲେ ମାଗୋ
ଏ ହୃଦୟ ମୋ ଶାନ୍ତି ,
ତୋପରି ନାମରେ ସମଲେଇ ମାଗେ
ଦୁନିଆରେ କେହି ନାହାନ୍ତି ।

ଗୁଡ଼ିଆଳୀ, କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ-୬୩୭୨୨୬୯୯୬୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିଲ ଦେଖି



ଅମରନାଥ ବାରିକ

କଞ୍ଚା ବେଳେ ତରକାରୀ ମୁଁ ହୁଏ
ପାଚିଲେ ଭକତ ମନ୍ଦିର ନିଏ
ପ୍ରତ୍ୟେକ ପୂଜାକୁ ମୁଁ ଆଗ ଯାଏ
ହଳଦିଆ ଚୋପା ଭିତରେ ଥାଏ
ଛଡ଼େଇଲେ ମତେ ସହଜେ ପାଏ
କହିକି ପାରିବ ମୋ ନାମ କିଏ ?
( ଉ: କଦଳୀ )

ତିନୋଟି କଣ୍ଟାରେ ଖେଳ ମୁଁ କରେ
ଏକ ଠାରୁ ବାର ଯାଏଁ ମୁଁ ଘୁରେ
ଥାଏ କେବେ ମୁହିଁ କାହା ହାତରେ
ପୁଣି କେବେ ଟଙ୍ଗା ହୁଏ କାନ୍ଥରେ
ଟିକ୍ ଟିକ୍ ମୋର ଶବଦ କରେ
କହି ଦିଅ ତେବେ ମୋ ନାମଟି ରେ ?
( ଉ: ଘଡ଼ି )

ବସନ୍ତ ଋତୁରେ ମୋ କୁହୁ ଭାସେ
ମୋ ତାନରେ ସାରା ଜଙ୍ଗଲ ହସେ
ମୋ ରୂପଟି କଳା ଉଡ଼େ ଆକାଶେ
ଆମ୍ବ ବଉଳିଲେ ମୁଁ ଡାଳେ ବସେ
ଋତୁରାଜା ସହ ମୁଁ ପରା ଆସେ
କହି ପାରିବ ମୋ ନାଆଁ କିଏ ସେ ?
( ଉ: କୋଇଲି )

ମୋ ଦେହରେ ଥାଏ ଦୁଇଟି ଚକ
ବିନା ତେଲରେ ମୁଁ ଚାଲେ ଅନେକ
ପେଡଲ ମାରିଣ ଚଳାନ୍ତି ଲୋକ
ଘଣ୍ଟି ଟିଙ୍ଗ୍ ଟିଙ୍ଗ୍ କରେ ଚାଳକ
ସାଇତିଲେ ରୁହେ ଜୀବନ ଯାକ
କୁହ ମୋର ନାମ କିସ ବାଳକ ?
( ଉ: ସାଇକେଲ )

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦୟର ଭାଷା



ବିଶ୍ୱନାଥ ଭୁଏ

ଚଉଦିଗେ ସତେ ହୃଦୟର ଭାଷା
ବିନା ମେଘେ କରେ ଭାବର ବରଷା
ବୋଧଗମ୍ୟତାର ଯେତେ ସବୁ ଆଶା
ପୂର୍ଣ୍ଣେ ସଂପର୍କ ବାନ୍ଧେ ଏକ ବସା..... !

ଚହଲି ଯାଏ ସୁଗନ୍ଧିତ ବାସ
ମନ ଭିତରେ ନ ଥିଲେ ବି ନାସା
ଅପେକ୍ଷାର ସବୁ ଅନ୍ତ ହୋଇ
ମିଳିଯାଏ କେତେ ହୃଦୟୁ ପ୍ରଶଂସା..... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼,ମୋ- ୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭିମାନ



ପୁଷ୍ପାଞ୍ଜଳୀ ପଣ୍ଡା

ମୋର ଅଭିମାନ କିବା ଅଭିଯୋଗ
ଯାହା ଭାବିବାର ଅଛି  ତୁମେ ଭାବ
କିଛି କହିବାର ଆଉ ନାହିଁ
କି କଥା କହିବି ! କେମିତି କହିବି
ଶୁଣିବାକୁ ତୁମ କାନ କାହିଁ ?  । ।

ସବୁ କଥା ସରିଗଲା ପରେ,
ଆଉ କେଉଁ କଥା ଅବା ଥାଏ
ଆଉ କେଉଁ ବ୍ୟଥା ସତେ ରହେ... !
ନୀରବରେ ପଛେ ଯିବି ରହି
ମନ ଉଣା ଜମା କରୁନାହିଁ । ।

ଅଭାବ, କଷଣ, ମାନ, ଅଭିମାନ
ନିନ୍ଦା, ପ୍ରଶଂସାର ଏକ ଅଭିଧାନ
ଯାତନା, ବେଦନା, ଜୀବନ ଯନ୍ତ୍ରଣା
କରୁଣା ଦିଅ କି କର ଅକରୁଣା
ଏକାପରି ଭାବେ ଏବେ  ମୁହିଁ । ।

ଆଖି ପାଖେ ଲୁହ ଆଉ ନାହିଁ
ଝରି ଝରି ପୁରା ଶୁଖିତ ଯାଇଛି,
କିଛି ଅଜାଣତେ ସୁଖରେ ସରିଛି
ଦୁଃଖ ବା କରିବି କାହିଁ !
ତୁମେ ଆଖି ବୁଜି ଅଛ ରହି । ।

ମନ ନାହିଁ ମନୋଭାବ ନାହିଁ
ଛାତି ତଳେଥିବା ଅକୁହା ବାରତା
ଯେତେ ଯାହାସବୁ ସ୍ମୃତିରେ ସାଇତା
ହଜିଗଲାଣି କେବେଠୁ ଯାଇ
ଯଦି ପାରୁଛ ଦିଅ ବୁଝାଇ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁଖ ତୁମ ଦାନ, ଦୁଃଖ ତୁମ ଦାନ
ତୁମ ହାତଗଢା ଏ ପିଣ୍ଡ ପରାଣ
କରୁଣାରୁ ମୁଁ ବଞ୍ଚିତ କାହିଁ !
ଭାବ କଟିଯାଉ ତୁମ ଠାଇଁ । ।

ତୁମେ ତ ଜଗତ ସାଇଁ
ଅବୁଝା ଏମନ, ଅବୁଝା ଜୀବନ
କେମିତି ଏକାଠି ଦିଅ ପାପ ପୁଣ୍ୟ
ଆୟୁଷର ଶେଷ ଗାର ଛୁଇଁ
ସଞ୍ଜ ଆସିଲାଣି ଧିରେ ନଇଁ । ।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନ



ଜୟନ୍ତ କୁମାର
ମଲ୍ଲିକ

ପଛ କଥା ସବୁ ଭୁଲିଯାଅ ପ୍ରିୟା
ମନରେ ନରଖି ରାଗ
ଅଭିମାନ କରି ଦୂରେଇ ଯାଅନି
କିଛିତ ମାଗୁନି ଭାଗ ।
ମିଳନ ଆମର ଅତୁଟ ରହିବ
କଥା ଦେଉଥିଲେ
ଆଜି ସିନା ତୁମେ ରାଗ ରୁଷା କରି
ମୋଠାରୁ ଯାଇଛ ଖସି ।
ଯେତେ ବୁଝାଇଲେ ତୁମେତ ବୁଝନା
କାହିଁକି ଅବୁଝା ହେଲ
କି ଦୋଷ ଥିଲା ଯେ ପାଖରେ ମୋହର
କଥାତ ହେଉନା ଭଲ ।
ମୋର କଥା ମାନି ଫେରି ଆସ ଥରେ
ଅମାନିଆ ହୁଅ ନାହିଁ
ତୁମକୁ ନେଇ ମୁଁ ସପନ ଦେଖିଛି
ଜନମ ଜନମ ପାଇଁ ।

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୫୭୨୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ଇଲାକା



ନିରଞ୍ଜନ ସାହୁ

ସ୍ୱପ୍ନ ଯେବେ ଆସେ ସାଜି ନବବଧୂ
ମନ ଆନନ୍ଦରେ ନାଚେ
ପରିପକ୍ୱ ହୋଇ ନ ଥିବା ଫଳଟି
ଆପେଆପେ ଏଠି ପାଚେ ।

ସ୍ୱପ୍ନ ରଚିଯାଏ କେତେ ସମ୍ଭାବନା
ମନ ହୁଏ ଆନମନା
ଆଶାର କିରଣ ଆଣେ ଉଦ୍ଦୀପନା
ବାଣ୍ଟେ ଖୁସି ଚୁନାଚୁନା
ଭାରି ସ୍ୱଚ୍ଛ ଦିଶେ ପ୍ରତିବିମ୍ବ ଏଠି
ମଇଳା ଦର୍ପଣ କାଚେ ।

ସ୍ୱପ୍ନ ଭାଙ୍ଗିଗଲେ ମନ ମରିଯାଏ
ବଢ଼ିବା ଲାଗଇ କଷ୍ଟ
ଜୀବନ ଲାଗଇ ଭାରି ଅସହଣୀ
ଭବିଷ୍ୟତ ପୁରା ନଷ୍ଟ
ତଥାପି ମଣିଷ ନୂଆ ସ୍ୱପ୍ନ ଦେଖେ
ସ୍ୱପ୍ନ ପରା ସୁଖ ଯାଚେ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୭୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା
ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ
Aahwaan.com

Magazine Downloaded from www.aahwaan.com

# ଯୁବକ୍ରାନ୍ତିର ମସାଲ



ଦୀନବଂଧୁ ବେଜ

ଯୁବକ୍ରାନ୍ତିର ମସାଲ,

ସଂସ୍କୃତି ପରମ୍ପରାର ଠିକଣା,

ଦିଗନ୍ତ ପ୍ରସାରୀ ଡେଣା

ପ୍ରାଚ୍ୟରୁ ପାଶ୍ଚାତ୍ୟକୁ କଲ ଉଡ଼ାଣ ,

ଧର୍ମ ଧାରଣର ଉର୍ଦ୍ଧ୍ୱରେ

ବିଶ୍ୱବାସୀଙ୍କୁ କରାଇ ସ୍ମରଣ,,,

ଅନୁଭବ କରାଇଲ ହିନ୍ଦୁତ୍ୱର

ଗଭୀରତା ଓ ଗାଢ଼ତା

ଧର୍ମ ସଂସ୍ଥାପନର ସ୍ତମ୍ଭ ମଜବୁତ

କରାଇଲ ସ୍ୱାମୀ ବିବେକାନନ୍ଦ,,,।

ଯୁବକ୍ରାନ୍ତି କଲ ବିଶ୍ୱ ଆଧ୍ୟାତ୍ମକୁ

ମହାକୁମ୍ଭ ମଧ୍ୟରେ ସୂର୍ଯ୍ୟସ୍ନାନ,

ହେ ଯୁବ ପ୍ରତିଭାର ଆଦ୍ୟ ପ୍ରଣମ୍ୟ

ଜାତୀୟ ଯୁବ ଦିବସରେ......,

ତୁମ୍ଭକୁ କରୁଛି ଶତକୋଟି ନମନ ।

ମାଲକାନଗିରି, ଓଡ଼ିଶା

ସେଲ:-୭୬୮୩୯୨୦୨୨୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଲଗ୍ନ



ସିଦ୍ଧେଶ୍ୱର ତ୍ରିପାଠୀ

ଆଜି କାହିଁ କାନ୍ଦିବାକୁ
ଇଚ୍ଛା ହୁଏ ଭାରି
ଜାଣିନି ମୁଁ ଦିନେ ଥିଲି
ନିଜର କାହାରି

ମୋତେ କାହିଁ ଜାଳେ ଅବଶୋଷ
ସରିଗଲା ପରେ ମୋର ପ୍ରେମର ଆୟୁଷ

ଜାଣିନି କୋଉଠି ଛନ୍ତି ଚନ୍ଦ୍ର କି ମଙ୍ଗଳ
ରାଶି ଲଗ୍ନ ନକ୍ଷତ୍ର ର କିବା ଅନୁକୂଳ
ଶୁକ୍ର ପ୍ରଭାବ ନଦେଖି ହେଲି ପ୍ରଭାବିତ
ଗାଇବା ଆଗରୁ ସରି ଗଲା ପ୍ରେମ ଗୀତ

ପାରେନା ମୁଁ କହି
ଛାତି ଭିତରେ ରଖିଲେ
ପାରେନା ମୁଁ ସହି ।

ପୂଜି ପାରିନାହିଁ କେବେ ଶଙ୍କର ଗଉରୀ
ଜ୍ୟୋତିଷ କୁ ଦେଖାଇନି ହାତ
ତୁମେ ଗଲା ପରେ ପରେ
ସବୁ ଫିକା ଫିକା
ମନ ଭୟଭିତ ।

କହିଥିଲ ପାଖେଥିବ ଶହେ ଜନମରେ
ଶହେ ଦିନ ପାରିଲନି ରହି
ତୁମ ହାତ ପାରିଲିନି ଧରି
ସାଥୀ ଖାଲି ତୁମ ସ୍ମୃତି ଛାଇ ।

ଖୋର୍ଦ୍ଧା, ଓଡିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା



ଅନୁରାଧା କର

ଜୀବନଟେ ପାଇ ଯେବେ ଜନ୍ମ ନେଲି
ଏ ଧରା ଧରଣୀ ତଳେ
ଆଦରେ କୋଳେଇ ନେଇଥିଲ ମତେ
ଧରି ତୁମ ବାହୁ ବଳେ
ଖୁସିର ଲହରୀ ଛୁଟି ଉଠୁଥିଲା
ଆନନ୍ଦରେ ଥିଲ ତୁମେ
କେତେ ସୋପ୍ନ ତୁମେ ମୋ ପାଇଁ ଦେଖିଲ
ଖୁସି ଦେବାପାଇଁ ମନେ
ପ୍ରଥମେ ଧରିଲି ତୁମ ହାତ ଯେବେ
ଚାଲି ସିଖାଇଲ ମତେ
ଝୁଣ୍ଟିବା ପୂର୍ବରୁ କୋଳେଇ ଧରିଲ
କଷ୍ଟ ହେବ ବୋଲି ମତେ


କେତେ ଅଳି କଳି କରିଛି ଜୀବନେ
ଦୋଷ ମୋର ଧରିନାହଁ
ସବୁ ଦୋଷକୁ ମୋ ନିଜ ମୁଣ୍ଡେ ନେଇ
କେବେ ଟାଣ କରି କହିନାହଁ
ଆଜି ମନେପଡେ ସେଇ ପିଲାଦିନ
ତୁମର ସେ ସ୍ନେହ ପ୍ରେମ
ମନ୍ଦିର ସଦୃଶ୍ୟ ପରିବାରେ ମୋର
ତୁମେ ହିଁ ଦେବତା ସମ ।

ପୁରୀ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାରତ ଆମରି ମାଆ



ଗୌରୀ ପଣ୍ଡା

ଏଇ ଭାରତ ଆମରି ମାଆ
ଆମେ ରଖିବା ତାହାରି ନାଆଁ
ଭାରତ ଆମରି ମାଆ ।
ଏଇ ଭାରତ ଆମରି ମାଆ
ଆମେ ରଖିବା ତାହାରି ନାଆଁ
ଭାରତ ଆମରି ମାଆ ।
ତା'ର କୋଳରେ ହେଲୁ ଜନମ
କରିବା ଆମେ ତାହାରି କାମ
ଭାରତ ଏହାର ନାମ ।
ଜନମି କେତେ ବୀର ପୁରୁଷ
ରଖି ଗଲେ ଏ ଦେଶ ର ଯଶ
ଭାରତ ଆମରି ଦେଶ ।
ଗାନ୍ଧୀ, ସୁଭାଷ ଶାସ୍ତ୍ରୀ, ସର୍ଦ୍ଦାର
ଯୋଗ୍ୟ ସନ୍ତାନ ଏଇ ଦେଶର
ଭାରତ ନାମ ଏହାର ।

ନୀଳ ସାଗର ଧୁଏ ପୟର
ହିମାଳୟ ଯା ମୁକୁଟ ଶିର
ଗଙ୍ଗା ବି ବୋହୁଛି ଧୀର ।
ଏଇ ଭାରତ ବିଶ୍ୱେ ବିଦିତ
ତା'ର ଗୌରବେ ସର୍ବେ ଚକିତ
ମାନୁଛି ସାରା ଜଗତ ।
ବିଶ୍ୱ ଗୁରୁ ର ଆସନେ ଆଜି
ଶୋଭା ପାଉଛି ରାଣୀଟି ସାଜି
ସୁନ୍ଦର ଗୌରବ ରାଜି ।
ଆମ ଭାରତ ସୁନ୍ଦର ଦେଶ
ରଖିଛି ସାଜି କେତେ ଯେ ବେଶ
ସଭିଙ୍କ ଓଠରେ ହସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଇବା କାହିଁ ଏପରି ଦେଶ

ରଖିବା ତା'ର ମହତ ଆସ

ଭାରତ ଆମରି ଦେଶ ।

ଶପଥ ନେବା ରଖିବା ଟେକ

ତା'ପାଦେ ହେବା ନତମସ୍ତକ

ପ୍ରଭୁ ହେ ତା ପାଦେ ରଖ ।

ଭାରତ କୋଳେ ଜନମି ଆମେ

ଏଇ ପରାଣ ଲାଗୁ ତା କାମେ

ଯାଉ ଏ ପ୍ରାଣ ତା ନାମେ ।

ଯାଉ ଏ ପ୍ରାଣ ତା ନାମେ ।

ଜୟପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ୍ ପାଇଁ ନାନାବାୟା



ନୀଳମଣି ଚାନ୍ଦ

ଟପ୍ ଟପ୍ ଟପ୍ ଚାଲେ
ଆହାନର ଘୋଡ଼ାରେ
ଜଙ୍ଗଲିଘାଟରୁ ଫେରି
ଯିବ ସିଏ ଯୋଡ଼ାରେ ।
ଜଙ୍ଗଲିଘାଟରେ ଅଛି
କେତେକେତେ ପାଣିରେ
ଯୋଡ଼ାରେ ଖଣିଖାଦାନ
ଦେଖିଯିବ ଜାଣିରେ ।
ଖାଇବାକୁ ଦେବୁ ଆମେ
ବୁଟଭଜା ପୁଡିଆ
ତା' ବାଟକୁ ଚାହିଁଥିବେ
କୁନିକୁନି ଗୁଡ଼ିଆ ।
ଜଣେ ପରେ ଜଣେ ଉଠି
ପିଠିପରେ ବସିବେ
ଘେରାଏ ଆସିଲେ ବୁଲି
ଖିଲିଖିଲି ହସିବେ ।
ସେ କହିବ ଥରିବନି
ଓମିକ୍ରନ୍ ଡରରେ
ଘରେ ରହି ମନଦେଇ
ପଢ଼ାପଢ଼ି କରରେ ।
ଆଜି ଅଛି କାଲି ସିଏ
ଯିବ ଏଠୁଁ ପଳେଇ
ଦୁଃଖବେଳେ ନେବଟିକେ
ନିଜକୁରେ ଚଳେଇ ।
ଗୀତଟିଏ ଗାଅ ପିଲେ
"ବେଶି ପାଠ ପଢିବି
କାଳିଆ ଘୋଡ଼ାରେ ଚଢି
ମଧୁ ସାଥେ ଲଢ଼ିବି ।"
ଗୀତ ଶେଷ ପଢ଼ା ଶେଷ
ଆହାନ୍ ତ କହିଲା
ଫୁଲଟିଏ ଫୁଟିଲାରେ
ବାଆ ଧିରେ ବହିଲା ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଦେବବ୍ରତ



ସ୍ମୃତିରଞ୍ଜନ ବାରିକ

ଗୁଞ୍ଜେ ଚଉଦିଗ, ଧରାପୃଷ୍ଠ ସରଗ,
ମହୀତଳ ସୁଭାଷିତ ଦେବବ୍ରତ ଜନମ ।
ସାତଭ୍ରାତା ଅନ୍ତେ ସ୍ୱର୍ଶ ଭୂମିକୋରତ,
ଗଂଗାକୋଳ ପୂର୍ଣ୍ଣକରେ ବୀର ଦେବବରତ ।
ସାତପୁତ୍ର ଦାନକରେ ଗଂଗା ନିଜ ଗରଭେ,
ଶାନ୍ତନୁର ନିବେଦନେ ରଖେ ତାକୁ ଶରଧେ ।
ଅଭିଶପ୍ତ ଜୀବନ ଏ ଗଂଗାମାତା ଜାଣଇ,
ଦେବବ୍ରତ ସାଥେ ଧରି...ସରଗ ସେ ଫେରଇ ।
ବାଲ୍ୟକାଳୁ ଗଂଗାପୁତ୍ର ଦେଖାଏ ତା' ବୀରତ୍ୱ,
ଗୁରୁପାଶେ ଆଚରଇ ଧର୍ମ ତା'ର ଶିଷ୍ୟତ୍ୱ ।
ଶ୍ରେଷ୍ଠଜ୍ଞାନ ଆହରଇ ଶ୍ରେଷ୍ଠ ଶିଷ୍ୟ ମଗନେ,
ଗୁରୁଆଜ୍ଞା ଶିରୋଧାର୍ଯ୍ୟ ଦେଖେ ନିତ୍ୟ ସପନେ ।
ଅତି ବିଚକ୍ଷଣ ବୀର ହୁଏ ସିଏ ବାଲ୍ୟରେ,
ରଥୀ ମହାରଥୀ ଚାହିଁ ତା'ର ଧନୁ ତୀରରେ ।
ପର୍ଶୁରାମ ଶିଷ୍ୟ ସେ ତ ଭୟ ନାହିଁ ହୃଦୟେ,
ହୋଇ କ୍ଷତରିୟ ସିଏ କରେ ନାହିଁ ଅନ୍ୟାୟେ ।
ରାଜନୀତି ଜ୍ଞାନେବୀର ଧନୁର୍ଦ୍ଧର ଶ୍ରେଷ୍ଠ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନ୍ୟାୟମୂର୍ତ୍ତି ଦେଖେ ତା'ର ବୀରତ୍ୱର କାଷ୍ଠ ।

ଶିକ୍ଷାର ଅନନ୍ତ ଘଡ଼ି ଆସିଯାଏ ଜୀବନେ,

ଗଂଗାମାତା ଛାଡେତାକୁ ଶାନ୍ତନୁର ଅଗଣେ ।

ଦେଖିତା'ର ବୀରପୁତ୍ର ଗରବରେ ଥରଇ,

ଆନନ୍ଦିତ ମହାରାଜା ଆଲିଙ୍ଗନ କରଇ ।

ହସ୍ତିନାର ପ୍ରଜାରାଜା ଦେଖେ ତା'ର ବୀରତ୍ୱ,

ଯୁବରାଜ ପଦବୀକୁ କରେ ସେତ ପ୍ରଣିତ ।

ଖେଳିଯାଏ ସାରାରାଜ୍ୟେ ଆନନ୍ଦର ଲହରୀ,

ଦେବବ୍ରତ ଚତୁଃପାର୍ଶ୍ୱେ ଗାରିମାର ଗୁଞ୍ଜରୀ ।

ଦୁଃଖଦିଏ ମୁହଁମୋଡି ଏହି ସୁଖ ଆନନ୍ଦେ,

ସମୟର ପଶାପାଲି କୁରୁବଂଶେ ଚରନ୍ତେ ।

ସତ୍ୟବତୀ ନାମେ ନାରୀ ଶାନ୍ତନୁର ହୃଦୟେ,

ପିତା ତା'ର ଚାହେଁ ନାହିଁ ପାଇବନି ନ୍ୟାୟ ଏ ।

ଶାନ୍ତନୁର ଚିନ୍ତାହୃଦ ବ୍ୟାକୁଳିତ ହୁଅଇ,

ଅନ୍ୟାୟ ତ ହେବ ଏହା ଦେବବ୍ରତ ସ୍ମରଇ ।

ଦେବବ୍ରତ ଜ୍ଞାତହୋଇ ନିଏ ଭୀଷ୍ମ ପ୍ରତିଜ୍ଞା,

ଆଜୀବନ ବ୍ରହ୍ମଚର୍ଯ୍ୟ ପାଳିବସେ ପିତାଜ୍ଞା ।

ମହାରାଜା ସିଂହାସନ ସାନଭ୍ରାତା ବସାଇ,

ଦେଖିବସେ ପିତାଛବି ଦେବବ୍ରତ କହଇ ।

ଦେବବ୍ରତ ଲାଭକରେ ଇଚ୍ଛାମୃତ୍ୟୁ କବଚ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭିଷ୍ମ ନାମେ ପରିଚିତ ହୁଅଇ ସେ ମହୋଛ ।

ଅନ୍ୟାୟ୍ୟତ ହୁଏ ପୁଣି ଭୀଷ୍ମର ଜୀବନେ,

ଯୋଗ୍ୟ ରାଜା ରାଜ୍ୟ ଖୋଜେ ଅତିନୀତ ଗହନେ ।

ସେବାକରେ ନିଷ୍ଠାଦେଇ,ପ୍ରତିଜ୍ଞାର ଦ୍ୱାହି,

ମହାବୀର,ମହାଜ୍ଞାନୀ ମାତୃ ଆଜ୍ଞେ ରହି ।

ଅମ୍ବି,ଅମ୍ବା,ଅମ୍ବାଳିକା ନେଇଚାଲେ ରଥରେ,

ଅମ୍ବା ଅଭିଶାପେ କାଟେ ଜୀବନ ସେ ଖେଦରେ ।

ଯକ୍ଷ୍ମାରୋଗ ସମର୍ପଇ ବିଚିତ୍ରବୀର୍ଯ୍ୟ ଜୀବନ,

ଅପୁତ୍ରରେ ଚିନ୍ତାଗ୍ରସ୍ତ ସାରାରାଜ୍ୟ ମନନ ।

ବ୍ୟାସଦେବ ଭୋଗଗଢେ ତିନି ରାଜକୁମାର,

ଧୃତରାଷ୍ଟ୍ର, ପାଣ୍ଡୁ ନାମେ ଦାସୀପୁତ୍ର ବିଦୁର ।

ଚକ୍ରବର୍ତ୍ତୀ ପାଣ୍ଡୁ,ଯୁଦ୍ଧେ ହସ୍ତିନାତ ହସଇ,

ଋଷିଶ୍ରାବେ ହସ୍ତିନାରେ ଖେଳେ ଦୁଃଖ ଲହରୀ ।

ଧୃତରାଷ୍ଟ୍ର ସିଂହାସନେ କରେ ମହାଦୁର୍ନୀତି,

ଯୁଧିଷ୍ଠିର ଭାଗ୍ୟକୁ ସେ କରେ ଧୂଳି ମୂରତି ।

ଦୁର୍ଯ୍ୟୋଧନ ସବୁ ବୁଦ୍ଧି ଶକୁନିର ଆଶ୍ରାରେ,

ଯଉଘର, ବନବାସ ଦ୍ରୌପଦୀ ଯେ କୋହରେ ।

ରାଜସଭା ନିରବରେ ବସ୍ତ୍ର ଯେବେ ହରଣ,

ନାରୀ ଅଭିଶାପେ ଜଳେ ବାସୁଦେବ ଶରଣ ।

ଭୀଷ୍ମ ପରୀ ନ୍ୟାୟବୀର ବସିରହେ ମଉନ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କ୍ରିପି, ଦ୍ରୋଣ ଚାହିଁ ରହେ ନିରୁତ୍ତର ବଚନ ।

ଅପମାନେ ଦ୍ରୌପଦୀର କୁରୁକ୍ଷେତ୍ର ସଜାଇ,

କୁରୁଶ୍ରେଷ୍ଠ ଭୀଷ୍ମ ହୁଏ ସେନାପତି ଧରଇ ।

ଭୀଷଣ ଯେ ଯୁଦ୍ଧ ଶୁଭେ କୁରୁକ୍ଷେତ୍ର ବକ୍ଷରେ,

ଅମ୍ବାରୂପ ଶ୍ରୀଖଣ୍ଡି ଯେ ପୁରାକରେ ଲକ୍ଷ୍ୟରେ ।

ଧନୁତୀର ତ୍ୟାଗକରେ ମହାରଥୀ ଭିଷମ,

ଅର୍ଜୁନର ଶରାହାତେ ନଇଁପଡେ ଦୁର୍ଗମ ।

ସହସ୍ରର ଶରଶଯ୍ୟା ଭୂମିପରେ ଶୟନ,

ଯନ୍ତ୍ରଣାର ଶେଷସୀମା ବହିଯାଏ ନୟନ ।

ନିୟମର ଦୂରେରହି ଯୁଦ୍ଧ ଶଙ୍ଖ ଗୁଞ୍ଜଇ,

ପିତାମହ ଭୀଷ୍ମ ଆତ୍ମା ବ୍ୟାକୁଳିତ ହୁଅଇ ।

ପଡିରହେ ମୃତ୍ୟୁଶଯ୍ୟା ହସ୍ତିନାର ସୁରକ୍ଷା,

ଦେଖିଯିବ ମହାବୀର ସୁରକ୍ଷିତ ତା ଦୀକ୍ଷା ।

ଶୁଭଶଙ୍ଖ ପୁଲକିତ ଯୁଧିଷ୍ଠିର ସମ୍ରାଟ,

ଏହାଶୁଣି ପିତାମହ ମନେରଟେ ବିଭ୍ରାଟ ।

ଆନନ୍ଦିତ ଆତ୍ମା ତା'ର ଖୁସି ହୁଏ ମଗନ,

ବାସୁଦେବ ଦରଶନ ତ୍ୟାଗ କରେ ଜୀବନ ।

ଗ୍ରାମ:-ଅନୁପଲା,ପୋ:-ଅନ୍ତେଇ,

ଜିଲ୍ଲା:-ଜଗତସିଂହପୁର,

smrutiranjanbarik.smruti@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କାଠଟିଏ ମୁଁ



ଦିନେଶ୍ ମେହେର

କାଠଟିଏ ମୁଁ
କେବେ
ରୋଷେଇ ଘରେ ଇନ୍ଧନ
ମନ୍ଦିରରେ ପୁଣି
ପ୍ରଭୁ ମଥାର ଚନ୍ଦନ
ପୁଣି କେବେ
ମଶାଣିରେ ମହା ନିର୍ବାଣ
କୋଟି ଓଡ଼ିଆ ଭକତ ପାଶେ
ଜଗତର ନାଥ ନାମେ ଦାରୁବ୍ରହ୍ମ ।
କେବେ ନାଉରିଆଟିର
ଜୀବନ ନାଆ
କାଠୁରିଆଟିର ପେଟର ସାହା
କାଠୁରିଆ ଚୋଟରେ ନାହିଁ ମୋ ଦୁଃଖ
ହସି ହସି ମେଣ୍ଟାଏ ତା
ପରିବାର ଜନ ଭୋକ ।
ହଁ
କାଠଟିଏ ମୁଁ
କେବେ ସଭ୍ୟତାର ନନ୍ଦିଘୋଷ ପାଇଁ
ପ୍ରାଣବଳି ଦିଏ ତ
କେବେ ପୁଣି
ବୃକ୍ଷଟିର ଅସ୍ଥି ସାଜି
ଜୀବନ ଅତିବାହିତ କରେ ।
ନାହିଁ ମୋର ଦୁଃଖ
ନାହିଁ ମୋର ଅନୁତାପ
ପର ସେବାରେ ନିଜକୁ
ଉତ୍ସର୍ଗ କରି
ନିଜ ଜୀବ ଧନ୍ୟ କରିବାକୁ ଚାହେଁ
ହଁ କାଠଟିଏ ମୁଁ

ପଳାସ, କଳାହାଣ୍ଡି
ମୋ - ୮୦୧୮୮୨୯୪୫୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି କହିବି ତୋତେ...



ନୂତନ କୁମାର
ବେହେରା

କାଳିଆରେ...କାଳିଆରେ...
ତୁ ଏକା ତ ମାଲିକ ଏ ଜଗତେ,
ବସି ମୁଁ ଭାବେ ମନରେ...
ମୋ ଜୀବନର ଦୁଃଖ କଷ୍ଟ ଯେତେ,
କେମିତି କହିବି ତୋତେ...
ଆସୁନାହିଁ ଭାଷା ତ କିଛି ମୋତେ... ।୦ ।
କିଏ କଣ ଦେଲା ମୁଁ ନ ଦେଲି
ସେଥି ପାଇଁ କି ଗଲୁ ରେ ଭୁଲି,
ଦେଖୁଛୁ ତ ଚକାଆଖି ମେଲି
କେମିତି କହିବି ମୁହଁ ଖୋଲି ।
ଭକ୍ତ ଦାସିଆ ବନ୍ଧୁ ମହାନ୍ତି
ସାଲବେଗ ପରି କେ ନାହାଁନ୍ତି,
ଭାବି ଅବା ରୁଷିଛୁ କି ଚିନ୍ତି
ତାଙ୍କ ପରି ମୁଁ ବି ହୋଇଥାନ୍ତି ।
କାଳିଆରେ...କାଳିଆରେ...
ଦାୟୀ ମୁଁ କରୁ ନାହିଁ କାହାକୁ
କହି ବି ମୁଁ ପାରୁ ନାହିଁ ଆଉ,
ତୋର ଇଚ୍ଛାରେ ଯା' ଦେ ଯାହାକୁ
ମୁଁ ଅବା କିଏ ବାଧା ଦେବାକୁ ?

ଯେମିତି ଗଢ଼ିଛୁ ମୋତେ ରେ ତୁ
ସେମିତି ହୋଇଛି ମୋର ହେତୁ,
ଦୁଃଖେ ଅବା ସୁଖେ ଦିନ ବିତୁ
ସବୁ ବାଜିରେ ତ ତୁ ହିଁ ଜିତୁ ।
କାଳିଆରେ...କାଳିଆରେ...
ତୁ ଅନ୍ତର୍ଯ୍ୟାମୀ ତୁ ଇଚ୍ଛାମୟ
ବୁଝି ପାରୁ ସବୁରି ହୃଦୟ,
ତୋ ପାଦେ କେବଳ ମୋର ଲୟ
ଦୂର କରି ଦେ ତୁ ମୋର ଭୟ ।
କରି ତୁ ରେ ପାତର ଅନ୍ତର
ମୋ ଅନ୍ତରରୁ ଯିବୁନି ଦୂର,
ତୋ ବିନା ଲାଗେ ସବୁ ଅନ୍ଧାର
ତୁ ମୋ ପଥ ତୁ ହିଁ ମୋ ସଂସାର ।
କାଳିଆରେ...କାଳିଆରେ...

ବାରିପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କେମିତି କହିବି ତୋତେ



ଶୋଭାଗିନୀ ନନ୍ଦ

କେମିତି କହିବି ତୋତେ

ବନପୋଡ଼ିଗଲେ ସଭିଏ ଜାଣନ୍ତି

ମନ ପୋଡ଼ିଗଲେ କେହି ନ ଜାଣନ୍ତି

କୁହୁଳି କୁହୁଳି ଜଳୁଛି ହୃଦୟ

ଅଣନିଶ୍ୱାସୀ ମୁଁ ମରିପାରୁନାହଁ

ବଞ୍ଚି ପାରୁନାହିଁ ଏ ମର ଜଗତେ ।

କେମିତି କହିବି ତୋତେ ।

ଉଦରର ଜ୍ୱାଳା ଦୁଃଖର ପସରା

ଘେରିଛି ଆଜି ଜୀବନେ

ମୁକୁଳିବାପାଇଁ ପନ୍ଥା ଦିଶୁନାହିଁ

ପଡିଛି ମୋପାଖେ ଜଟିଳ ପ୍ରଶ୍ନ

କିଏ ବା ଉତ୍ତର ଦେବ ମତେ

କେମିତି କହିବି ତୋତେ ।

ନକହିବା ଆଗରୁ ସବୁତ ଦେଖୁଛୁ

ତୁତ ମୋ ଜୀବନର ସହାଭରସା

ମୋ ମନ ହୃଦୟ ର ଛାଇ,

ପଢିତୁ ପାରୁଛୁ ମୋ ମନରଭାଷା ସତେ ,

କେମିତି କହିବି ତୋତେ ।

ଜୟପୁର (କୋରାପୁଟ )

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମରି ଚରଣେ ଅରପି ଦେଇଛି



ପ୍ରତାପ କିଶୋର ରାଉତ

ତୁମରି ଚରଣେ ଅରପି ଦେଇଛି
ଅବୁଝା ମନକୁ ମୋର
ମାୟା ମୋହେ ପଡି ଆସକ୍ତି ବନ୍ଧନେ
ହେଉଥିଲି ହରବର ।
ତୁମରି ଚରଣେ-------- ।0 ।

ତୁମରି ଆଦର୍ଶ ହେଉ ମୋ ଜୀବନେ
ବଞ୍ଚିବାର ଅଙ୍ଗୀକାର
ମୋର ଚଲାପଥେ ତୁମରି ଇଙ୍ଗିତ
ଜୀବନରେ ହେଉ ସାର
କାମନା ବାସନା ଦୁର କରି ମୋର
ହୃଦ ପୁଲକିତ କର ।
ତୁମରି ଚରଣେ-------- ।୧ ।

କଲୁଷ ପଙ୍କରୁ ଉଦ୍ଧାର କରିଣ
ଦେଇଛ ନବ ଜୀବନ
ତୁମେ ନଥିଲେ ଏ ଅଲୋଡ଼ା ଜୀବନ
ହୋଇଥାନ୍ତା ଅକାରଣ
ତୁମେ ଆସି ମୋର ଜୀବନ କୁଞ୍ଜ ରେ
ଭରି ଦେଲ ପ୍ରୀତି ଝର ।
ତୁମରି ଚରଣେ---------- ।୨ ।

ତେନ୍ତୁଳିପଦୀ, ହାଟଡ଼ିହି, କେନ୍ଦୁଝର
ଭ୍ରାମ୍ୟଭାଷ : ୮୩୨୭୭୨୫୦୩୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଗୁହାରି ଶୁଣିମା ହେଉ



ସାଧନା ପଣ୍ଡା

କାନ ଶୁଣୁଥାଉ ଗୀତା ଭାଗବତ
ଲୁହ ଯାଉଥାଉ ଝରି
ତୋ ଧଣ୍ଡା ତୁଳସୀ ଭୁଞ୍ଜୁ ଥାଏ ଆସି
ନରେନ୍ଦ୍ରେ ସିନାନ ସାରି ।

ରଖିଛି ଦେବାକୁ ଚନ୍ଦନ ଫୁଲକୁ
ଆସିବୁରେ ଧନ ଯଦି
ବସି ଯାଆ ଥରେ ମୋ ମନ-ଦେଉଳେ
ହୃଦୟ ମୋ' ସୁନା ବେଦୀ ।

ଲୁହରେ ଆଖିକି ଦେଇ ଅଛୁ ଭରି
ସତ କହ ଜଗନ୍ନାଥ ,
ସେଇ ଲୁହ ପାଦେ ଅଜାଡୁଛି ମୁହେଁ
ଘେନ ତୁ କଳା ସାଆନ୍ତ ।

ହାତ ମୋର ବାଛି ଆଦରି ନେଇଛି
ତୋର କାମ କରିବାକୁ
ମୋ ହସ୍ତ ଅଙ୍ଗୁଳି ତୋର ନାମାବଳୀ
ମନ ଭରି ଜପି ବାକୁ ।

ରଖ ବା ନରଖ ଆହେ ପଦ୍ମ ମୁଖ
ଦୁଃଖ ରେ ଶରଣ ଗଲି
ଲୋଡା ନାହିଁ ମୋର ସୁଖ ସରଗର
ନିଜକୁ ସମର୍ପି ଦେଲି ।

ନାଲି ଅଧରର ସେ' ହସ ସୁନ୍ଦର
ଦେଖି ମନ ଯାଏ ହଜି
ଯାଉ ଏ' ଜୀବନ ଦୀପ ମୋର ଲିଭି
ତୋର ନାମ ଭଜି ଭଜି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁହି ଧରି ଥିଲେ ଗୋଟି ଗୋଟି ଦୋଷ

ମିଳନ୍ତାନି ରାହା ସବୁ

ତୋହରି ଦୟାର ସୀମାତ ପାଉନି

ଖୋଜି ଖୋଜି ମହାପ୍ରଭୁ ।

ରଙ୍ଗା ଅଧରରେ ନାଲି ହସ ଧାରେ

ଦେଖି ତରି ଯିବି ଭବୁ

ଭଜି ଭଜି ତୋର ମଧୁର ନାମକୁ

ସମୟ ମୋ ସରୁ ସବୁ ।।

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିତା ହିଁ ଧର୍ମ ପିତା ହିଁ ସ୍ୱର୍ଗ



ରମେଶ ଟାକ୍ରୀ

ପିତା ହିଁ ତ ଧର୍ମ ପିତା ଆମ ସ୍ୱର୍ଗ
ପିତା ଅଟନ୍ତି ଆଦର୍ଶ
ଜୀବନ ଯୁଦ୍ଧରେ ବିଜୟୀ ହେବାରେ
ସେ ଦିଅନ୍ତି ପରାମର୍ଶ ।୧ ।

ପୂଜ୍ୟ ପିତା ମୋର ଚରଣେ ତୁମର
ପ୍ରଣତି ଘେନ ମୋହର
ତୁମ କୃପାବଳେ ଆତ୍ମୀୟ ସ୍ୱଜନ
ସଭିଏଁ ହେଲେ ନିଜର ।୨ ।

ତୁମରି ଦୟାରୁ ମାତାଙ୍କୁ ପାଇଲି
ସକଳ କଥା ଜାଣିଲି
ପିତାମାତା ବନ୍ଧୁ ଭାଇ ଭଗିନୀଙ୍କୁ
ସଭିଙ୍କୁ ନିଜର କଲି ।୩ ।

ମୋ ଦେହରେ ଥିବା ପ୍ରତି ରକ୍ତବିନ୍ଦୁ
ତୁମେ ଦେଇଥିବା ଦାନ
ଦେହ ପ୍ରାଣ ଆତ୍ମା ସାଥେ ଅବସ୍ଥିତ
ମୋର ଏ ଛୋଟିଆ ମନ ।୪ ।

ଆଦର୍ଶ କରମ କରି ବଞ୍ଚିବାକୁ
ପ୍ରେରଣା ଦେଇଛ ମୋତେ
ଦାନ ଧର୍ମ କରି ପୁଣ୍ୟ ଅର୍ଜିବାକୁ
ଉପଦେଶ ଦେଲ କେତେ ।୫ ।

ମୋ ଜୀବନେ ତୁମେ ମାର୍ଗ ଦେଖାଇଛ
ପଥ ପ୍ରଦର୍ଶକ ହୋଇ
ଯାହାଦେଲେ ହେଲେ ତମରି ଦାନକୁ
ଶୁଝି ମୁଁ ପାରିବି ନାହିଁ ।୬ ।

ପୂଜ୍ୟବାପା ମୋତେ କର ଆଶୀର୍ବାଦ
କରିବି ଏଭଳି କାମ
ଦେଶ ଜାତି ପାଇଁ ଭଲ କାମ କରି
ରଖିବି ତୁମର ନାମ ।୭ ।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି
ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିତା ଧର୍ମ ପିତା ସ୍ୱର୍ଗ



ନଳିନୀ ପ୍ରଭା ମିଶ୍ର

ପିତା ହିଁ ଧର୍ମ ପିତା ହିଁ ପରମ
ସଂସାର ଧାରାରେ ସ୍ୱର୍ଗ
ପିତା ଆମ ପାଇଁ ମହା ପରିଚୟ
ମନେ ବହି ଥାଉ ଗର୍ବ ।
ପରିବାର ପାଇଁ ମଝି ଖୁଣ୍ଟ ସିଏ
ପରିବାର ବୋଝ ବୋହି
ଚଳଣି ବ୍ୟବସ୍ଥା ଭିତରେ ଯାହାଙ୍କ
ପରିଚୟ ଝଲସଇ ।
ଜୀବନ ଦୀପରେ ନିଜ ଜଳି ଜଳି
ସନ୍ତାନଙ୍କ ପାଇଁ ତ୍ୟାଗୀ
ଅନୁଶାସନର ବ୍ୟବସ୍ଥା ଭିତରେ
ମନୋବଳ ଥାଏ ଜାଗି ।

ସନ୍ତାନ ସନ୍ତତିମାନଙ୍କୁ ସୁଶିକ୍ଷା
ପ୍ରଦାନ ଦିଗରେ ସଦା
ରତ ରହିଥାନ୍ତି ବାପା ପରା ଆମ
ଆସୁ ପଛେ ଯେତେ ବାଧା ।
ପିତା ଆମ ଧର୍ମ ପିତା ଆମ ସ୍ୱର୍ଗ
ତାଙ୍କ ବିନା ନାହିଁ ରାହା
ଆଜୀବନ ଡୋର ରକ୍ତ ସମ୍ପର୍କ ରେ
ସବୁ ବେଳେ ଆମ ସାହା ।
ତାଙ୍କ ରି ଚରଣ ଧୂଳି ନେଇ ନିତ୍ୟ
ବଢ଼ିବା ଆଗକୁ ଆମେ
ପିତା ଆମ ସ୍ୱର୍ଗ ପିତା ଆମ ଧର୍ମ
ସୃଷ୍ଟି ସର୍ଜନାର ନାମେ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୮୮୭୯୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିତା ଧର୍ମ ପିତା ସ୍ୱର୍ଗ



ବିନୋଦିନୀ ଦାଶ

ଯେଉଁ ପିତା ପାଇଁ ଦୁନିଆ ଦେଖିଲି ସେହି ମୋର ଧର୍ମ ସ୍ୱର୍ଗ
ତାଙ୍କ ପାଦ ତଳେ ସବୁ ପୂଜା ତପ ଜୀବନେ ଅସ୍ତ୍ର ଅମୋଘ
ଜିତିବାକୁ ଧର୍ମ ଯୁଦ୍ଧ
ଈଶ୍ୱରଙ୍କଠାରୁ ମୋ ପାଇଁ ସେ ବଡ଼ ହୃଦୟ ମୋ ଶାନ୍ତ ଶୁଦ୍ଧ ।

ତାଙ୍କରି ଆଦେଶ ସେନେହ ପରଶ ମୋର ଜୀବୋନ୍ନତି ମାର୍ଗ
ଛତ୍ରଛାୟା ତୋଳି ମସ୍ତକ ଉପରେ ଭରନ୍ତି ସବୁ ସୁଯୋଗ
ଦେଖାଇ କର୍ମ ସୁପଥ
ଚଲାଇ ନିଅନ୍ତି ଅମୃତ ସନ୍ଧାନେ ମୋହର ଜୀବନ ରଥ ।

କଣ୍ଟକିତ ପଥେ ପାଦ ପଡ଼ିଗଲେ ଧରନ୍ତି ହାତରେ ତୋଳି
ପୂରଣେ ଲାଗନ୍ତି ମୋର ଖୁସି ସୁଖେ ଯେତେକ କରଇ ଅଳି
ହୃଦେ ପୁତ୍ର ପ୍ରେମ ବୋଳି
ମୋଠାରୁ ବିମୁଖ ଦେଖିନାହିଁ ମୁଖ ଭାବନ୍ତି ସଦା ମୁଁ କଳି ।

ଏମିତି ପିତା ମୁଁ ପାଇ ଜୀବନରେ ସତେ କେତେ ସଉଭାଗୀ
ଶୁଝି ପାରିବିନି ଋଣ ତ କେବେବି ପଦେ ଜୀବନ ଉତ୍ସର୍ଗୀ
ତାଙ୍କ ସଂସ୍କାରର ଜ୍ଞାନେ
ଉତ୍ତମ ପୁତ୍ରଟେ ହୋଇ ରହିଥିବି ସେବାପରାୟଣ ମନେ ।

କୁରୁଆଁ, ମୁଗପାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଠାକୁର



ମନୋଜ କୁମାର ଦାସ

ଜୀବ ଜଗତର ସୃଷ୍ଟି କର୍ତ୍ତା
ବିଶ୍ୱ ବ୍ରହ୍ମାଣ୍ଡକୁ ଧାରଣ କରି
ଦୁଃଖ କଷ୍ଟ ଭାର  ବୋହୁଛ
ମନରେ ନଥାଏ କିଛି ଖେଦ  ।
ଯୁଗେ ଯୁଗେ ତୁମ କରୁଣା
ରହିଛି ସଦା ବଳବତ୍ତର
ବ୍ରହ୍ମବାଣୀ ଅକ୍ଷୁର୍ଣ୍ଣ ରୁହଇ
ବିକଳ୍ପର ପନ୍ଥା ନାହିଁ ଯାହାର ।
ଅସତ୍ୟ ପଥ ମାଡ଼ି ଚାଲିଛି
କଥାରେ କଥାରେ  ହିଂସା
ମାନବ ଜାତିର ଦୁର୍ବଳତାକୁ
କେମିତି ନିଜର କରିନେଇଛ ।

ହେ ଠାକୁର  ତୁମ କରୁଣାରୁ
କେବେ କରିବନାହିଁ ଉଣାଯେ
ସକଳ ଭାବ ନୀତି ଆଦର୍ଶରେ
ଚାଲିବାକୁ  ସଦା ଦିଅ ସଦବୁଦ୍ଧି ।
ତୁମ ଶକ୍ତିରେ ଆଲୋକିତ ହେଉ
ଏ ଜୀବଜଗତ ଆନନ୍ଦରେ ହସୁ
ସବୁ ତୁମରି କରୁଣା ଆଶିଷରେ
ସଂସାରର ମଙ୍ଗଳ କାମନା କର ।

ଆଳିଜଂଗା, କପାଳେଶ୍ୱର, ଠାକୁରପାଟଣା,
କେନ୍ଦ୍ରାପଡ଼ା, ୯୯୩୭୦୭୮୭୫୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରୀ ରାଇଜ



ଅଜିତ କୁମାର
ତ୍ରିପାଠୀ

ପରୀ ରାଇଜର ରାଜକୁମାରୀ ଗୋ
ତରତର କିଆଁ ହେଉ
କେଉଁଠି ତୁ ରହୁ କାର ଝିଅ ବୋହୂ
କୁଆଡେ ତୁ ଚାଲିଯାଉ । ।୧ । ।

ତୁହି ରାଜ ଜେମା ରୂପରେ ସୁଷମା
ତୁଳନା ତୋପରି ନାହିଁ
ଭାଷା ବାଣିଜ୍ୟର ନୁହେଁ ସୌଦାଗର
ବର୍ଣ୍ଣନା କରିବି ମୁହିଁ । ।୨ । ।

ଆଗୋ ମଦାଳସା ନାହିଁ ମୋର ଭାଷା
ଗରିବ ଅଟେ ଜ୍ଞାନରେ
ମୁହିଁ, ଦୀନ, ହୀନ, ଅଟେ ଅକିଞ୍ଚନ
ଅସମର୍ଥ ତୋ ସେବାରେ । ।୩ । ।

କିପରି ପାଇବି ପାରୁନାହିଁ ଭାବି
କେଉଁ ଅବା ଅଧିକାରେ
ନାହିଁ ଧନ, ଜ୍ଞାନ ଅବା ଭାଗ୍ୟବାନ
ଅଭିଶପ୍ତ ଅଭାବରେ । ।୪ । ।

ଆଗୋ ପ୍ରିୟତମା ଅଯୋଗ୍ୟ ନିକମା
କର୍ମହୀନ କଷଣରେ
କିଦେବି ଉପମା କଳଙ୍କ କାଳିମା
କଳୁଷିତ ଜୀବନରେ । ।୫ । ।

ନାହିଁ ଅଧିକାର ପାଇବାକୁ ମୋର
ତୁମପରି ଅପସରୀ
ପରୀ ରାଇଜରେ ପବିତ୍ର ସ୍ଥାନରେ
ଅଳକା ପୁରେ ବିହାରୀ । ।୬ । ।

ଗ୍ରାମ/ପୋଷ୍ଟ - କୁଲାଡ଼, ଭଞ୍ଜଭୂମି
ଭଞ୍ଜନଗର,ଗଞ୍ଜାମ - ୭୬୧୦୩୧
ଭ୍ରାମ୍ୟଭାଷ - ୯୪୩୭୧୮୯୯୪୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରୀ ରାଇଜ



ମନୋରମା
ରାଉତରାୟ

ଶୈଶବର ସ୍ମୃତି ଯାଇଅଛି ବିତି
ଭାଳୁଅଛି ଆଜି ମନେ,
ପରୀ ରାଇଜର ଅଭୁଲା କାହାଣୀ
ଘୁରି ବୁଲଇ ସପନେ ।

ହୃଦବୋଧ ହୁଅଇ ସବୁ ଅବାସ୍ତବ
ଥିଲା ମନଗଢ଼ା କଥା,
କୋମଳ ମତିକୁ ଜିଣିବା ଆଶାରେ
କାହାଣୀ ମୁଣିର ଗାଥା ।

ଚାହିନୀ ରାତିରେ ଜେଜେମାଆ ପାଶେ
ବସୁ ଚଉପାଶେ ବେଢ଼ି,
କହୁଥିଲେ ଗପ ଅତି ସରାଗରେ
ଖୋଲି କାହାଣୀରପେଡି ।

ମାଆ ଡ଼ାକିଡାକି ଥକି ପଡୁଥିଲେ
ଧରିଥିଲୁ ଜେଜି କାନୀ,
ସୁନାପିଲା ପରି ମନଧ୍ୟାନ ଦେଇ
ବସୁଥିଲୁ ହୋଇ ତୁନି ।

ଗପ ଶୁଣିଶୁଣି ନିଶା ହୋଇଯାଏ
କାହିଁରେ ନଲାଗେ ମନ,
ଆଗକୁ କିହେବ ଆଗ୍ରହ ବଢ଼ଇ
ଉଡଇ ମନ ପବନ ।

ପରୀ ରାଇଜରେ କଷଣ ଦୁଷଣ
ନାହିଁ କ୍ଲେଶ ଭୋଗାଭୋଗ,
ସଭିଙ୍କ ଚେହେରା ଧୋବ ଫରଫର
କରନ୍ତି ସୁଖ ସଂଭୋଗ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜକୀୟ ଠାଣି ଜ୍ଞାନୀ ମହାମାନି
ସର୍ବଦା ଚିର କୁମାର,
ଉଡି ବୁଲୁଥାନ୍ତି ତ୍ରିଭୁବନ ଯାକ
ଦେହେ ଲାଗିଥାଇ ପର ।

ମନ ପସନ୍ଦର ନିବାସ ସ୍ଥଳୀରେ
କରି ଆହାର ବିହାର,
ଭୋଗ ବିଳାସରେ ଜୀବନ ବିତଇ
ତନୁ ତେଜଦୀପ୍ତ ସୁନ୍ଦର ।

ପକ୍ଷୀରାଜ ଘୋଡା ଉଡାଇ ନିଅଇ
ମନମୁତାବକ ସ୍ଥାନ,
ସରଳ ନିରୀହ ରାଜ କୁମାରୀର
ଉଡାଇ ପିନ୍ଧାବସନ ।

ସେଇ କାହାଣୀର ଚରିତ୍ର ବଖାଣି
କରୁଥିଲେ କେତେ ବ୍ୟାଖା,
ଯୋଡ଼ିଦେଉ ଥିଲେ ସମ୍ପର୍କର ସୂତ୍ର
ବନ୍ଧୁ ସହୋଦର ସଖା ।

ପରୀ ରାଇଜର କାହାଣୀ ମୁଣିରେ
ଅଛି ଦିବ୍ୟ ମୂଲ୍ୟବୋଧ,
ଅବୋଧ ମନକୁ ବାନ୍ଧି ରଖିବାକୁ
ସେଇ ଅକାଟ୍ୟ ଔଷଧ ।

ଶ୍ରବଣ କଥନ ଶକତି ବର୍ଦ୍ଧନ
ସଂଳାପ ମଧୁ ବଚନ,
ହସ କାନ୍ଦ ଭରା ବିରହ ବେଦନା
ଚରିତ୍ରର ସଂଶୋଧନ ।

ଏକାଗ୍ରତା ଆଣେ ମନ ହୃଦୟରେ
ପରୋକ୍ଷରେ ଉପକାରୀ,
ଶିଖାଏ ସଂସ୍କୃତି ପରମ୍ପରା ଗାଥା
ଦୁଃଖ ଯାଏ ଅପସରି ।

ରହିଯାଏ ଆମ ମାନସ ପଟ୍ଟରେ
ସେଇ ଅଭୁଲା ସନ୍ଦେଶ,
ଗୁରୁଜନଙ୍କର ମହାନତା ପାଶେ
ହୃଦୟ ହୁଅଇ ବଶ ।

କୋରାପୁଟ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟେକିଦେଲି ଦୁଇ କର



ବଂଶୀଧର୍ ପଣ୍ଡା

ମୁଁ କି ଜାଣିଥିଲି ତୁମକୁ ଡାକିବା,
ଏଡିକି ଦୁରୁହ ପ୍ରଭୁ,
ମୁଣ୍ଡେ ଲଦିଦିଅ ଦୁଖଭାର ଯେତେ
ଯାତନା ଯନ୍ତ୍ରଣା ସବୁ,
ଏହିକି ତୁମ୍ଭର ବଡ଼ପଣ କଥା
ଅଳପ ଲୋକରେ ଦେଇ ଜାଣ ବ୍ୟଥା
ତୁଣ୍ଡ ବୁଡ଼ି ପାଣି ନାକୁଏ ହେଲାଣି
ହେଉଛି ଯା ଉବୁଟୁବୁ ।#
ମୋ ଦୁଃଖ ଦେଖି ଯା ଆନନ୍ଦ ପାଉଛ
ହସୁଛ ହେ ଚକ୍ରପାଣି,
ସହିବା ଶକତି ସରିତ ଗଲାଣି
କଷୁଚ କି ଜାଣି ଜାଣି

କି ସୁଖ ପାଉଚ ଦୁଃଖ ଦେଇ କିନା
ଚୁଲି ଚାଳ ମୋର ଉଜାଡିଲ ସିନା
ଭିକ ତ ଦେଲନି ଥାଳ ଭାଙ୍ଗି ଦେଲ
କୋଉ ଦୋଷେ କହ ପୁଣି ।#
ଏ ମହି ମଣ୍ଡଳେ ଛାର ପଣେ ଗଣା
ସଦା ଅପରାଧି ଜନ,
କ୍ଷମ ଅପରାଧ,ହେ କ୍ଷମା ସାଗର ।
ଶତତ କରେ ଜଣାଣ,
କ୍ଷମା ଗୁଣ ସିନା ଜଗତରେ ସାର୍,
ମାରନା, ମଲିଣି, ଡାକେ ବାରଂବାର
ଆହେ ଆତତ୍ରାଣ, ଘେନ ମୋ ଜଣାଣ,
ଟେକି ଦେଲି ଦୁଇ କର ।#

ସଭାପତି, ବଣମଲ୍ଲୀ ସାହିତ୍ୟ ସଂସଦ
ଆରିକମ୍ପା, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭକ୍ତ ଭଗବାନ



ଜନରଞ୍ଜନ ପ୍ରଧାନ

ଭକ୍ତ ଭଗବାନ ନୁହଁନ୍ତି ଅଭିନ୍ନ କ୍ଷୀରନୀର ତାଙ୍କ ଭାବ
ଭକତ କାନ୍ଦିଲେ ଭଗବାନଙ୍କର ଆଖିକୁ ନ ଆସେ ନିଦ ।

ପୁରାଣ ପୃଷ୍ଠାରେ ଭକ୍ତ ଭଗବାନ ରହିଛି ଅମୃତ ଗାଥା
ଭଗବାନଙ୍କର କରୁଣା ପାଇଲେ ଭକ୍ତ ଗାଉଥାଏ ଗୀତା ।

ଭକତ ଗଳାର ହାର ଭଗବାନ ଦିନ ରାତି ହୁଏ ଜପି
ଭକତ ବିଦୁର ଶାଗ ଭଜା ଖାଇ କୃଷ୍ଣ ଲଭିଥିଲେ ତୃପ୍ତି ।

ଛାର ଶବରୁଣୀ ଭକତି ବଳରେ ଦେଲା ତାହାର ଅଇଣ୍ଠା
ଭକତି ଭାବରେ ଶ୍ରୀବତ୍ସ ବ୍ରାହ୍ମଣ ମାରିଲା ଠିଆ ଗୋଇଠା ।

ଭକ୍ତ ପ୍ରହଲ୍ଲାଦ ଅବୋଧ ବାଳକ ତୁଣ୍ଡେ ଥିଲା ହରି ନାମ
ସ୍ତମ୍ଭ ରୁ ବାହାରି ହିରଣ୍ୟ ବିଦାରି ରଖିଲେ ଭକତ ମାନ ।

ଅବୋଧ ବାଳକ ସହି ନ ପାରିଲେ ବିମାତା ଙ୍କର କଷଣ
ତପସ୍ୟା ବଳରେ ଭଗବାନ ଉଭା ଭକତ ତାଙ୍କର ପ୍ରାଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭକତ ଦାସିଆ ଶ୍ରୀଫଳ ଶ୍ରଦ୍ଧାରେ ନେଇଥିଲ ମହାବାହୁ
ସାଲବେଗ ପାଇଁ ରଥ ରହିଥିଲା ଭକ୍ତ ପାଇଁ ସାହା ହେଉ ।

ଭକ୍ତ ବିଶ୍ୱାବସୁ ବିଶ୍ୱାସ ପ୍ରତୀକ ବିଶ୍ୱାସେ କରିଲା ପୂଜା
ଭକ୍ତ ଇନ୍ଦ୍ରଦ୍ୟୁମ୍ନ ତା ରାଣୀ ଗୁଣ୍ଡିଚା ତୋ ପାଇଁ ପାଆନ୍ତି ପୂଜା ।

ଶ୍ରୀୟା ଚଣ୍ଡାଳୁଣୀ ଭକତି ବଳରେ ହୋଇଅଛି ପୁଣ୍ୟବତୀ
ତା ଦୁଆରେ ଉଭା ଲକ୍ଷ୍ମୀ ଠାକୁରାଣୀ ଭକତର କରାମତି ।

ଭକତର ମନ ଜାଣି ପାରିଥିଲ ଆହେ ମନୁଆ ଠାକୁର
ସ୍ନାନ ମଣ୍ଡପରେ ଗଜ ବେଶ ହେଲ ଭକତ ପ୍ରାଣ ତୁମର ।

ଭକ୍ତ ଜୟଦେବ ପଦ ଲେଖିବାକୁ ଧରିଲ ରାଧା ଚରଣ
ଯୁଗେ ଯୁଗେ ଭକ୍ତ ଭଗବାନଙ୍କର ତୁମେ ମୋହର ଜୀବନ ।

ଆଳୋଇ, ବାଲିପାଟଣା
ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୁଯୋଗ କରନା ହାତଛଡ଼ା



ତୃପ୍ତିରାଣୀ ପାତ୍ର

ଅସାର ସଂସାରେ ମିଥ୍ୟା ସମ୍ପର୍କରେ
ଯାଆରେ ଭୁଲି ମନ
ଜୀବନ ଯୌବନ ଅଢେଇ ଦିନରେ
ବୁଝି ସଞ୍ଚୁଥାରେ ଧନ ।

ମାନବ ଜୀବନ ଅଟେ ତବ ପୂଣ୍ୟ
ଲଭିଣ ଶ୍ରେଷ୍ଠ ଜନମ
କିଏ କରି ପାରେ ତାହାର ତୁଳନ
ନାହିଁ କେହି ତା'ର ସମ ।

ଧରମ କରମ ପାପପୁଣ୍ୟ ତପ
ଭାଗ୍ୟେ ମିଳେ ଭାଗ୍ୟଫଳ
ସପନ ସମାନ ଜୀବନ ପ୍ରଦୀପ
ଜଳି ଦିଅଇ ସଫଳ ।

ନକରିବା ସୁଯୋଗକୁ ହାତଛଡ଼ା
ପିଣ୍ଡେ ପ୍ରାଣ ଥିବା ମଧ୍ୟେ
ଦୁର୍ଭାଗ୍ୟ ବୋଲିଣ ନହୁଅ ବାଉଳା
ଧୈର୍ଯ୍ୟେ ସଫଳତା ସାଧେ ।

ସୁବିଧା ସୁଯୋଗ ମିଳଇ କଷ୍ଟରେ
ସୁକର୍ମ ଯିବାରେ କରି
ଆସିବ ଅନେକ ବିପଦ ମହୀରେ
ଗୋଡ ଟାଣୁଥିବ ଅରି ।

ସୁଯୋଗଟି ଆସେନାହିଁ ବାରମ୍ବାର
ସୁକର୍ମେ ବୁଦ୍ଧି ବିଚାରି
ଯଥା କାଳ କଥା କେମନ୍ତ ଉତ୍ତମ
ଏକଥା ନଯିବା ଭୁଲି ।

ସୁବର୍ଣ୍ଣ ସୁଯୋଗ ଆସେ ଥରେ ଥରେ
ହାତଛଡା କରିବାନି
ସମୟ ଅତ୍ୟଳ୍ପ ବୁଝିବାରେ ଧୀରେ
ସତ୍କର୍ମେ ସପନ ଗୁଣି ।

ସହଦେବଖୁଣ୍ଟା, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁଯୋଗ କରନା ହାତଛଡା



ସ୍ୱପ୍ନା ମହାନ୍ତି

ପ୍ରକୃତି କୋଳେ

କେତେ ଯେ ଆତଯାତ

ପ୍ରାଣୀଜଗତ

ସଭିଏଁ ଅଟନ୍ତି ଆମର ଗୁରୁ

ବାର ବାର ଝୁଣ୍ଟି ଉଠି

ଚାଲୁ

ସଫଳତାର ସ୍ୱାଦ ଦିଏ ଅଜାଡି !

କାହିଁକି ବା କରିବା

ସୁଯୋଗର ହାତଛଡା

ମୁହୂର୍ତ୍ତ ମୁହୂର୍ତ୍ତ

ଆମ ପାଇଁ ଅଟେ ମୂଲ୍ୟବାନ

କର୍ମ ନୁହେଁ ଛୋଟ ବା ବଡ଼

ସବୁ କର୍ମ ନିଜ ନିଜ କ୍ଷେତ୍ରେ କରିଦିଏ

ସଫଳ

ଧୈର୍ଯ୍ୟ ସାହସର ମୁକାବିଲା

କିଛି ଜଣା

କିଛି ଅଜଣାର ତଥ୍ୟ

ଜୀବନର ପଥ କରିଦିଏ ସୁଗମ

ସୁଚିନ୍ତିତ ସୁକର୍ମକୁ ନେବା ଆଦରି

ଦୃଢ଼ ନିଷ୍ଠା ଓ ନିସ୍ୱାର୍ଥପର ପ୍ରେମରେ

କରିଯିବା କର୍ମ !

ପାଇବା ଫଳ ଅତି ମଧୁର !

ସୁଯୋଗକୁ କରିବା ଆମନ୍ତ୍ରଣ

ସଦୁପଯୋଗ କରି

ହାତ ମୁଠାରେ ଦେବା ବାନ୍ଧି !

ସୁଯୋଗ କରନା ହାତଛଡା ବନ୍ଧୁ !

ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁଯୋଗ କରନା ହାତଛଡ଼ା



ନିରୁପମା ପାଣି

ସୁଯୋଗ କରନା ହାତ ଛଡା ବନ୍ଧୁ
ସବୁ ବେଳେ ସେହି ଆସେନା
ଥରେ ଖସିଗଲେ ହାତରୁ ସୁଯୋଗ
ଜୀବନେ କେବେବି ମିଳେନା
ଭଲ ସମୟରେ ଆସଇ ଥରେସେ
ଭାଗ୍ୟ ପରିକ୍ଷାର ବେଳ
ଦୃଢମନନେଇ ଆଗେଇ ପାରିଲେ
ମିଳିଥାଏ ଭଲଫଳ
ସୁଯୋଗ ଦୁର୍ଯୋଗ ନିୟତି ଲିଖନ
ଅଚାନକେ ଆସିଯାଏ
କାହାକୁ ହସାଏ କାହାକୁ ଫସାଏ
ଭୋଗେ ଯିଏ ଜାଣେସିଏ
ସତ ଉପୋଯୋଗ କର ସୁଯୋଗର
ସତ୍ୟପଥେ ସଦାରହି
ଭଲଫଳ ନିଶ୍ଚେ ଫଳିବ ଜୀବନେ
ଏକଥା ପ୍ରମାଣ ଥାଇ...

ଚାନ୍ଦବାଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଦର୍ଶ ଚୟନ



ନାରାୟଣ ଚନ୍ଦ୍ର
ସେନାପତି

ଚିନ୍ତା ଚେତନାର ସୂକ୍ଷ୍ମ କଣିକାଟି
କରେ ଯେବେ ଦିବ୍ୟ ମନନ
ଶୃଙ୍ଖଳ ଇନ୍ଦ୍ରିୟ ପ୍ରଫୁଲ୍ଲ ଚିତ୍ତରେ
କରଇ ଆଦର୍ଶ ଚୟନ ।

ଚୟନ ଅଟଇ କୁନି ବୀଜଟିଏ
ଲୋଡିଥାଏ ଆଶା ଭରସା
ସେହି ଭରସାଟି ଫଳବତୀ ହେଲେ
ପୁରେ ମନ ତରୁ ତୃଷା ।

ନିଜ ପସନ୍ଦରେ କରିବା ଭୋଜନ
ପରଖି ବିଜ୍ଞାନ ଗୁଣ
ପ୍ରିୟର ଚୟନେ ପିନ୍ଧିବା ବସନ
ହୋଇବ ମନ ଉଚ୍ଛନ୍ନ ।

ଚିନ୍ତାଧାରା ଯଦି ତାଳମେଳ ଖାଏ
ହୁଅଇ ସାଥି ଚୟନ
ପ୍ରତି ମୁହୂର୍ତ୍ତ ଟି ସାଉଁଟେ ଆନନ୍ଦ
ଖୁସି କରେ ମନ ପ୍ରାଣ ।

ସବୁଠୁ ମହତ୍ତ୍ୱ ଜଟିଳ କାମଟି
ଜୀବନ ସାଥି ଚୟନ
ଉପଯୁକ୍ତ ଆତ୍ମା ଗଙ୍ଗାଜଳ ସମ
ଜୀବନ ହୁଅଇ ଧନ୍ୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକାଳ ଚିନ୍ତାରେ କାଳ ଯୋଡ଼ିଦେଲେ
ଧକେଇ  ଚୟନ କାନ୍ଦେ
ପ୍ରଦୋଷରେ ଦୋଷ ଦୁଃଖ ବୁଣିଦେଲେ
ଖୁସି ହୃଦୟକୁ ବାଧେ ।

ଉଚିତ ସମୟେ ଭଲ ଗୁରୁଟିଏ
ମିଳିଥାଏ ଯଦି କେବେ
ଭବିଷ୍ୟତ କହେ ଆଦର୍ଶ ଚୟନ
କରିଛ ଗର୍ବେ ଗୌରବେ ।

ପ୍ରତିଟି ଆତ୍ମାର ଭଲଗୁଣକୁ ଯେ
ଆଗ୍ରହେ କରେ ଚୟନ
ଉତ୍ତମ ବିଦ୍ୟାର୍ଥୀ ବନେ ସେ ମହୀରେ
ହୃଦେ ଧରେ ଦିବ୍ୟଜ୍ଞାନ ।

ବକ ପରି ଧ୍ୟାନ କରି ଯେ ଆଚରେ
ମଧୁମକ୍ଷିକାର ଗୁଣ
ସ୍ଥିତପ୍ରଜ୍ଞ ସିଏ ବାଜ ଦୃଷ୍ଟି ତା'ର
ଆଦର୍ଶ ତୀକ୍ଷ୍ଣ ଚୟନ ।

ପାଞ୍ଚ ବିକାରକୁ ପୋଡି ଯେ ଅଗ୍ନିରେ
ବିଭୁଙ୍କୁ ମଣେ ଆତ୍ମନ
ପାର୍ଥିବ ଜଗତେ ମହାନ ଆତ୍ମା ସେ
ଆଦର୍ଶ ତା'ର ଚୟନ ।

ବିଶୁଦ୍ଧତା ପ୍ରେମୀ ଉଦାର ଚିତ୍ତରେ
ସରାଗେ କଲେ ଚୟନ
ଅପମିଶ୍ରଣଟି ଲଜ୍ଜା ରେ ଦୁରାଏ
ପ୍ରକୃତି କରେ କୀର୍ତ୍ତନ ।

ଜମ୍ବୁରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଦର୍ଶ ଚୟନ



ଦେବାଶିଷ ସିଂହ

ଆଦର୍ଶରେ ଅନୁପ୍ରାଣିତ ମଣିଷ ଜୀବନ
ଜୀବନର ଉତ୍ସ ପ୍ରଣିଧାନଯୋଗ୍ୟ
ହୃଦବୋଧ କରନ୍ତି ଅନୁପ୍ରାଣିତ ଜୀବନ
ପାରନ୍ତି ବୁଝି ଜୀବନର ମୂଲ୍ୟବୋଧ ।

ବୋଧଗମ୍ୟ ଜୀବନ ଆଦର୍ଶର ଦିଗନ୍ତ
ସମାଜର ଜନ ହୁଅନ୍ତି ଅନୁପ୍ରାଣିତ
ସୁଶୋଭିତ ନୀତି ଆଦର୍ଶର ପ୍ରାନ୍ତ
ସୁରମ୍ୟ ସୁଷମାରେ ଶୋଭିତ ।

ଆଙ୍କିଥାଏ ଆଦର୍ଶର ମାନଚିତ୍ର
ସମାଜରୁ ଜାତ ପଙ୍କଜ
ନୀତି ଆଦର୍ଶର ଗନ୍ତାଘର
ଆଦର୍ଶରେ ବିଭୂଷିତ ।

ସତ୍ ମାର୍ଗ ଆଦର୍ଶର ପଥ କରିଥାଏ ସୁଗମ
ସତ୍ ସଂଘ ଐକାତାର ମାପ ଦଣ୍ଡ
ସତ୍ ପଥେ ସତ୍ ମାର୍ଗେ ଧାବମାନ
ପ୍ରତିଟି ମଣିଷ କରନ୍ତି ଆଦର୍ଶ ଚୟନ ।

ବାଲେଶ୍ୱର, ୯୦୪୦୪୬୬୬୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଦର୍ଶ ଚୟନ



ସନ୍ତୋଷ କୁମାର ସାହୁ

ଜୀବନ ଜୀବିକା ସଂଗ୍ରାମରେ ରତ
କେବେ ସୁଖ ଦୁଃଖ ସହାନୁଭୂତି
ପେଟ ପାଇଁ ନାଟ ଧନୀ ଗରିବଙ୍କ
ଚିନ୍ତା ରହିଥାଏ ଦିବସ ରାତି ....

ବ୍ୟକ୍ତିଗତ ଭିନ୍ନ ସମସ୍ତଙ୍କ ମନ
କାହା ପାଇଁ କର୍ମ ନୁହେଁ ସମାନ
ଆପଣା ପସନ୍ଦେ ଆପଣାଇ ନିଏ
ଗଢ଼ିବାକୁ ନିଜ ଭବିଷ୍ୟ ଦିନ ....

କିଏ ଚିନ୍ତେ ମନେ ପ୍ରଶଂସା ସମ୍ମାନ
ଉପାର୍ଜନ ପାଇଁ ସୁନାମ ଯଶ
ଥାଇ ବୁଦ୍ଧି ବଳ ଚୟନ ପ୍ରକ୍ରିୟା
ହୁଏ ଅବହେଳା ବରଷ ମାସ ...

ବେପାର ବାଣିଜ୍ୟ ରାଜନୀତି କିଏ
କିଏ କରୁଅଛି ଚାକିରୀ ବୃତ୍ତି
କିଏ କରୁଅଛି ଗୁଣ୍ଡାଗିରି କାମ
କିଏ ଡକାୟତି ଲୁଣ୍ଠନେ ମାତି ...

ଉତ୍ତମ ଚିନ୍ତନ ଜୀବନ ନିର୍ବାହେ
ଆଣିଦିଏ ଶୁଭ କରମ ଫଳ
ଆନନ୍ଦ ଉତ୍ସାହ ଭରିଦିଏ ମନେ
ବଞ୍ଚିବା ଉପାୟ ଉତ୍ତମ ବେଳ ....

ଆଦର୍ଶ ଚୟନେ କର୍ମକୁ ବାଛିଲେ
ଅମୃତ ସମାନ ହେବ ଜୀବନ
ଅସରନ୍ତି ଖୁସି ବରଷିବ ପଥେ
ପାଇବା ବିଭବ ମାନ ସମ୍ମାନ ....

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ପରିବାର ଅତି ସୁନ୍ଦର



ସ୍ୱାଗତିକା ସାହୁ

ରୋପି ଦେଇଥିବା "ସଂସାର ଚାରାଟା"
ପାଲଟି ଗଲାଣି ବିଶାଳ ଦ୍ରୁମରେ
ଅନୁଭବ ଅମୃତର ଆବାହନ ତୋଳୁଛି
ତୁମ ସୃଜନିର ସୁନ୍ଦର ଏ ପରିବାର
ହଁ ଆମ ପରିବାର ଅତି ସୁନ୍ଦର ଏ ବିଶ୍ୱେ
ଭରି ରହିଛି ନେହ୍ଣା ନେହ୍ଣା
ଅତ୍ମୀୟତାର ମହକ
ଅନୁଭବ ବର୍ଣ୍ଣାଳିରେ ଦେଖିଛି
ଆଗକୁ ଆଗକୁ ପାଦ ବଢ଼ାଇବା ପାଇଁ
ଜଣେ ଜଣକୁ ସାହାର୍ଯ୍ୟର ହାତ ବଢ଼ାଏ
କି ଅପୂର୍ବ ଆକର୍ଷଣ ବିନା ସ୍ୱାର୍ଥରେ
ସ୍ୱକୀୟ ଶାନ୍ତିର ଅମଳିନ ଅର୍ଘ୍ୟଟିଏ
ଏଠି ସେବାର ସହଯାତ୍ରୀ ସମସ୍ତେ
ଶୈଶବ, କୈଶୋରର କାନ୍ତି
ଅଶ୍ରୁଳ ନୟନ କରିଛି ମୋଚନ
ସେଇ ପିତୃ, ମାତୃ, ଭଗ୍ନୀର ପୀୟୂଷ କୋଳେ
ଶ୍ରଦ୍ଧା, ବିଶ୍ୱାସ, ଅତ୍ମୀୟତା,ଉଲ୍ଲାସ
ଅଛି ଏ ସବୁ ଅମୂଲ ମୂଲେ
ରହିଛି ସେଇ ଗ୍ରାମ୍ୟ ମାଟିରେ
ଝରା ପ୍ରୀତିର ସ୍ୱର୍ଣ୍ଣିମା ବନ୍ଧନ
ଥକି ପଡିଥିବା ଦେହମନ, ଅନ୍ତରର ବେଦନା
ଉପମସିଯାଏ ମାଁ କୋଳର ପଣତରେ
ମଳ ମଳ ଉଚ୍ଛ୍ୱାସକୁ ଦୂର କରେ
ନିବିଡ଼ ବାହୁ ବନ୍ଧନର ସ୍ନିଗ୍ଧ ଆକର୍ଷଣେ
ମୋ ପରିବାର....
ଅର୍ପଣ କଳାର ଅର୍ଘ୍ୟଟେ ସେ
ନିଆରା ଆବେଗପୁର୍ଣ୍ଣ ସଙ୍ଗମ ସ୍ଥଳୀ
ହଁ ଏ ସମଗ୍ର ବିଶ୍ୱତ ମୋ ପରିବାର
ଆବୁଝାମଣାକୁ ଢ଼ୋକି
ଅନ୍ୟ ସୁଖରେ ସୁଖି ସମସ୍ତେ
ପରମ୍ପରା,ରୀତିନୀତି ସବୁ
ବିଭିନ୍ନତା ମଧ୍ୟରେ ଏକ ଏଠି
ସଭିଏଁ ଅତିଥି କେହି ଚିର ଦେହୀ ନୁହଁ
ଏଇ ସ୍ୱର୍ଗୀୟ ମୂଳକ ମୋ ପାଇଁ ସ୍ୱର୍ଗ

ଉମରକୋଟ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁଠୁ ସୁନ୍ଦର ଆମ ପରିବାର



ଶାନ୍ତିଲତା ପଣ୍ଡା

ସବୁଠୁ ସୁନ୍ଦର ଆମ ପରିବାର
ତୁଳନା କା'ଠାରେ ନାହିଁ ,
ହସଖୁସି ଭରା ସରଗ ସୁଷମା
ଯେଉଁଠି ନିତି ଝରଇ ।

ସରାଗର ନଇ ଯାଏ ବହି ବହି
ପ୍ରତିଟି ହୃଦୟ ଶେଯୁ,
ସ୍ନେହର ସୂତାରେ ଗୁନ୍ଥା ଆମ ମନ
ସିଞ୍ଚନରେ ତାର ଭିଜୁ ।

ଓଡ଼ିଶା ରାଇଜେ ଘର ଆମ ସିନା
ଅଛୁ କୋଣେ ଅନୁକୋଣେ,
ଯେତେ ଦୂରେ ଥିଲେ ଲାଗେ ନିକଟରେ
ବନ୍ଧା ତ ଅନନ୍ୟା ପ୍ରେମେ ।

ବଡ଼ ପରିବାର ହେଲେ ବି ଆମର
ନାହିଁ ହିଂସା ସ୍ୱାର୍ଥ ଭାବ,
ସାହିତ୍ୟ ପସରା ଆମ ପରିଚୟ
ସୃଷ୍ଟି ଆମ ଅଭିନବ ।

ମନ ଉପବନେ ପ୍ରୀତିର ଗଜଲ
ନିତି ଗାଇ ଗାଇ ଯାଏ,
ଅନନ୍ୟା ଉଦ୍ୟାନେ କେତେ ଭାଷାଫୁଲ
ମହକ ଛୁଟାଉଥାଏ ।

ଆମ ପରିବାର ନିଆରା ପଣରେ
ନିଆରା ଢଙ୍ଗରେ ଛନ୍ଦା,
କେତେ ଯେ ସୁନ୍ଦର ପରିଧି ତାହାର
ସରାଗେ ହୋଇଛୁ ବନ୍ଧା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭିନ୍ନ ଏକ ମା



ହାସ୍ୟମୟୀ ରାଜ

ଅନେକ ହିସାବ ନିକାଶ ପରେ

ତୋତେ ଦେଲା ଜରାୟୁରେ ସ୍ଥାନ

ସହିଲା ଗର୍ଭ ଯନ୍ତ୍ରଣା

ଦଶମାସ ଦଶଦିନ

ଦେଲୁ କୁଆଁ କୁଆଁ ଡାକ

ଦେଖିଲୁ ଦୁନିଆ ଆଲୋକ

ହେଲେ ତୁ ହେଲୁ ଆଉ କାହାର

ତା କୋଳ ହେଲା ତୋ ପାଇଁ ସାତପର

ଜାଣିଛୁ ବାବା !

କିଛି ଅର୍ଥ ବଦଳରେ

ବିକିଦେଲା ତା'ର ମାତୃତ୍ୱ

କରିନେଲା ପୁଣି ଏହାକୁ ଜୀବନର ବ୍ରତ ।।

ତୋ ପାଇଁ

ତା'ର ସବୁ ଭାବପ୍ରବଣତା ମୂଲ୍ୟହୀନ

କହିଲୁ, ଭାବନାକୁ କ'ଣ

ବାଦ୍ ଦେଇପାରେ ବିଜ୍ଞାନ

ସେଇଥିପାଇଁ ତ ଗର୍ଭର ସନ୍ତାନ ପାଇଁ

ଜେଜେମା କହେ ପଢିବାକୁ

ମହାଭାରତ ରାମାୟଣ

ହୁଏତ ତୋ ସହ

ନାହିଁ ତା'ର ରକ୍ତର ସଂପର୍କ

ହେଲେ ତା ଭାବନା ସହ

ତୋର କ'ଣ ମିଶି ନଥିବ ପ୍ରାଣ !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧନରେ ! କିଏ ବୁଝିବ ତା'ର  ଦୁଃଖ

ଜାଣେନି ତୋତେ ଜନ୍ମ ଦେଇ

ସେ ପୁଣ୍ୟ କରେ କି ପାପ

ହେଲେ ଏତିକି ଜାଣିଥା

ତୋ ରକ୍ତର ମା ମୁହଁରେ

ହସ ଫୁଟେଇବାକୁ

ତା'ର ଏଇ ଭିନ୍ନ ରୂପ

ତୁ ତାର ସନ୍ତାନ

ହେଲେ ସେ ତୋର ଭଡାଟିଆ ମା

ଧନ୍ୟ ଏ ବିଜ୍ଞାନ

ଦେଇଛି ତାକୁ  ଏ ନାଆଁ  । ।

ଓରାଳି, ହାଟଡିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଁ ମୋ ସରଗ



ପ୍ରଫୁଲ୍ଲ କୁମାର ହୋତା

ଗାଁଆଟି ମୋର ଅତି ନିଜର
ତାଆଠୁ ବଡ଼ କିଏ
ଜନନୀ ସିଏ ପାଳୁଛି ମୋତେ
ସ୍ନେହ କଳିବ କିଏ ?
ଏଣ୍ଡୁଡ଼ିଶାଳ ସାକ୍ଷୀ ରହିଛି
ମଶାଣି ଶେଷ ଯାତ୍ରା
ଭଲ କରିବି ନାଁ ରଖିବି
ଏହି ମୋହର ବାର୍ତ୍ତା ।
ଗାଁ ମାଣବସା ଝୋଟି ଓ ଚିତା
ଖୁଦୁରୁକୁଣି ଓଷା
ଗାଁ ରଜଦୋଳି ସେନେହ ପ୍ରୀତି
ସବୁ ଗାଁରେ ବସା ।

ଗାଁ ମୁଣ୍ଡରେ ଶିବ ମନ୍ଦିର
ପାଠଶାଳା ମୋ ଅଛି
ଅଙ୍ଗନବାଡ଼ି ଆକର୍ଷଣକୁ
ଶିଶୁ ପାରେନି ମୂରଛି ।
ମହରମ ଦୋଳ ପରବ
ସବୁ ଏଇଠି ହୁଏ
ଭାଇଚାରାର ବାର୍ତା ଦିଅଇ
ଆତ୍ମାଟି ଶାନ୍ତି ପାଏ ।
ଟୁଙ୍ଗିରେ ଚର୍ଚ୍ଚା ଭାଗବତର
ଖଞ୍ଜଣି ମାଡ଼ ମଜା
ହଜିନି ଏଠି ଆମ ସଂସ୍କୃତି
ଉଡୁଛି ପ୍ରୀତି ଧ୍ୱଜା ।

ଜିଲ୍ଲା ଖୋର୍ଦ୍ଧା, ଓଡ଼ିଆ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍ମୃତି



ସଂଘମିତ୍ରା କବି

ସ୍ମୃତି,

ତଳେପଡ଼ି ଫାଟିଯାଇଥିବା
ଏକ ଫଟା ଆଇନା ପରି !
ସମୟ ତ ଅତିକ୍ରମ ହୁଏ
ପରନ୍ତୁ ସେହି ଫଟା ସ୍ଥାନଟି
କେବେବି ପୂର୍ଣ୍ଣ ହୁଏନି ,
ଦାଗ ରହିଯାଏ ସବୁଦିନ ପାଇଁ !!

ସ୍ମୃତି,

ଏକ ଚିରା କାଗଜପରି !
ଯାହାକୁ ଯେତେ ଯୋଡ଼ିଲେ ମଧ୍ୟ
ସେହି ଚିରା ଦାଗକୁ ଲୁଚେଇ ହୁଏନି !
ତାହା ରହିଯାଏ ସବୁଦିନ ପାଇଁ !!

ସ୍ମୃତି,

ଦେହରେ ଲାଗିଥିବା
ଏକ କ୍ଷତର ଚ଼ିହ୍ନ ପରି !
ସମୟର କରାଳ ଗତିରେ
ସେହି କ୍ଷତସ୍ଥାନଟି ସିନା
ପରିପୂର୍ଣ୍ଣ ହୋଇଯାଏ !
ହେଲେ ଦାଗ ରହିଯାଏ
ସବୁଦିନ ପାଇଁ !!

ସ୍ମୃତି,

ହୃଦୟ ଗହ୍ୱରର !
ଲୁକାଇତ କ୍ଷତ ପରି
ସମୟତ ଚାଲିଯାଏ
ତା ବାଟରେ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଲେ ହୃଦୟର ସେହି
ଅପୁରଣୀୟ କ୍ଷତ ସ୍ଥାନଟି
ସେହିପରି ରହିଯାଏ ,
ସବୁଦିନ ପାଇଁ ! !

ସର୍ବ ସମ୍ମୁଖରେ ତ ତାହା
ରହିଥାଏ ସ୍ମୃତିହୋଇ
କିନ୍ତୁ ହୃଦୟରେ ରହିଯାଏ
ଏକ କ୍ଷତ ହୋଇ !
ଯାହାକୁ ଉପସମ
କରିବା ନିମନ୍ତେ,
କୌଣସି ଔଷଧ ନାହିଁ !
ଯାହାକି ରହିଯାଏ
ଛାତିତଳେ ଚିରଦିନ ପାଇଁ ! !

କଟିକଟା, ଦଶରଥପୁର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ଅନନ୍ତ ଶୃଙ୍ଗାର



ମୌସୁମୀ

ମହୋଦଧି'ର
ଅତଳ-ତଳରୁ-
କ୍ଷୀର-ସମୁଦ୍ର ଯାଏ,
ଅନ୍ତରୀକ୍ଷ ନୀଳିମାରୁ-
ଗୋଲକ ଯାଏ,
ସ୍ଥିତିରୁ-
ଅସ୍ଥିତି ପର୍ଯ୍ୟନ୍ତ,
ରେଣୁ'ରୁ-
ବ୍ରହ୍ମାଣ୍ଡ ଅତିକ୍ରମି
ନଭ ମଣ୍ଡଳେ
ଅମରାବତୀ ପୁର ଯାଏ,
ଅନୁସନ୍ଧିତ୍ସାର-
ତୀବ୍ର ଆଲୋଡ଼ନେ
ଖୋଜେ ମୁଁ-.ତୁମକୁ
ଅନନ୍ତ ଗଗନେ-
ବିଜୟିନୀ ତୃଷ୍ଣା
ବିମ୍ବିତା ନୟନେ
ଅଥଚ-

ପରାଭୂତା ମୁଁ
ହେ ମହାକାଳ..
ଅନନ୍ତ ପ୍ରପଞ୍ଚ ତୁମ
ସପ୍ତ ପାରାବାର ଲଙ୍ଘି
ଅନନ୍ତ ନୀଳିମା ଭେଦି
ଘୋ-- ଘୋ
ଅନାହତ ନାଦେ
ସଚରାଚର
କୀଟ-ତରୁ-ଲତା ଜୀବ-କୁଳେ
କବଳିତ କର କାଳବଳେ...

ଲୌହ ପଚମାନ ହୁଏ
ଚୂର୍ଣ୍ଣ ହୁଏ ମମତାଜ'ର
ଶଙ୍ଖ-ମଲମଲ,
କିଅବା ଅସ୍ଥି ପଞ୍ଜର
ବୁଦ୍-ବୁଦ୍ ସମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାନବ ଜୀବନ

ହୁଏ ସତ୍ତାହୀନ

ତୁମ ଗର୍ଭେ

ହେ ମହାକାଳ-

ତୁମେ ଚିରନ୍ତନ...

ତୁମେ ହିଁ ତ---

ଅନନ୍ତର ଅନନ୍ତ ଶୟନ....

ତୁମେ ସତ୍ୟ-

ତୁମେ ଧ୍ରୁବ,

ତୁମେ ନୀରାକାର-ନିରଞ୍ଜନ

ତୁମେ ହିଁ-ଗୋଲକ

ତୁମେ ବ୍ରହ୍ମ-ଲୋକ

ନାଗଲୋକ..ସୁର ଲୋକ....

ତୁମେ ବ୍ରହ୍ମ ବିନ୍ଦୁ

ତୁମେ ସନାତନ...

ପ୍ରତ୍ୟୁଷର ଅରୁଣିମା

ପ୍ରଦୋଷ ରକ୍ତ-ରାଗେ

ତୁମ ସ୍ତୁତି-ଗାନ,...

କୋଟି-ବ୍ରହ୍ମାଣ୍ଡ ଈଶ୍ୱର

ହେ କାଳ ମହାନ...

ପଲକ-ଦଣ୍ଡ-ଘଣ୍ଟା

ଅନନ୍ତ କାଳର ଆକଳନେ

ମାପଦଣ୍ଡ କି'ବା,-

ଅବା କ୍ରମ-କ୍ଷୟିଷ୍ଣୁ

ଜୀବ-ଜଡ଼ ବସ୍ତୁ

ଆୟୁଷ-ନିର୍ଘଣ୍ଟ.. ? ?

କି'ବା ନୂତନ

କି'ବା ପୁରାତନ..

ସମୟର ଚକ୍ରେ-

ଆଦ୍ୟ ପ୍ରଭାତ ପ୍ରାକ୍ତନ

ଅବା ସାୟନ୍ତନ....

ହେ ସମୟ---

ତୁମେ ନିତ୍ୟ ନୂତନ

ନିତ୍ୟ ହିଁ ପ୍ରାଚୀନ.......######

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆ ଜହ୍ନରେ ତୋଳିବା ଘର



ସଂଯୁକ୍ତା ସାହୁ

ତୁମେ ଯଦି ଚାହିଁବ
ତୁମ ପାଇଁ ମାଗିଆଣିବି ଜହ୍ନ
ତୁମେ ଯଦି କହିବ ତୁମ ପାଇଁ
ପଙ୍କରୁ ତୋଳିଦେବି ପଦ୍ମ
ତୁମ ଚାରିପାଖେ ଘୁରିବୁଲୁଥିବି
ଅହର୍ନିଶ ଠିକ ଭଅଁର ପରି
ତୁମ ପାଇଁ ପ୍ରୀତିର ପରଶ ଭରିଦେବି
ସ୍ନିଗ୍ଧ କରିଦେବି ମିଠା ମିଠା ମହକରେ
ଆଞ୍ଜୁଳା ଆଞ୍ଜୁଳା ଭରିଦେବି ସ୍ନେହ
କଣ୍ଟାର ଆଘାତ ଲାଗିବା ପୂର୍ବରୁ
ବିଛାଇଦେବି ତୁଳୀର ଶଯ୍ୟା

ତୁମର ସେଇ ନୀରଭିଜା ନୟନରୁ
ଦେବିନାହିଁ ଝରିବାକୁ ଲୁହ ସବୁ
ଯେତେ କଷ୍ଟ ଆସୁ ପଛେ ମୋର
ତୁମପାଇଁ ହସି ହସି ପିଇଯିବି
ଚେଷ୍ଟା କରିବି ତୁମ ମୁହଁରୁ ସଦା
ଝରୁଥିବ ଅହର୍ନିଶ ସୁଖର ହସ
ନ ଦେବି ତୁମକୁ କେବେ ଦୁଃଖ
ତୁମେ ମୋ ପାଇଁ ସବୁ କିଛି
ମୋ ଜୀବନର ପରିଧିଭିତରେ
ଖାସ ତୁମ ପାଇଁ...ତୁମ ପାଇଁ
ଆ ଜହ୍ନରେ ତୋଳିଦେବି ଘର ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ରାହାମା, ଜଗତସିଂହପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନରେ ତୋଳିବି ଘର



ସଂଗୀତା ନାୟକ

ଆଉ ନାହିଁ ସାହସ ବଂଚିବାକୁ ଏଇ ଜୀବନ
ଦିନକୁ ଦିନ ହେଲାଣି ଖୁବ ସଂଘର୍ଷମୟ
ମନ ହୁଏ ଫେରିଯିବା ପାଇଁ ଅତୀତର ଫର୍ଦ୍ଦକୁ
ତୋଳିବା ପାଇଁ ଜହ୍ନ ରାଇଜରେ ଏକ ଘର ॥

ମୁଁ ଥିବି....ତୁମେ ଥିବ....
ଆଉ ହସୁଥିବା ସେ ଅଗଣା
ସବୁଆଡେ ସବୁବେଳେ ଲାଗିବନି
କେହି ବି ଜଣେ ଅଚିହ୍ନା ଅଜଣା ॥

ବିଶ୍ୱାସ ହେବ ଆମ ଗହଣା
ନିଶ୍ୱାସ ହେବନି ବାଟବଣା
ଚଲାପଥ ହେବ ପୁଷ୍ପମୟ
ପ୍ରେମ ହେବ ଆମ ଗହଣା ॥

ଶୁଭ୍ର ଜ୍ୟୋସ୍ନାର ଶୀତଳ କିରଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖେଳିବା ଆମେ ଲୁଚକାଳି

ସୁଖ ଦୁଃଖର ତରଙ୍ଗାୟିତ ଜୀବନରେ

ସାହା ହେବ ମୋ ପଣତକାନି ॥

ମନେ ରହିବ ଜୀବନର ସେଇ ସବୁ କ୍ଷଣ

ଚଲା ବାଦଲ ହୋଇ ଭାସୁଥିବ ମାନସପଟରେ

ବଂଚିବାର ସଂଜ୍ଞାକୁ ବୁଝାଉଥିବ ଅହରହ

ଆମ ଜହ୍ନ ରାଇଜର ଉଆସ....... ଇଲ

ରାୟଗଡା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ଆଶା



ପ୍ରେୟସୀ ରାଜମା

ଲିଭିଯିବା ଆଗୁ ମୋର ଆୟୁଷର ଶେଷ ଗାର
ରାତିଟିଏ ପାଇଁ ମୋତେ ତୁମ ଦେବଦାସୀ କର
ଏ ଜନ୍ମର ଶେଷ ଆଶ
ମୋ ଅନ୍ତିମ ଅଭିଳାଷ
ଶେଷ ଥର ପାଇଁ ପ୍ରଭୁ ବାନ୍ଧିବି ପାଦେ ନୂପୁର
ଲିଭି ଯିବା ଆଗୁ .........
କଣ୍ଠେ ଶ୍ରୀ ଗୀତ ଗୋବିନ୍ଦ
ପାଦେ ଗରାବଡୁ ଛନ୍ଦ
ପଖଉଜ ତାଳେ ତାଳେ ରଚିବି ନୃତ୍ୟାଭିସାର ।
ଲିଭି ଯିବା ଆଗୁ .........
ସାଇତା ମୋ ଝୀନ ବାସ
ପିନ୍ଧିବି କରି ସୁସଜ୍ଜ
କଟୀ ତଟରେ ନୂପୁର ବିଳସିବ ମଧୁସ୍ୱର ।
ଲିଭି ଯିବା ଆଗୁ.................
କବରୀରେ ମଲ୍ଲୀ ମାଳ
ସହିତେ ଦୟଣା ଦଳ
ରଙ୍ଗ ତାମ୍ବୁଳେ ଜଡ଼ାଇ ଦେବି ମୋ ବେନି ଅଧର
ଲିଭିଯିବା ଆଗୁ.........

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରେ  କର ପଦ୍ମ ଲେଖି

ଆଲକ୍ତ ପାଦେ ବିଲେପି

ନୟନେ ମୁଁ  ରଞ୍ଜିଦେବି ସୁରମାର ସରୁ ଧାର

ଲିଭି ଯିବା ଆଗୁ ........

ଛଇଳ ନଟଶେଖର

ମୋ ନୃତ୍ୟେ ହେଲେ ବିଭୋର

ମୃଦୁହସ ହସୁଥିବ ଲାଜେ ମୁଁ ହେବି ଅଧୀର

ଲିଭିଯିବା ଆଗୁ ......

ଯେବେ ମୋର ନୃତ୍ୟ ଛନ୍ଦ

ଚକା ନେତ୍ରେ ଦେବ ନିଦ

ଅଧୀର ଘୁଙ୍ଗୁରସ୍ୱର ସଧୀରେ ହେବ ନିଥର  ।

ଲିଭି ଯିବା ଆଗୁ .....

ଆହେ  ପ୍ରଭୁ ରସ ରାଜ

ବାରେ ରଖ ମୋର ଲାଜ

ନାଟମଣ୍ଡପକୁ ଥରେ ନିରୋଳାରେ ବିଜେ କର  ।।

ଅଳପ ରଜନୀ ଥାଇ

ବାହୁଡ଼ି ଆସିବି ମୁଁହି

ନିରେଖି ସେ କଳା ମୁଖ ଜୀବନରେ ଶେଷ ଥର

ରାତିଟିଏ ପାଇଁ ମୋତେ ତୁମ ଦେବ ଦାସୀ କର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଶୁଭ ଜନ୍ମଦିନେ



ଦୀପ୍ତି ଦେବଦର୍ଶିନୀ
ସୁତାର

କାଳବକ୍ଷେ ଅମଳିନ
ତୁମ ଯଶ କୀର୍ତ୍ତି
ଧନ୍ୟ ତୁମେ ପୁଣ୍ୟ ଆତ୍ମା
ଅମଳିନ ସ୍ମୃତି ।୧ ।

ମାଗିଥିଲ ରକ୍ତବିନ୍ଦୁ
ହେ ଲଢୁଆ ବୀର
ଥରିଲା ଇଂରେଜ ଛାତି
ଶୁଣି ବଜ୍ର ସ୍ୱର ।୨ ।

ଆଜାଦ ହିନ୍ଦ ଫଉଜ
ଜାଳୁଥିଲା ନିଆଁ
ଆମ ହକ ଆମ ଦାବି
ପର ନେବ କିଆଁ ।୩ ।

ସ୍ୱାଧୀନ ହୋଇଲା ଦେଶ
ହସେ ମାଟି ମାଆ
ହଜିଗଲ କେଉଁଆଡ଼େ
କାନ୍ଦିଲା ଦୁନିଆଁ ।୪ ।

ଅମୃତ ସନ୍ତାନ ତୁମେ
ନେତାଜୀ ସୁବାଷ
ଘେନାକର ଭକ୍ତି ପୁଷ୍ପ
ଦିଅ ହେ ଆଶିଷ ।୫ ।

ଯୁଗେ ଯୁଗେ ତୁମପରି
ମହିୟାନ ଜ୍ୟୋତି
ଧରା ବୁକେ ଜନ୍ମ ଲଭି
ରଚନ୍ତୁ ସୁଖ୍ୟାତି ।୬ ।

ଓରାଳି, ହାଟଡ଼ିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଞ୍ଚଭୂତ



ଭାଗିରଥୀ ଯାନୀ

ତୁମ ପରଶରେ ସର୍ବେ ସତେଜ ଜୀବିତ
ତୁମ ବିନା ଏ ଜଗତେ ସବୁ ତ' ଭ୍ରମିତ ।
ଜୀବଙ୍କ ଭିତରେ ତୁମେ ଶ୍ରେଷ୍ଠ ଉପହାର
ତୁମ ବିନା ଏ ଜୀବନ ହୁଅଇ ବେକାର ।

ସୃଷ୍ଟି ସ୍ଥିତି ବିଲୟର ଅଟଇ କାରଣ
ତବ ଉପସ୍ଥିତି ବିନା ସବୁ ଅକାରଣ ।
ତରୁ ଲତା ପଶୁ ପକ୍ଷୀ ସମସ୍ତଙ୍କ କାୟା
ଶୂନ୍ୟ ହୁଏ କ୍ଷଣିକରେ ନ ଦିଶଇ ଛାୟା ।

ପ୍ରକୃତିକୁ ରୂପ ଦେଇ କରିଛ ସୁନ୍ଦର
ତୁମ ବିନା ଏ ଜୀବନଟା ହୁଏ ଅନାହାର ।
ସଭିଙ୍କ ଭିତରେ ଅଛି ତବ ଉପସ୍ଥିତି
ସେଥିପାଇଁ ଜୀବନଟା ହେଉଛି ପ୍ରଗତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ପାଇଁ ସବୁ ଗଢା ଏ ସାରା ଜଗତେ
ତୁମ ପାଇଁ ସବୁ ଲୀନ ବି ହୁଏ ମରତେ ।
ସମୟର ତାଳେ ତାଳେ ତୁମେ ହିଁ ରକ୍ଷକ
କାଳ ଚକ୍ରେ ପେଶି ଦେଇ ସାଜ ବି ଭକ୍ଷକ ।

ତୁମେ ତ" ଗଢିଛ ସବୁ ତୁମେ ହିଁ ଭାଙ୍ଗିବ
ଗଢି କି ଭାଙ୍ଗିଲେ ଯେତେ ତୁମେ ହିଁ ତ' ଥିବ ।
ତୁମେ ତ' ତୁମର ନିଜେ ପରିଚୟ ଦିଅ
ତୁମରି ମହିମା ଆଉ କେ' କହିବ କୁହ ।

ରାମଚନ୍ଦ୍ର ପ୍ରାଣବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ,
ରାସଙ୍ଗ, ଗଣିଆ, ନୟାଗଡ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏକାନ୍ତ



ଗୀତାଞ୍ଜଳୀ ଭୂୟାଁ

ଏକାନ୍ତରେ ଦିନେ ଦେଇଥିଲ ଯାହା
ତୁମର ଅଛି କି ମନେ
ଯତନରେ ତାକୁ ସାଇତି ରଖିଛି
ଦେଖୁଛି ନିତି ମଉନେ ।

ବିଜନ ବେଳାରେ ମନ୍ଦିର ପ୍ରାଙ୍ଗଣ
ମୂକ ସାକ୍ଷୀ ଆମ ଥିଲା
ସେ ଦିନର ପ୍ରୀତି ଅତୁଟ ବନ୍ଧନ
ଆଜି ସ୍ମୃତି ପାଲଟିଲା ।

ସେହି  ଆତ୍ମୀୟତା ପ୍ରାଣ ନିବିଡତା
ଅତୀତ ଗରଭେ ଲୀନ
ତୁମେ ବି ତ ଅଛ ମୁଁ ବି ତ ଅଛି
ହଜିଗଲା ସେହିଦିନ ।

ପ୍ରତି ମୁହୂର୍ତ୍ତରେ ସମୟ ସ୍ରୋତରେ
ଯେତେ ଭାସି ଆଗେ ଯାଏ
ପଛ ଆକର୍ଷଣ ଅଭୁଲା ସେ କ୍ଷଣ
ସେତେ ମନେ ପଡୁଥାଏ ।

ତୁମ ଚପଳତା ମୋର ପ୍ରାଣସତ୍ତା
ଥିଲି ଆନନ୍ଦେ ବିଭୋର
ତୁମ ନୀରବତା ବିରାଟ ଶୂନ୍ୟତା
ହୃଦେ କରିଛି ମୋ ଘର ।

ତଥାପି ଚାଲିଛି ଚାଲୁଥିବି ନିତି
ନିକଟ ମଶାଣି ଦ୍ୱାର
କିପରି ଭାବିବି ପର ବୋଲି ତୁମେ
ମୋର "ଏକାନ୍ତ "ନିଜର  ।

କେନ୍ଦୁପାଟଣା, କଟକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ସେ ସ୍ମୃତି



ପ୍ରୀତିଶ କୁମାର

ଯୋବ୍ରାର ଆନିକଟ
ଦୂର ଲାଗେ ଥାଇ ନିକଟ,
ତୁମେ ନାହଁ ବୋଲି ସାଥେ
ଲମ୍ବା ଲାଗେ ସେହି ବାଟ ।

ମନେ ପଡେ ସେହି ଦିନ
କାନ୍ଦେ ଆଜି ମୋର ମନ,
ମନ ଖୋଜେ ତୁମ୍ଭକୁ ଯେ
ଲାଗେ ଖାଲି ଶୂନ୍ୟ ଶୂନ୍ୟ ।

ସକାଳର ସୂର୍ଯ୍ୟୋଦୟ
ଦେଖୁଥିଲି ତୁମ ସାଥେ,
ଶୋଇବି ପାରେନା ମୁହିଁ
ନିଦ ଭାଙ୍ଗେ ମଧ୍ୟ ରାତ୍ରେ ।

ଚା' ମଉସା ଦେଖନ୍ତି ଯେବେ
ପଚାରନ୍ତି ତୁମ କଥା,
ତୁମେ କଣ ଏକା ଏକା ?
ଲାଗେ ହୃଦେ ବଡ଼ ବ୍ୟଥା ।

ପାର୍କର ଭଙ୍ଗା ଚେୟାର
ଦାନ୍ତ ନିକୁଟାନ୍ତି ମୋତେ,
ମଧୁର ଗୀତ ବି ଲାଗେ
କର୍ଣ୍ଣ କୁ ପିତା ଯେ ସତେ ।

କିଛି ଖଟା କିଛି ମିଠା
କିଛି ରାଗ କିଛି ରୁଷା,
ବାଣ୍ଟୁଥିଲେ ଦୁଃଖ ସୁଖ
ହସ ସହ ଲୁହ ମିଶା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟ୍ରାଇଡାଙ୍କ୍ସ ଠୁ ବଗନଭିଲା
ସବୁ ତୁମ ମନେ ଥିଲା,
ପଲିଟି ଥାଇ ମୋ ବିଷୟେ
ପ୍ରେମ କାହୁଁ ଉଦ୍ଧୃତ ହେଲା ।

ଜାଣିଛି ମୁଁ ସ୍ୱାର୍ଥପର
ନିଃସ୍ୱାର୍ଥପର ପ୍ରେମକୁ କଲି ପର,
ବନ୍ଧୁର ବନ୍ଧୁତା ନିଭେଇବା ପାଇଁ
ହୋଇଗଲି ସାତ ପର ।

ଗଛ ଚିହ୍ନଉ ଚିହ୍ନଉ
ମିଳିଥିଲା ଟ୍ରାଇ ଡାଙ୍କ୍ସ,
ଗୋଲାପ ସଜେଇ ତୁମେ
ପକାଇଲ ତାକୁ ଫାସ ।

ଆଜି ବି ମନେ ପଡେ
ସକାଳର ଲମ୍ବା ଯାତ୍ରା,
ଜୁସ ବାଲା ର ଭାଇ ଦିଦି ନମସ୍କାର
ମନେ ପଡେ ସେହି ଯୋବ୍ରା ।

ହସ୍ତେ ଧରିଥାଅ ତୁମ
ଅଧା ପିଆ ଜୁସ୍ ଗିଲାସ,
ମୋ ଗିଲାସେ ଢାଳିଦିଅ
କୁହ ତୁମେ, ପିଇଦିଅ ପେଟ ଉଶ୍ୱାସ ।


ତୁମେ ନାହଁ ଆଜି ସାଥେ
ଏକା ଏକା ବହୁ ବାଧେ,
ଝୁରେ ଖାଲି ରାତି ଦିନ
ହୃଦ କାନ୍ଦେ ତୀର ବିନ୍ଧେ ।

କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହେ ମୋ ଜହ୍ନ



ପ୍ରୀତିରଞ୍ଜନ
ନାୟକ

ସିନ୍ଦୂରା ଫାଟିବ
ସୁରୁଜ ଦିଶିବ
ଲୁଚିଯିବ ଏହି ଜହ୍ନ,
କଇଁ ମୁଦି ହେବ
ରାତ୍ରୀ ଚାଲିଯିବ
ଛାଡ଼ିଯିବ ଖାଲି ଚିହ୍ନ ।

ତୁମେ ଚାଲିଯିବ
ଅଗମ୍ୟ ପଥରେ
ନ ଚାହିଁ ଅତୀତ ପଥ,
ବର୍ତ୍ତମାନ ଆଜି
କଳୁଷିତ ହୁଏ
ଭବିଷ୍ୟତ ମଥାନତ ।

ଅମାବାସ୍ୟା ଯିବ
ପୁଣି ଯେ ଆସିବ
ନୂତନ ସ୍ପୃହା କୁ ଧରି,
ମୁଦିତ କଇଁ ଟି
ପ୍ରସ୍ଫୁଟିତ ହେବ
ମେଲେଇବ ବାହୁ ତାରି ।

ହେ ରାତ୍ରି ତୁମେ
ଶୁଣିଯାଅ ବାରେ
ପୂର୍ଣ୍ଣମୀକୁ ଆଣୁ ଥାଅ,
ପ୍ରତି ରାତ୍ରୀ ରେ ମୋ
ଜହ୍ନ ହସୁ ଥାଉ
ପୁଲକ ମୋ ଭରି ଦିଅ ।

କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ସେହି ଦରପୋଡ଼ା କାଠ



ଭରତବନ୍ଧୁ ବିଶ୍ୱାଳ

ଘୋର କଳିକାଳ ଧରମ ସଙ୍କଟ
ବନସ୍ତେ ଲାଗିଛି ନିଆଁ
ତ୍ରସ୍ତ ପଶୁପକ୍ଷୀ ଧାବନ୍ତି ବିକଳେ
ଚତୁର୍ଦ୍ଦିଗ କଳା ଧୂଆଁ ।

ଜଳେ ହୁତୁ ହୁତୁ ଶୁଷ୍କ କାଷ୍ଠପତ୍ର
କଞ୍ଚା ହୁଏ ଦରପୋଡା
କାଳର କରାଳ ଲେଲିହାନ ଶିଖା
ଲହଲହ କରେ ଜିହ୍ୱ । ।

ପାତିଅଛି ଜାଲ କାମ କ୍ରୋଧ ଲୋଭ
ଅହଙ୍କାର ଷଡ଼ରିପୁ
କରେ ଅଟ୍ଟହାସ୍ୟ କ୍ଷମତାର ନିଶା
ବ୍ୟାଧ ଅନ୍ଧ କାଳକେତୁ ।

ନିରୀହ ଜୀବନ ବିଚରା ମୃଗୁଣୀ
ଖୋଜୁଅଛି ରାହାସାହା
ନିରାଶ ମରୁରେ ପଲ୍ଲବିବ ସତେ
ନୂତନ ଆଲୋକ ଆଶା ।

ବାଞ୍ଛେ ସାଧୁ ମନ ବିଭୁଙ୍କର କୃପା
କୈବଲ୍ୟ ଅମୃତ କଣ
ବରଷୁ ଆଶୀଷ ଉଭବୁ ଜୀବନ
ହେଉ ମଙ୍ଗଳ କଲ୍ୟାଣ ।

ଧୌତ ହେଉ ଯେତେ କଳଙ୍କ କାଳିମା
ଦରପୋଡା ଅଙ୍ଗାରକ
ଧ୍ୱଂସର ତାଣ୍ଡବ ହେଉ ପ୍ରଶମିତ
ବିବେକ ହେଉ ଉଦ୍ରେକ ।

ପ୍ରକାଶୁ ପ୍ରଣବ ନାଦୁ ପଞ୍ଚଜନ୍ୟ
ସମୟ ଦିଏ ଆହ୍ୱାନ
ଦରପୋଡା ସେହି ନିରସ କାଷ୍ଠରେ
ଉନ୍ମଷୁ ପରମ ବ୍ରହ୍ମ ।

ଉପର ବରୁଆଁ, କବୀରପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅମାନିଆ ହେବିନି



ଧୀରେନ୍ଦ୍ର ମଲ୍ଲିକ

ବୋଉ ଭାଜିଥିଲେ ଲୁଣିଆ ସୁକୁଆ
ବାଇଗଣ ଗୋଟେ ଦେଲିଟି ପୋଡ଼ି,
ବଢ଼ି ଦିଟା ନେଇ ଶିଳରେ ଚୁରିକି
ପଖାଳ କଂସାଏ ଆଣିଲି ବାଢି ।

ଖାଇଲି ଆନନ୍ଦେ ପେଟ ପୁରା ମୁହିଁ
ମୁହଁ ଧୋଇ ସାରି ବିଶ୍ରାମ କଲି,
କିଛି କ୍ଷଣ ପରେ ଗାଈ ନେଇ କିରି
ଜେଜେଙ୍କ ସାଙ୍ଗରେ ବିଲକୁ ଗଲି ।

ଗାଈ ବାନ୍ଧି ଜେଜେ ହିଡ କଡେ କଡେ
ହେଇଥିବା ସବୁ କାଟିଲେ ଘାସ,
କହିଲେ ମତେ ତୁ ଯାଆନି କୁଆଡେ
ଗାମୁଛା ପକେଇ ସେଇଠି ବସ ।

ଗୋଟେ ଅଖା ଘାସ କାଟି ସାରିଲେ ମୁଁ
ଗାଈ ନେଇକିରି ଘରକୁ ଯିବା,
ବାନ୍ଧି ଦେଇ ଗୋଠେ ଘାସ ଅଖାଟିକୁ
ତୋ ବୁଢ଼ୀ ମାଆର ହାତରେ ଦେବା ।

ଜେଜେ କଥା ଶୁଣି କହିଲି ମୁଁ ତାଙ୍କୁ
ବସିଲେ ବିରକ୍ତ ଲାଗିବ ମତେ,
ମୁଁ ବି କାଟିବି ସାଥିରେ ତୁମର
ଦାଆ ଟିଏ ଦିଅ ମୋହରି ହାତେ ।

ଜେଜେ ମନା କଲେ ନାହିଁରେ ଧିରୁଆ
ଅମାନିଆ ଯମା ହଅନି ତୁହି,
ଆସିବନି ଘାସ କାଟିବା ତତେରେ
ଧାରୁଆ ଦାଆଟା ଦେତୁ ଥୋଇ ।

କହିଲି ଜେଜେ ମୁଁ କିଛି ହେବ ନାହିଁ
ଚିନ୍ତା କରନାହିଁ ଜମାରୁ ତମେ,
ଅଳପ କାଟିକି ବସିବି ହିଡରେ
ଲାଗିଯାଅ ତୁମେ ତୁମରି କାମେ ।

ଆନନ୍ଦେ କାଟିବା କିଛି କ୍ଷଣ ପରେ
ଅନ୍ୟମନସ୍କ ମୁଁ ଟିକେ ହେବାରୁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଟିଗଲା ମୋର ବାମପଟ ହାତ

ବନ୍ଦ ହେଲାନି ରକ୍ତ ଜମାରୁ ।

ଏହା ଦେଖି ଜେଜେ ଭାରି ବ୍ୟସ୍ତ ହୋଇ

ଗାମୁଛା ଚିରିକି ବାନ୍ଧିଲେ ହାତେ,

କହିଲେ ଚଣ୍ଡାଳ ଏ କ'ଣ କଲୁରେ

ମନା କରୁଥିଲି ଆଗରୁ ତତେ ।

ଘର ଲୋକ ଏବେ ଦେଖିଲେ ତୋ ହାତ

ବହୁତ ଚିନ୍ତିତ ବ୍ୟସ୍ତ ହୋଇବେ,

ନେଉଥିଲି କାହିଁ ସାଙ୍ଗରେ ତତେ ମୁଁ

ସବୁ ଦୋଷ ବୋଲି ମୋର କହିବେ ।

ଯାହା ହେଉ ପଛେ ବିଳମ୍ବ ନ କରି

ମେଡ଼ିକାଲ ଆ ସାଥିରେ ମୋର,

ଡାକ୍ତର ଦେଖେଇ ଔଷଧ ଆଣିବା

ତା'ପରେ ଯାଇ ଫେରିବା ଘର ।

ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର

ଫୋନ : ୭୯୦୪୩୯୭୮୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ଅପସରୀ



ରାକେଶ ମୁଦୁଲି

ନିଆରା ତା ରୂପ ରଙ୍ଗ, ନିଆରା ତା ଚେହେରା
କେଜାଣି କିଏ ସେ ସତେ ଗୋଟେ ସୁନ୍ଦରୀ ଅପସରା ।

ନିର୍ଜନ ରାତ୍ରିର ଅସୁମାରୀ ସ୍ୱପ୍ନେ
ଗୁଣୁ ଗୁଣୁ ହୋଇ ବୁଲେ ସୁପ୍ତ କର୍ଣ୍ଣ ପାଶେ ।

ଏଣେତେଣେ ଉଡିବୁଲେ ପାରେନା ମୁଁ ଜାଣି
କି ଅବା ବଖାଣିବି ତାହାରି କାହାଣୀ ।

ନାହିଁ ଥଣ୍ଟ ନାହିଁ ଡେଣା
କିନ୍ତୁ ସ୍ୱପ୍ନେ ଆସି ମୋତେ କରେ ସେ ବାଟ ବଣା ।

ନା ସେ ଭଅଁର ନା ସେ ଚଢେଇ
ଶାନ୍ତ ମନକୁ ଅଶାନ୍ତ କରି ସେ ନେଇଛି ଚୋରାଇ ।

ସ୍ୱପ୍ନ ଦୁନିଆର ସେ ସୁନ୍ଦରୀ ପରୀ
ଚୁମ୍ବକ ପରି ସେ ମନ ମୋ ରଖିଛି ଜାବୁଡି ଧରି ।

ଦେଖି ତା'ର କୋମଳ ନବ ଯୌବନ
ଫେରି ପାଉନି ମୋ ଚଞ୍ଚଳ ମନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଟି ଲାବନ୍ୟବତି ତା'ର ହୀରା ଚମକ ଚେହେରା
ତା' ପ୍ରେମସୁଧାନିଧିରେ ହେଲି ମୁଁ ପ୍ରିତିଭରା ।

ମତୁଆଲା ମନ ହୋଇ ଉଛନ୍ନ
ଦେଖିବାକୁ ହୁଏ ଇଛା ତା'ର ସ୍ୱର୍ଣ୍ଣ ଯୌବନ ।

ମନ ସ୍ୱର୍ଣ୍ଣାକ୍ଷ୍ୟରୀ ଶିଳାରେ ଅଙ୍କିତ ତା ପ୍ରତିମୂର୍ତ୍ତି
ସରୁନି ମୋ ଅସୁମାରୀ ସ୍ୱପ୍ନ ହେଲେ ରାତି ଯାଉଛି ବିତି ।

ସ୍ୱପ୍ନରସି, ମନମୋହିନୀ, ସୁନାହରିଣୀ
ତା'ର ଚମକ ଚେହେରା କରି ଆଚମ୍ବିତ ମୋତେ ନଉଚି ଟାଣି ।

ମୋ ସ୍ୱପ୍ନ ଦୁନିଆର ତୁ ସ୍ୱପ୍ନେସ୍ୱରୀ
ଭ୍ରମର ପରି ଉଡିବୁଲେ ହେଲେ ତାକୁ ପାରୁନି ଧରି ।

ରୂପରେ ମାଧୁରୀ ଗୁଣରେ ଚାତୁରୀ
ନିଷ୍କପଟ ମନ ମୋ ପାରୁନି ଫେରି ।

ମାଧୁର୍ଯ୍ୟଭରା ତୋ କୋମଳ ପରଶ
ନିର୍ଭିକ ମନ ମୋ ହୋଇଉଠେ ବିବସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଲକୁ ପାଉଛ ବୋଲି



ତାରାପ୍ରସାଦ
ଜେନା

ଗଜଲ୍

ପାଉଁଜି ପଟକ ଖୋଜି ଆଣିଥିଲ
ଭଲକୁ ପାଉଛ ବୋଲି
କଥା ନ ସରୁଣୁ ମୁହଁ ଚାହୁଁଥିଲ
ଭଲକୁ ପାଉଛ ବୋଲି ।୦ ।

ଆଖି ବରଷାରେ ପ୍ରେମ ଢାଳୁଥିଲ
ପାଖେଇ ଆସୁଛ ବୁଲି
ମ୍ଳାନ ବସନ୍ତରେ ମନ ଚୋରି କଲ
ଭଲକୁ ପାଉଛ ବୋଲି ।୧ ।

ଛାଇ ଦେଖୁଥିଲ ହାଇ ମାରୁଥିଲ
ଜହ୍ନକୁ ଟାଣୁଛ ଖାଲି
କୁମୁଦିନୀ ଓଠ ମଧୁ ଚାଖୁଥିଲ
ଭଲକୁ ପାଉଛ ବୋଲି ।୨ ।

ଝରାପତ୍ର ଗୀତ ସ୍ୱର ଖୋଜୁଥିଲ
ଟିଁଟିଆଁ ଡାକୁଛ ହୁଲି
ପ୍ରେମ ଆବେଦନ କେତେ ବୁଝୁଥିଲ
ଭଲକୁ ପାଉଛ ବୋଲି ।୩ ।

ମନ ଆକାଶରେ 'ତାରା' ଜଳୁଥିଲ
ବିରହ ଯାଉଛ ଭୁଲି
ଆଜିକାଲି ଭାଗ୍ୟ ସାଥି ହେଉଥିଲ
ଭଲକୁ ପାଉଛ ବୋଲି ।୪ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟାର ଅଭିମାନ



ବାଲାଜୀ ସେଠୀ

ନିଆଁ ଠୁଁ ଶୀତଳ   କଣ୍ଟା ଠୁଁ କଅଁଳ
ପ୍ରିୟା ତୋର ଅଭିମାନ
ତୋ ମନ ଖାତାକୁ   ପଢ଼ି ବୁଝିବାକୁ
ନିଅଣ୍ଟ ମୋ ରାତିଦିନ ।।

କେଉଁ ଭାବନାରେ   ହଜାଇଛୁ ମନ
ଖୋଲି କହ ଥରେ ମୋତେ
ଯଦି ବା ସାମର୍ଥ୍ୟ   ଥାଏ ପାରିଜାତ
ସମର୍ପିବି ତୋର ହାତେ ।।

ଯେବେ ପ୍ରିୟା ତୁହି   ଅଭିମାନେ ରହି
ମୁହଁକୁ ଫୁଲାଉ ବେଶି
ମୋ ପ୍ରେମ ଆକାଶେ   ବିକଳ ବରଷେ
ଗ୍ରହଣ ଆକ୍ରାନ୍ତ ଶଶୀ ।।

ଋତୁ ସମ୍ଭାରଟା   ଯାଇଛି ଅଟକି
ଫଗୁଣ ହେଇଛି ଠିଆ
କୋକିଳର କୁଞ୍ଜେ   ନିଝୁମ ଗରଜେ
ରୁଷିଛୁ ବୋଲି ଗୋ ପ୍ରିୟା ।।

ଫୁଲ ପରି ମନ   କରୁଛୁ ଦହନ
ଅଭିମାନେ ଜଳି ଜଳି
କୋହରେ ବତୁରି   ଆଖିର ଅଞ୍ଜନ
ଓଠରେ ହେଲାଣି ବୋଲି ।।

ମଧୁମାଳତୀରୁ   ସୁବାସ ହଜିଛି
ପାଖୁଡ଼ାରେ ନାହିଁ ରଙ୍ଗ
ତୋ ଛାତି କୋହରେ   ଦୁଲୁକଇ ମେଘ
ସାଗରେ ଉଠେ ତରଙ୍ଗ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରୀତି ରସ ବାସ ଆଦର ଆଶ୍ଳେଶ
କରି ନାହିଁ କେବେ ଊଣା
କେଉଁଠି ହଜିଲା ତୋ ଓଠର ହସ
ପାଉନି ଖୋଜି ଠିକଣା ।।

ଆସି ମୋର ପାଶ ମୋ ଅଙ୍କରେ ବସ
ମନ୍ଦହାସ ରଖି ଓଠେ
ମଧୁର ଚୁମ୍ବନେ ରଙ୍ଗର ଜୁଆର
ଉଠିବ ପରାଚୀ ତୁଠେ ।।

ମନ ଗହନର ଅକୁହା ସଂଳାପ
ଧୀରେ ଦେବି କାନେ କହି
ଅଳପ ଲାଜରେ କଟାକ୍ଷ ଚାହାଣି
ଯିବ ଆପେ ଆପେ ନଇଁ ।।

କହ ସୁକୁମାରୀ ଚିତ୍ତ ଥୟ କରି
ଅଭିମାନର ଉଦ୍ଦିଷ୍ଟ
ପ୍ରୀତିବୋଳା ଲଗ୍ନ ହେଲାଣି ଉଛନ
କଟିଯାଉ ରୋଷ ରିଷ୍ଟ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ନିରବତା



ଆଦରମଣି ପ୍ରଧାନ

ତୁମ ନିରବତାକୁ
ମୁଁ ମୋ ପ୍ରେମ ଭାବିଥିଲି
ତୁମ ଉପସ୍ଥିତିକୁ
ମୋ ତପସ୍ୟା ଭାବିଥିଲି
ତୁମମୁଦ୍ରିତ ନୟନରେ ବି
ମୋ ମୁହଁ ଦେଖୁଥିଲି
ତୁମ ସ୍ୱପ୍ନର ସ୍ପର୍ଶରେ
ମୁଁ କଳଙ୍କିନୀ ହୋଇଥିଲି
ତୁମ ପ୍ରେମର ଉପହାରକୁ
ମୁଁ ସିନ୍ଥିର ସିନ୍ଦୂର କରିଥିଲି
ତୁମ ହୃଦୟର ଗଭିରତାରେ
ମୁଁ ସମୁଦ୍ରକୁ ଲଙ୍ଘିଯାଇଥିଲି
ତୁମ ଅପେକ୍ଷାରେ ଦିନ କାଟୁ କାଟୁ
ମୃତ୍ୟୁର ନିକଟତର ହୋଇଯାଇଥିଲି

କେବେ ଜଣା ନ ଥିଲା
ତୁମ ସ୍ମୃତି ସବୁ ସାଉଁଟୁ ସାଉଁଟୁ
ଲୁହ ଆଉ ଦୁଃଖ ପାଖରେ
ମୁଁ ଧରା ପଡିଥିଲି ,,,,,,,,,,,
ଜୀବନର ମହା ଶୁନ୍ୟତାରେ
ତୁମର ଉପସ୍ଥିତି ଖୋଜୁ ଖୋଜୁ
ମୃତ୍ୟୁ କୋଳରେ ଶୋଇ ସାରିଥିଲି
ତୁମ ନିରବତାରେ,,,,,,,,,,,,,,,,,,
ମୁଁ ମୃତ୍ୟୁର ହୋଇ ସାରିଥିଲି,,,,,,,,,

ଆଦରମଣି ପ୍ରଧାନ (ଗୋଲାପି)
ସିଙ୍ଗିଟି, ମତୋ, ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାହା ହେବାକୁ ରାଜି



ଶିଶିର କୁମାର
ପଣ୍ଡା

ଧରମ ଶାଳୀ ପାଖକୁ ଏଇ
ଛୁଟିରେ ଥିଲି ଯାଇ
କଲିକତାରେ ଚାକିରୀ କରେ
ଚଳଣୀ ହାଇ ଫାଇ ।
ବତିଶି ପୁରି ତେତିଶି ହେଲା
ବାହା ହୋଇନି ସିଏ
ଏକଥା ଯଦି ପଚାରେ ମୁହିଁ
ମୁରୁକି ହସା ଦିଏ ।
କେତେ ଜାଗାକୁ ବୁଲେଇ ନେଲା
ନିଜ ମାରୁତି ଧରି
ତା' ଗାଡ଼ି ଚଲା ଦେଖି ସେଦିନ
ସତରେ ଗଲି ଡରି ।

କହିଲା ଭାଇ ତୁମରି ପରି
ମିଳିବ ଯଦି ବର
ବାହା ମୁଁ ହେବି କଥା ଦେଉଛି
ଥାଉ ନଥାଉ ଘର ।
ଟଙ୍କା ପଇସା ଅଭାବ ନାହିଁ
ଅଭାବ ଅଛି ମନ
ମୋଅରି ପାଇଁ ଯୋଗାଡ଼ ତୁମେ
କରିବ ଆର ସନ ।
ସେମିତି ଯଦି ମିଳିବ କେହି
ବାହା ହେବାକୁ ରାଜି
ଚାଲି ମୁଁ ଯିବି ଶାଶୂ ଘରକୁ
ସୁନା କନିଆଁ ସାଜି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶୋଇବାକୁ ଗଲେ ସେ



ପଙ୍କଜ କୁମାର ମଙ୍ଗଳ

ହେ ନିଦମାଉସୀ ପ୍ରେମର ଶଯ୍ୟାରେ ସ୍ନେହପୂର୍ଣ୍ଣ ଶେଯ ପାରିଦିଅ ରାତ୍ରି ପାଇଁ,

ଦିବସ ସାରା କର୍ମ କରି ଶୋଇବାକୁ ଗଲେ ସେ ଟିକିଏ ବିଶ୍ରାମ ପାଇଁ ।

ତୁମ କମଳ ସ୍ପର୍ଶରେ ଆଉଁସି ଦିଅ ଟିକିଏ ହେଉ ଟିକେ ଭଲ ନିଦ,

ମେଣ୍ଟିବା ପାଇଁ ତାଙ୍କ ଥକାପଣ କିଛି କ୍ଷଣ ପାଇଁ ଏ ଧରାକୁ କରିଦିୟ ନିଃସ୍ତବ୍ଧ ।

ବୁଝାଇ ଦିଅ ତୁମ କୋଳାହଳ ସୃଷ୍ଟିକୁ ସେ ହେବେ ଜୀବନ ସଙ୍ଗିନୀ ମୋର ,

ଶାନ୍ତିରେ ତାଙ୍କର ନିଦ୍ରା ପୁର୍ଣ୍ଣ ପାଇଁ ଚୁପ ରହିବାକୁ ଟିକି ଅନୁରୋଧ ମୋର ।

ନିସ୍ତବ୍ଧ ଧରାରେ ଶୋଇଥାନ୍ତୁ ସେ ମନେ ବିଛିଦିଅ ପରି ରାଇଜର ସ୍ୱପ୍ନ,

ତୁମ ମାୟାଦ୍ୱାରା ନେଇଯାଅ ମୋତେ ସେ ରାଇଜକୁ ବୋଧେ ଏକା ମନେ କରି ଦୁଃଖ ହେବ ପ୍ରିୟା ମନ ।

ବହୁ ଦିନ ଅନ୍ତେ ଏ ଟିକି ଅଳି ତାଙ୍କର ମଧୁର କଣ୍ଠରୁ ଭାସି ଆସେ,

ମୋ ନିଦ ନେଇ ମୋ ପ୍ରିୟାକୁ ଶାନ୍ତି ନିଦ୍ରା ଦିଅ ଶୋଇବାକୁ ଗଲେ ସେ ।

ଶୋଇବାକୁ ଗଲେ ସେ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତ୍ୟ ଧର୍ମରେ



ଟୋନିସ୍
ରୋହିଦାସ

ଲେଖା ଅଛି କେତେ ପୁରାଣ ପୋଥି
ଯୁଗେ ଯୁଗେ ସେଇ ସତ୍ୟର କାହାଣୀ ।।
ଏଇ ଜଗତେ କେତେ ଯେ ଜନମ ହୋଇଛନ୍ତି ନରନାରୀ ସତ୍ୟ ଏହା ବାଣୀ ।।

ସତ୍ୟ ଯୁଗେ ନୃସିଂହ ତ୍ରେତୀୟାରେ ରାମ ଦ୍ୱାପରେ କୃଷ୍ଣ କଳିଯୁଗେ ଜଗନ୍ନାଥ ।।
ଜଗତର ବନ୍ଧୁ ତୁମେ ଆହେ କୃପାସିନ୍ଧୁ ଅନାଥର ନାଥ ଜଗନ୍ନାଥ ।।

ଆହେ ପ୍ରଭୁ ଜଗବନ୍ଧୁ ତୁମେ ମହାକାଳ ।
ବିପଦ ଆପଦେ ତୁମେ ହୁଅ ପରା ସାହା ହୁଏ ଯେବେ ଜିବନ ବିକଳ ।।

ସତ୍ୟ ରକ୍ଷା ପାଇଁ ପ୍ରଭୁ ହେଲା ଯେ କୃଷ୍ଣ ଅବତାର ଦ୍ୱାପର ଯୁଗରେ ।।
ଚକ୍ର ଅଢୁଆଳେ ହେଲ ପ୍ରଭୁ ତୁମେ ଯେ ସାରଥୀ ଅର୍ଜ୍ଜୁନ ରଥରେ ।।

ଗୋଟି ଗୋଟି କରି ପାପୀଙ୍କୁ କରିଲ ବିନାଶ ।
ଅହଙ୍କାରୀ ରାଜା ହେଲେ ହୁଏ ତାର ଯେ ବିନାଶ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆହେ ପ୍ରଭୁ ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ଚକଆଖି । ।

ତୁମ ଦର୍ଶନ କରି ଜିବନ ମୋହର ପ୍ରଭୁ ଯାଉ ହେ ତରି ଥରେ ତୁମକୁ ଦେଖି । ।

ତୁମେ ସତ୍ୟ ମୁହିଁ ପାପୀ ହେ ମୋର କଲଗୋସେଇ । ।

ମଣିଷ ଜୀବନ ସିନା ଦେଇ ଅଛ ମୋତେ ହେ ସାଇ । ।

ତୁମେ ପ୍ରଭୁ ଦାରୁବ୍ରହ୍ମ ତୁମେ ସତ୍ୟ ସାଇଁ । ।

ମନ ମୋର ତୁମ ଠାରେ ଅଛି ସଦା ପ୍ରଭୁ ଥରୁ ଟିଏ ଡୋରି ତୁମ ହେଉ ମୋ ପାଇଁ । ।

ଗାଁ-ପାମରା, ଜିଲ୍ଲା-ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ମନ ଭିତରେ ଖୋଜେ ମୁଁ କିଏ



ରୋହିତ
ପଟ୍ଟନାୟକ

ସଂସାର ଜୀବନେ ସଜାଏ ନିଜକୁ
ଧିକ ଜୀବନର ବେଳାଭୂମି
ବାଲି ବିହୀନ ଜୀବନ ମଳିନ ହେବାରେ ଆଗେଇଲା ।।
ନିଜେ ଅନ୍ୟର ଖୁସି ସକାଶେ ହାଡ଼ଭଙ୍ଗା ପରିଶ୍ରମ କଲି
ରୋଗ ବୋଲି ଜମ ଆସି ଦଣ୍ଡ ଦେବାରେ ବସିଲାଣି ।
ନିଜସ୍ୱ ପୁଅ ବଖାଣି ସମାଜ ଆଗରେ ଲଙ୍ଗଳା କଲାଣି
ଅଗ୍ନୀ ରେ ସାକ୍ଷୀ ରଖି ସ୍ତ୍ରୀ ରୋଗର ଦୁର୍ଗନ୍ଧକୁ ସୁଙ୍ଘିଲାନି ।
ଆରେ ତୁମେ ବିଷ ପାନ କରିଦିଅ ତୁମ ଘାର ଗନ୍ଧ ଗନ୍ଧିଲାନି ।
ଥରୁଟିଏ କହ ତୁମର କଉ ଥିରେ କେତେ ଯେ ରଖିଛ
ସିର୍ଫ ଥରୁଟିଏ ବ୍ୟାଙ୍କ୍ ଆକାଉଣ୍ଟରେ କେତେ ସାଇତିଛ ।।
ତୁମ ମୁହଁର ଗନ୍ଧରେ ପୁଅ ମୋର ରୋଗିଣା ଭୋଗୁଛି
ଛି ଛି କେତେ ଦୁର୍ଗନ୍ଧ ପୋକ ସାଲୁବାଲୁ ତୁମ ଦେହ ଝରୁଛି ।।
ଶୁଣି ଚୁପ୍ ରହି ମତେ ଦୁଃଖ ଦିଅ ନାହିଁ ଘର ଛାଡ଼
ଏ ଘରେ ମୁଁ ଆଉ ମୋ ସଂସାର ତୁମେ ଦୁନିଆ ଛାଡ ।।
ମୋ ମା ମତେ ଜନ୍ମ ଦେଇଛି ମୋ ଘରେ ତା ସ୍ଥାନ
ତୁମ ଭଳିଆ ରୋଗୀ ମାନଙ୍କ ମୋ ପାଖରେ ସମୟ ନାହିଁ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନେ ପଡେ କୁକୁର ସାଜି ଅର୍ଜି ଥିବା ଅତିବାହିତ ମୁହୂର୍ତ୍ତ

ଜୀବନ ଜୀବିକାର ଅର୍ପଣ କରିଥିବା ନିଶ୍ୱାର୍ଥପର ଅତୀତ ।

ହେ ମଣିଷ ସମାଜ ଜୀବ ସମୂହ ଟିକେ ଖୁଜ

ନିଜ ଆତ୍ମାରେ ମୁଁ କି ଅବା ମୁଁ ରୂପକ ଧ୍ୱନିକୁ ଖୋଜ ।।

ରୋହିତ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରହେଳିକା



ପ୍ରଶାନ୍ତ କୁମାର
ମହାରଣା

ମୋ ଭାବନାର ପୃଷ୍ଠା ଉପରେ
ତୁମ ପ୍ରତୀକ୍ଷାର ଢେଉ ଯେବେ ଲହଡି ଭାଙ୍ଗେ ,
ସମ୍ପର୍କର ସେତୁ ଗଢି ନୂଆଁ ଏକ କୁଳର ଠିକଣା ମୁଁ ଖୋଜେ
ଆତ୍ମୀୟତାକୁ ଭୁଲି ଏ ସମାଜ
ପରିଚୟର ସଂଜ୍ଞା ଲୋଡେ ।
ବୁନିଆଦିର ଶୃଙ୍ଖଳା ଛିଡେଇ
ଭରା ନଇର ଛାତି ଉପରେ
ନିଜ ଯୋଗ୍ୟତାର ବାସ୍ତବତା ମୁଁ ପରଖେ ।
ସମର୍ପଣକୁ ସାଥେ ନେଇ ସନ୍ତୁଳି ହୁଏ ।
ପୁଣି କେଉଁ ଅଜଣା ଅଭିଶାପର ଇସାରରେ
ସମ୍ପର୍କର ମୋଡ ବଦଳିଯାଏ ,
ତୁମ ହୃଦୟରେ ମୋ ପାଇଁ
ସାଇତି ରଖିଥିବା ସେଇ ଶୂନ୍ୟତା
ସମୟର ଘୂର୍ଣ୍ଣନରେ ପଶ୍ଚାତାପ କରେ ।
ଅସଂଯତ ମାନସିକତାରେ
ମୋର ଭାବନାର ସବୁ ଶକ୍ତି ପୁଣି ଠୋକର ଖାଏ ।

ଓଡ଼ିଆ ଶିକ୍ଷକ, (ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ଲିଙ୍ଗିପୁର)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭବିଷ୍ୟତକୁ ସୁଧାରୁଥିବା କିଛି ମଣିଷ



ସୁଧର୍ମା ଡାଙ୍ଗୁଆ

ନିଜର କର୍ମମୟ ଜୀବନରୁ
କିଛି ସମୟକୁ ସାଉଣ୍ଟି,
ଜାତିସେବା ମନୋଭାବର
ମଶାଲକୁ ହାତରେ ଧରି ,
ବର୍ତ୍ତମାନକୁ ବଦଳେଇବାର
ପ୍ରବଳ ଇଚ୍ଛାଶକ୍ତିରେ
କିଛି ପରିବର୍ତ୍ତନ କରିବାକୁ
ସ୍ଥିର ଓ ନତମସ୍ତକ ହୋଇ
ବସିଛନ୍ତି
ଭବିଷ୍ୟତକୁ ସୁଧାରୁଥିବା କିଛି ମଣିଷ ।
ଲୋକନିନ୍ଦା ଓ ପରିହାସକୁ
ପିଠିକରି
ବିତିଯାଇଥିବା ଅତୀତର ସୁବର୍ଣ୍ଣଯୁଗ ,
ବିଗିଡିଯାଇଥିବା ବର୍ତ୍ତମାନ ସମାଜର
ହିସାବରେ
ଭବିଷ୍ୟତର ଗଣିତ କେମିତି ହେବ
ସମସ୍ତେ ଚିନ୍ତାଗ୍ରସ୍ତ ।
ବର୍ତ୍ତମାନ ସମାଜକୁ ଭଗ୍ନସ୍ତୂପରେ
ପରିଣତ କରିଥିବା
ଲୋକମାନେ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ,
ଅଭିଯୋଗ କରାଯିବ
କିନ୍ତୁ କାହାକୁ ?
ଅତୀତର ଶିକ୍ଷାରୁ
ବର୍ତ୍ତମାନର ପରିସ୍ଥିତିରୁ
ହିଁ
ଭବିଷ୍ୟତକୁ ସୁଧାରିବାକୁ ହେବ ।

କଳା ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ, ଲିଙ୍ଗିପୁର, ଗଜପତି
ମୋବାଇଲ – ୯୦୭୮୪୩୯୮୦୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହାସ୍ୟଧ୍ୱନୀ



ଗୋବର୍ଦ୍ଧନ
ସେନାପତି

ପ୍ରଚ୍ଛଦପଟ ର ପ୍ରଚେଷ୍ଟା
ପରିହାସର ଧ୍ୱନି
ସାମ୍ନା ପରଦାରେ ଚିତ୍ରଣ
ଦର୍ଶକଙ୍କୁ ଦେଇଥାଏ ଅନେକ କୌତୁକ ।

କିଏ ତାକୁ କହେ ଥଟ୍ଟା
କିଏ କହେ ଟାପରା
ଆଉ କିଏ ରୂପ ଦିଏ ତାକୁ ଧପ୍ପା
ତା ଉପରେ ତୁଳନା କରିଥାନ୍ତି ବିଦୂଷକ ।।

ସମୟର ଧାରା ଏଠି ବିଚିତ୍ର
ଖଳନାୟକର ହାସ୍ୟରୂପ
ଖେଳାଇଦିଏ ଅକସ୍ମାତେ
ଭୟ ଓ ଆତଙ୍କର ଛାୟା ।

ହସ ମୁଖ ଚେହେରାର ନାୟକ
ଚରିତ୍ର ଚିତ୍ରଣ ରେ ମଜ୍ଜିଯାଏ
ମନ ଓ ବିବେକ ହୁଏ ପ୍ରଫୁଲ୍ଲିତ
ସବୁ ସେହି ହାସ୍ୟଧ୍ୱନି ର ମାୟା ।।

ଏ ଦୁନିଆଁ ରଙ୍ଗମଞ୍ଚ
ଜୀବନ ରାସ୍ତା ଏଠି ନାଟକ
ଅଭିନୟର ପରାକାଷ୍ଠା
ନିଜ କର୍ତ୍ତବ୍ୟ ଓ ସତକର୍ମର ଶୁଭେ ପ୍ରତିଧ୍ୱନି ।

ଦୁଃଖସୁଖର ସଂସାରରେ
କେବେ ମାୟା ଓ କେବେ ସ୍ନେହ ମମତାରେ
କିଛି ପୁଣି ଅଘଟଣ ଘଟିଲେ
ସମାଜରୁ ମିଳେ ହାସ୍ୟଧ୍ୱନି ।।

ନୂଆଦିଲ୍ଲୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସିନ୍ଦୂର ପିନ୍ଧିବା ପୂର୍ବରୁ



କୃଷ୍ଣଚନ୍ଦ୍ର ବାରିକ

ଫେଡ଼ିବା ଶିଖିଲି ଚଞ୍ଚଳ ମନର ଧୂଳି ଧୂସରିତ ମାନ ଅଭିମାନ
ମିଶେଇଲି ଖୋଲା ହସରେ ମେଞ୍ଚାଏ ନିରୁତ୍ତା ବିଶ୍ରାମ

ସ୍ୱାଧୀନତା ସହ ଆରମ୍ଭ ହେଲା ଆପେକ୍ଷିକ ଦୂରତାର ପାର୍ଥକ୍ୟ
ବେକରେ ପିନ୍ଧା ହେଲା କାଇଦା କାନୁନର ସ୍ୱତନ୍ତ୍ର ପଦକ

ତାଲିମ୍ ଶିବିରରେ ମୋ ଚଳଣିକୁ ନେଇ ସରଗରମ୍ ଚର୍ଚ୍ଚା
ପରୀକ୍ଷା ପ୍ରସ୍ତୁତି ପରି ଘୋଷିଚାଲିଲି ଶଣ୍ଢଣାର ରଙ୍ଗଘସ ବିଦ୍ୟା

ସ୍ୱପ୍ନରେ ସାଉଁଟିଲି ଜହ୍ନ ଆଲୁଅକୁ ଭୁଲି ଅନ୍ଧାରର ଶୋଷ
ଦେହରେ ଢାଙ୍କିଲି କୁମାରୀରୁ କୂଳବଧୂ ହେବାର ପରିପକ୍ୱତା ବେଶ

ନୂଆ ଏକ ସକାଳର ସୂର୍ଯ୍ୟ ମୋ ମଥାରେ ଥାପି ଦେଇ ନାଁ ଦେଲି ସିନ୍ଦୂର
ମୁଁ ବୋଧେ ଦାଉରୀ ଦ୍ରବ୍ୟଟେ ପରି ବିକ୍ରି ହେଉଥିବା ଉଚ୍ଚା ନିଚ୍ଚା ଦର

ଏବେ ଶଂଖାର ଶିଙ୍କୁଳିରୁ ମୁକୁଳି ପାରୁନଥିଲା ମୋ ହାତ ଦୁଇଟା
ପରିବାରର ପ୍ରେମକୁ ପାଦତଳେ ଲେସି ଦେଇ ନାଁ ଦେଲ ଅଳତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୋମାଗ୍ନିରେ ନିସ୍ତେଜ ହେଇ ଧାସ ଦେଉଥିଲେ ମୁକ୍ତ ଚିତ୍ତର ପତଙ୍ଗ
ଆପଣ ଛାଏଁ ବିନା ଦ୍ୱିଧାରେ ହସ୍ତଗତ ହେଉଥିଲା ମୋ ଶରୀର ରୂପ ରଙ୍ଗ

ଆପଣା ଏବେ କୋହ ଆଉ ଲୁହରେ ଆତ୍ମହରା
ମୁଁ ପାଷାଣ ହେଇ ପ୍ରଶ୍ନ କରୁଥିଲି ଏ ଶାସ୍ତି, ପ୍ରଥା ନା ପରମ୍ପରା

ମଙ୍ଗଳ ସୂତ୍ରରେ ମୁଁ ଜପିବା ଆରମ୍ଭ କଲି ଆଉ କାହା ଦୀର୍ଘାୟୁ କାମନା
ଅପରିଚିତ ଆଗରେ ନିଜକୁ ନିଛାବର କରି ବଞ୍ଚିବାର ସମ୍ଭାବନା


ଏବେ ମୁଁ ସମ୍ପୂର୍ଣ୍ଣ ଭାବେ ନିଜର ସର୍ବସ୍ୱକୁ ସମର୍ପି ଦେଲି ଅନ୍ୟର ଆଶ୍ରାରେ
ଘରକୁ ପର କରିବାର କାହାଣୀଟା ଲେଖାଥିଲା ବୋଧେ ସିନ୍ଦୂର ଟୋପାରେ

ରଜିବ, ବାଙ୍କୀ, କଟକ
ଯୋଗାଯୋଗ: +୯୧୭୩୭୦୧୯୦୦୬୫
ଇମେଲ୍ : krushnatheerror@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଁ ମୁଁ ଘୃଣାକରେ ମୋ ଲୁହକୁ



ସବିତା ପଟ୍ଟନାୟକ

ହଁ ମୁଁ ଘୃଣା କରେ ମୋ ଲୁହକୁ...

ହଁ ମୁଁ ଘୃଣା କରେ ମୋ ଲୁହକୁ....

ଯିଏ ସମ୍ବେଦନଶୀଳ ବାର୍ତ୍ତାର ଶିକାକୁ ସାଉଁଟି ଆଣେ ଭିକ୍ଷା ରୂପରେ....।।

ହଁ ମୁଁ ଘୃଣା କରେ ମୋ ଲୁହକୁ...

ଯିଏ ପ୍ରମାଣ କରାଏ ମୋ ଦୁର୍ବଳତାର ଦାରିଦ୍ର ପଣତାକୁ.....।

ହଁ ମୁଁ ଘୃଣା କରେ ମୋ ଲୁହକୁ

ଯିଏ ମୋତେ ଚିହ୍ନିବାର ସୁଯୋଗ ନଦେଇ ନିଜର ରାସ୍ତାରେ ବୋହିଯାଏ ..।

ହଁ ମୁଁ ଘୃଣା କରେ ମୋ ଲୁହକୁ

ଯିଏ ନବୁଝି ବିଚାରି ଅନ୍ୟର ସହାୟତାର ମିଛ ହାତକୁ ଆପଣାଇ ନେଇଥାଏ...।

ହଁ ମୁଁ ଘୃଣା କରେ ମୋ ଲୁହକୁ

ଯିଏ ପ୍ରାନ୍ତ ପଥର ପଥ ଓଗାଳେ..ଏକ ମିଥ୍ୟା ପଥର ପ୍ରଲୋଭନରେ...।

ହଁ ମୁଁ ଘୃଣା କରେ ମୋ ଲୁହକୁ

ଯିଏ ନିଜ ଅଜାଣତରେ ଅନ୍ୟର ହସର ପାତ୍ରଟିଏରେ ପରିଣତ କରାଏ....।

ହଁ ମୁଁ ଘୃଣା କରେ ମୋ ଲୁହକୁ...

ଯିଏ ମୋର ବିନା ଅନୁମତିରେ ବହିଯାଇ ବାରମ୍ବାର ମନାକରିବା ସତ୍ତ୍ୱେ ଭି....

ହଁ ମୁଁ ଘୃଣା କରେ ମୋ ଲୁହ କୁ ..।।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

"ପିଇଯାଉ ପଛେ ଲୁହକୁ ପ୍ରତିଦାନରେ ଆରମ ପ୍ରଦାନ କରୁଥିବା ରାତ୍ରୀର ତକିଆ...

କିନ୍ତୁ ପାଦ ନ ବଢ଼ାଉ ସହାନୁଭୂତି ଆଶ୍ରାର ସାହାରା ଆଡ଼କୁ ....

ବଡ଼ରାମପାସ, ହାଟଡିହି, କେନ୍ଦୁଝର

୭୫୮୦୮୩, ଓଡ଼ିଶା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସଂବଲପୁରୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଲହନ୍



ସତ୍ୟନାରାୟଣ ମିଶ୍ର

ତର୍ ଚାହାନି ଚୁହିନୀ ସାଜି
ଚୁହିଁ ନେଲା ମୋର୍ ମନ୍
ଚେହେଁଲେ ବି ଆରୁ ମୁକୁଲି ପାର୍ଲି କାହିଁ
ଚେହେରା ନେ ତୋର ଚହଁରା କଲୁ
ବଅରା କଲୁ
ଥଏ ହେଇ ଆରୁ ରହି ହଉଛେ ନାଇଁ ।

ମନ ର୍ ଚେରେ  କିନ୍ଦିରି ବୁଲେ
ଢୁକି ଗଲୁନ ଦିଲ୍  ଭିତିରେ
ଛଟପଟ କରି ମାଏଲୁ
ସରଲ୍ ସୁତର୍  ଝନେ ର୍ ବେକେ
କାଁ ଦୁସେ ତୋର୍  ପ୍ରେମ୍ ଫାସୀ ଚଢେଇ ଦେଲୁ  ? ?

ଅରନ୍ ହେଲା ନ ମହରା ସରି
ଭରମ୍ ଥି ଗଲା ଝୁମୁରା ମରି
ମରମ୍ ହଉଛେ ଜଲନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସପନ୍ ଯେତେ କେ ଅଲହନ୍ କରି

ଅକାରନ୍ କଲୁ ଜିଇଁ ଖାଏବା ର୍ ଜୀବନ୍

ତୁଇ ପରେ ଲୋ କାଚ୍ ମହଲ ର୍

ପୁନି ଜନ୍ ,

ହାତ ଟେକେଲେ ଧରି ହେବା କେଁ

ମୁଇ ତ ଗୁଟେ ମାଏଟ୍ କୁରିଆ ର୍  ବାମନ୍

ସିଂଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ



ସହଦେବ ପ୍ରଧାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।
ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।
ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ ।

ଶ୍ରୀମଦ୍ଭାଗବତ ମହାପୁରାଣର ୧୧ଶ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୧୧ଶ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ଏକାଦଶ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୩୨ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରା ଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକାଦଶ ସ୍କନ୍ଧ - ୩୨ ଟି ଅଧ୍ୟାୟ (ମୁକ୍ତି) ଭାଗବତର ୯ମ ଲକ୍ଷଣ

| ସଂଖ୍ୟା | ଅଧ୍ୟାୟ | ବିଷୟ ବସ୍ତୁ |
|---|---|---|
| ୧ | ପ୍ରଥମ | ଯଦୁବଂଶକୁ ଋଷିମାନଙ୍କ ଅଭିଶାପ; ଲୌହମୁଷଳକୁ ନିଃଶେଷ କରିବାକୁ ଉଦ୍ୟମ |
| ୨ | ଦ୍ୱିତୀୟ | ବସୁଦେବ ଓ ନାରଦ ସଂବାଦକ୍ରମେ ନିମି ଓ ନବଯୋଗେଶ୍ୱରଙ୍କ ପ୍ରଶ୍ନୋତ୍ତର ଆରମ୍ଭ; ଭାଗବତଧର୍ମ ବିଷୟରେ ନିମିଙ୍କ ପ୍ରଶ୍ନ ଏବଂ କବିଙ୍କ ଉତ୍ତର । |
| ୩ | ତୃତୀୟ | ଭଗବଦ୍ଭକ୍ତର ଧର୍ମ, ସ୍ୱଭାବ ଓ ଆଚରଣ ବିଷୟରେ ନିମିଙ୍କ ପ୍ରଶ୍ନ ଏବଂ ହରିଙ୍କ ଉତ୍ତର । |
| ୪ | ଚତୁର୍ଥ | ମାୟା, ମାୟାକୁ ତରିବାର ଉପାୟ, ବ୍ରହ୍ମ ଓ କର୍ମଯୋଗ ବିଷୟରେ ନିମିଙ୍କ ପ୍ରଶ୍ନ ଏବଂ ଅନ୍ତରୀକ୍ଷ ପ୍ରବୁଦ୍ଧ, ପିପ୍ପଳାୟନ ଓ ଆବିହୋତ୍ରଙ୍କ ଉତ୍ତର । |
| ୫ | ପଞ୍ଚମ | ଭଗବାନଙ୍କ ଅବତାର ବିଷୟରେ ନିମିଙ୍କ ପ୍ରଶ୍ନ ଏବଂ ଦ୍ରୁମିଳଙ୍କ ଉତ୍ତର |
| ୬ | ଷଷ୍ଠ | ଭକ୍ତିହୀନ ପୁରୁଷଙ୍କ ଗତି. ଭଗବତ୍ ପୂଜନ ବିଧି ବିଷୟରେ ନିମିଙ୍କ ପ୍ରଶ୍ନ, ଚମସ ଓ କରଭାଜନଙ୍କ ଉତ୍ତର । |
| ୭ | ସପ୍ତମ | ସ୍ୱଧାମ ପ୍ରତ୍ୟାବର୍ତ୍ତନ ନିମନ୍ତେ ଭଗବାନଙ୍କୁ ଦେବଗଣଙ୍କ ନିବେଦନ, ପ୍ରଭାସକ୍ଷେତ୍ରକୁ ଯାଦବଙ୍କର ଗମନ ଉଦ୍ୟମ ଜାଣି ଶ୍ରୀକୃଷ୍ଣଙ୍କ ନିକଟକୁ ଉଦ୍ଧବଙ୍କ ଆଗମନ । |
| ୮ | ଅଷ୍ଟମ | ଶ୍ରୀକୃଷ୍ଣ ଉଦ୍ଧବ ସଂବାଦ ପ୍ରକରଣରେ ଅବଧୂତ ଉପାଖ୍ୟାନ ଆରମ୍ଭ ; ପୃଥିବୀ ଠାରୁ କପୋତ ପର୍ଯ୍ୟନ୍ତ ଅଷ୍ଟଗୁରୁଙ୍କ ଶିକ୍ଷା । |
| ୯ | ନବମ | ଅଜଗର ଠାରୁ ପିଙ୍ଗଳା ବେଶ୍ୟା ପର୍ଯ୍ୟନ୍ତ ନବ ଗୁରୁଙ୍କ ଶିକ୍ଷା । |

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୦ ଦଶମ କୁରର ଠାରୁ ପେଚସ୍କାରୀ ପର୍ଯ୍ୟନ୍ତ ସପ୍ତ ଗୁରୁଙ୍କ ଶିକ୍ଷା ।

୧୧ ଏକାଦଶ ଲୌକିକ ତଥା ପାରଲୌକିକ ଭୋଗର ଅସାରତା ନିରୂପଣ ।

୧୨ ଦ୍ୱାଦଶ ଶ୍ରୀକୃଷ୍ଣ ଉଦ୍ଧବ ସଂବାଦ - ବଦ୍ଧଜୀବ, ଜୀବନ୍ମୁକ୍ତ ଓ ଭକ୍ତଜନଙ୍କ ଲକ୍ଷଣ ।

୧୩ ତ୍ରୟୋଦଶ ଶ୍ରୀକୃଷ୍ଣ ଉଦ୍ଧବ ସଂବାଦ - ସାଧୁ ସଙ୍ଗର ମହିମା; କର୍ମ ଓ କର୍ମତ୍ୟାଗର ବିଧି ।

୧୪ ଚତୁର୍ଦ୍ଦଶ ଶ୍ରୀକୃଷ୍ଣ ଉଦ୍ଧବ ସଂବାଦ - ସନକାଦିଙ୍କୁ ହଂସ ରୂପରେ ଭଗବାନ ଦେଇଥିବା ଉପଦେଶ ।

୧୫ ପଞ୍ଚଦଶ ଭକ୍ତିଯୋଗର ମହିମା ଓ ଧ୍ୟାନବିଧି ।

୧୬ ଷୋଡଶ ଅଷ୍ଟାଦଶ ସିଦ୍ଧିର ନାମ ଓ ଲକ୍ଷଣ ।

୧୭ ସପ୍ତଦଶ ଶ୍ରୀ ହରିଙ୍କ ବିଭୂତି ବର୍ଣ୍ଣନା ।

୧୮ ଅଷ୍ଟାଦଶ ବର୍ଣ୍ଣାଶ୍ରମ ଧର୍ମ ନିରୂପଣ ପ୍ରକରଣରେ ବ୍ରହ୍ମଚର୍ଯ୍ୟ ଓ ଗୃହସ୍ଥ ଧର୍ମ ବର୍ଣ୍ଣନା ।

୧୯ ଊନବିଂଶ ବାନପ୍ରସ୍ଥ ଓ ସନ୍ନ୍ୟାସ ଧର୍ମର ବର୍ଣ୍ଣନା ।

୨୦ ବିଂଶ ଜ୍ଞାନଭକ୍ତି ଯୋଗ କଥନ - ଯମ ଓ ନିୟମାଦି ବର୍ଣ୍ଣନା ।

୨୧ ଏକବିଂଶ ଜ୍ଞାନ ଯୋଗ, କର୍ମ ଯୋଗ ଓ ଭକ୍ତିଯୋଗ ତତ୍ତ୍ୱଜ୍ଞାନ କଥନ

୨୨ ଦ୍ୱାବିଂଶ ଦ୍ରବ୍ୟ, ଦେଶ, କାଳାଦିର ସୁଧାସୁଧ ବିଚାର । ବେଦତତ୍ତ୍ୱ କଥନ ।

୨୩ ତ୍ରୟୋବିଂଶ ତତ୍ତ୍ୱମାନଙ୍କର ସଂଖ୍ୟା ବିବେଚନ ଏବଂ ପ୍ରକୃତି-ପୁରୁଷ ସମ୍ବନ୍ଧୀୟ ବିଚାର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୨୪ ଚତୁର୍ବିଂଶ ଭିକ୍ଷୁ ଗୀତା କଥନ - ତିରସ୍କାର ସହନ ସମ୍ବନ୍ଧରେ ଜଣେ ତିତୁକ୍ଷୁ ବ୍ରହ୍ମଣର ଦୃଷ୍ଟାନ୍ତ ବା ଭିକ୍ଷୁ ଗୀତା ।

୨୫ ପଞ୍ଚବିଂଶ ସାଂଖ୍ୟ ମତାନୁସାରେ ବ୍ରହ୍ମାସୃଷ୍ଟି ସୃଜନ କଥନ ।

୨୬ ଷଡବିଂଶ ତ୍ରିଗୁଣର ବୃତ୍ତି ନିରୂପଣ - ଲକ୍ଷଣ କଥନ

୨୭ ସପ୍ତବିଂଶ ପୁରୁରବା ଦୃଷ୍ଟାନ୍ତ ଦ୍ୱାରା କୁସଂଗ ଓ ସାଧୁ ସଂଗର ପରିଣାମ କଥନ

୨୮ ଅଷ୍ଟବିଂଶ କ୍ରିୟାଯୋଗ - କ୍ରିୟାତ୍ମକ ଉପାସନା ବିଧି– ଭଗବତ୍ ପୂଜା ପଦ୍ଧତି ବର୍ଣ୍ଣନ - ପ୍ରତିମା ପୂଜା ଲକ୍ଷଣ କଥନ ।

୨୯ ଊନତ୍ରିଂଶ ପରମାର୍ଥ ନିରୂପଣ - ଜ୍ଞାନଯୋଗ କଥନ ।

୩୦ ତ୍ରିଂଶ ଭାଗବତ ଧର୍ମ ନିରୂପଣ (ଭକ୍ତିଯୋଗ ନିରୂପଣ) ଓ ଉଦ୍ଧବଙ୍କ ବଦରିକା ଗମନ ।

୩୧ ଏକତ୍ରିଂଶ ଯାଦବ ନାଶ, ଶ୍ରୀକୃଷ୍ଣଙ୍କୁ ଜରା ଶବରର ଶରାଘାତ, ଜରାର ସ୍ୱର୍ଗଗମନ ଓ ଦାରୁକର ବଦରିକା ପ୍ରବେଶ ।

୩୨ ଦ୍ୱାତ୍ରିଂଶ ଶ୍ରୀକୃଷ୍ଣଙ୍କ ବୈକୁଣ୍ଠ ଗମନ; ବସୁଦେବ ଦେବକୀ ପ୍ରାଣତ୍ୟାଗ; ଅନ୍ୟ ନାରୀମାନଙ୍କ ସ୍ୱସ୍ୱ ସ୍ୱାମୀ ମୃତଦେହ ସହ ଚିତ୍ତାରୋହଣ; ଶ୍ରୀକୃଷ୍ଣ-ଧ୍ୟାନ ପୂର୍ବକ ଅଷ୍ଟପାଟରାଣୀଙ୍କ ଅଗ୍ନି ପ୍ରବେଶ; ବଜ୍ରନାଭ ଅଭିଷେକ ।

ଏକାଦଶ ସ୍କନ୍ଧ ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ ପିଣ୍ଡାରକ (ପ୍ରଭାସ) କ୍ଷେତ୍ରରେ ରହିଥିବା ବିଶ୍ୱାମିତ୍ର, ଅସିତ, କଣ୍ୱ, ଦୁର୍ବାସା, ଭୃଗୁ, ଅଙ୍ଗିରା, କଶ୍ୟପ, ବାମଦେବ, ଅତି, ବଶିଷ୍ଠ ଓ ନାରଦ ଆଦି ମୁନିଙ୍କ ନିକଟରେ ଯଦୁବଂଶୀ କୁମାର ମାନେ ଖେଳୁ ଖେଳୁ ଯାଇ ପହଞ୍ଚିଲେ । ସେହି କୁମାରମାନେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜାମ୍ବବତୀଙ୍କ ପୁତ୍ର ସାମ୍ବଙ୍କ ଉଦରରେ ଲୌହପାତ୍ର ଭରି ଗର୍ଭବତୀ-ସ୍ତ୍ରୀ ବେଶରେ ସଜାଇ, ଋଷିମାନଙ୍କୁ ପଚାରିଲେ ଯେ, ସେହି ଗର୍ଭରୁ ପୁତ୍ର ନା କନ୍ୟା ଜାତ ହେବ । ତା ଶୁଣି ଋଷିମାନେ ରାଗରେ କହିଲେ ଯେ ସେହି ଲୌହମୂଷଳ ହିଁ ଯଦୁବଂଶ ନାଶ କରିବ । ରାଜା ଉଗ୍ରସେନ ଲୋକଲଗାଇ ମୂଷଳଟିକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରାଇଦେଲେ ସତ, କିନ୍ତୁ ଶେଷ ଛୋଟିଆ ଭାଗଟି ଚୂର୍ଣ୍ଣ ନ ହୋଇ ରହିଯିବାରୁ ତାକୁ ସମୁଦ୍ରରେ ଫୋପାଡ଼ିଦେଲେ । ସେହି ଲୌହଗୁଣ୍ଡ ସବୁ ଭାସି ଭାସି ଯାଇ ଉପକୂଳରେ ଲାଗିଲା । ସେଥିରୁ ଏରକା ନାମ ଘାସ ଉତ୍ପନ୍ନ ହେଲା । ଏବଂ ଛୋଟ ଲୁହା ଖଣ୍ଡଟିକୁ ମାଛଟି ଖାଇଲା । ମାଛଟି ଜାଲରେ ପଡ଼ିବାରୁ କେଉଟ ବିକ୍ରି କରିବାକୁ ନେଲା । କେଉଟଠାରୁ ବ୍ୟାଧ କିଣି, ମାଛ ଗର୍ଭରୁ ଲୁହାଖଣ୍ଡ ପାଇ ତାହାକୁ ଶର ମୂନ କରି ଲଗାଇଦେଲା ।

ଦ୍ୱିତୀୟ ଅଧ୍ୟାୟରେ ବସୁଦେବ ଓ ନାରଦ ସଂବାଦ କ୍ରମେ ନିମି ଓ ନବଯୋଗେଶ୍ୱରଙ୍କ ପ୍ରଶ୍ନୋତ୍ତର ଆରମ୍ଭ; ଭାଗବତଧର୍ମ ବିଷୟରେ ନିମିଙ୍କ ପ୍ରଶ୍ନ ଏବଂ କବିଙ୍କ ଉତ୍ତର ବର୍ଣ୍ଣିତ । ମନୁଙ୍କ ପୁତ୍ର ପ୍ରିୟବ୍ରତଙ୍କ ପୁତ୍ର ଅଗ୍ନୀଧି – ତା ସୁତ ନାଭି – ତା ସୁତ ଋଷଭଦେବ । ଋଷଭଦେବଙ୍କ ୧୦୦ ପୁତ୍ର । ଜ୍ୟେଷ୍ଠ ପୁତ୍ର ଭରତ ଯିଏ କି ଆଦି ଭରତରୁ ହରିଣ ଓ ହରିଣରୁ ଜଡ଼ଭରତ ହୋଇ ନିସ୍ତାର ପାଇଥିଲେ । ଏସବୁ ବିଷୟ ୫ମ ସ୍କନ୍ଧର ୧ମ, ୪ର୍ଥ ଏବଂ ୭ମ ଠାରୁ ୧୦ମ ଅଧ୍ୟାୟ ଗୁଡ଼ିକରେ ସବିସ୍ତୃତ ବର୍ଣ୍ଣିତ । ଋଷଭଦେବଙ୍କ ଅନ୍ୟ ୯୯ ପୁତ୍ରଙ୍କ ମଧ୍ୟରୁ ୯ ଜଣ ପୁତ୍ର ଭାରତର ୯ଟି ଦ୍ୱୀପର ଅଧିପତି ହୋଇଥିଲେ । ଅବଶିଷ୍ଟ ୮୧ ଜଣ କର୍ମକାଣ୍ଡର ରଚୟିତା ହୋଇ ଅଗ୍ନିହୋତ୍ରୀ ବ୍ରାହ୍ମଣ ହୋଇଗଲେ । ଉପରୋକ୍ତ ୯ ଜଣ – କବି, ହରି, ଅନ୍ତରୀକ୍ଷ, ପ୍ରବୃଦ୍ଧ, ପିପ୍ପଳାୟନ, ଆବିର୍ହୋତ୍ର, ଦ୍ରୁମିଳ, ଚମସ ଏବଂ କରଭାଜନ ଆତ୍ମବିଦ୍ୟା ପାରଙ୍ଗମ, ଦିଗମ୍ବର ସନ୍ନ୍ୟାସୀ ହୋଇଗଲେ । ସେମାନେ ଦେବତା, ସିଦ୍ଧ, ସାଧ୍ୟ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯକ୍ଷ, ଗନ୍ଧର୍ବ, ମନୁଷ୍ୟ, କିନ୍ନର, ନାଗ ପ୍ରଭୃତି ଲୋକରେ ସ୍ୱଚ୍ଛନ୍ଦରେ ବିଚରଣ କରୁଥିଲେ ।

ନାନ ପ୍ରକାରେ ହରି ପାଦେ । ଯାହାର ଚିତ୍ତ ଅପ୍ରମାଦେ । ।
ଭଜଇ ଜାଣି ବିଷ୍ଣୁ ମାୟା । ସେ ହରି କରେ ତାରେ ଦୟା । ।
ବିଷ୍ଣୁର ଅଭୟ ଚରଣ । ମଙ୍ଗଳ କୁଶଳ କଲ୍ୟାଣ । ।
ଅଶେଷ ଭୟ ନାଶ କରେ । ଯେ ନିତ୍ୟେ କୃଷ୍ଣ ନାମ ଧରେ । ।
ଦେହ ସମ୍ପଦ ଦାରା ସୁତ । ଏଣେ ମୋହିତ ଯାର ଚିତ୍ତ । ।
କାମ ସଂକଳ୍ପ ଦିନେ ଦିନେ । ବଢ଼ଇ ବିଷୟ ଚିନ୍ତନେ । ।
ମାୟାରେ ମନ ଅଗୋଚରେ । ଭ୍ରମଇ ଅଶେଷ ପ୍ରକାରେ । ।
କୃଷ୍ଣର ଅଭୟ ଚରଣ । ଅଶେଷ ଦୁଃଖ ନିବାରଣ । । ୧୧/୨/୩୩
ଏଣେ ଯେ ଭଜେ କୃଷ୍ଣ ପାଦ । ତାହାକୁ ନ ଲାଗେ ପ୍ରମାଦ । ।
ହୃଦେ ଗୋବିନ୍ଦ ପାଦ ଧ୍ୟାୟୀ । ନୟନ ବୁଜି ଯେବେ ଧାଇଁ । ।
ପଥ ନ ଜାଣି ଯେବେ ବୁଡ଼େ । ସେ ପ୍ରାଣୀ କେବେ ହେଁ ନ ପଡ଼େ । ।
ବେଦବଚନ ଧର୍ମଶାସ୍ତ୍ର । ଏ ବେନି ବିପ୍ରଙ୍କର ନେତ୍ର । ।
ଏକ ନ ଥିଲେ କାଣ ହୋଇ । ଦୁଇ ଅଭାବେ ଅନ୍ଧ ସେହି । ।
ଏମନ୍ତ ବିପ୍ର ଯେବେ ଚିତ୍ତେ □ ହରିଙ୍କି ଭଜେ ଅବିରତେ । ।
ତାହାର ଅମଙ୍ଗଳ ନାହିଁ । ସକଳ ପାପୁଁ ସେ ତରଇ । ।
ଏମନ୍ତେ ଭାଗବତ ତତ୍ତ୍ୱ । ଈଶ୍ୱର ବଚନ ନିର୍ମିତ । ।
ଏହା ଯେ ନ କରନ୍ତି ପ୍ରାଣୀ । ଧର୍ମ ସଂଶୟ ମନେ ଗୁଣି । ।
କେବେ ହେଁ ନାହିଁ ସୁଖଲେଶ । ଉଭୟ ଲୋକେ ସେ ନିରାଶ । । ୧୧/୨/୩୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ ବଚନ ଦେହ ଚିତ୍ତ । ଅବା ଇନ୍ଦ୍ରିୟ ବୁଦ୍ଧିକୃତ ।।
କିବା ସ୍ୱଭାବ ଅନୁସାରେ । ଯେ କର୍ମ କରି ଏ ସଂସାରେ ।।
ତା ନାରାୟଣେ ସମର୍ପିବ । ଜୀବର ସ୍ୱଧର୍ମ ଏ ଭାବ ।।
ଏ ଭାଗବତଧର୍ମ ଗୁଣ । ଇଶ୍ୱର ବଚନ ପ୍ରମାଣ ।।
ଏଣେ ସକଳ ଜ୍ଞାନ ପାଇ । ଅଜ୍ଞାନ ତମ ନାଶ ଯାଇ ।। ୧୧/୨/୩୬
ଶୁଣ ବିଦେହ ମହୀପତି । ଯେ ହରିଭାବ ନ ଜାଣନ୍ତି ।।
ନାନା ପ୍ରକାରେ ତପ କରେ । ସେ ପ୍ରାଣୀ ସଂସାରୁ ନ ତରେ ।।
ହରି ବିମୁଖ ପ୍ରାଣୀ ଯେତେ । ସେ ଥାନ୍ତି ପଶୁଙ୍କ ସଙ୍ଗତେ ।।
ତାହାଙ୍କୁ ମୋହେ ବିଷ୍ଣୁମାୟା । ବିଷୟା ରସେ ବଢ଼େ ସ୍ପୃହା ।।
ଦେହକୁ ବସ୍ତୁ ପ୍ରାୟେ ମଣେ । ବଇରୀ ମିତ୍ର ପରିମାଣେ ।।
ଭ୍ରମଇ ଶୋକ ମୋହ ପଥେ । ଅଜ୍ଞାନ ବୁଦ୍ଧିଭ୍ରମ ଗ୍ରସ୍ତେ ।।
ତେଣୁ ସଂସାର ମୋହେ ଜଡ଼ି । ଦୁଃଖ ସଙ୍କଟେ ଥାନ୍ତି ପଡ଼ି ।।
ଯାର ମାୟାରେ ଏତେ ଗତି । ତା ଭାବ ବୁଧଜନେ ଚିନ୍ତି ।।
କୃଷ୍ଣ ଭଜନ୍ତି ଏକମନେ । ନିର୍ମଳ ଧ୍ୟାନ ତତ୍ତ୍ୱଜ୍ଞାନେ ।।
ଗୁରୁଙ୍କୁ ଇଷ୍ଟଦେବ ଭାବେ । ମନେ ଚିନ୍ତନ୍ତି ଜ୍ଞାନଲାଭେ ।। ୧୧/୨/୩୭
ଜୀବ ଅଜ୍ଞାନଭାବ ଦେଖ । ଦୁଃଖକୁ ମଣେ ମହାସୁଖ ।।
ଯେସନେ ସ୍ୱପ୍ନ ମନୋରଥେ । ଭ୍ରମଇ ନିଦ୍ରାର ଆୟତ୍ତେ ।।
ମଣଇ ସତ୍ୟପ୍ରାୟ ତାହା । ମନ ବିଳାସ ମାତ୍ର ମାୟା ।।
ଏ ମନ କୃଷ୍ଣପାଦେ ଦେଲେ । ଏ ମାୟା ନ ଲାଗଇ ଭଲେ ।। ୧୧/୨/୩୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁର୍ଗମ ପଥ ଏ ଭଜନ । ଭୟେ ଭାଜିଲେ ଯୋଗୀଜନ । ।

ଏବେ କହିବା ଶୁଣ ରାୟେ । ସୁଗମ ଭଜନ ଉପାୟେ । ।

କୃଷ୍ଣର ଜନ୍ମକର୍ମ ଯେତେ । ନାନା ଚରିତ ଏ ଜଗତେ । ।

ଶ୍ରବଣ ସ୍ମରଣ କୀର୍ତ୍ତନ । ତାରଇ ଅଶେଷ ଭୁବନ । ।

ସେ ନାମଭାବେ ଚିତ୍ତ ଜଡ଼ି । ହୃଦରୁ ଲାଜ ଭୟ ଏଡ଼ି । ।

କାମାଦି ସଙ୍ଗ ଦୂର କରି । ଏ ଘୋର ସଂସାରେ ବିହରି । । ୧୧/୨/୩୯

ଉଚ୍ଚେ ଡାକିବ କୃଷ୍ଣ ନାମ । ଶୁଣିବ ସକଳ ଶ୍ରବଣ । ।

ଆନନ୍ଦେ ତୋଳି ବେନି କର । କଣ୍ଠ ଗର୍ଜନ ଉଚ୍ଚସ୍ୱର । ।

ଉନ୍ମତ୍ତ ପ୍ରାୟ ନୃତ୍ୟ କରି । ଲୋକବେଭାରେ ପରିହରି । । ୧୧/୨/୪୦

ଗଗନ ସମୀରଣ ଜ୍ୟୋତି । ଯେ ଅବା ସଲିଳ ଧରିତ୍ରୀ । ।

ନଦୀ ସାଗର ତରୁ ଗଣ । ପର୍ବତ ସ୍ଥାବର ଜଙ୍ଗମ । ।

ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର । ଏ ସର୍ବ କୃଷ୍ଣର ଶରୀର । ।

ନିଶ୍ଚୟ ଜାଣି ଏକ ଚିତ୍ତେ । ପ୍ରଣାମ କରୁଥିବ ନିତ୍ୟେ । ।

ଅମୃତ ବିନୟ ବଚନ । କହି ତୋଷିବ ପ୍ରାଣୀ ମନ । ।

ଏ ଭାବେ ଲଭି କୃଷ୍ଣ ପାଦ । ହରିବ ବିଷୟା ବିଶାଦ । । ୧୧/୨/୪୧

ତୃତୀୟ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨ୟ ଅଧ୍ୟାୟ)ରେ ଭଗବଦ୍ଭକ୍ତର ଧର୍ମ, ସ୍ୱଭାବ ଓ ଆଚରଣ ବିଷୟରେ ନିମିଙ୍କ ପ୍ରଶ୍ନ ଏବଂ ହରିଙ୍କ ଉତ୍ତର ବର୍ଣ୍ଣିତ ।

ସକଳ ଦେହେ ନାରାୟଣ । ବସନ୍ତି ଅନାଦି କାରଣ । ।

ସେ ନାରାୟଣ ଦେହ ଗତେ । ବସନ୍ତି ଭାବ ଅନିମତେ । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ଭାବେ ଦୃଢ଼ ଯାର ମନ । ସେ ପ୍ରାଣୀ ଭକତ ଉତ୍ତମ ।। ୧୧/୩/୪୫

ଈଶ୍ୱର ଠାରେ ପ୍ରେମ କରେ । ମିତ୍ର ଭାବନା ସାଧୁ ଠାରେ ।।

କରୁଣା ଅଜ୍ଞାନ ଲୋକରେ । କରେ ଉପେକ୍ଷା ଶତ୍ରୁ ଠାରେ ।।

ସେ ଭକ୍ତ ମଧ୍ୟମ ଅଟଇ । ତେଣୁ ସେ ଭେଦକୁ ଦେଖଇ ।। ୧୧/୩/୪୬

ପ୍ରତିମା ଠାରେ ଶ୍ରଦ୍ଧା ବହି । ହରି ପୂଜାକୁ ଯେ କରଇ ।।

ନ ସେବେ ବିଷ୍ଣୁର ସେବକ । ଇତର ମଣେ ଅନ୍ୟ ଲୋକ ।।

ତାକୁ ପ୍ରାକୃତ ବୋଲି କହି । ତଥାପି ଭକ୍ତ ସେ ବୋଲାଇ ।। ୧୧/୩/୪୭

ଇନ୍ଦ୍ରିୟ ଦ୍ୱାରେ ଅର୍ଥମାନ । ଗ୍ରହଣ କଲେହେଁ ଯେ ଜନ ।।

କାହାକୁ ଦ୍ୱେଷ ନ କରଇ । କିଛିହିଁ ହରଷ ନୁହଇ ।।

ସକଳ ବିଷ୍ଣୁମାୟା ମଣି । ଉତ୍ତମଭକ୍ତେ ତାକୁ ଗଣି ।। ୧୧/୩/୪୮

ଦେହର ଜନ୍ମ ମୃତ୍ୟୁ ଦୁଇ । ସଂସାର ଧର୍ମ ଏ ବୋଲାଇ ।।

ଇନ୍ଦ୍ରିୟମାନଙ୍କର ଶ୍ରମ । ପ୍ରାଣର କ୍ଷୁଧା ତୃଷା ଧର୍ମ ।।

ମନର ଭୟ ବୁଦ୍ଧି ଧର୍ମ । ତୃଷ୍ଣା ଏଣେ ଯେ ନୋହି ଭ୍ରମ ।।

ହରିଙ୍କୁ ସ୍ମରଣ କରଇ । ଉତ୍ତମ ଭାଗବତ ସେହି ।। ୧୧/୩/୪୯

ଯାହାର କାମ କର୍ମ ବେନି । ବାସନା ମିଶି ଏହୁ ତିନି ।।

ଚିତ୍ତରେ ନୁହଇ ସମ୍ଭବ । ଆଶ୍ରୟ ଏକା ବାସୁଦେବ ।।

ଉତ୍ତମ ଭକ୍ତ ସେ ବୋଲାଇ । ଶୁଣ ରାଜନ ମନ ଦେଇ ।। ୧୧/୩/୫୦

ଜନ୍ମ କରମେ ଯାର ମନ । ନ ଘେନେ ଦେହେ ଅଭିମାନ ।।

ଜାତି ଆଶ୍ରମ ବର୍ଣ୍ଣ ଧର୍ମ । ଏ ଅହଂକାରେ ନୋହେ ଭ୍ରମ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହରିର ପ୍ରିୟ ସେହୁ ପ୍ରାଣୀ । ଭକତ ମଧ୍ୟେ ପରିମାଣି ।। ୧୧/୩/୫୧

ଯାହାର ସୁତ ବିତ୍ତ ଦେହେ । ପର ଆପଣା ବୁଦ୍ଧି ନୋହେ ।।

ସକଳ ଦେହେ ସମବୁଦ୍ଧି । ଉତ୍ତମ ଭକ୍ତ ସେ ପ୍ରସିଦ୍ଧି ।। ୧୧/୩/୫୨

ସିଦ୍ଧ ଯୋଗୀନ୍ଦ୍ର ମୁନିଗଣ । ସେବନ୍ତି ଯେ ହରିଚରଣ ।।

ଭବ ବିରଞ୍ଚି ଯାର ପାଦେ । ଧ୍ୟାନେ ଚିନ୍ତନ୍ତି ଅପ୍ରମାଦେ ।।

ସେ ପ୍ରଭୂପାଦ ନିତ୍ୟେ ଚିନ୍ତି । ଲବ ନିମିଷ ନ ଛାଡ଼ନ୍ତି ।।

ଏ ତିନିଭୂବନ ସମ୍ପତ୍ତି । ଦେଲେହେଁ ତହୁଁ ନ ଚଳନ୍ତି ।।

ନୁହଁନ୍ତି ମାୟାରେ ମୋହିତ । ସେ ପ୍ରାଣୀ ମହାଭାଗ୍ୟବନ୍ତ ।।

ବିଷ୍ଣୁ ଭକତେ ସେ ପ୍ରଧାନ । ନିସ୍ତରେ ତାକୁ ଦେଖି ଜନ ।।

କେବେ ହେଁ ନୋହେ ଜ୍ଞାନଧ୍ୱଂସ । ସେ ପ୍ରାଣୀ ନାରାୟଣ ଅଂଶ ।। ୧୧/୩/୫୩

ଚତୁର୍ଥ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୩ୟ ଅଧ୍ୟାୟ)ରେ ମାୟା, ମାୟାକୁ ତରିବାର ଉପାୟ, ବ୍ରହ୍ମ ଓ କର୍ମଯୋଗ ବିଷୟରେ ନିମିଙ୍କ ପ୍ରଶ୍ନ ଏବଂ ଅନ୍ତରୀକ୍ଷ ପ୍ରବୁଦ୍ଧ, ପିପ୍ପଳାୟନ ଓ ଆବିହୋତ୍ରଙ୍କ ଉତ୍ତର ।

ଦୁଃଖ ବିନାଶି ସୁଖ ପାଇ । ଅଖଣ୍ଡ ଭୋଗ ଭୁଞ୍ଜିବଇଁ ।।

ଏମନ୍ତ ଚିନ୍ତି ଗୃହବାସେ । କର୍ମ କରଇ ଫଳ ଆଶେ ।।

କାମିନୀ ସଙ୍ଗେ କରେ ଭାବ । କେବଳ ଦୁଃଖମାତ୍ର ଲାଭ ।।

ଦେଖି ଏମନ୍ତ ବିପରୀତ । ଜାଣିବ ଏ ମାୟା ଜଗତ ।। ୧୧/୪/୧୮

ମରଣ ପଥ ହେତୁ ଧନ । ତାର ଅର୍ଜନେ ନିତ୍ୟେ ମନ ।।

ଅନେକ ଶ୍ରମେ ତା ସଇ । ନିଶି ଦିବସେ ମନ ଦେଇ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରତେ ହୃଦୟ ନିର୍ଦ୍ଦୟ । ଏଣୁଟି ଧନ ଦୁଃଖମୟ ।।

ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ।।

ପଶୁ ତନୟ ଦାରା ଦାସ । ଏ ସର୍ବ ବିଜୁଳି ପ୍ରକାଶ ।।

ଏହାଙ୍କ ସଙ୍ଗେ ବନ୍ଦୀ ହୋଇ । ପୋଷଇ ଦୁଃଖ ଭାର ବହି ।।

ସେ ପୁଣି ଯା'ନ୍ତି ଯେ ଝା ପଥେ । ଶୋକ ସନ୍ତାପ ଦେଇ ଚିତ୍ତେ ।।

ଏହାଙ୍କ ସଙ୍ଗଫଳ ଏହି । ଏ ଭାବ ମୂଢ଼ ନ ଜାଣଇ ।।

ଉଭୟଲୋକ କରେ ନାଶ । ଏହି କାରଣେ ଗୃହବାସ ।।

ଭୁଞ୍ଜଇ ନିଜ କର୍ମଫଳ । ସେ ପୁଣି ନୁହଇ ନିଶ୍ଚଳ ।।

ଗୃହୀ ସ୍ୱଭାବେ ପୁଣ୍ୟ କରି । ସ୍ୱର୍ଗେ ବସଇ ଦେହ ଧରି ।।

କ୍ରମେ ସେ ଭୋଗ କ୍ଷୀଣ ହୋଇ । କର୍ମ ସରିଲେ ଭୋଗ କାହିଁ ।।

ପୁଣି ପଡ଼ଇ ଘୋର ତମେ । ଗତ ଆଗତ ପଥଶ୍ରମେ ।। ୧୧/୪/୧୯

ଧନ ହିଁ ଦୁଃଖର କାରଣ ଏବଂ ଧନ, ଦାରା, ସୁତ ହିଁ ଭଗବତ୍ ଅଧୋପତନର କାରକ ମାଧ୍ୟମ ।

ଉତ୍ତମ ଗୁରୁର ସଂଜ୍ଞା –

ଯେ ଗୁରୁ ଜାଣେ ବେଦ ତତ୍ତ୍ୱ । ନିର୍ଗୁଣ ଆତ୍ମଜ୍ଞାନେ ରତ ।।

ସମଦରଶୀ ନିଷ୍ଠାପର । ତପ କଷଣ ସହେ ଧୀର ।।

ନିରତେ ଥାଇ ପରହିତେ । ଈଶ୍ୱର ମାୟା ଜାଣି ଚିତ୍ତେ ।।

ଏମନ୍ତେ ଗୁରୁପାଦେ ଭଜି । ହିଂସା କପଟ ଦୂରେ ତେଜି ।।

ସେବା କରିବ ଦୃଢ଼ ଚିତ୍ତେ । ଶିକ୍ଷା ଯେ ଧର୍ମ ଭାଗବତେ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଣେ ପ୍ରସନ୍ନ ନାରାୟଣ । କରନ୍ତି ଆତ୍ମଜ୍ଞାନ ଦାନ । । ୧୧/୪/୨୧,୨୨

ପରମ ଶାସ୍ତ୍ର ଭାଗବତ । ଅଭ୍ୟାସ କରୁଥିବ ନିତ୍ୟ । ।

ଯେ ଅନ୍ୟଶାସ୍ତ୍ରେ ଗୁଣ ଦୋଷ । ମୁଖେ ନ କରିବ ପ୍ରକାଶ । ।

ମନ ବଚନ ଯେଣେ ଦମି । ସେ ଶାସ୍ତ୍ରେ ହେଉଥିବ ଶ୍ରମୀ । ।

ସତ୍ୟ କହିବ ନିତ୍ୟେ ତୁଣ୍ଡେ । କେବେହେଁ ନ ଥିବ ପାଷାଣ୍ଡେ । । ୧୧/୪/୨୬

ଏହି ଅଧ୍ୟାୟର ଶ୍ଳୋକ ୨୭ ରୁ ୩୩ ମଧ୍ୟରେ ମାୟାରୁ ଉଦ୍ଧାର ପାଇବା ଅନ୍ୟ ଉପାୟ ଗୁଡ଼ିକ ତଥା କୃଷ୍ଣଙ୍କ ଠାରେ ନିଜକୁ, ନିଜ କୁଟୁମ୍ବ ଓ ଅନ୍ୟ ସମସ୍ତ ବିଷୟକୁ ସମ୍ପୂର୍ଣ୍ଣ ରୂପେ ସମର୍ପିବା ଏବଂ ହରି ଭଜନ, ସତ୍ସଙ୍ଗ ମାଧ୍ୟମରେ ଭଗବତ୍ ପ୍ରାପ୍ତି ଇତ୍ୟାଦି ବିଷୟ ବର୍ଣ୍ଣନା କରାଯାଇଛି । ନାରାୟଣର ସଂଜ୍ଞା –

ଯା ମାୟା ସଂସାର କାରଣ । ସୃଷ୍ଟି ପାଳନ ସଂହାରଣ । ।

ସ୍ୱୟଂ ଅହେତୁ ଯେ ବୋଲାଇ । ସେ ନାରାୟଣ ଯାଣ ତୁହି । । ୧୧/୪/୩୫

ବ୍ରହ୍ମର ସଂଜ୍ଞା –

ସ୍ୱପ୍ନ ଜାଗ୍ରତ ସୁସୁପ୍ତିରେ । କି ଅବା ସମାଧି କାଳରେ । ।

ବାହ୍ୟ ଅନ୍ତରେ ସେ ଅଛଇ । ତାହାକୁ ବ୍ରହ୍ମ ବୋଲି କହି । । ୧୧/୪/୩୫

ପରମାତ୍ମାର ସଂଜ୍ଞା –

ଦେହ ଇନ୍ଦ୍ରିୟ ପଞ୍ଚପ୍ରାଣ । ଯେ ଅବା ଅନ୍ତରକରଣ । ।

ଯାହାର ଆଶ୍ରୟେ ଜିଅନ୍ତି । ଯେଣେ ବିଷୟ ସରନ୍ତି । ।

ସେହି ପରମ ଆତ୍ମା ଜାଣ । ହୃଦୟେ ଘେନ ସାଧୁଜନ । । ୧୧/୪/୩୫

ଶ୍ଳୋକ ୩୬ ରୁ୪୦ ମଧ୍ୟରେ ନାରାୟଣ ଅର୍ଥାତ୍ ଏକ ବ୍ରହ୍ମ କିପରି ଭିନ୍ନ ଭିନ୍ନ ରୂପ ଧରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୀଳା ଖେଳା କରନ୍ତି, ତାହା ବର୍ଣ୍ଣନା କରାଯାଇଛି । ଏବଂ ଶ୍ଳୋକ ୪୩ ରୁ ୫୫ ମଧ୍ୟରେ କର୍ମଯୋଗ, କର୍ମ, ବିକର୍ମ, ଅକର୍ମର ଅର୍ଥ ତଥା ଯେଉଁ କର୍ମ ଅନ୍ୟ ସବୁ କୁକର୍ମକୁ ନାଶ କରେ ଏବଂ ଯାହା ଦ୍ୱାରା ପରମ ବ୍ରହ୍ମ ପ୍ରକାଶ ହୁଏ ଓ ଜୀବ ନିସ୍ତାର ପାଇ ଅନ୍ତେ ନରହରିଙ୍କୁ ଲଭଇ ତାହା ବର୍ଣ୍ଣନା କରାଯାଇଛି ।

ପଞ୍ଚମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୪ର୍ଥ ଅଧ୍ୟାୟ)ରେ ଭଗବାନଙ୍କ ଅବତାର ବିଷୟରେ ନିମିଙ୍କ ପ୍ରଶ୍ନ ଏବଂ ଦ୍ରୁମିଳଙ୍କ ଉତ୍ତର । ଭଗବାନଙ୍କ ନର-ନାରାୟଣ ଅବତାର ସମୟରେ ଇନ୍ଦ୍ରଙ୍କ ଦ୍ୱାରା ପ୍ରେରିତ କାମଦେବ ଓ ଅପସରାମାନଙ୍କୁ ଲାଞ୍ଛିତ କରି ଭଗବାନ ଅପସରାମାନ ସୃଷ୍ଟି କରିଥିଲେ । ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ସୁନ୍ଦରୀ ଅପସରା ଉର୍ବଶୀଙ୍କୁ କାମଦେବ, ଭଗବାନଙ୍କ ଇଚ୍ଛା କ୍ରମେ, ସଙ୍ଗରେ ନେଇ ଇନ୍ଦ୍ରପୁରକୁ ଗଲେ । ସେହି ଦିନଠାରୁ ଉର୍ବଶୀ ଇନ୍ଦ୍ରଙ୍କ ସଭା ମଣ୍ଡନ କଲେ ।

ଷଷ୍ଠ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୫ମ ଅଧ୍ୟାୟ) ରେ ଭକ୍ତିହୀନ ପୁରୁଷଙ୍କ ଗତି. ଭଗବତ୍ ପୂଜନ ବିଧି ବିଷୟରେ ନିମିଙ୍କ ପ୍ରଶ୍ନ, ଚମସ ଓ କରଭାଜନଙ୍କ ଉତ୍ତର ।

ବଦନ ଥାଉଁ ହରିବାଣୀ । ମୁଖେ ଯେ ନ ବୋଲନ୍ତି ପ୍ରାଣୀ । ।
ନାମ ନ ଶୁଣନ୍ତି ଶ୍ରବଣେ । ଯେ ଥା'ନ୍ତି ପାପ ଆଚରଣେ । ।
ସ୍ତ୍ରୀ ଶୁଦ୍ର ଆଦି ଯେତେ ନରେ । ଯେ ଥା'ନ୍ତି ନିନ୍ଦିତ ଆଚାରେ । ।
ସେ ଯେବେ ସାଧୁଙ୍କୁ ଦେଖନ୍ତି । କଲ୍ମଷ ପଙ୍କୁ ନିସ୍ତରନ୍ତି । । ୧୧/୭/୪

ଏହି ଅଧ୍ୟାୟର ଶ୍ଳୋକ ୫ ରୁ ୧୧ ମଧ୍ୟରେ ବ୍ରାହ୍ମଣ, କ୍ଷତ୍ରୀୟ ଓ ବୈଶ୍ୟମାନେ ଧର୍ମ ଅଧର୍ମ ମାର୍ଗ କହି, ନିଜକୁ ପଣ୍ଡିତ ବୋଲାଇ ଅନ୍ୟକୁ କିପରି ଶୋଷନ୍ତି ଓ କୁକର୍ମ କରନ୍ତି ତାହା ବର୍ଣ୍ଣନା କରାଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଦ୍ୟ ବା ମାଂସ ଯଜ୍ଞେ ଲେଖେ । ପଶୁମାରଣ ପିତୃପକ୍ଷେ ।।
ବେଦ ନିଷେଧ ଏ ପ୍ରସିଦ୍ଧି । ଏହା ନ ଜାଣେ ପଶୁବୁଦ୍ଧି ।। ୧୧/୬/୧୧
ଧନ ଅର୍ଜନେ ଧର୍ମ କରି । ଧର୍ମେ ପ୍ରାପତ ନରହରି ।।
ସେ ଧନେ ପୋଷେ ନିଜ ଦେହୀ । ମୃତ୍ୟୁ ଭାବନା ନ କରଇ ।। ୧୧/୬/୧୨
ନାରୀ ସଙ୍ଗମ ଋତୁମତେ । କେବଳ ପୁତ୍ରଜନ୍ମ ଅର୍ଥେ ।।
ଅନ୍ୟଥା ରତିସୁଖ ଅର୍ଥେ । କେବେହେଁ ନ ଚିନ୍ତିବ ଚିତ୍ତେ ।।୧୧/୬/୧୩
ସକଳ ଜୀବେ ନରହରି । ବସଇ ଆତ୍ମା ରୂପ ଧରି ।।
ସମେ ବସଇ ସର୍ବ ଦେହେ । ମୂଢ଼ ନ ଜାଣେ ମାୟାମୋହେ ।।
ପୁତ୍ର କଳତ୍ର କଳେବରେ । ମୋହର ବୋଲି ସ୍ନେହ କରେ ।।
ସୁଖାନୁଭବେ ପ୍ରାଣୀ ମାରେ । କେବଳ ବିଷ୍ଣୁଦ୍ରୋହ କରେ ।।
ଦୁଷ୍ଟ ପତିତ ବୋଲି ତାରେ । ପଡ଼ି ନରକ ତମ ଘୋରେ ।।୧୧/୬/୧୫
ଦେବତା ଋଷି ପିତୃ ଭୂତ । ଯେ ଅବା ଅଟନ୍ତି ଆଗତ ।।
ସେମାନଙ୍କର କର୍ମମାନ । ନ କଲେ ଋଣି ହୋନ୍ତି ଜନ ।।
ଯେ ସର୍ବ ଭାବେ କୃଷ୍ଣ ପାଦେ । ଶରଣ ଗଲା ଅପ୍ରମାଦେ ।।
ସେ ଋଣି ନୋହେଁ ଏହାଙ୍କର । ଆବର ନୁହଇ କିଙ୍କର ।। ୧୧/୬/୪୧

ସପ୍ତମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୬ଷ୍ଠ ଅଧ୍ୟାୟ)ରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ ନିମନ୍ତେ ଭଗବାନଙ୍କୁ ଦେବଗଣଙ୍କ ନିବେଦନ, ପ୍ରଭାସକ୍ଷେତ୍ରକୁ ଯାଦବଙ୍କର ଗମନ ଉଦ୍ୟମ ଜାଣି ଶ୍ରୀକୃଷ୍ଣଙ୍କ ନିକଟକୁ ଉଦ୍ଧବଙ୍କ ଆଗମନ । ଚନ୍ଦ୍ର, ଦକ୍ଷ ପ୍ରଜାପତିଙ୍କ ୨୭ କନ୍ୟାଙ୍କୁ ବିବାହ କରି କେବଳ ରୋହିଣୀଙ୍କ ପ୍ରତି ଅଧିକ ଆସକ୍ତି ହେବାରୁ ଦକ୍ଷ, ଚନ୍ଦ୍ରଙ୍କୁ ଅଭିଶାପ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେବାରୁ ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ଓ ପ୍ରଭାହୀନ ହୋଇ ପ୍ରଭାସ କ୍ଷେତ୍ରରେ ବହୁକାଳ ତପସ୍ୟା କରି ରୋଗମୁକ୍ତ ହେଲେ ଓ ପ୍ରଭା ଲାଭ କଲେ । ତେଣୁ ଏହି କ୍ଷେତ୍ରର ନାମ 'ପ୍ରଭାସ' ହେଲା ।

ଧନ କାର୍ପଣ୍ୟ ସେବା ଫଳେ । କିବା ଅସାଧ୍ୟ ମହୀ ତଳେ ।। ୧୧/୭/୩୮
ତୋହର ଅଙ୍ଗ ଉପହାର । ଶରୀର ଭୂଷଣ ମୋହର ।।
ଗନ୍ଧ ବସନ ମାଲ୍ୟ ଯେତେ । ଭୁଞ୍ଜିଇ ତୋର ଭୋଗ ଅନ୍ତେ ।।
ତୋର ନିର୍ମାଲ୍ୟ ନିତ୍ୟେ ଖାଇ । ତୋ ରୂପ ନୟନେ ଦେଖଇ ।।
ତୁ ଯେ ମୋହର ପ୍ରାଣବନ୍ଧୁ । ଉଦ୍ଧର ତୋର ମାୟାସିନ୍ଧୁ ।। ୧୧/୭/୪୬

ଅଷ୍ଟମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୭ମ ଅଧ୍ୟାୟ) ରେ ଶ୍ରୀକୃଷ୍ଣ ଉଦ୍ଧବ ସଂବାଦ ପ୍ରକରଣରେ ଅବଧୂତ ଉପାଖ୍ୟାନ ଆରମ୍ଭ; ପୃଥିବୀ ଠାରୁ କପୋତ ପର୍ଯ୍ୟନ୍ତ ଅଷ୍ଟଗୁରୁଙ୍କ ଶିକ୍ଷା ବିଷୟ ବର୍ଣ୍ଣନ ।

ଆତ୍ମା କୁଶଳେ ସର୍ବ ସିଦ୍ଧି । ତରଇ ସଂସାର ଜଳଧି ।। ୧୧/୮/୨୦

ଦତ୍ତାତ୍ରେୟ ଥିଲେ ସ୍ୱୟଂ ଭଗବାନଙ୍କ ଅବତାର । ସେ ଲୋକଙ୍କୁ ଉପଦେଶ ଦେବା ନିମନ୍ତେ ହିଁ ଚବିଶ ଗୁରୁଙ୍କ ନାମ କହିଛନ୍ତି । ଉଦାହରଣ ଦ୍ୱାରା ଉପଦେଶ ଦେଲେ ତାହା ସମସ୍ତେ ବୁଝିପାରନ୍ତି ବୋଲି ସେ ଚବିଶ ଗୁରୁଙ୍କ ଉଦାହରଣ ଦେଇ ଯଯାତିନନ୍ଦନ ରାଜା ଯଦୁଙ୍କ ସଂଦେହ ମୋଚନ କରିଛନ୍ତି । ଏହା ଧର୍ମର ମର୍ମଜ୍ଞ ରାଜା ଯଦୁ (ଯଯାତିଙ୍କ ପୁତ୍ର) ଓ ତ୍ରିକାଳଦର୍ଶୀ ତରୁଣ ଅବଧୂତ ବ୍ରାହ୍ମଣଙ୍କ ମଧ୍ୟରେ କଥୋପ-କଥନ । ଏହା ହିଁ ଯଦୁରାଜା ଓ ଅବଧୂତ ସଂବାଦ ନାମରେ ବିଖ୍ୟାତ ।

ପୃଥିବୀ ପବନ ଅନଳ । ଆବର ଆକାଶ ମଣ୍ଡଳ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରବି ଶଶାଙ୍କ ଆପ ସିନ୍ଧୁ । ଭ୍ରମର ସର୍ବ ପୁଷ୍ପବନ୍ଧୁ । ।
କପୋତପକ୍ଷୀ ଗୁରୁ ମୋର । ପତଙ୍ଗ ସର୍ପ ଅଜଗର । ।
ମୀନ ପିଙ୍ଗଳା ବେଶ୍ୟାନାରୀ । କୁରର କୁମର କୁମାରୀ । ।
ହରିଣ ଉର୍ଣ୍ଣନାଭ କରୀ । ଶରକାରକ ମଧୁହାରୀ । ।
ଆବର କୀଟ ପେଶସ୍କାରୀ । ମୁଁ ଏତେ ଗୁରୁ ଅଛି କରି । ।୧୧/୮/୩୩, ୩୪

ଅବଧୂତ ଦତ୍ତାତ୍ରେୟଙ୍କ ଚବିଶ ଗୁରୁ ହେଲେ – ୧) ପୃଥିବୀ ୨) ପବନ ୩) ଅନଳ ବା ଅଗ୍ନି ୪) ଆକାଶ ୫) ରବି ୬) ଶଶାଙ୍କ ବା ଚନ୍ଦ୍ର୭) ଆପ ବା ଜଳ ୮) ସିନ୍ଧୂ ବା ସମୁଦ୍ର ୯) ଭ୍ରମର ବା ମହୁମାଛି ୧୦) କପୋତ ପକ୍ଷୀ ୧୧) ପତଙ୍ଗ ୧୨) ଉରଗ ବା ସର୍ପ ୧୩) ଅଜଗର ୧୪) ମୀନ୧୫) ପିଙ୍ଗଳା ବେଶ୍ୟା ୧୬) କୁରର ବା ଛଞ୍ଚାଣ ୧୭) କୁମର ବା ବାଳକ ୧୮) ବ୍ରାହ୍ମଣ କୁମାରୀ ୧୯) ହରିଣ ୨୦) ଉର୍ଣ୍ଣନାଭ ବା ବୁଢ଼ୀଆଣି ୨୧) କରୀ ବା କୁଞ୍ଜର ବା ହାତୀ ୨୨) ଶରକାରକ ବା ଶରନିର୍ମାତା ବା ବ୍ୟାଧ ୨୩) ମଧୁକର ବା ମହୁ ସଂଗ୍ରହକାରୀ ୨୪) ପେଶସ୍କାରୀ କୀଟ ବା ଭୃଙ୍ଗୀ କୀଟ ବା କୁମ୍ଭାରପୋକ ।

ଏହି ଅଧ୍ୟାୟରେ - ପୃଥିବୀ, ପବନ, ଆକାଶ, ଜଳ, ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ ଓ କପୋତ (ଆଠଟି) ଗୁରର ବର୍ଣ୍ଣନା ଅଛି ।

କର୍ମ ଆଦରି ସହି ଦୁଃଖ । କେବେହେଁ ନୋହିବ ବିମୁଖ । ।
ଦୁଃଖେ ନ ଛାଡି ନିଜପଥ । ଚଳ ନ କରିବ ଚିତ୍ତ । ।୧୧/୮/୩୭
ଧନ୍ୟ ଜୀବନ ଏ ଜଗତେ । ଯେ ପ୍ରାଣ ଧରେ ପର ହିତେ । ।
ଧନ୍ୟ ଜୀବନ ଧନ୍ୟ ତାର । ଦୁର୍ଲଭ କର୍ମ ଏ ବେଭାର । । ୧୧/୮/୩୮
ଅଧିକେ ସଂସାର ସଙ୍ଗତେ । ପୀରତି ନ କରିବ ଚିତ୍ତେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେବେ କରିବ ସ୍ନେହ ଆଶ । କପୋତ ପ୍ରାୟେ ଯିବ ନାଶ । । ୧୧/୮/୫୨

ନବମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୮ମ ଅଧ୍ୟାୟ) ରେ ଅଜଗର ଠାରୁ ପିଙ୍ଗଳା ବେଶ୍ୟା ପର୍ଯ୍ୟନ୍ତ ନବ ଗୁରୁଙ୍କ ଶିକ୍ଷା ବିଷୟ ବର୍ଣ୍ଣନ । ଏହି ଅଧ୍ୟାୟରେ - ଅଜଗର, ସମୁଦ୍ର, ପତଙ୍ଗ, ମଧୁସଂଗ୍ରହକାରୀ, ହାତୀ, ଭ୍ରମର, ମୃଗ, ମୀନ ଓ ପିଙ୍ଗଳା ବେଶ୍ୟା (ନଅଟି) ଗୁରୁ ବିଷୟରେ ବର୍ଣ୍ଣିତ ।

ଆହାରେ ଭଲ ମନ୍ଦ ନାହିଁ । ଯେ ସ୍ଥାନେ ଯେମନ୍ତ ମିଳଇ । ।

ସନ୍ତୋଷେ କରଇ ଆହାର । ଏଣେ ବିଚାର ନାହିଁ ମୋର । ।

ଅଳପ ବହୁତେ ସନ୍ତୋଷ । ନ ମିଳେ କରେ ଉପବାସ । । ୧୧/୯/୨

ନିରତେ କରଇ ସଞ୍ଚୟ । ପାପୀ କୃପଣ ଦୁରାଶୟ । ।

ଆନେ ହରଇ ତାର ଧନେ । ମଧୁ ସଇ ମାଛି ଯେହ୍ନେ । । ୧୧/୯/୧୨

ମର୍ତ୍ତ୍ୟମଣ୍ଡଳେ ଜନ୍ମ ହୋଇ । ଦେବତା ହୋଇଲେ ମରଇ । ।

ଯାବତ ଅଛି ମୋହପାଶ । ତାବତ ପିଣ୍ଡ ହୁଏ ନାଶ । ।

ଯାବତ ଗୋବିନ୍ଦ ଚରଣ । ଏ ଜୀବ ନ ପଶେ ଶରଣ । ।

ତାବତ ଆତ୍ମା ନୋହେଁ ସୁଖୀ । ନିରତେ ତାପତ୍ରୟେ ଦୁଃଖୀ । । ୧୧/୯/୩୬,୩୭

ପରମ ସୁଖ ବଇରାଗ । ଆଶା ପରମ ଦୁଃଖ ଯୋଗ । । ୧୧/୯/୪୪

ଦଶମ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୯ମ ଅଧ୍ୟାୟ)ରେ କୁରରୀ ଠାରୁ ପେଚସ୍କାରୀ ପର୍ଯ୍ୟନ୍ତ ସପ୍ତ ଗୁରୁଙ୍କ ଶିକ୍ଷା ବର୍ଣ୍ଣିତ । ଏହି ଅଧ୍ୟାୟରେ – କୁରରୀ, ବାଳକ, ବ୍ରାହ୍ମଣ କୁମାରୀ, ଶରକାରକ, ଉରଗ, ଉର୍ଣ୍ଣନାଭୀ ଓ ପେଶସ୍କାରୀ (ସାତଟି) ଗୁରୁ ବିଷୟରେ ବର୍ଣ୍ଣିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯହିଁ ଅନେକ ଲୋକ ମିଳି । ଅବଶ୍ୟ ଉପୁଜଇ କଳି ।। ୧୧/୧୦/୧୦

ପୁତ୍ର କଳତ୍ର ପଶୁ ଦାସେ । ଏହାଙ୍କୁ ପୋଷି ଦେହ ଆଶେ ।।

ଦେହର ସଙ୍ଗେ ଏ ରହନ୍ତି । ମରଣେ କେହି ନ ଯାଆନ୍ତି ।। ୧୧/୧୦/୨୬

ମନୁଷ୍ୟ ମୁଣ୍ଡେ ମୃତ୍ୟୁ ବସେ । ଆତ୍ମାକୁ ଅନୁକ୍ଷଣେ ଗ୍ରାସେ ।।

ଯାବତ ମୃତ୍ୟୁ ଅଛି ଦୂରେ । ସୁନ୍ଦର ଯୁବା କଳେବରେ ।।

ସାଧିବ ସକଳ ଶକତି । ଯେଣେ ଜନ୍ମିବ ବିଷ୍ଣୁ ଭକ୍ତି ।।

ଏ ଜୀବ ବନ୍ଦି କର୍ମ ପାଶେ । ସାଧିବ ବନ୍ଧନ ଉଶ୍ବାସେ ।। ୧୧/୧୦/୨୯

ଅବଧୂତ ଦତ୍ତାତ୍ରେୟ ଯାହା ଯାହାଠାରୁ ଯେଉଁ ସବୁ ଶିକ୍ଷା ପାଇଲେ, ତାହା ନିମ୍ନରେ ସଂକ୍ଷେପରେ ଦିଆଗଲା – ପୃଥିବୀଠାରୁ - ଦୁଃଖସୁଖ ସହନ କରିବା; ପର୍ବତ ଓ ବୃକ୍ଷଠାରୁ ପରୋପକାର ପାଇଁ ଜୀବନ ଧାରଣ କରିବା । ବାୟୁଠାରୁ – କେବଳ ପ୍ରାଣରକ୍ଷା ନିମିତ୍ତ ଆହାର ଗ୍ରହଣ କରିବା ଏବଂ ବିଷୟରେ ଲିପ୍ତ ନ ହେବା । ଆକାଶଠାରୁ – ଦେହଠାରୁ ଆତ୍ମାର ପାର୍ଥକ୍ୟ ଓ ନିର୍ଲିପ୍ତତା । ଜଳଠାରୁ – ସ୍ନିଗ୍ଧ ଓ ମଧୁର ବ୍ୟବହାର ତଥା ସମସ୍ତଙ୍କୁ ପବିତ୍ର କରିବା । ଅଗ୍ନିଠାରୁ – ତପତେଜରେ ଦେଦୀପ୍ୟମାନ ହେବା, ଆହାର ସଞ୍ଚୟ ନ କରିବା ଏବଂ ଯଥାଯୋଗ୍ୟ ବିଷୟ ସେବନ କରି ମଧ୍ୟ ତହିଁର ଦୋଷରେ ଦୂଷିତ ନ ହେବା । ଚନ୍ଦ୍ରଠାରୁ – ଶରୀରର ହ୍ରାସ-ବୃଦ୍ଧିରେ ଆତ୍ମାର ହ୍ରାସ-ବୃଦ୍ଧି ବା ବିକାଶ ହୁଏ ନାହିଁ ବୋଲି ଜ୍ଞାନ । ସୂର୍ଯ୍ୟଠାରୁ - ଆବଶ୍ୟକତା ଅନୁସାରେ ବିଷୟ ଗ୍ରହଣ କରି ପୁନଃ ସମୟାନୁସାରେ ତାହା ଦାନ କରିଦେବା । କପୋତଠାରୁ – କାହାରି ପ୍ରତି ଅତ୍ୟଧିକ ସ୍ନେହ ବା ଆସକ୍ତି ନ କରିବା । ଅଜଗରଠାରୁ - ପ୍ରାରବ୍ଧ ଅନୁସାରେ ପ୍ରାପ୍ତ ଆହାରରେ ସନ୍ତୁଷ୍ଟ ହେବା ଏବଂ ନ ମିଳିଲେ ମଧ୍ୟ ଆହାର ପାଇଁ ଉଦ୍ୟମ ନ କରିବା । ସମୁଦ୍ରଠାରୁ – ସର୍ବଦା ପ୍ରସନ୍ନ, ପ୍ରଶାନ୍ତ ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗମ୍ଭୀର ରହିବା; ବିକ୍ଷୁବ୍ଧ ନ ହେବା । ପତଙ୍ଗଠାରୁ - ନାରୀର ରୂପ ଓ ହାବଭାବ ପ୍ରତି ଦୃଷ୍ଟି ନ ଦେଇ ଇନ୍ଦ୍ରିୟ ଗଣଙ୍କୁ ସଂଯତ ରଖିବା । ଭ୍ରମର ବା ମଧୁମକ୍ଷିକାଠାରୁ - ନାନା ଶାସ୍ତ୍ରରୁ କେବଳ ସାର ସଂଗ୍ରହ କରିବା ତଥା ଅନ୍ନାଦି ସଂଗ୍ରହ ନ କରିବା । ହସ୍ତୀଠାରୁ – କାଷ୍ଠନିର୍ମିତ ନାରୀମୂର୍ତ୍ତିକୁ ମଧ୍ୟ ସ୍ପର୍ଶ ନ କରିବା । ମଧୁହରଣକାରୀଠାରୁ - ଧନ ସଞ୍ଚୟ ନ କରିବା । ହରିଣଠାରୁ – ବିଷୟ ସମ୍ବନ୍ଧୀୟ ସଂଗୀତ ନ ଶୁଣିବା । ମୀନଠାରୁ – ଜିହ୍ୱା ଲାଳସାକୁ ଦମନ କରିବା । ବେଶ୍ୟାଠାରୁ - ଧନାଦି ଆଶା ତ୍ୟାଗ କରିବା । କୁରର ପକ୍ଷୀଠାରୁ - ଦ୍ରବ୍ୟାଦି ସଂଗ୍ରହ ନ କରିବା । ବାଳକଠାରୁ – ମାନ- ଅପମାନରୁ ଉର୍ଦ୍ଧ୍ୱରେ ରହିବା ଏବଂ ଗୃହ-ପରିବାର କଥା ଚିନ୍ତା ନ କରି ଆତ୍ମାନନ୍ଦରେ ମଗ୍ନ ରହିବା । କୁମାରୀ କନ୍ୟାଠାରୁ – ସଙ୍ଗ ମେଳରେ ନ ରହି ଏକାନ୍ତବାସ କରିବା । ଶରନିର୍ମାତାଠାରୁ - ଆସନ ଶ୍ୱାସକୁ ଜିଣି ବୈରାଗ୍ୟ ଓ ଅଭ୍ୟାସ ଦ୍ୱାରା ମନକୁ ପରମାତ୍ମାଙ୍କ ଠାରେ ଏକାଗ୍ର କରିବା । ସର୍ପଠାରୁ – ଏକାକୀ ବିଚରଣ କରିବା, ନିବାସ ପାଇଁ ମଠ ଇତ୍ୟାଦି ନିର୍ମାଣ ନ କରିବା, ଗୁମ୍ଫା ପ୍ରଭୃତିରେ ରହିବା, ଏକ ସ୍ଥାନରେ ନ ରହିବା ଏବଂ ଅଳ୍ପ କଥା କହିବା । ଉର୍ଣ୍ଣନାଭ (ବୁଢ଼ୀଆଣୀ) ଠାରୁ – ସର୍ବଶକ୍ତିମାନ ଭଗବାନ ଏ ଜଗତକୁ ସ୍ୱକୀୟ ମାୟାବଳରେ ନିଜଠାରୁ ସୃଷ୍ଟି କରି ପୁନଃ ଉପସଂହାର କରି ନିଅନ୍ତି । ଏକମାତ୍ର ସେ ହିଁ ଏ ଜଗତର ଆଧାର, କିନ୍ତୁ ତାଙ୍କର କେହି ଆଧାର ନାହିଁ – ଏ କଥା ବୁଝିବା । ପେଶସ୍କାରୀ (କୁମ୍ଭାରିଆ) କୀଟଠାରୁ – ସ୍ନେହ, ଦ୍ୱେଷ ଅଥବା ଭୟ ହେତୁ କାହାକୁ ଚିନ୍ତନ କଲେ ପ୍ରାଣୀ ସେହି ସ୍ୱରୂପକୁ ପ୍ରାପ୍ତ ହୁଏ । ଏଣୁ ମନୁଷ୍ୟ କେବଳ ଭଗବାନଙ୍କ ଛଡ଼ା ଅନ୍ୟ କାହାରିକୁ ଚିନ୍ତନ କରିବା ଉଚିତ ନୁହେଁ ।

ଏକାଦଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୦ମ ଅଧ୍ୟାୟ) ରେ ଲୌକିକ ତଥା ପାରଲୌକିକ ଭୋଗର ଅସାରତା ନିରୂପଣ । ଯମର ଅଙ୍ଗଗୁଡ଼ିକ - ଅହିଂସା, ସତ୍ୟ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ । ଏବଂ ନିୟମର ଅଙ୍ଗଗୁଡ଼ିକ ହେଲା ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ ଓ ଈଶ୍ୱରପ୍ରଣିଧାନ ।

କର୍ମ କରଣେ ଫଳ ପାଇ । ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ । । ୧୧/୧୧/୧୪
କାଳ ବଇ ଦୁଃଖ ସହି । ମୂର୍ଖ ପଣ୍ଡିତ ଭେଦ ନାହିଁ । ।
ଦାରୁଣ ଦୁଃଖ ସୁଖ ମଣେ । ସୁଖକୁ ଦୁଃଖ ପ୍ରାୟେ ଗଣେ । ।
ଏମନ୍ତେ ବୃଥା ଅହଂକାରେ । ଜୀବ ଭ୍ରମଇ ନିରନ୍ତରେ । ।
ସେ ଯେବେ ଦୁଃଖ ସୁଖ ବୁଝେ । ସମ୍ମୁଖେ ମୃତ୍ୟୁ ସଙ୍ଗେ ଯୁଝେ । ।
ବୁଦ୍ଧି ବିବେକ ଜ୍ଞାନ ବଳେ । ମରଣ ଜିଣଇ କେ ହେଳେ । ।୧୧/୧୧/୧୮, ୧୯

ଅର୍ଥାତ୍ ବିଦ୍ୱାନ୍ ହେଲେ ବି କେତେକେ ସୁଖୀ ନୁହଁନ୍ତି, ମୁର୍ଖ ହେଲେ ବି କେତେକେ ଦୁଃଖୀ ନୁହଁନ୍ତି । କଣ କଲେ ସୁଖ ବା ଦୁଃଖ ମିଳେ ଜାଣିପାରିଲେ ମଧ୍ୟ, ମୃତ୍ୟୁ କେବେ ଆସିବ, ତାହା ଜାଣି ହେବ ନାହିଁ । ବୁଦ୍ଧି ବିବେକ ଜ୍ଞାନ ବଳରେ କେହି ବି ମୃତ୍ୟୁକୁ ଜିଣି ପାରିବେ ନାହିଁ । ଏହି ଅଧ୍ୟାୟର ଶ୍ଳୋକ ୨୦ ରୁ ୩୪ ମଧ୍ୟରେ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଅକର୍ମ, କୁକର୍ମ, ସୁକର୍ମ ଓ କର୍ମଫଳ ବିଷୟରେ ବୁଝାଇଛନ୍ତି ।

ଦ୍ୱାଦଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୧ଶ ଅଧ୍ୟାୟ) ରେ ଶ୍ରୀକୃଷ୍ଣ ଉଦ୍ଧବ ସଂବାଦ - ବଦ୍ଧଜୀବ, ଜୀବନ୍ମୁକ୍ତ ଓ ଭକ୍ତଜନଙ୍କ ଲକ୍ଷଣ ବର୍ଣ୍ଣିତ । ଏହି ଅଧ୍ୟାୟର ଶ୍ଳୋକ ୩ ରୁ ୩୩ ମଧ୍ୟରେ ବଦ୍ଧଜୀବ ଓ ମୁକ୍ତଜୀବ ମଧ୍ୟରେ ପ୍ରଭେଦ ଦର୍ଶାଯାଇଛି ।

ଶ୍ଳୋକ ୩୪ ରୁ ୪୭ ମଧ୍ୟରେ ଭକ୍ତିର ସଂଜ୍ଞା, ଭକ୍ତର ଲକ୍ଷଣ ଓ କର୍ତ୍ତବ୍ୟ ତଥା ପୂଜାର ବିଧି ବର୍ଣ୍ଣନା ଅଛି ।

ମାନ କପଟ କୂଟ ଦମ୍ଭ । ଚିତ୍ତେ ନ କରିବ ଆରମ୍ଭ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପ୍ରୀତିଅର୍ଥେ କର୍ମ କରି । ମୋର ଚରଣ ଚିତ୍ତେ ଧରି । ।

ଯେ ପୁଣ୍ୟ ଆପଣେ କରିବ । କେବେହେଁ ପରେ ନ କହିବ । ।

ଯେ ଦୀପ ମୋତେ ସମର୍ପିବ । ତା ଆନ କାର୍ଯ୍ୟେ ନ ଜାଳିବ । ।

ପୁଣି ଯା ଅନ୍ୟେ ଭୋଗ ଦେବ । ତା ମୋତେ କେବେହେଁ ନ ଦେବ । ।

ଯେ ଦ୍ରବ୍ୟ ମୋତେ ସମର୍ପିବ । ପୁଣି ଗ୍ରହଣ ନ କରିବ । ।

ମୋ ଦ୍ରବ୍ୟେ ଅଧିକାର ଯେତେ । କେବେହେଁ ନ କଳ୍ପିବ ଚିତ୍ତେ । ।୧୧/୧୨/୪୦

କୌଣସି ଦ୍ରବ୍ୟ କାହାକୁ ଥରେ ସମର୍ପିତ କରିଦେବା ପରେ ଆସକ୍ତି ହେତୁ ତାହା ପୁଣି ଗ୍ରହଣ କରିବା ଏପରି କି ନିଜର ବୋଲି ଭାବିବା ବି ଅବିଧେୟ । ଭଗବାନଙ୍କୁ ଅର୍ପିତ ପ୍ରଦୀପ ବି ଅନ୍ୟ କାର୍ଯ୍ୟରେ ଲାଗାଇବା ଅନୁଚିତ । କିନ୍ତୁ ପତ୍ର, ପୁଷ୍ପ, ଫଳ, ନୈବେଦ୍ୟ ଆଦିକୁ ଭଗବାନଙ୍କ ପ୍ରସାଦ ଭାବରେ ସେବନ କଲେ ଦୋଷ ନାହିଁ, ବରଂ ତଦ୍ୱାରା ପୁଣ୍ୟ ମିଳେ । କୁହାଯାଇଛି –

"ଷଡ୍ ଭିର୍ମାସୋପବାସୈସ୍ତୁ ଯତ୍ଫଳଂ ପରିକୀର୍ତ୍ତିତମ୍ ।

ବିଷ୍ଣୋର୍ନୈବେଦ୍ୟସିକ୍ତେନ ପୁଣ୍ୟଂ ତଦ୍ଭୁଞ୍ଜତାଂ କଲୌ । ।"

ଭଗବାନଙ୍କ ପ୍ରସାଦ ନିର୍ମାଲ୍ୟ ପ୍ରଭୃତି ସେବନ କରୁଥିବା ବ୍ୟକ୍ତି ଭଗବତ୍ ସ୍ୱରୂପ ହୋଇଯାଏ –

"ହୃଦି ରୂପଂ ମୁଖେ ନାମ ନୈବେଦ୍ୟମୁଦରେ ହରେଃ ।

ପାଦୋଦକଂ ଚ ନିର୍ମାଲ୍ୟଂ ମସ୍ତକେ ଯସ୍ୟ ସୋଽଚ୍ୟୁତଃ । ।"

(ଶ୍ରୀଧରସ୍ୱାମୀଙ୍କ 'ଭାବାର୍ଥଦୀପିକା')

ଆତ୍ମାର ପ୍ରିୟ ବସ୍ତୁ ଯେତେ ସବୁ, ତାହା ଭଗବାନଙ୍କୁ ଆନନ୍ଦ ମନରେ ସମର୍ପିବ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଗାବନଙ୍କର ୧୧ଟି ପୂଜା ସ୍ଥାନ ଅଟେ-

ଗୋରୁ ବ୍ରାହ୍ମଣ ପୁଣ ରବି । ଗଗନ ପବନ ପୃଥିବୀ । ।
ଜଳ ବୈଷ୍ଣବ ଆଉ ଅଗ୍ନୀ । ଆତ୍ମା ସହିତ ସର୍ବ ପ୍ରାଣୀ । ।
ଉଦ୍ଧବ ପୂଜା ସ୍ଥାନ ମୋର । ଏ ରୂପେ ଅଟନ୍ତି ଏଗାର । । ୧୧/୧୨/୪୨

ଶ୍ଳୋକ ୪୩ ରୁ ୪୫ ମଧ୍ୟରେ କାହାକୁ କଣ ଦେଇ କିପରି ପୂଜା କରିବ ତାହା ବର୍ଣ୍ଣନା କରାଯାଇଛି ।

ତ୍ରୟୋଦଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୨ଶ ଅଧ୍ୟାୟ) ରେ ଶ୍ରୀକୃଷ୍ଣ ଉଦ୍ଧବ ସଂବାଦ - ସାଧୁ ସଙ୍ଗର ମହିମା; କର୍ମ ଓ କର୍ମତ୍ୟାଗର ବିଧି ବର୍ଣ୍ଣନା କରାଯାଇଛି । ଶ୍ଳୋକ ୩ରୁ ୧୫ ମଧ୍ୟରେ ସାଧୁସଙ୍ଗର ସ୍ୱରୂପ, ମହିମା ଓ କେଉଁମାନେ କିପରି ସାଧୁସଙ୍ଗ କରି ତରିଗଲେ ତାହା ବର୍ଣ୍ଣନା କରାଯାଇଛି । ଶ୍ଳୋକ ୧୭ରୁ ୨୧ ମଧ୍ୟରେ କି କର୍ମ କଲେ ପ୍ରାଣୀମାନେ ସଂସାର ସାଗରରୁ ତରିଯାଆନ୍ତି ତାହା ବର୍ଣ୍ଣିତ ।

ଅନାଦି ଅରୂପ ପ୍ରତ୍ୟକ୍ଷ । ସଂସାର ରୂପ କଳ୍ପବୃକ୍ଷ । ।
କର୍ମ ଏହାର ମୂଳବୀଜ । ରସ ସଂଯୋଗେ ମହାତେଜ । ।
ବଢ଼ଇ ଫଳ ପୁଷ୍ପ ଘେନି । ବିଭୋଗ ଅପବର୍ଗ ବେନି । ।
ପୁଣ୍ୟ ପାତକ ତେଜବୀର୍ଯ୍ୟେ । ବୃକ୍ଷ ଅଙ୍କୁରି ଉଠେ ତେଜେ । ।
ଅନନ୍ତ ବାସନାର ମୂଳେ । ଏ ବୃକ୍ଷ ସ୍ଥାପନା ନିଶ୍ଚଳେ । ।
ଏ ତିନି ନାଳ ତିନିଗୁଣେ । ବୃକ୍ଷର ନିର୍ମାଣ କାରଣେ । ।
ଏ ପଞ୍ଚସ୍କନ୍ଧ ପଭୂତେ । ପଞ୍ଚବିଷୟ ରସଯୁତେ । ।
ଶାଖା ସମୂହ ଇନ୍ଦ୍ରିଗଣେ । ଏ ନିତ୍ୟେ ଥାନ୍ତି ମାୟାବଣେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ବେନି ପକ୍ଷୀ ନିତ୍ୟେ । ବସନ୍ତି ରକ്ଷା ଭୋଗ ଅର୍ଥେ ।।
କହିଲି ବେନି ପକ୍ଷୀ ଯେହି । ଜୀବ ପରମ ନାମ ସେହି ।।
ବାତ ପିତ୍ତ ଯେ କଫ ଘେନି । ବୃକ୍ଷର ବଲ୍କଳ ଏ ତିନି ।।
ଯେ ସୁଖ ଦୁଃଖ ବେନି ଫଳେ । ପକ୍ଷୀଏ ଭୁଞ୍ଜଇ ତା ବଳେ ।।
ଲତା ବେଷ୍ଟିତେ ତରୁ କ୍ଷୀଣ । କଳ୍ପେ ପର୍ଯ୍ୟନ୍ତେ ତା ଜୀବନ ।।
ଯାବତ ଚନ୍ଦ୍ର ସୂର୍ଯ୍ୟ ଦିଶେ । ତାବତ ଏ ବୃକ୍ଷ ପ୍ରକାଶେ ।। ୧୧/୧୩/୨୨
ଏକଇ ପକ୍ଷୀ ତାର ଫଳ । ଭୁଞ୍ଜଇ ନିତ୍ୟେ ମହାବଳ ।।
ସେ ଫଳ ଖାଇ ମତ୍ତଭୋଳେ । ନିରତେ ପଶେ ନାନଘରେ ।।
ଯେ ଆର ପକ୍ଷୀ ଥାଇ ଭୋକେ । ସେ ସାକ୍ଷୀରୂପେ ସର୍ବ ଦେଖେ ।।
ବୃକ୍ଷର ଫଳ ଯେ ଭୁଞ୍ଜଇ । କିରାତ ଜାଲେ ସେ ପଡ଼ଇ ।।
ଏକଇ ବ୍ରହ୍ମ ନାନାରୂପେ । ଭ୍ରମଇ ମାୟାମୟ କଳ୍ପେ ।।
ସେ ଯେବେ ଜାଣେ ବେଦସାର । ସଂସାରେ ଭ୍ରମ କାହିଁ ତାର ।। ୧୧/୧୩/୨୩

ଚତୁର୍ଦ୍ଦଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୩ଶ ଅଧ୍ୟାୟ) ରେ ଶ୍ରୀକୃଷ୍ଣ ଉଦ୍ଧବ ସଂବାଦ - ସନକାଦିଙ୍କୁ ହଂସ ରୂପରେ ଭଗବାନ ଦେଇଥିବା ଉପଦେଶ ବର୍ଣ୍ଣନା କରାଯାଇଛି । ଗୁଣ ମାନଙ୍କର ଅଭିବୃଦ୍ଧିରେ ଯେଉଁ ଦଶଟି କାରଣ ଦାୟୀ, ସେଗୁଡ଼ିକ ହେଉଛି – ୧. ଶାସ୍ତ୍ର, ୨. ଜଳ, ୩. ପ୍ରଜା, ୪. ଦେଶ, ୫. କାଳ, ୬. କର୍ମ, ୭. ଜନ୍ମ, ୮. ଧ୍ୟାନ, ୯. ମନ୍ତ୍ର ଓ ୧୦. ସଂସ୍କାର । ଏଗୁଡ଼ିକ ଯଦି ସାତ୍ତ୍ୱିକ ହୋଇଥାନ୍ତି, ତେବେ ସତ୍ତ୍ୱଗୁଣର, ଯଦି ରାଜସ ହୋଇଥାନ୍ତି ତେବେ ରଜୋଗୁଣର ଓ ଯଦି ତାମସ ହୋଇଥାନ୍ତି, ତେବେ ତମୋଗୁଣର ବୃଦ୍ଧି ଘଟାଇଥାନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିରତେ ଥାଇ ଶୁଦ୍ଧଚିତ୍ତେ । ତମ ରାଜସ ଜନ ଯେତେ ।।

ତାହାଙ୍କୁ ନ କରିବ ସଙ୍ଗ । ସମୁଦ୍ରେ ଯେସନେ ତରଙ୍ଗ ।।

ପବନ ବଳେ ଜନ୍ମ ହୋଇ । ନିର୍ମଳ ରୂପ ନ ଦିଶଇ ।।

ଏଣୁ ଅସାଧୁ ସଙ୍ଗ ତେଜି । ନିତ୍ୟେ ସାଧୁଙ୍କ ସଙ୍ଗ ଭଜି ।।

ଯେ ପ୍ରାଣୀ ଦ୍ୟୁତକ୍ରୀଡ଼ା ରତ । ଅସାଧୁ ସଙ୍ଗ ଅବିରତ ।।

କେବେହେଁ ନ କରିବ ମେଳ । ନିଶ୍ଚିନ୍ତେ ରହିବ ନିରୋଳ ।। ୧୧/୧୪/୫

ଯେସନେ ବନେ ବାଂଶ ବାଂଶେ । ଅନଳ ଉପୁଜେ ଘରଷେ ।।

ସେ ବନ ଦହେ ତେଜବଳେ । ପୁଣି ସେ ଲିଭଇ ନିଷ୍ଠଳେ ।।

ଏ ରୂପେ ଗୁଣମୟ ଦେହ । ଦହି ସାତ୍ତ୍ୱିକ ଭାବେ ରହ ।।

ବିଷ୍ଣୁ ସ୍ମରଣେ ଚିତ୍ତ ବଢ଼ି । ଭଜ ତୁ ସର୍ବଧର୍ମ ଏଡ଼ି ।। ୧୧/୧୪/୭

ବିଷୟ ଆପଦର ସ୍ଥାନ । ଭଲେ ଜାଣନ୍ତି ସର୍ବଜନ ।।

ସକଳ ଶାସ୍ତ୍ର ମୁଖୁଁ ଶୁଣି । ଗୁରୁ ବଚନ ପରିମାଣି ।।

ଦୁର୍ଜୟ ଲାଳସା ବିଷୟ । ପୁଣି ଭୁଞ୍ଜନ୍ତି କିମ୍ପା କହ ।।

ଯେସନେ କରନ୍ତେ ଭର୍ତ୍ସନ । ଉଚ୍ଛିଷ୍ଟ ନ ଛାଡ଼ଇ ଶ୍ୱାନ ।।

ଯେହ୍ନେ ଗଧୁଣୀ ପାଦ ଦୁଇ । ଗଧକୁ ପ୍ରହାର କରଇ ।।

ଗଧ ଅଜ୍ଞାନ ଭାବ ଦେଖ । ପୁଣି ହିଁ ଧାମଇଁ ତା ପାଖ ।।

ଯେସନେ ଅତିହିଁ ନିର୍ଲଜ୍ଜ । ପ୍ରାଣ ବିନାଶଠାରେ ଅଜ ।।

ପୂଜାର ବେଲପତ୍ରିମାନ । ଖାଉ ଯେ ଥାଇ ପୁଣ ପୁଣ ।। ୧୧/୧୪/୮

ଭକତିରସ ମଦେ ଲୀନ । ଜଗତେ ସିଦ୍ଧ ଯୋଗୀଜନ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବଳ ନିଜ ଦେହ ଚିନ୍ତି । ଅଛି କି ନାହିଁ ନ ଜାଣନ୍ତି । ।
ମଦ୍ୟପ ଯେହ୍ନେ ମଦ୍ୟ ଖାଇ । ସତ ଅସତ ନ ଜାଣଇ । ।
କେବଳ ସୁଖ ମଦ୍ୟପାନେ । ଆନନ୍ଦେ ଘୂର୍ମିତ ଲୋଚନେ । ।
ଅଛି କି ନାହିଁ ନିଜ ଦେହୀ । ଉଭୟ ମତ ନ ଜାଣଇ । ।
ଜ୍ଞାନୀ ଏମନ୍ତ ରସେ ରସେ । ସୁଖ ସମୁଦ୍ରେ ନିତ୍ୟେ ଭାସେ । । ୧୧/୧୪/୩୬

ପଞ୍ଚଦଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୪ଶ ଅଧ୍ୟାୟ) ରେ ଭକ୍ତିଯୋଗର ମହିମା ଓ ଧ୍ୟାନବିଧି ବର୍ଣ୍ଣିତ ।

ମୋହର ଭାବେ ଯେ ରମଇ । ତାର ସମ୍ପଦେ କାର୍ଯ୍ୟ ନାହିଁ । ।
ବ୍ରହ୍ମପଦକୁ ନାହିଁ ବାଞ୍ଛା । ନ କରେ ଇନ୍ଦ୍ରପଦେ ଇଚ୍ଛା । ।
କି ଅଷ୍ଟନିଧି ଭୋଗେ ସଧ । ସପତଦ୍ୱୀପେ ରାଜପଦ । ।
ପାତାଳ ଭୋଗେ ଇଚ୍ଛା ନାହିଁ । ନିର୍ବାଣପଦ ନ ବାଞ୍ଛଇ । ।
ମୋତେ ସମର୍ପେ ଚିତ୍ତ ବିତ୍ତ । ନୁହଇ ମାୟାରେ ମୋହିତ । । ୧୧/୧୫/୧୪
ଉଦ୍ଧବ ଶୁଣ ଏକ ଚିତ୍ତେ । ଗୁପତ କଥା କହୁଁ ତୋତେ । ।
ଯେତେ ଏ ଦାନ ବ୍ରତ ତ୍ୟାଗ । ଧର୍ମ ଆଚାର ସାଂଖ୍ୟ ଯୋଗ । ।
ଏ ମୋତେ ନ ପାରନ୍ତି ଧରି । ନାନା ପ୍ରକାରେ ବଶ କରି । ।
ଭକତଜନେ ବଶ ମୁହିଁ । ତାର ରକ୍ଷଣେ ମୋର ଦେହୀ । । ୧୧/୧୪/୨୦
ଯେ ପ୍ରାଣୀ ଦୟା-ସତ୍ୟଯୁକ୍ତ । ତପୀ ଧାର୍ମିକ ବିଦ୍ୟାବନ୍ତ । ।
ମୋର ଭକତି ଯେବେ ନାହିଁ । ପବିତ୍ର ନୋହେ ତାର ଦେହୀ । ।
ସେ କାହୁଁ ସଂସାରୁ ତରିବ । ଯେବେ ନ ଜାଣେ ମୋର ଭାବ । । ୧୧/୧୪/୨୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ଳୋକ ୩୨ ରୁ ୪୭ ମଧ୍ୟରେ ଧ୍ୟାନଯୋଗ (ଧ୍ୟାନ ଓ ପ୍ରାଣାୟମ) କରିବା ପଦ୍ଧତି ବର୍ଣ୍ଣିତ ।

ଷୋଡ଼ଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୫ଶ ଅଧ୍ୟାୟ) ରେ ଅଷ୍ଟାଦଶ ସିଦ୍ଧିର ନାମ ଓ ଲକ୍ଷଣ ବର୍ଣ୍ଣନା କରାଯାଇଛି । ଏହି ଅଧ୍ୟାୟର ଶ୍ଳୋକ ୩ ରୁ ୮ ମଧ୍ୟରେ ୧୮ଟି ମୁଖ୍ୟ ସିଦ୍ଧି ଓ ଅନ୍ୟ ୫ଟି ଗୌଣ ସିଦ୍ଧି ବିଷୟରେ ଉଲ୍ଲେଖ ଅଛି ।

ଶ୍ଳୋକ ୧୦ ରୁ ୩୨ ମଧ୍ୟରେ ଯୋଗ-ଧାରଣା କଲେ ଯେଉଁ ସବୁ ସିଦ୍ଧି ମିଳିଥାଏ, ସେଗୁଡ଼ିକ ବର୍ଣ୍ଣିତ ।

ସପ୍ତଦଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୬ଶ ଅଧ୍ୟାୟ) ରେ ଭଗବାନଙ୍କର ବିଭୂତି ମାନଙ୍କର ବର୍ଣ୍ଣନା କରାଯାଇଛି । ଏବଂ ଭଗବାନ କିପରି ସର୍ବଶ୍ରେଷ୍ଠ ତାହା ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ଭଗବାନ ହେଉଛନ୍ତି ମନ୍ତ୍ରମାନଙ୍କ ମଧ୍ୟରେ ଅ, ଉ, ମ୍ – ତ୍ରିମାତ୍ରାଯୁକ୍ତ ଓଁ । ଅକ୍ଷରମାନଙ୍କ ମଧ୍ୟରେ ଅ'କାର । ଛନ୍ଦମାନଙ୍କ ମଧ୍ୟରେ ଗାୟତ୍ରୀ ଛନ୍ଦ । ସେହିପରି ଦେବତା ମାନଙ୍କ ମଧ୍ୟରେ ଇନ୍ଦ୍ର, ଅଷ୍ଟବସୁମାନଙ୍କ ମଧ୍ୟରେ ଅଗ୍ନି, ଦ୍ୱାଦଶ ଆଦିତ୍ୟଙ୍କ ମଧ୍ୟରେ ବିଷ୍ଣୁ ଏବଂ ଏକାଦଶ ରୁଦ୍ରଙ୍କ ମଧ୍ୟରେ ଶିବ । ବ୍ରହ୍ମର୍ଷିମାନଙ୍କ ମଧ୍ୟରେ ଭୃଗୁ, ରାଜର୍ଷିମାନଙ୍କ ମଧ୍ୟରେ ମନୁ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ ଏବଂ ଗୋମାତାମାନଙ୍କ ମଧ୍ୟରେ କାମଧେନୁ । ସିଦ୍ଧେଶ୍ୱରମାନଙ୍କ ମଧ୍ୟରେ କପିଳ, ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼, ପ୍ରଜାପତିମାନଙ୍କ ମଧ୍ୟରେ ଦକ୍ଷ ଏବଂ ପିତୃଗଣଙ୍କ ମଧ୍ୟରେ ଅର୍ଯ୍ୟମା । ଦୈତ୍ୟମାନଙ୍କ ମଧ୍ୟରେ ଦୈତ୍ୟରାଜ ପ୍ରହ୍ଲାଦ, ନକ୍ଷତ୍ରମାନଙ୍କ ଅଧିପତି ତଥା ବନସ୍ପତିମାନଙ୍କୁ ପୁଷ୍ଟ କରୁଥିବା ଚନ୍ଦ୍ରମା ଏବଂ ଯକ୍ଷ-ରାକ୍ଷସ ମାନଙ୍କ ମଧ୍ୟରେ ଧନପତି କୁବେର । ଗଜେନ୍ଦ୍ରମାନଙ୍କ ମଧ୍ୟରେ ଐରାବତ ଏବଂ ଜଳଚରମାନଙ୍କ ପ୍ରଭୁ ବରୁଣ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉତ୍ତାପ ଓ ଆଲୋକ ପ୍ରଦାନକାରୀ ବସ୍ତୁ ମାନଙ୍କ ମଧ୍ୟରେ ସୂର୍ଯ୍ୟ ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ରାଜା । ଅଶ୍ୱମାନଙ୍କ ମଧ୍ୟରେ ଉଚ୍ଚୈଃଶ୍ରବା, ଧାତୁମାନଙ୍କ ମଧ୍ୟରେ ସୁବର୍ଣ୍ଣ, ଦଣ୍ଡଧାରୀମାନଙ୍କ ମଧ୍ୟରେ ଯମ ଏବଂ ସର୍ପମାନଙ୍କ ମଧ୍ୟରେ ବାସୁକୀ । ନାଗରାଜ ମାନଙ୍କ ମଧ୍ୟରେ ଶେଷନାଗ । ଶିଙ୍ଗ ଓ ଶ୍ୱଦନ୍ତ ଥିବା ପ୍ରାଣୀମାନଙ୍କ ମଧ୍ୟରେ ସିଂହ, ଆଶ୍ରମ ମାନଙ୍କ ମଧ୍ୟରେ ସନ୍ନ୍ୟାସ ଏବଂ ବର୍ଣ୍ଣମାନଙ୍କ ମଧ୍ୟରେ ବ୍ରାହ୍ମଣ । ତୀର୍ଥ ଓ ନଦୀମାନଙ୍କ ମଧ୍ୟରେ ଗଙ୍ଗା, ଜଳାଶୟମାନଙ୍କ ମଧ୍ୟରେ ସମୁଦ୍ର, ଅସ୍ତ୍ରଶସ୍ତ୍ରମାନଙ୍କ ମଧ୍ୟରେ ଧନୁ ତଥା ଧନୁର୍ଦ୍ଧରୀମାନଙ୍କ ମଧ୍ୟରେ ତ୍ରିପୁରାରି ଶିବ । ନିବାସସ୍ଥାନମାନଙ୍କ ମଧ୍ୟରେ ସୁମେରୁ, ଦୁର୍ଗମ ସ୍ଥାନମାନଙ୍କ ମଧ୍ୟରେ ହିମାଳୟ, ବନସ୍ପତିମାନଙ୍କ ମଧ୍ୟରେ ଅଶ୍ୱଥ ଏବଂ ଧାନ୍ୟଶସ୍ୟମାନଙ୍କ ମଧ୍ୟରେ ଯବଧାନ । ପୁରୋହିତମାନଙ୍କ ମଧ୍ୟରେ ବଶିଷ୍ଠ, ବେଦବେତ୍ତାମାନଙ୍କ ମଧ୍ୟରେ ବୃହସ୍ପତି, ସେନାପତିମାନଙ୍କ ମଧ୍ୟରେ କାର୍ତ୍ତିକେୟ ଏବଂ ସନ୍ମାର୍ଗ ପ୍ରବର୍ତ୍ତକମାନଙ୍କ ମଧ୍ୟରେ ଭଗବାନ ବ୍ରହ୍ମା । ପଞ୍ଚମହାଯଜ୍ଞମାନଙ୍କ ମଧ୍ୟରେ ବ୍ରହ୍ମଯଜ୍ଞ (ସ୍ୱାଧାୟଯଜ୍ଞ), ବ୍ରତମାନଙ୍କ ମଧ୍ୟରେ ଅହିଂସା ବ୍ରତ ଏବଂ ଶୁଦ୍ଧକାରକ ପଦାର୍ଥମାନଙ୍କ ମଧ୍ୟରେ ନିତ୍ୟଶୁଦ୍ଧ ବାୟୁ, ଅଗ୍ନି, ସୂର୍ଯ୍ୟ, ଜଳ, ବାଣୀ ଓ ଆତ୍ମା । ଯୋଗମାନଙ୍କ ମଧ୍ୟରେ ମନନିରୋଧରୂପୀ ସମାଧେଜ୍ଞଯାଗ । ବିଜୟାଭିଳାଷୀ ବ୍ୟକ୍ତିଙ୍କର ମନ ଭିତରେ ଲୁଚି ରହିଥିବା ମନ୍ତ୍ରଣା । ଆତ୍ମ-ଅନାତ୍ମ ସମ୍ବନ୍ଧୀୟ ସମସ୍ତ ଜ୍ଞାନଚର୍ଚ୍ଚା ମଧ୍ୟରେ ବ୍ରହ୍ମବିଦ୍ୟା । ତତ୍ତ୍ୱ ନିର୍ଣ୍ଣୟ ନିମନ୍ତେ କରାଯାଉଥିବା ବାଦ-ବିବାଦରୂପୀ ବିକଳ୍ପ । (କାରଣ ଆଜି ପର୍ଯ୍ୟନ୍ତ କେହି ବି ତତ୍ତ୍ୱସଂଖ୍ୟା କେତେ, ତାହା ନିର୍ଣ୍ଣୟ କରିପାରିନାହାନ୍ତି ।) ସ୍ତ୍ରୀମାନଙ୍କ ମଧ୍ୟରେ ମନୁପତ୍ନୀ ଶତରୂପା, ପୁରୁଷମାନଙ୍କ ମଧ୍ୟରେ ସ୍ୱାୟମ୍ଭୁବ ମନୁ, ମୁନୀଶ୍ୱରମାନଙ୍କ ମଧ୍ୟରେ ନାରାୟଣ ଏବଂ ବ୍ରହ୍ମଚାରୀମାନଙ୍କ ମଧ୍ୟରେ ସନତ୍ କୁମାର । ଧର୍ମମାନଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟରେ ସନ୍ନ୍ୟାସଧର୍ମ । କଲ୍ୟାଣକାମୀ ପୁରୁଷମାନଙ୍କର ଅନ୍ତର୍ମୁଖୀ ବୃତ୍ତି, କୌଣସି ବିଷୟକୁ ଗୁପ୍ତ ରଖିବା କାର୍ଯ୍ୟରେ ମଧୁରବାଣୀ ଓ ମୌନ । ସ୍ତ୍ରୀ-ପୁରୁଷ ଯୁଗଳଙ୍କ ମଧ୍ୟରେ ବ୍ରହ୍ମା ଯାହାଙ୍କ ଶରୀରର ଦୁଇ ଭାଗରୁ ପ୍ରଥମେ ସ୍ତ୍ରୀ-ପୁରୁଷ ଯୁଗଳ ଉତ୍ପନ୍ନ ହୋଇଥିଲେ । ସଦା ସାବଧାନ ହୋଇ ଜାଗ୍ରତ ରହିଥିବା ତତ୍ତ୍ୱମାନଙ୍କ ମଧ୍ୟରେ କାଳ, ଋତୁମାନଙ୍କ ମଧ୍ୟରେ ବସନ୍ତ, ମାସମାନଙ୍କ ମଧ୍ୟରେ ମାର୍ଗଶୀର ଏବଂ ନକ୍ଷତ୍ରମାନଙ୍କ ମଧ୍ୟରେ ଅଭିଜିତ୍ ।

ଯୁଗମାନଙ୍କ ମଧ୍ୟରେ ସତ୍ୟଯୁଗ, ବିବେକୀମାନଙ୍କ ମଧ୍ୟରେ ମହର୍ଷି ଦେବଳ ଓ ଅସିତ, ବ୍ୟାସମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସ ତଥା କବିମାନଙ୍କ ମଧ୍ୟରେ ମନସ୍ୱୀ ଶୁକ୍ରାଚାର୍ଯ୍ୟ । ଷଡୈଶ୍ୱର୍ଯ୍ୟମାନଙ୍କ ମଧ୍ୟରେ ଭଗବାନ ବାସୁଦେବ, ଭଗବାନଙ୍କର ପ୍ରେମୀ ଭକ୍ତମାନଙ୍କ ମଧ୍ୟରେ ଉଦ୍ଧବ, କିଂପୁରୁଷମାନଙ୍କ ମଧ୍ୟରେ ହନୁମାନ୍ ଏବଂ ବିଦ୍ୟାଧର ମାନଙ୍କ ମଧ୍ୟରେ ସୁଦର୍ଶନ (ଯେ କି ଅଜଗରରୂପ ଧରି ନନ୍ଦଙ୍କୁ ଗ୍ରାସ କରିଥିଲା ଏବଂ ଭଗବାନଙ୍କ ପାଦସ୍ପର୍ଶ ପାଇ ମୁକ୍ତ ହୋଇଗଲା) । ରତ୍ନମାନଙ୍କ ମଧ୍ୟରେ ପଦ୍ମରାଗ, ସୁନ୍ଦର ବସ୍ତୁମାନଙ୍କ ମଧ୍ୟରେ ପଦ୍ମକୋଷ, ତୃଣମାନଙ୍କ ମଧ୍ୟରେ କୁଶ ଓ ହବିଷ୍ୟମାନଙ୍କ ମଧ୍ୟରେ ଗୋଘୃତ । ବ୍ୟବସାୟୀମାନଙ୍କଠାରେ ନିବାସ କରୁଥିବା ଲକ୍ଷ୍ମୀ, ଛଳକପଟ କରୁଥିବା ଲୋକଙ୍କ ଭିତରେ ହେଉଥିବା ଦ୍ୟୁତକ୍ରୀଡ଼ା, ତିତିକ୍ଷୁମାନଙ୍କର ତିତିକ୍ଷା (କଷ୍ଟସହିଷ୍ଣୁତା) ଏବଂ ସାତ୍ତ୍ୱିକ ପୁରୁଷମାନଙ୍କର ସତ୍ତ୍ୱଗୁଣ । ବଳବାନମାନଙ୍କର ଉତ୍ସାହ ଓ ପରାକ୍ରମ ଏବଂ ଭଗବଦ୍ ଭକ୍ତମାନଙ୍କର ଭକ୍ତିପୂର୍ଣ୍ଣ ନିଷ୍କାମ କର୍ମ । ବୈଷ୍ଣବ ମାନଙ୍କର ପୂଜ୍ୟ ବାସୁଦେବ, ସଂକର୍ଷଣ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ, ନାରାୟଣ, ହୟଗ୍ରୀବ, ବରାହ, ନୃସିଂହ ଓ ବ୍ରହ୍ମା – ଏହି ନଅ ମୂର୍ତ୍ତିର ମଧ୍ୟରୁ ବାସୁଦେବ । ଗନ୍ଧର୍ବମାନଙ୍କ ମଧ୍ୟରେ ବିଶ୍ୱାବସୁ ଓ ଅପ୍ସରାମାନଙ୍କ ମଧ୍ୟରେ ବ୍ରହ୍ମାଙ୍କ ରାଜସଭାର ନର୍ତ୍ତକୀ ପୂର୍ବଚିତ୍ତି । ପର୍ବତ ମାନଙ୍କର ସ୍ଥିରତା ଓ ପୃଥିବୀର ଶୁଦ୍ଧ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗନ୍ଧତନ୍ମାତ୍ର । ଜଳର ତନ୍ମାତ୍ର ରସ ଏବଂ ତେଜସ୍ୱୀମାନଙ୍କ ମଧ୍ୟରେ ସେମାନଙ୍କର ସୂକ୍ଷ୍ମ ତେଜସ୍ୱିତା । ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରମାନଙ୍କର ପ୍ରଭା ଏବଂ ଆକାଶର ଏକମାତ୍ର ଗୁଣ ଶବ୍ଦ । ବ୍ରାହ୍ମଣମାନଙ୍କ ଭିତରେ ବଳି, ବୀରମାନଙ୍କ ମଧ୍ୟରେ ଅର୍ଜୁନ ଓ ପ୍ରାଣୀମାନଙ୍କର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ । ପାଦର ଚଳନଶକ୍ତି, ବାଣୀର ବାଚନଶକ୍ତି, ପାୟୁର ମଳତ୍ୟାଗଶକ୍ତି, ହସ୍ତର ଧାରଣଶକ୍ତି ଏବଂ ଜନନେନ୍ଦ୍ରିୟର ଆନନ୍ଦ-ଉପଭୋଗଶକ୍ତି । ଚର୍ମର ସ୍ପର୍ଶନଶକ୍ତି, ନେତ୍ରର ଦର୍ଶନଶକ୍ତି, ଜିହ୍ୱାର ସ୍ୱାଦଗ୍ରହଣଶକ୍ତି, କର୍ଣ୍ଣର ଶ୍ରବଣଶକ୍ତି ଓ ନାସିକାର ଆଘ୍ରାଣଶକ୍ତି । ଇନ୍ଦ୍ରିୟଙ୍କର ଇନ୍ଦ୍ରିୟଶକ୍ତି । ଭୂମି, ବାୟୁ, ଆକାଶ, ଜଳ, ତେଜ, ଅହଂକାର, ମହତ୍ତ୍ୱ, ପଞ୍ଚମହାଭୂତ, ଜୀବ, ମୂଳପ୍ରକୃତି, ସତ୍ତ୍ୱ, ରଜ, ତମ – ଏ ସବୁର ବିକାର ଏବଂ ଏସବୁ ବିକାରର ଅତୀତ ବ୍ରହ୍ମ ।

ଉପରୋକ୍ତ ତତ୍ତ୍ୱମାନଙ୍କର ଗଣନା, ବିଭିନ୍ନ ଲକ୍ଷଣ ଦ୍ୱାରା ଏସବୁର ଜ୍ଞାନ ତଥା ତାହାର ତତ୍ତ୍ୱଜ୍ଞାନରୂପ ଫଳ ମଧ୍ୟ ମୁଁ ଅର୍ଥାତ୍ ଭଗବାନ । ମୁଁ ହିଁ ଈଶ୍ୱର, ମୁଁ ହିଁ ଜୀବ, ମୁଁ ହିଁ ଗୁଣ ଏବଂ ମୁଁ ହିଁ ଗୁଣୀ । ମୁଁ ହିଁ ସମସ୍ତଙ୍କର ଆତ୍ମା ଏବଂ ସର୍ବରୂପ ମଧ୍ୟ ମୁଁ । ମୋ ଛଡ଼ା ଅନ୍ୟ କୌଣସି ପଦାର୍ଥ କେଉଁଠି ବି ନାହିଁ । ମୋ ଦ୍ୱାରା ରଚିତ ବ୍ରହ୍ମାଣ୍ଡମାନଙ୍କର ସଂଖ୍ୟା ବା ମୋ ବିଭୂତିମାନଙ୍କ ସଂଖ୍ୟା ଗଣାଯାଇପାରିବ ନାହିଁ ।

ଯେଉଁଥିରେ ତେଜ, ଶ୍ରୀ, କୀର୍ତ୍ତି, ଐଶ୍ୱର୍ଯ୍ୟ, ଲଜ୍ଜା, ତ୍ୟାଗ, ସୌନ୍ଦର୍ଯ୍ୟ, ସୌଭାଗ୍ୟ, ପରାକ୍ରମ, ତିତିକ୍ଷା ଓ ବିଜ୍ଞାନ ଆଦି ଶ୍ରେଷ୍ଠ ଗୁଣ ଅଛି, ତାହା ହେଉଛି ମୋର ହିଁ ଅଂଶ ।

ଅଷ୍ଟାଦଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୭ଶ ଅଧ୍ୟାୟ) ରେ ବର୍ଣ୍ଣାଶ୍ରମ ଧର୍ମ ନିରୂପଣ ପ୍ରକରଣରେ ବ୍ରହ୍ମଚର୍ଯ୍ୟ ଓ ଗୃହସ୍ଥ ଧର୍ମ ବର୍ଣ୍ଣନା ।

ଏ ସର୍ବବର୍ଣ୍ଣ ସର୍ବାଶ୍ରମ । ସମ୍ଭବ ଉଚ୍ଚ ନିଚ ସ୍ଥାନ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୃତି ଜନ୍ମ ଅନୁସାରେ । ସ୍ୱଭାବ ଆଚାର ବେଭାରେ । ।
ଉତ୍ତମ ସଙ୍ଗେ ସଙ୍ଗ ଯାର । ସେ କରେ ଉତ୍ତମ ବେଭାର । ।
ହୀନ ସଙ୍ଗତେ ହୀନଗତି । ହସି କହନ୍ତି ଯଦୁପତି । । ୧୧/୧୮/୧୫

ବ୍ରାହ୍ମଣଙ୍କର ସ୍ୱଭାବ – ଶମ, ଦମ, ତପସ୍ୟା, ପବିତ୍ରତା, ସନ୍ତୋଷ, କ୍ଷମାଶୀଳତା, ସରଳତା, ଭଗବତ୍ ଭକ୍ତି, ଦୟା ଓ ସତ୍ୟ । କ୍ଷତ୍ରୀୟର ସ୍ୱଭାବ – ତେଜ, ବଳ, ଧୈର୍ଯ୍ୟ, ବୀରତା, ସହନଶୀଳତା, ଉଦାରତା, ଉଦ୍ୟମଶୀଳତା, ସ୍ଥିରତା, ବ୍ରାହ୍ମଣମାନଙ୍କ ପ୍ରତି ଭକ୍ତି ଓ ଐଶ୍ୱର୍ଯ୍ୟ । ବୈଶ୍ୟର ସ୍ୱଭାବ - ଆସ୍ତିକତା, ଦାନଶୀଳତା, ଦମ୍ଭହୀନତା, ବ୍ରାହ୍ମଣମାନଙ୍କର ସେବା, ଏବଂ ଧନ ସଞ୍ଚୟରେ ସନ୍ତୁଷ୍ଟ ନ ହେବା । ଶୂଦ୍ରର ସ୍ୱଭାବ - ନିଷ୍କପଟଭାବରେ ବ୍ରାହ୍ମଣ, ଗୋ, ଏବଂ ଦେବତାମାନଙ୍କର ସେବା କରିବା ଏବଂ ସେଥିରୁ ଯାହା କିଛି ମିଳିଲା, ସେତିକିରେ ସନ୍ତୁଷ୍ଟ ରହିବା । ଅନ୍ତ୍ୟଜମାନଙ୍କର ସ୍ୱଭାବ - ଅପବିତ୍ରତା, ମିଥ୍ୟାଚାର, ଚୌରବୃତ୍ତି, ଈଶ୍ୱର ଓ ପରଲୋକକୁ ଭୃକ୍ଷେପ ନ କରିବା, ଅଯଥା କଳହ କରିବା ଏବଂ କାମ, କ୍ରୋଧ ଓ ତୃଷ୍ଣାର ଅଧୀନ ହୋଇ ରହିବା ।

ଚାରି ବର୍ଣ୍ଣ ଓ ଚାରି ଆଶ୍ରମ ନିମନ୍ତେ ସାଧାରଣ ଧର୍ମ ହେଉଛି – କାୟ, ମନ ଓ ବାକ୍ୟରେ କାହାରି ପ୍ରତି ହିଂସା ଆଚରଣ ନ କରିବା, ସତ୍ୟରେ ଦୃଢ଼ ରହିବା, ଚୋରି ନ କରିବା, କାମ କ୍ରୋଧ ତଥା ଲୋଭରୁ ଦୂରେଇ ରହିବା ଏବଂ ଯେଉଁ କର୍ମ କଲେ ସମସ୍ତ ପ୍ରାଣୀ ପ୍ରସନ୍ନ ହେବେ ଓ ସମସ୍ତଙ୍କର ମଙ୍ଗଳ ହେବ, ସେହିଭଳି କର୍ମ କରିବା ।

ଏହି ଅଧ୍ୟାୟର ଶ୍ଳୋକ ୨୧ ରୁ ୨୭ ମଧ୍ୟରେ ବ୍ରାହ୍ମଣ, କ୍ଷତ୍ରୀୟ ଓ ବୈଶ୍ୟମାନେ କିପରି ବ୍ରତୋପନୟନ କରି ଗୁରୁକୁଳରେ ରହି ବିଦ୍ୟାଧ୍ୟୟନ କରିବେ, ତାହା ବର୍ଣ୍ଣନା କରାଯାଇଛି ।

ସାକ୍ଷାତେ ଗୁରୁ ଯେ ଈଶ୍ୱର । ଗୁରୁଙ୍କୁ ନ ମଣିବ ନର । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୁରୁଟି ସର୍ବଦେବମୟେ । ମୁହିଁ ବସଇ ଗୁରୁ ଦେହେ । ।

ଏ ଘେନି ଗୁରୁ ଭଗବାନ । ସେ ନୁହେଁ ମନୁଷ୍ୟ ସମାନ । । ୧୧/୧୮/୨୭

ଶ୍ଳୋକ ୨୮ ରୁ ୫୨ ମଧ୍ୟରେ ବ୍ରହ୍ମଚର୍ଯ୍ୟ ଓ ଗୃହସ୍ଥ ଧର୍ମର ଲକ୍ଷଣ ଓ କର୍ମମାନ ବର୍ଣ୍ଣନା କରାଯାଇଛି ।

ପଥିକ ଯେହ୍ନେ ବୃକ୍ଷତଳେ । ଶ୍ରମେ ମିଳନ୍ତି ଏକମେଳେ । ।

ଶ୍ରମ ସାରିଲେ ଯେଝା ମତେ । ଚଳନ୍ତି ବୃକ୍ଷ ଥାଇ ପଥେ । ।

ଯେସନେ ପ୍ରାଣୀ ନିଦ୍ରାଗତେ । ସମ୍ପଦ ଦେଖେ ସ୍ୱପ୍ନଗତେ । ।

ଏହି ପ୍ରକାରେ ଗୃହବାସ । ଏଣେ ନ କରିବ ବିଶ୍ୱାସ । । ୧୧/୧୮/୫୩

ଶ୍ଳୋକ ୫୩ ରୁ ୫୮ ମଧ୍ୟରେ ଗୃହସ୍ଥ ମଣିଷର ଘରଜଞ୍ଜାଳରେ ଛନ୍ଦି ହୋଇରହିବା ଓ ସେଥିରୁ ମୁକ୍ତିର ପଥ ବିଷୟ ବର୍ଣ୍ଣନା କରାଯାଇଛି ।

ଊନବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୮ଶ ଅଧ୍ୟାୟ) ରେ ବାନପ୍ରସ୍ଥ ଓ ସନ୍ନ୍ୟାସ ଧର୍ମର ବର୍ଣ୍ଣନ । ଶ୍ଳୋକ ୧ ରୁ୧୧ ମଧ୍ୟରେ ବାନପ୍ରସ୍ଥ ଆଶ୍ରମ ବିଷୟରେ ବର୍ଣ୍ଣନା କରାଯାଇଛି । ଶ୍ଳୋକ ୧୨ ରୁ ୪୨ ମଧ୍ୟରେ ସନ୍ନ୍ୟାସ ଧର୍ମର ଲକ୍ଷଣ ଓ ପାଳନ ବିଷୟରେ ବର୍ଣ୍ଣନା କରାଯାଇଛି ।

ଦୃଷ୍ଟି-ପବିତ୍ର ପାଦନ୍ୟାସ । ବସ୍ତ୍ର-ପବିତ୍ର ଜଳ ଗ୍ରାସ । ।

ବାକ୍ୟ-ପବିତ୍ରେ କହି ସତ୍ୟ । ମନ ପବିତ୍ରେ ଥିବ ନିତ୍ୟ । । ୧୧/୧୯/୧୬

କେବେହେଁ ପ୍ରାଣୀଙ୍କର ଚିତ୍ତେ । ଉଦ୍ବେଗ ନ ଦେବ ଯୁକତେ । ।

ବଞ୍ଚିବ ସର୍ବଲୋକ ହିତେ । ଉଦ୍ବେଗ ନୋହି କଦାଚିତ୍ତେ । ।

କହଲେ ପର ଅପମାନେ । ବିବାଦ ନ ଚିନ୍ତିବ ମନେ । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଶୁଙ୍କ ପ୍ରାୟେ ରିପୁଭାବ । କେବେହେଁ କାହିଁ ନକରିବ । । ୧୧/୧୯/୩୧,୩୨

ବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୧୯ଶ ଅଧ୍ୟାୟ) ରେ ଜ୍ଞାନଭକ୍ତି ଯୋଗ କଥନ - ଯମ ଓ ନିୟମାଦି ବର୍ଣ୍ଣନ । ଯେଉଁ ଜ୍ଞାନ ବଳରେ ବ୍ରହ୍ମାଙ୍କ ଠାରୁ ଆରମ୍ଭ କରି ତୃଣ ପର୍ଯ୍ୟନ୍ତ ସକଳ ବସ୍ତୁରେ ପ୍ରଥମେ ପ୍ରକୃତି, ପୁରୁଷ, ମହତ୍ତ୍ୱ, ଅହଂକାର ଓ ପତନ୍ମାତ୍ର – ଏପରି ୯ ତତ୍ତ୍ୱ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ଓ ଏକ ମନ- ଏପରି ୧୧ ତତ୍ତ୍ୱ ଏବଂ ପଞ୍ଚମହାଭୂତ ଓ ତିନିଗୁଣ – ଏପରି ୮ ତତ୍ତ୍ୱ ଅର୍ଥାତ୍ ସର୍ବମୋଟ ୨୮ ତତ୍ତ୍ୱ ବ୍ୟାପି ରହିଥିବା ଦେଖିହୁଏ ଏବଂ ତା'ପରେ ସମସ୍ତ ତତ୍ତ୍ୱ ମଧ୍ୟରେ ଏକମାତ୍ର ପରମାତ୍ମତତ୍ତ୍ୱ ହିଁ ବ୍ୟାପି ରହିଥିବା ଦେଖିହୁଏ, ତାହା ହେଉଛି ଜ୍ଞାନ (ପରୋକ୍ଷ ଜ୍ଞାନ) ।

ଯମ ୧୨ ପ୍ରକାର - ଅହିଂସା, ସତ୍ୟ, ଅସ୍ତେୟ (ଚୋରି ନ କରିବା), ଅସଙ୍ଗତା, ଲଜ୍ଜା, ଅସୟ (ଆବଶ୍ୟକଠାରୁ ବେଶି ସୟ ନ କରିବା), ଆସ୍ତିକତା, ବ୍ରହ୍ମଚର୍ଯ୍ୟ, ମୌନ, ସ୍ଥିରତା, କ୍ଷମା ଓ ଅଭୟ ।

ନିୟମ ୧୨ ପ୍ରକାର – ଶୌଚ (ବାହାର ଓ ଭିତର ପବିତ୍ରତା), ଜପ, ତପ, ହୋମ, ଶ୍ରଦ୍ଧା, ସନ୍ତୋଷ, ଆଚାର୍ଯ୍ୟସେବା, ଅତିଥିସେବା, ଜଗବପୂଜା, ତୀର୍ଥଯାତ୍ରା, ପରୋପକାର ପାଇଁ ଚେଷ୍ଟା ଓ ଗୁରୁସେବା ।

ସକାମ ଓ ନିଷ୍କାମ ଉଭୟ ପ୍ରକାର ସାଧକଙ୍କ ନିମନ୍ତେ ଯମ ଓ ନିୟମର ସମସ୍ତ ଉପାଦାନ ଆବଶ୍ୟକ । ଯେଉଁ ବ୍ୟକ୍ତି ଏସବୁ ପାଳନ କରନ୍ତି, ଏହି ଯମ ଓ ନିୟମ ତାଙ୍କୁ ଇଛାନୁସାରେ ଭୋଗ ଓ ମୋକ୍ଷ ପ୍ରଦାନ କରନ୍ତି ।

ଶମ(ଶାନ୍ତି)– ଭଗବାନଙ୍କଠାରେ ବୁଦ୍ଧି ସ୍ଥିର ହୋଇ ଲାଗିଯିବା; ଦମ– ଇନ୍ଦ୍ରିୟସଂଯମ; ତିତିକ୍ଷା(କ୍ଷମା)- ଦୁଃଖ ସହିଯିବା; ଏବଂ ଧୈର୍ଯ୍ୟ – ଜିହ୍ୱା ଓ ଜନନେନ୍ଦ୍ରିୟ ଉପରେ ବିଜୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାଭ ।

ଦାନ - କୌଣସି ଜୀବକୁ ଦଣ୍ଡ ନ ଦେବା ବା ସମସ୍ତଙ୍କୁ ଅଭୟଦେବା; ତପ(ତପସ୍ୟା) – କାମନା ତ୍ୟାଗ, ଶୌର୍ଯ୍ୟ (ବୀରତ୍ୱ)- ନିଜର ବାସନାଗୁଡ଼ିକ ଉପରେ ବିଜୟ ଲାଭ ଏବଂ ସତ୍ୟ – ସର୍ବତ୍ର ସମସ୍ୱରୂପ ଓ ସତ୍ୟସ୍ୱରୂପ ପରମାତ୍ମଙ୍କୁ ଦର୍ଶନ କରିବା ।

ଋତ – ସତ୍ୟ ଓ ମଧୁର ଭାଷଣ; ଶୌଚ – କର୍ମରେ ଅନାସକ୍ତି ଏବଂ ସନ୍ନ୍ୟାସ – କାମନା ତ୍ୟାଗ ।

ଧନ - ଧର୍ମ; ଯଜ୍ଞ - ପରମେଶ୍ୱର, ଦକ୍ଷିଣା – ଜ୍ଞାନୋପଦେଶ ଏବଂ ବଳ - ପ୍ରାଣାୟମ ।

ଭଗ – ଭଗବତ୍ ଐଶ୍ୱର୍ଯ୍ୟ; ଲାଭ – ଭଗବତ୍ ଭକ୍ତି ; ବିଦ୍ୟା – ବ୍ରହ୍ମ ଓ ଆତ୍ମା ମଧ୍ୟରେ ପ୍ରଭେଦ ନଷ୍ଟ କରିବା ବିଦ୍ୟା ଏବଂ ଲଜ୍ଜା - ପାପ କରିବାକୁ ଘୃଣା ଲାଗିବା ।

ସୌନ୍ଦର୍ଯ୍ୟ ବା ଶ୍ରୀ - ନିରପେକ୍ଷତା (କାହାରି ଠାରୁ କିଛି ଅପେକ୍ଷା ବା ଆଶା ନ ରଖିବା); ସୁଖ – ସୁଖଦୁଃଖରୂପୀ ଦ୍ୱନ୍ଦ କାଳ କାଳ ପାଇଁ ନଷ୍ଟ ହୋଇଯିବା; ଦୁଃଖ – ବିଷୟଭୋଗର କାମନା ଏବଂ ପଣ୍ଡିତ – ବନ୍ଧନ ଓ ମୋକ୍ଷର ତ୍ତ୍ୱକୁ ଜାଣିଥିବା ବ୍ୟକ୍ତି ।

ମୁର୍ଖ - ଶରୀର ଆଦିରେ 'ମୁଁ ପଣ' ଆରୋପ କରୁଥିବା ବ୍ୟକ୍ତି; ସତ୍ମାର୍ଗ – ଯେଉଁ ମାର୍ଗ ମନୁଷ୍ୟକୁ ସଂସାର ଠାରୁ ଦୂରେଇ ନେଇ ଭଗବାନଙ୍କ ସଙ୍ଗେ ଭେଟାଇ ଦିଏ; ଅସତ୍ମାର୍ଗ – ଚିତ୍ତର ବହିର୍ମୁଖତା ଏବଂ ସ୍ୱର୍ଗ - ସତ୍ତ୍ୱଗୁଣର ବୃଦ୍ଧି ।

ନରକ – ତମୋଗୁଣର ବୃଦ୍ଧି; ଭାଇବନ୍ଧୁ – ଗୁରୁ (ଭଗବାନ); ଘର – ମନୁଷ୍ୟଶରୀର ଏବଂ ଧନୀ – ଯିଏ ଗୁଣମାନଙ୍କରେ ସମ୍ପନ୍ନ ଓ ଯାହାଙ୍କ ପାଖରେ ଗୁଣର ଭଣ୍ଡାର ରହିଛି ।

ଦରିଦ୍ର - ଯାହାର ମନରେ ଅସନ୍ତୋଷ ରହିଛି ଓ ଅଭାବବୋଧ ରହିଛି; କୃପଣ – ଯେ ଜିତେନ୍ଦ୍ରିୟ ନୁହେଁ; ଈଶ୍ୱର - ଯାହାଙ୍କ ଚିତ୍ତବୃତ୍ତି ବିଷୟ ପ୍ରତି ଆସକ୍ତ ନୁହେଁ ଓ ଯିଏ ସମର୍ଥ ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସନ୍ତୋଷ ଏବଂ ଅସମର୍ଥ - ଯିଏ ବିଷୟ ପ୍ରତି ଆସକ୍ତ ।

ଦୋଷ - ଗୁଣ ଓ ଦୋଷ ପ୍ରତି ଦୃଷ୍ଟି ଯିବା ହିଁ ସବୁଠାରୁ ବଡ଼ ଦୋଷଏବଂ ଗୁଣ –ଗୁଣ ଓ ଦୋଷ ପ୍ରତି ଦୃଷ୍ଟି ନ ଯାଇ ନିଜର ଶାନ୍ତ ନିଃସଂକଳ୍ପ ସ୍ୱରୂପରେ ପ୍ରତିଷ୍ଠିତ ହୋଇ ରହିବା ହିଁ ସବୁଠାରୁ ବଡ଼ ଗୁଣ ।

ଏକବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୦ଶ ଅଧ୍ୟାୟ) ରେ ଜ୍ଞାନ ଯୋଗ, କର୍ମ ଯୋଗ ଓ ଭକ୍ତିଯୋଗ ତତ୍ତ୍ୱଜ୍ଞାନ କଥନ । ଯେଉଁମାନେ କର୍ମ ଓ ତାର ଫଳ ପ୍ରତି ଅନାସକ୍ତ ଓ ସେ ସବୁର ତ୍ୟାଗୀ, ସେମାନେ ଜ୍ଞାନଯୋଗର ଅଧିକାରୀ । ଯେଉଁ ମାନଙ୍କ ମନରେ କର୍ମ ଓ କର୍ମଫଳ ପ୍ରତି ବୈରାଗ୍ୟ ଆସିନାହିଁ, ସେ ସବୁ ଦୁଃଖଜନକ ବୋଲି ବୁଝିନାହାନ୍ତି, ସେଭଳି ସକାମ ବ୍ୟକ୍ତିମାନେ କର୍ମଯୋଗର ଅଧିକାରୀ । ଯେଉଁ ବ୍ୟକ୍ତି ଅତ୍ୟନ୍ତ ବିରକ୍ତ(ବୈରାଗୀ) କି ଅତ୍ୟନ୍ତ ଆସକ୍ତ ନୁହଁନ୍ତି ତଥା କୌଣସି ପୂର୍ବଜନ୍ମର ଶୁଭକର୍ମଫଳରେ ସୌଭାଗ୍ୟବଶତଃ ମୋର ଲୀଳା-କଥା ଆଦିରେ ଯାହାଙ୍କର ଶ୍ରଦ୍ଧା ଜାତ ହୋଇଯାଇଛି ସେ ଭକ୍ତିଯୋଗର ଅଧିକାରୀ । ତାଙ୍କୁ ଭକ୍ତିଯୋଗଦ୍ୱାରା ହିଁ ସିଦ୍ଧି ମିଳିପାରେ ।

ଏଣୁ ଏ ନରଦେହ ବହି । ଯାବତ ମୃତ୍ୟୁ ନ ଘଟଇ । ।
ତାବତ ଜ୍ଞାନ ବଇରାଗ୍ୟେ । ମୋର ଭକତି ଯୋଗମାର୍ଗେ । ।
ମରଣ ମୁଖୁଁ ବେଗେ ତର । ମନୁଷ୍ୟ ଦେହ ନୋହେ ଚିର । ।
ଏ ଦେହ ସର୍ବସିଦ୍ଧି ହେତୁ । ସଂସାର-ସିନ୍ଧୁ ପାର ସେତୁ । ।୧୧/୨୧/୧୪

ଏହି ଶରୀରଟି ହେଉଛି ଗୋଟିଏ ବୃକ୍ଷ । ଏଥିରେ ବସା ବାନ୍ଧି ଜୀବରୂପୀ ପକ୍ଷୀ ନିବାସ କରେ । ଯମ ରାଜାଙ୍କ ଦୂତମାନେ ଏହି ବୃକ୍ଷକୁ କାଟନ୍ତି । କଟାଯାଉଥିବା ବୃକ୍ଷରୁ ପକ୍ଷୀ ଯେପରି ଉଡି ପଳାଏ, ଯେଉଁ ବ୍ୟକ୍ତି ଶରୀରକୁ କଟାଯିବା ଘଟଣା ଦେଖିପାରନ୍ତି, ସେ ଭୟରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କମ୍ପିତ ହୋଇ କାମନାଶୂନ୍ୟ ହୋଇ ପରମାତ୍ମାତତ୍ତ୍ୱ ଜାଣି ପାରି ଶାନ୍ତାତ୍ମା ହୋଇଯାଆନ୍ତି ଏବଂ ସେ ହିଁ ମୋକ୍ଷ ଲାଭ କରନ୍ତି ।

ସର୍ବଶରୀର ମଧ୍ୟେ ସାର । ଦୁର୍ଲଭ ନର କଳେବର । ।
ସୁଲଭ ନାବ ରୂପେ ଘାଟେ । ବନ୍ଧନ ଭବ ସିନ୍ଧୁ ତଟେ । ।
ଏ ନାବେ ଗୁରୁ କର୍ଣ୍ଣଧାର । ମୁହିଁ ଅନୁକୂଳ ସମୀର । ।
ଏମନ୍ତ ନାବ ଥାଉଁ କୂଳେ । ଯେବା ନ ତରେ ଭବ ଜଳେ । ।
ସେ ନର ହୀନ ମୂଢ଼ମତି । ତାହାକୁ ବୋଲି ଆତ୍ମଘାତୀ । ।
ସଂସାର କୂପେ ସେ ପତିତ । ଦୁର୍ଲଭ ଦେହେ ସେ ବଞ୍ଚିତ । ।୧୧/୨୧/୧୭

ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି ଆଦି ପଦ୍ଧତିରେ ଯୋଗ ଅଭ୍ୟାସ କଲେ, ଆତ୍ମବିଦ୍ୟା ଅଭ୍ୟାସ କଲେ ତଥା ମୋ ପ୍ରତି ପରାଭକ୍ତି ବିକାଶ କଲେ ଏବଂ ମୋର ଉପାସନାଦ୍ୱାରା ଭକ୍ତିଯୋଗ ଅଭ୍ୟାସ କଲେ ମନ, ପରମାତ୍ମାଙ୍କୁ ଚିନ୍ତନ କରିବାରେ ଲାଗିଯାଏ । ମନକୁ ପରମାତ୍ମାଚିନ୍ତନରେ ଲଗାଇବାକୁ ହେଲେ ଏହା ଛଡ଼ା ଅନ୍ୟ କୌଣସି ଉପାୟ ବାହିଁ । କର୍ମ, ତପସ୍ୟା, ଜ୍ଞାନ, ବୈରାଗ୍ୟ, ଯୋଗାଭ୍ୟାସ, ଦାନ, ଧର୍ମ ଓ ଅନ୍ୟସବୁ ଆତ୍ମୋଦ୍ଧାରକାରୀ ସାଧନମାନଙ୍କ ଦ୍ୱାରା ଯାହା କିଛି ପ୍ରାପ୍ତ ହୁଏ, ମୋର ଭକ୍ତ ସେସବୁ କେବଳ ମୋର ଭକ୍ତିଯୋଗ ପ୍ରଭାବରେ ଅତି ସହଜରେ ପାଇଯାଆନ୍ତି ।

ଦ୍ୱାବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୧ଶ ଅଧ୍ୟାୟ) ରେ ଦ୍ରବ୍ୟ, ଦେଶ. କାଳାଦିର ସୁଧାସୁଧ ବିଚାର । ବେଦତତ୍ତ୍ୱ କଥନ । ଭଗବାନଙ୍କୁ ପାଇବାର ୩ଟି ମାର୍ଗ ରହିଛି, ଯଥା – ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ । ଯେଉଁମାନେ ଏସବୁ ମାର୍ଗ ଛାଡ଼ି ଚଞ୍ଚଳ ଇନ୍ଦ୍ରିୟମାନଙ୍କ ଦ୍ୱାରା କ୍ଷୁଦ୍ର ବିଷୟ ଭୋଗରେ ମଜ୍ଜି ରହନ୍ତି, ସେମାନେ ବାରମ୍ବାର ଜନ୍ମ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୃତ୍ୟୁରୂପ ସଂସାରଚକ୍ରରେ ପଡ଼ି ଘୂରିବୁଲନ୍ତି । ନିଜ ନିଜର ଅଧିକାର ଅନ୍ତର୍ଗତ ଧର୍ମର ଦୃଢ଼ନିଷ୍ଠା ରଖିବା ହିଁ ଗୁଣ ଏବଂ ତାହାର ବିପରୀତ ଅନଧିକାର ଚେଷ୍ଟା କରିବା ହିଁ ଦୋଷ । ଅଧିକାର ଅନୁସାରେ ହିଁ ଗୁଣ ଓ ଦୋଷର ବ୍ୟବସ୍ଥା କରାଯାଏ, କୌଣସି ବସ୍ତୁ ଅନୁସାରେ ନୁହେଁ । ତେଣୁ ସ୍ୱଧର୍ମ ପାଳନ କରିବା ଆବଶ୍ୟକ ।

ଦ୍ରବ୍ୟେ ନ ବସେ ଦୋଷ-ଗୁଣ । ଶୁଦ୍ଧ-ଅଶୁଦ୍ଧ ବିଚାରଣ । ।
ଆଚାର ମୂଳେ ଧର୍ମ ଜାତ । ଧର୍ମେ ଧାରଣ ଏ ଜଗତ । । ୧୧/୨୨/୩

ଅର୍ଥାତ୍ ତତ୍ତ୍ୱ ଦୃଷ୍ଟିରୁ ସବୁ ଦ୍ରବ୍ୟ ସମାନ; ତଥାପି ସେଗୁଡ଼ିକ ପାଇଁ ଯେଉଁ ପବିତ୍ରତା-ଅପବିତ୍ରତା, ଗୁଣ-ଦୋଷ ଓ ଶୁଭ-ଅଶୁଭ ବାଛିବାର ବିଧାନ କରାଯାଇଛି, ତାହାର ଉଦ୍ଦେଶ୍ୟ ହେଲା, ମନୁଷ୍ୟର ଅନିୟନ୍ତ୍ରିତ ପ୍ରକୃତିକୁ ନିୟନ୍ତ୍ରିତ କରିବା । ଯେଉଁ ସମୟରେ ଧର୍ମାନୁଷ୍ଠାନରେ ଆବଶ୍ୟକ ହେଉଥିବା ସାମଗ୍ରୀ ମିଳିବା ସୁଲଭ ହୁଏ ତଥା ଧର୍ମାନୁଷ୍ଠାନ କରିବା ମଧ୍ୟ ସମ୍ଭବପର ହୁଏ, ସେହି ସମୟକୁ ପବିତ୍ର ସମୟ କୁହାଯାଏ । ବିପରୀତ ପକ୍ଷେ ଯେଉଁ ସମୟରେ ଆବଶ୍ୟକ ସାମଗୀ ମିଳେ ନାହିଁ ଏବଂ ସ୍ୱାଭାବିକ ଦୋଷ (ଅଶୌଚ ଇତ୍ୟାଦି) ହେତୁ କର୍ମ ବି କରି ହୁଏ ନାହିଁ, ତାହା ହେଉଛି ଅଶୁଭ ସମୟ । ଫୁଲକୁ ଶୁଙ୍ଘିଲେ ଅଶୁଦ୍ଧ, ବାସି ଅନ୍ନ ଅଶୁଦ୍ଧ, ଛୋଟ ଗାଡ଼ିଆର ଜଳ ଅଶୁଦ୍ଧ । ବେଦରେ କର୍ମକାଣ୍ଡ, ଉପାସନାକାଣ୍ଡ ଓ ଜ୍ଞାନକାଣ୍ଡ ଏପରି ୩ଟି କାଣ୍ଡ ରହିଛି । ଏହି ୩ଟି କାଣ୍ଡର ପ୍ରତିପାଦିତ ବିଷୟ ହେଉଛି ବ୍ରହ୍ମ ଓ ଆତ୍ମାର ଏକତା । ବେଦମାନଙ୍କୁ ଶବ୍ଦବ୍ରହ୍ମ କୁହାଯାଏ । ସେହି ଶବ୍ଦବ୍ରହ୍ମ ହେଉଛି ପରା, ପଶ୍ୟାନ୍ତୀ ଓ ମଧ୍ୟମା ବାଣୀ ରୂପରେ ପ୍ରାଣ, ମନ ଓ ଇନ୍ଦ୍ରିୟମୟ । ତାହା ସମୁଦ୍ର ପରି ଅସୀମ ଓ ଗଭୀର । ତାହାର ପ୍ରକୃତ ତାତ୍ପର୍ଯ୍ୟ ନିର୍ଣ୍ଣୟ କରବା ଅତୀବ କଷ୍ଟସାଧ୍ୟ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଢ଼ିଆଣୀ ଯେପରି ନିଜ ମୁହଁରୁ ସୂତା ବାହାର କରି ପୁଣି ଗିଳିଦିଏ, ଠିକ୍ ସେହିପରି ଭଗବାନ ସ୍ୱୟଂ ସ୍ୱର୍ଶାଦି ବର୍ଣ୍ଣ ବିଷୟରେ ସଂକଳ୍ପ କରୁଥିବା ମନରୂପୀ ନିମିତ୍ତ କାରଣ ଦ୍ୱାରା ଅନନ୍ତ ଅପାର ଅନେକ ମାର୍ଗଯୁକ୍ତ ବୈଖାରୀରୂପୀ ବେଦବାଣୀକୁ ହୃଦୟାକାଶରୁ ପ୍ରକଟିତ କରନ୍ତି ଏବଂ ପୁଣି ନିଜ ମଧ୍ୟରେ ଲୀନ କରିଦିଅନ୍ତି । ସେହି ବାଣୀ ହୃଦ୍ଗତ ସୂକ୍ଷ୍ମ ଓଁକାର ଦ୍ୱାରା ଅଭିବ୍ୟକ୍ତ ସ୍ୱର୍ଶ (କ ଠାରୁ ମ ପର୍ଯ୍ୟନ୍ତ - ୨୫), ସ୍ୱର (ଅ, ଇ, ଇ, ଉ, ୠ, ଏ, ଐ, ଓ, ଔ – ୯), ଉଷ୍ମ (ଶ,ଷ,ଓ, ହ – ୪) ଏବଂ ଅନ୍ତଃସ୍ଥ (ଯ, ର, ଳ, ବ – ୪) ଏପରି ୪୨ଟି ବର୍ଣ୍ଣ ବିଭୂଷିତ । ଏଥିରେ ଏପରି ଛନ୍ଦ ରହିଛି ଯେ, ସେଥିରେ ଉତ୍ତରୋତ୍ତର ଚାରି ଚାରିଟି ବର୍ଣ୍ଣ ବଢ଼ି ଚାଲେ ଏବଂ ସେସବୁ ଦ୍ୱାରା ତାହା ବିଚିତ୍ର ଭାଷାରୂପରେ ବିସ୍ତୃତ । ଉତ୍ତରୋତ୍ତର ଚାରି ଚାରିଟି ଅଧିକ ବର୍ଣ୍ଣବିଶିଷ୍ଟ ଛନ୍ଦମାନଙ୍କ ମଧ୍ୟରୁ ଗାୟତ୍ରୀ, ଉଷ୍ଣିକ, ଅନୁଷ୍ଟୁପ, ବୃହତୀ, ପଙ୍କ୍ତି, ତ୍ରିଷ୍ଟୁପ୍, ଜଗତୀ, ଅତିଛନ୍ଦ, ଅତ୍ୟଷ୍ଟି, ଅତିଜଗତୀ ଓ ବିରାଟ, ଏସବୁ ହେଉଛି କେତୋଟି ଛନ୍ଦ ।

ତ୍ରୟୋବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୨ଶ ଅଧ୍ୟାୟ)ରେ ତତ୍ତ୍ୱମାନଙ୍କର ସଂଖ୍ୟା ବିବେଚନ ଏବଂ ପ୍ରକୃତି-ପୁରୁଷ ସମ୍ବନ୍ଧୀୟ ବିଚାର କରାଯାଇଛି । ୨୮ଟି ତତ୍ତ୍ୱ - ପୁରୁଷ, ପ୍ରକୃତି, ମହତ୍ତ୍ୱ, ଅହଂକାର, ଆକଶ, ବାୟୁ, ତେଜ, ଜଳ ଓ ପୃଥିବୀ – ଏପରି ୯ଟି ତତ୍ତ୍ୱ; ଶ୍ରୋତ୍ର, ତ୍ୱଚା, ଚକ୍ଷୁ, ନାସା ଓ ରସନା – ଏହି ୫ ଜ୍ଞାନେନ୍ଦ୍ରିୟ; ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ – ଏହି ୫କର୍ମେନ୍ଦ୍ରିୟ ତଥା ମନ - ଯାହାକି ଉଭୟ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ - ୧; ଶବ୍ଦ, ସ୍ୱର୍ଶ, ରୂପ, ରସ ଓ ଗନ୍ଧ - ଏହିପରି ଜ୍ଞାନେନ୍ଦ୍ରିୟର ୫ ବିଷୟ । ଏପରି ମୋଟ ୨୫ ତତ୍ତ୍ୱ ସହ ୩ ଗୁଣ – ସତ୍ତ୍ୱ, ରଜ ଓ ତମକୁ ମିଶାଇଲେ ସର୍ବମୋଟ ୨୮ ତତ୍ତ୍ୱ ହେଉଛି । କର୍ମେନ୍ଦ୍ରିୟମାନଙ୍କ ଦ୍ୱାରା ହେଉ ଥିବା ୫ କର୍ମ ଯଥା – ଚାଲିବା, କହିବା, ମଳମୂତ୍ର ତ୍ୟାଗ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବା ଓ କର୍ମକରିବା ତ ତତ୍ତ୍ୱ ନୁହେଁ; ତେଣୁ ଏସବୁକୁ କର୍ମେନ୍ଦ୍ରିୟର ସ୍ୱରୂପ ବୋଲି ହିଁ ଧରିବାକୁ ହେବ । ଯେଉଁମାନେ ତତ୍ତ୍ୱ ସଂଖ୍ୟା ୧୭ ବୋଲି କହନ୍ତି, ସେମାନେ ପଞ୍ଚଭୂତ, ପଞ୍ଚତନ୍ମାତ୍ର, ପଞ୍ଚଜ୍ଞାନେନ୍ଦ୍ରିୟ, ଏକ ମନ ଓ ଏକ ଆତ୍ମା – ଏପରି ଗଣିଥାନ୍ତି । ପ୍ରକୃତି ଓ ପୁରୁଷ ମଧ୍ୟରେ ଅର୍ଥାତ୍ ଶରୀର ଓ ଆତ୍ମା ମଧ୍ୟରେ ବିରାଟ ପ୍ରଭେଦ ଅଛି । ଏହି ସମଗ୍ର ସୃଷ୍ଟି ହେଉଛି ବିଭିନ୍ନ ବିକାରରେ ଯୁକ୍ତ । ଗୁଣମାନଙ୍କ ମଧ୍ୟରେ କ୍ଷୋଭ (ଆଲୋଡ଼ନ) ସୃଷ୍ଟି ହେଲେ ହିଁ ଏହି ସୃଷ୍ଟି ସର୍ଜନା ହୁଏ ।

ସୃଷ୍ଟିର ୩ଟି ଭାଗ ହେଉଛି ଅଧ୍ୟାତ୍ମ, ଅଧିଦେବ ଓ ଅଧିଭୂତ । ଉଦାହରଣ ସ୍ୱରୂପ - ନେତ୍ର ହେଉଛି ଅଧ୍ୟାତ୍ମ, ତାହାର ବିଷୟ ଅର୍ଥାତ୍ ରୂପ ହେଉଛି ଅଧିଭୂତ ଏବଂ ନେତ୍ର ଗୋଲକରେ ସ୍ଥିତ ସୂର୍ଯ୍ୟ ଦେବତାଙ୍କ ଅଂଶ ହେଉଛି ଅଧିଦେବ । ଏହି ୩ଟି ପରସ୍ପର ଏକ ଆରେକରେ ଆଶ୍ରୟଦ୍ୱାରା ସିଦ୍ଧ ହୁଅନ୍ତି । ତେଣୁ ଅଧ୍ୟାତ୍ମ, ଅଧିଦୈବ ଓ ଅଧିଭୂତ – ତିନିଙ୍କ ଉପରେ ନିର୍ଭର- ଶୀଳତାରୁ ମୁକ୍ତ; କାରଣ ସେ ସ୍ୱତଃସିଦ୍ଧ । ସେହିପରି ଆତ୍ମା ମଧ୍ୟ ହେଉଛି ଉପରୋକ୍ତ ତିନିଙ୍କର ମୂଳ କାରଣ, ସେମାନଙ୍କର ସାକ୍ଷୀ ଓ ସେମାନଙ୍କର ଅତୀତ । ସେହି ଆତ୍ମା ହିଁ ତାହର ସ୍ୱୟଂସିଦ୍ଧ ଜ୍ୟୋତିରେ ସମସ୍ତ ପଦାର୍ଥକୁ ଆଲୋକିତ କରେ । ଆତ୍ମା ଅଛି ତ, ଅନ୍ୟମାନେ ବି ଅଛନ୍ତି । ଯେପରି ଚକ୍ଷୁର ୩ଟି ପ୍ରଭେଦ କଥା କୁହାଗଲା, ତ୍ୱଚା, କର୍ଣ୍ଣ, ଜିହ୍ୱା, ନାସା ଓ ଚିତ୍ତ ଆଦିର ମଧ୍ୟ ସେହିପରି ତ୍ରିବିଧ ପ୍ରଭେଦ ରହିଛି । ଯଥା- ତ୍ୱଚା, ସ୍ପର୍ଶ ଓ ବାୟୁ; କର୍ଣ୍ଣ, ଶବ୍ଦ ଓ ଦିଗ; ଜିହ୍ୱା, ରସ ଓ ବରୁଣ; ନାସିକା, ଗନ୍ଧ ଓ ଅଶ୍ୱିନୀକୁମାର; ଚିତ୍ତ, ଚିନ୍ତନର ବିଷୟ ଓ ବାସୁଦେବ; ମନ, ମନର ବିଷୟ ଓ ଚନ୍ଦ୍ରମା; ଅହଂକାର, ଅହଂକାରର ବିଷୟ ଓ ରୁଦ୍ର; ବୁଦ୍ଧି, ବୁଦ୍ଧିର ବିଷୟ ଓ ବ୍ରହ୍ମା । କିନ୍ତୁ ଏ ସମସ୍ତ ତ୍ରିବିଧ ତତ୍ତ୍ୱ ସହିତ ଆତ୍ମାର କୌଣସି ସମ୍ବନ୍ଧ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୃତିରୁ ମହତ୍ତ୍ୱ ବିକଶିତ ହୁଏ ଏବଂ ମହତ୍ତ୍ୱରୁ ଉତ୍ପନ୍ନ ହୁଏ ଅହଂକାର । ଏପରିଭାବରେ ଅହଂକାର ହେଉଛି ଗୁଣମାନଙ୍କର କ୍ଷୋଭରୁ ଉତ୍ପନ୍ନ ହୋଇଥିବା ପ୍ରକୃତିର ହିଁ ଏକ ବିକାର । ଅହଂକାର ତ୍ରିବିଧ – ୧) ବୈକାରୀକ – ଏଥିରୁ ସତ୍ତ୍ୱଗୁଣ ବିଶିଷ୍ଟ ମନ ଓ ଇନ୍ଦ୍ରିୟମାନଙ୍କର ଦେବତା ଉତ୍ପନ୍ନ; ୨) ତୈଜସ – ଏଥିରୁ ଦଶଇନ୍ଦ୍ରିୟ ଉତ୍ପନ୍ନ; ୩) ତାମସ – ଏଥିରୁ ପଞ୍ଚମହାଭୂତ ଓ ସେମାନଙ୍କର ପାଞ୍ଚ ବିଷୟ ଉତ୍ପନ୍ନ ହୁଅନ୍ତି । ଏପରି ଭାବରେ ଅହଂକାର ହିଁ ହେଉଛି ଅଜ୍ଞାନ ଓ ସୃଷ୍ଟିର ବିବିଧତାର ମୂଳ କାରଣ ।

ଆତ୍ମା ତ ବ୍ୟାପକ; ତାହା ପୁଣି ଏକ ଶରୀରରୁ ଅନ୍ୟ ଶରୀରକୁ ଯାଏ କିପରି ? ଅକର୍ତ୍ତା ହୋଇ ମଧ୍ୟ କର୍ମ କରେ କିପର ? ନିତ୍ୟ ହୋଇ ମଧ୍ୟ ଜନ୍ମ-ମରଣ ଲାଭ କରେ କିପର ? ଏସବୁ କିପରି ସମ୍ଭବ ?

ମର୍ତ୍ତ୍ୟେ ମନୁଷ୍ୟ ଦେହ ବହି । ଦେବତା ହୋଇଲେ ମରଇ । ।
ଯେସନେ ଅଗ୍ନି ଦାରୁ ସଙ୍ଗ । ହୁଅଇ ସଂଯୋଗ ବିୟୋଗ । ।
ଜନ୍ମ ମରଣ ତାକୁ ମାନି । ଏ ରୂପେ କହନ୍ତି ଅଜ୍ଞାନୀ । ।୧୧/୨୩/୪୫

ଅର୍ଥାତ୍ ଆତ୍ମା କୌଣସି କର୍ମବୀଜ ହେତୁ ଜନ୍ମ ହୁଏ ନାହିଁ, କି ମରେ ନାହିଁ । ସେ ଅମର । କାଠ ବା ଜାଳେଣି ଦ୍ରବ୍ୟର ସଂଯୋଗରେ ଅଗ୍ନି ଜଳିବା ପରି ଦେଖାଯାଏ ଏବଂ ଜାଳେଣି ଦ୍ରବ୍ୟ ସରିଗଲେ ଅଗ୍ନି ଲିଭିବା ପରି ଦେଖାଯାଏ; କିନ୍ତୁ ଅଗ୍ନିତତ୍ତ୍ୱ ତ ସର୍ବବ୍ୟାପକ; କାଠ ଜଳିବା ଓ ଲିଭିବା ଦ୍ୱାରା ଅଗ୍ନି ତତ୍ତ୍ୱରେ କୌଣସି ପ୍ରଭାବ ପଡ଼େ ନାହିଁ । ଠିକ୍ ସେହିପରି ଆତ୍ମାର ଜନ୍ମ-ମୃତ୍ୟୁ ନାହିଁ; ତଥାପି ଅଜ୍ଞାନୀକୁ ଭ୍ରମବଶତଃ ଆତ୍ମାର ଜନ୍ମ-ମୃତ୍ୟୁ ଥିବା ପରି ଜଣା ପଡ଼େ ।

ଗର୍ଭେ ପ୍ରବେଶ ଜନ୍ମ ବୃଦ୍ଧି । ବାଳୁତ ପଞ୍ଚମ ଅବଧି । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁମାର ଅବସ୍ଥା ଷୋଡ଼ଶ । ଯୌବନ ଚାଳିଶ ବରଷ । ।
ମଧ୍ୟମ ବୟସ ଷାଠିଏ । ଜରା ମରଣ ନବ ହୋଏ । । ୧୧/୨୩/୪୬

ଅର୍ଥାତ୍ ଗର୍ଭଧାରଣ, ଗର୍ଭବୃଦ୍ଧି, ଜନ୍ମ, ବାଲ୍ୟାବସ୍ଥା, କୈଶୋରାବସ୍ଥା, ଯୌବନାବସ୍ଥା, ପ୍ରୌଢ଼ାବସ୍ଥା, ବାର୍ଦ୍ଧକ୍ୟ ଓ ମୃତ୍ୟୁ – ଶରୀରର ହିଁ ୯ଟି ଅବସ୍ଥା । ଶରୀର ଜୀବ ଠାରୁ ଭିନ୍ନ ଏବଂ ଏସବୁ ବୃଦ୍ଧି-କ୍ଷୟ ଅବସ୍ଥା ଜୀବର ମନୋକଳ୍ପିତ ।

ସତ୍ତ୍ୱଗୁଣରୁ ଋଷିଦେବ । ରଜରୁ ଅସୁର ମାନବ । ।
ତମୁଁ ତିର୍ଯ୍ୟକ ଭୂତ ଜାତ । କର୍ମ ଭ୍ରମଣ ତିନିମତ । । ୧୧/୨୩/୫୧

ଅର୍ଥାତ୍ ଜୀବ ସାତ୍ତ୍ୱିକ କର୍ମରେ ଆସକ୍ତି ରଖିଲେ ଋଷିଲୋକ ଓ ଦେବଲୋକରେ, ରାଜସିକ କର୍ମରେ ଆସକ୍ତି ରଖିଲେ ମାନବଯୋନି ଓ ଅସୁରଯୋନିରେ ତଥା ତାମସୀ କର୍ମରେ ଆସକ୍ତି ରଖିଲେ ଭୂତପ୍ରେତ ଓ ପଶୁପକ୍ଷୀ ଯୋନିରେ ପଡ଼େ ।

ଯେ ଅବା ସ୍ତୁତି ଅପମାନ । ଏ ବେନି ଚିତ୍ତେ ତୁ ନ ଘେନ । ।
କେ ଅବା କରେ ଅପମାନ । ଭର୍ତ୍ସନ ତର୍ଜନ ତାଡ଼ନ । ।
କେ ଅବା କରେ ନିନ୍ଦା ସ୍ତୁତି । କେ ଉପହାସେ ବା ହସନ୍ତି । ।
କେ ଅବା ବଳେ ଧନ ନାଶେ । କେ ମାରେ କେବା ବାନ୍ଧେ ରୋଷେ । ।
ଭୋଜନ ପାତ୍ରେ ଧୂଳି ଦ୍ୟନ୍ତି । କେ ବଳେ ତୋଳି କତ୍ତ୍ୱଡ଼ନ୍ତି । ।
ତଥାପି ଧୀର ମହାଶୟ । ନିଷ୍କାମ ଗଭୀର ହୃଦୟ । ।
ଯେ ପ୍ରାଣୀ ନିନ୍ଦା ସ୍ତୁତି ସହେ । ଅଦୃଷ୍ଟ ମାନି ସ୍ଥିର ରହେ । ।
ଈଶ୍ୱରନିଷ୍ଠ ତତପରେ । ଆତ୍ମାକୁ ଆପଣେ ଉଦ୍ଧରେ । । ୧୧/୨୩/୫୭,୫୮

ଚତୁର୍ବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୩ଶ ଅଧ୍ୟାୟ) ରେ ଭିକ୍ଷୁ ଗୀତା କଥନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

- ତିରସ୍କାର ସହନ ସମ୍ବନ୍ଧରେ ଜଣେ ତିତୁକ୍ଷୁ ବ୍ରହ୍ମଣର ଦୃଷ୍ଟାନ୍ତ ବା ଭିକ୍ଷୁ ଗୀତା ଅର୍ଥାତ୍ ଉଜ୍ଜୟିନୀର ଏକ ସହିଷ୍ଣୁ ବ୍ରାହ୍ମଣ କଥା ବର୍ଣ୍ଣନା କରାଯାଇଛି । ବ୍ରାହ୍ମଣ ଜଣକ ବଡ଼ ଧନଲୋଭୀ, କୃପଣ, ସ୍ୱାର୍ଥପର ଓ ଜିଦି ଥିଲେ । ସବୁବେଳେ ଧନ ଆଦାୟ ଓ ସୟ କରି ଧନକୁ ଜଗି ବସୁଥିଲେ । କାହାକୁ ଧନ ଦେଉ ନ ଥିଲେ କି ନିଜେ ବି ଉପଭୋଗ କରୁ ନ ଥିଲେ । କିନ୍ତୁ କିଛି କାଳ ପରେ ତାଙ୍କର କିଛି ଧନ ଅନ୍ୟମାନେ ଛଡ଼େଇ ନେଇଗଲେ । କିଛି ଧନ ନିଆଁ ଲାଗି ପୋଡ଼ି ଗଲା ଓ ଦୈବୀକୋପ ବଳେ ନଷ୍ଟ ହୋଇଗଲା । ଅବଶିଷ୍ଟ ଯେତେକ ଥିଲା ତାହା କର ଓ ଦଣ୍ଡ ରୂପରେ ରାଜ୍ୟର ଶାସକବର୍ଗ ଛଡ଼ାଇ ନେଲେ । ପରେ ପରେ ସେ ବୁଝିପାରିଲେ ଯେ ଧନ ହିଁ ସକଳ ଦୁଃଖର କାରଣ, ତେଣୁ ସେ ବୈରାଗୀ ହୋଇଗଲେ । ଫଳରେ ପୂର୍ବ ଅବସ୍ଥାର ସ୍ମରଣ ରଖି ଅନ୍ୟ ଲୋକେ ତାଙ୍କୁ ବିଭିନ୍ନ ପୀଡ଼ା ଦେଲେ ଓ ଅତ୍ୟାଚାର କଲେ । କିନ୍ତୁ ବ୍ରାହ୍ମଣ ଜଣକ ବଡ଼ ସହିଷ୍ଣୁ ହୋଇଗଲେ । ନିଜର ଭୁଲ ବୁଝିପାରିଲେ । ତାଙ୍କ ମନରେ ଭଗବତ୍‌ଜ୍ଞାନ ଉଦୟ ହେଲା । ସେ ଆତ୍ମଜ୍ଞାନ, ତତ୍ତ୍ୱଜ୍ଞାନ ଓ ମୋକ୍ଷଜ୍ଞାନ ଭଳି ସଦ୍‌ଜ୍ଞାନ ପ୍ରାପ୍ତ ହୋଇ ହରିଭଜନ କରି କରି ଦିନ ବିତେଇଲେ । ସ୍ୱାର୍ଥ, ହିଂସା, ଈର୍ଷା, ଦ୍ୱେଷ, କ୍ରୋଧ୍ୟ, କାମନା ଉତ୍ୟାଦି ରିପୁମାନଙ୍କୁ ଦମନ କରି ପାରିଲେ । ପରିଶେଷାରେ ସେ ଏକ ଧର୍ମାତ୍ମା ହୋଇପାରିଲେ ।

ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ।।୧୧/୨୪/୧୪
କୃଷ୍ଣ ଯେସନେ ରୂପ ନାଶେ । ଲୋଭ ତେମନ୍ତ ଗୁଣ ଯଶେ ।।
ଅର୍ଜନେ ସାଧନେ ସୟେ । ଧନ ସେ ସର୍ବଦୁଃଖମୟେ ।।୧୧/୨୪/୧୬,୧୭
ଚଉର୍ଯ୍ୟ ହିଂସା ମିଥ୍ୟା ଦମ୍ଭ । ଭେଦ ବଇର ମଦ ଗର୍ବ ।।
କାମ କ୍ରୋଧ ଯେ ଅବିଶ୍ୱାସ । ସ୍ପର୍ଦ୍ଧା ବ୍ୟସନ ଯେ ବିଶେଷ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏ ପଞ୍ଚଦୋଷ ଦୋଷ ଧନେ । ଏଣୁ ପଣ୍ଡିତ ସାଧୁ ଜନେ ।।
ଧନ ସଞ୍ଚୟ ଦୂର କରି । ନିୟତ କର୍ମକୁ ଆବୋରି ।।
ଧୀରେ ରହନ୍ତି ସମ ଚିତ୍ତେ । ଧନ୍ୟ ଜୀବନ ଏ ଜଗତେ ।। ୧୧/୨୪/୧୮,୧୯

ଅର୍ଥାତ୍ ଚୋରି, ହିଂସା, ମିଥ୍ୟା, ଦମ୍ଭ, କାମ, କ୍ରୋଧ୍ୟ, ଗର୍ବ, ଅହଂକାର, ଭେଦବୁଦ୍ଧି, ଶତ୍ରୁତା, ଅବିଶ୍ୱାସ, ପ୍ରତିଦ୍ୱନ୍ଦିତା, ଲମ୍ପଟତା, ଜୁଆ ଓ ମଦ୍ୟପାନ - ଧନ ହେତୁ ମନୁଷ୍ୟଠାରେ ଏପରି ୧୫ଟି ଦୋଷ ଆସିଥାଏ । ତେଣୁ କଲ୍ୟାଣକାମୀ ପୁରୁଷ ସ୍ୱାର୍ଥ ଏବଂ ପରମାର୍ଥର ବିରୋଧୀ ଅର୍ଥନାମଧାରୀ ଏହି ଅନର୍ଥଠାରୁ ଦୂରେଇ ରହିବା ଉଚିତ ।

ଧନର ଦୋଷ ଆର ଯେତେ । କହିବା ଶୁଣ ଏକ ଚିତ୍ତେ ।।
ତାତ ଜନନୀ ଭ୍ରାତା ସୁତ । ସୁହୃଦ ବାନ୍ଧବ କଳତ୍ର ।।
ଏହାଙ୍କୁ ଦେଖି ରିପୁ ପ୍ରାୟେ । ଧନ ସଞ୍ଚୟ ନିତ୍ୟେ ଧ୍ୟାୟେ ।।
ଭେଦ ଉପୁଜେ ବନ୍ଧୁକୁଳେ । ଧନ ସଞ୍ଚୟନ ବ୍ୟାକୁଳେ ।।
ବିଚ୍ଛେଦ କରେ ଦାରା ସୁତ । କଦର୍ଯ୍ୟ ବୋଲନ୍ତି ଜଗତ ।।
ଧନ ଏ ସକଳ କାରଣ । କୃପଣେ ମର୍ଯ୍ୟାଦା ଲଂଘନ ।।
ଅଳପ ଧନର କାରଣେ । ବଇର ବଢ଼େ ଅନୁକ୍ଷଣେ ।।
ସ୍ୱଜନ ବନ୍ଧୁ କୁଳଭେଦେ । କନ୍ଦଳ ବାଦ ଅନୁବାଦେ ।। ୧୧/୨୪/୨୦,୨୧
ଗ୍ରହ ଦେବତା କାଳ କର୍ମ । ଆତ୍ମା କି ଅବା କେହି ଜନ ।।
ନୁହଁନ୍ତି ସୁଖ ଦୁଃଖ ଦାତା । ମନଟି ପରମ କରତା ।।
ଜନ୍ମ ମରଣ ବେନି ପଥେ । ଯେ ମନ ଭ୍ରମାଏ ନିରତେ ।। ୧୧/୨୪/୪୩
ଯେ ପ୍ରାଣୀ ଆତ୍ମାକୁ ନ ଜାଣେ । ସେ ରିପୁ ମିତ୍ର ପରିମାଣେ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାୟା ସଂସାରେ ଜ୍ଞାନ ହାରି । ଜୀବକୁ ଜୀବ ହିଂସା କରି । ।
ସ୍ୱଭାବେ ଜୀବ ନିର୍ବିକାର । ଦୋଷ ଅଦୋଷ ନାହିଁ ତାର । ।
ଆପଣା ହସ୍ତେ ଜିହ୍ୱା ଛେଦି । କେ ଅଛି ତାର ପ୍ରତିବାଦୀ । ।୧୧/୨୪/୫୧

ପଞ୍ଚବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୪ଶ ଅଧ୍ୟାୟ) ରେ ସାଂଖ୍ୟ ମତାନୁସାରେ ବ୍ରହ୍ମାସୃଷ୍ଟି ସୃଜନ କଥନ । ସାଂଖ୍ୟଯୋଗ – ସୃଷ୍ଟି ସର୍ଜନାର କ୍ରମଗତି କଳ୍ପ ପ୍ରାରମ୍ଭରେ ଯେତେବେଳେ କୌଣସି ଯୁଗ ନ ଥିଲା, ସେତେବେଳେ, କେବଳ ଗୋଟିଏ ମାତ୍ର ତତ୍ତ୍ୱ ଥିଲା । ସତ୍ୟଯୁଗ ଆସିଲାରୁ ବ୍ରହ୍ମ ହିଁ ଅଦ୍ୱିତୀୟ ସତ୍ୟ ବୋଲି ଧରାଗଲା । ସେଥିରୁ ପ୍ରକୃତି ଓ ପୁରୁଷ ସୃଷ୍ଟି ହେଲା । ପ୍ରକୃତିରୁ ତ୍ରିଗୁଣ – ସତ୍ତ୍ୱ, ରଜ ଓ ତମ ପ୍ରକଟ ହେଲା । ତ୍ରିଗୁଣରୁ ସୂତ୍ର ଓ ମହତ୍ତ୍ୱ ସୃଷ୍ଟି ହୋଇ ଏକତ୍ର ରହିଲା । ମହତ୍ତ୍ୱରୁ ଅହଂକାର ଜାତ ହେଲା । ଅହଂକାର ହେଉଛି ତ୍ରିଗୁଣ, ପତନ୍ମାତ୍ର, ଇନ୍ଦ୍ରିୟ ଓ ମନର କାରଣ । ଅର୍ଥାତ୍ ତାମସ ଅହଂକାରରୁ ପଞ୍ଚତନ୍ମାତ୍ର ଏବଂ ଏଥିରୁ ପଭୂତ ସୃଷ୍ଟି ହେଲା । ସେହିପରି ରାଜସ ଅହଂକାରରୁ ଇନ୍ଦ୍ରିୟମାନେ ଓ ସାତ୍ତ୍ୱିକ ଅହଂକାରରୁ ୧୧ଟି (ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ଓ ମନ) ଇନ୍ଦ୍ରିୟଙ୍କର ୧୧ଟି ଅଧିଷ୍ଠାତା ଦେବତା ସୃଷ୍ଟି ହେଲେ । ଉପରୋକ୍ତ ସମସ୍ତେ ଏକତ୍ର ମିଳିତ ହୋଇ ଅଣ୍ଡ ଉତ୍ପନ୍ନ କଲେ । ତାହା ଜଳରେ ରହିଲା । ନାରାୟଣ ସେଥିରୁ ପ୍ରକଟ ହେଲେ । ନାରାୟଣଙ୍କ ନାଭିରୁ ବ୍ରହ୍ମକମଳ ଓ ସେଥିରୁ ବ୍ରହ୍ମାଙ୍କ ଆବିର୍ଭାବ ହେଲା । ସେହି ବ୍ରହ୍ମା ବହୁ ତପସ୍ୟା କରି ରଜଗୁଣ ଦ୍ୱାରା ଭୂଃ (ପୃଥିବୀ), ଭୁବଃ (ଆକାଶ) ଓ ସ୍ୱଃ (ସ୍ୱର୍ଗ) ଏପରି ତିନି ଲୋକ ଏବଂ ସେହି ଲୋକମାନଙ୍କର ଲୋକପାଳମାନଙ୍କୁ ଉତ୍ପନ୍ନ କଲେ । ତାପରେ ଦେବତା, ଭୂତପ୍ରେତ, ମନୁଷ୍ୟ, ସିଦ୍ଧ, ନାଗ, ଯକ୍ଷ, କିନ୍ନର ତଥା କର୍ମ, ଧର୍ମ, ଯଜ୍ଞ, ପୂଜା ପଦ୍ଧତି ଭଳି ସମସ୍ତ ବ୍ୟବସ୍ଥା; ଜଳ, ବାୟୁ, ଅଗ୍ନି ଭଳି କାରକ ଏବଂ ସୁଖ, ଦୁଃଖ, ମାୟା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋହ, ପାପ, ପୁଣ୍ୟ ଭଳି ପ୍ରକୃତି ଗୁଡ଼ିକୁ ସୃଷ୍ଟି କଲେ । କାଳକ୍ରମେ ସୃଷ୍ଟି ପରେ ପ୍ରଳୟ ଓ ପ୍ରଳୟ ପରେ ପୁଣି ସୃଷ୍ଟି ଅନବରତ ଓ୍ୱଲି ରହିଲା । ସମଗ୍ର ପ୍ରପ (ଜଗତ)ର ଉପାଦାନ କାରଣ ହେଉଛି ପ୍ରକୃତି (ପରମାତ୍ମା) ଓ ଆଧାର ହେଉଛି ପୁରୁଷ (ଜୀବାତ୍ମା) ଏବଂ ଏହାକୁ ପ୍ରକଟ କରିଛି କାଳ । ଏହି ତ୍ରିବିଧତା ହେଉଛି ବସ୍ତୁତଃ ବ୍ରହ୍ମସ୍ୱରୂପ ଏବଂ ନାରାୟଣ ହେଉଛନ୍ତି ସେହି ଶୁଦ୍ଧ ବ୍ରହ୍ମ ।

ଷଡ୍‌ବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୫ଶ ଅଧ୍ୟାୟ) ରେ ତ୍ରିଗୁଣର ବୃତ୍ତି ନିରୂପଣ - ଲକ୍ଷଣ କଥନ ।

ସତ୍ତ୍ୱଗୁଣର ବୃତ୍ତିଗୁଡ଼ିକ ହେଉଛି – ଶମ (ମନସଂଯମନ), ଦମ (ଇନ୍ଦ୍ରିୟ ନିଗ୍ରହ), ତିତିକ୍ଷା (ସହିଷ୍ଣୁତା), ବିବେକ. ତପ, ସତ୍ୟ, ଦୟା, ସ୍ମୃତି, ସନ୍ତୋଷ, ତ୍ୟାଗ, ବିଷୟ ପ୍ରତି ଅନାସକ୍ତି, ଶ୍ରଦ୍ଧା, ଲଜ୍ଜା (ପାପ କରିବାରେ ସ୍ୱାଭାବିକ ସଙ୍କୋଚ), ଆତ୍ମରତି, ଦାନ, ବିନୟ, ସରଳତା ଇତ୍ୟାଦି ।

ରଜୋଗୁଣର ବୃତ୍ତିଗୁଡ଼ିକ ହେଉଛି – ଇଚ୍ଛା, ପ୍ରଯତ୍ନ, ଗର୍ବ, ତୃଷ୍ଣା (ଅସନ୍ତୋଷ), ଜିଦି, ଦେବତାମାନଙ୍କୁ ଧନ ଆଦି ପ୍ରାର୍ଥନା କରିବା, ବିଭେଦ ଦର୍ଶନ, ବିଷୟଭୋଗ, ଯୁଦ୍ଧାଦି ପାଇଁ ମଦଜନିତ ଉତ୍ସାହ, ନିଜ ଯଶପ୍ରାପ୍ତିରେ ଆନନ୍ଦ, ହାସ୍ୟ, ପରାକ୍ରମ ଓ ଜିଦିପୂର୍ବକ ଉଦ୍ୟମ କରିବା ଇତ୍ୟାଦି ।

ତମୋଗୁଣର ବୃତ୍ତିଗୁଡ଼ିକ ହେଉଛି – କ୍ରୋଧ (ଅସହିଷ୍ଣୁତା), ଲୋଭ, ମିଥ୍ୟାଭାଷଣ, ହିଂସା, ଯାଚନା (ମାଗିବା), ପାଷାଣ୍ଡତା, ଶ୍ରମ, କଳହ, ଶୋକ, ମୋହ, ବିଷାଦ, ଦୀନତା, ନିଦ୍ରା, ଆଶା, ଭୟ, ଅକର୍ମଣ୍ୟତା ଇତ୍ୟାଦି ।

ମନୁଷ୍ୟ ଯେତେବେଳେ ଧର୍ମ, ଅର୍ଥ ଓ କାମ ରୂପକ ପୁରୁଷାର୍ଥ ଅର୍ଜନ କରିବାକୁ ପ୍ରସ୍ତୁତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୁଏ, ସେତେବେଳେ ସେ ଏହି ୩ ଗୁଣ ଆବଶ୍ୟକ କରେ । ସେତେବେଳେ ତାକୁ ସତ୍ତ୍ୱଗୁଣରୁ ଶ୍ରଦ୍ଧା, ରଜୋଗୁଣରୁ ରତି (ସାଂସାରିକ ଅଭିରୁଚି) ଏବଂ ତମୋଗୁଣରୁ ଧନ ପ୍ରାପ୍ତି ହୁଏ । ଏସବୁ ମଧ୍ୟ ଗୁଣମାନଙ୍କର ମିଶ୍ରଣରୁ ହୁଏ ।

ଯାହାର ଶମ ଦମ ଦୟା । ସୁଶାନ୍ତି ଅନ୍ତରେ ନିର୍ମାୟା । ।
ସେ ସତ୍ତ୍ୱଯୁତ ଅନୁମାନି । କାମାଦିଯୁକ୍ତ ରଜୋଗୁଣୀ । ।
ଦମ୍ଭ ମତ୍ସର କ୍ରୋଧ ଯାର । ସେ ପ୍ରାଣୀ ତମ ଦୁରାଚାର । । ୧୧/୨୬/୯

ଅର୍ଥାତ୍ ମାନସିକ ଶାନ୍ତି ଓ ଜିତେନ୍ଦ୍ରୟତା ଆଦି ଗୁଣମାନଙ୍କରୁ ସତ୍ତ୍ୱଗୁଣୀ ପୁରୁଷକୁ, କାମନା ଆଦିରୁ ରଜୋଗୁଣୀ ପୁରୁଷକୁ ଏବଂ କ୍ରୋଧ-ହିଂସା ଆଦିରୁ ତମୋଗୁଣୀ ପୁରୁଷକୁ ଚିହ୍ନା ଯାଇପାରେ । କେହି ପୁରୁଷ ହୋଇଥାଉ, କି ସ୍ତ୍ରୀ ହୋଇଥାଉ, ସେ ଯଦି ନିଷ୍କାମ ହୋଇ ନିଜର ନିତ୍ୟ ନୈମିତ୍ତିକ କର୍ମଗୁଡ଼ିକ ଦ୍ୱାରା ମୋତେ ଆରାଧନା କରୁଥାଏ, ତେବେ ଜାଣ ଯେ, ସେ ହେଉଛି ସତ୍ତ୍ୱଗୁଣୀ ମନୁଷ୍ୟ ।

ଯେ ସକମୀ ଭାବରେ ନିଜର କର୍ମଦ୍ୱାରା ମୋର ଭଜନ-ପୂଜନ କରୁଥାଏ, ତାକୁ ରଜୋଗୁଣୀ ବୋଲି ଏବଂ ଯେ ଶତ୍ରୁକୁ ମାରିବା ବା କ୍ଷତିଗ୍ରସ୍ତ କରିବା ନିମନ୍ତେ ମୋର ଭଜନ-ପୂଜନ କରୁଥାଏ, ତାକୁ ତମୋଗୁଣୀ ବୋଲି ଜାଣିବା ଉଚିତ ।

ସତ୍ତ୍ୱ, ରଜ ଓ ତମ ଗୁଣ ହେଉଛି ଜୀବର ଗୁଣ; ଭଗବାନଙ୍କର ନୁହେଁ । ଏହି ସବୁ ଗୁଣ ପ୍ରାଣୀମାନଙ୍କର ଚିତ୍ତରେ ଉତ୍ପନ୍ନ ହୁଏ । ଏସବୁ ଗୁଣ ହେତୁ ହିଁ ଜୀବ ଧନାଦିରେ ଆସକ୍ତ ହୋଇ ବନ୍ଧନରେ ପଡ଼ିଯାଏ । ମାନସିକ ପ୍ରବଣାତା ବା ବୃତ୍ତିମାନଙ୍କ କ୍ଷେତ୍ରରେ ବି ସତ୍ତ୍ୱାଦିଗୁଣ ବଢ଼ିଲେ ଯଥାକ୍ରମେ ଦେବତ୍ୱ, ଅସୁରତ୍ୱ ଓ ରାକ୍ଷସତ୍ୱ-ପ୍ରଧାନ ନିବୃତ୍ତି, ପ୍ରବୃତ୍ତି ଅଥବା ମୋହର ପ୍ରାଧାନ୍ୟ ଦେଖାଦିଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହାଙ୍କର ସତ୍ତ୍ୱଗୁଣବୃଦ୍ଧି ସମୟରେ ମୃତ୍ୟୁ ହୁଏ, ସେ ସ୍ୱର୍ଗ ଲାଭ କରନ୍ତି । ଯାହାଙ୍କର ରଜୋଗୁଣବୃଦ୍ଧି ସମୟରେ ମୃତ୍ୟୁ ହୁଏ, ତାଙ୍କୁ ମର୍ତ୍ତ୍ୟଲୋକ ମିଳେ । ଯେ ତମୋଗୁଣବୃଦ୍ଧି ଘଟିଥିବା ସମୟରେ ମରନ୍ତି, ସେ ନରକରେ ପଡ଼ନ୍ତି । କିନ୍ତୁ ଯେଉଁ ପୁରୁଷ ତ୍ରିଗୁଣାତୀତ ବା ଜୀବନ୍ମୁକ୍ତ ହୋଇଯାଇଥାନ୍ତି, ସେ ଭଗାବନଙ୍କୁ ଲାଭ କରନ୍ତି ।

ମନୁଷ୍ୟ ନିଷ୍କାମଭାବରେ କିମ୍ବା ମୋତେ ସମର୍ପଣ କରିବା ନିମନ୍ତେ ଧର୍ମାଚରଣ କରୁଥିଲେ ସେହି ଧର୍ମାଚରଣ ସାତ୍ତ୍ୱିକ ହୋଇଯାଏ । ଯଦି କୌଣସି ଫଳପ୍ରାପ୍ତି କାମନା ରଖି କର୍ମ ଅନୁଷ୍ଠାନ କରାଯାଏ, ତେବେ ତାହା ରାଜସିକ ହୋଇଯାଏ ଏବଂ ଯେଉଁ କର୍ମ ଅନ୍ୟକୁ ଦୁଃଖ ଦେବା ନିମନ୍ତେ ଅଥବା ଦେଖାଇହେବା ନିମନ୍ତେ କରାଯାଏ, ତାହା ତାମସିକ ହୋଇଯାଏ ।

ଆତ୍ମାକୁ ଶୁଦ୍ଧ ବୋଲି ଜାଣିବା ହେଉଛି ସାତ୍ତ୍ୱିକ ଜ୍ଞାନ । ଆତ୍ମାକୁ କର୍ତ୍ତା-ଭୋକ୍ତା ବୋଲି ବୁଝିବା ହେଉଛି ରାଜସ ଜ୍ଞାନ ଏବଂ ନିଜ ଶରୀରକୁ ହିଁ ଆତ୍ମା ବୋଲି ଧରିନେବା ହେଉଛି ତାମସିକ ଜ୍ଞାନ । ଏହି ତିନି ବିଷୟରୁ ଅତୀତ ଭଗବାନଙ୍କ ସ୍ୱରୂପ ବିଷୟକ ବାସ୍ତବିକ ଜ୍ଞାନ ହିଁ ଗୁଣାତୀତ ଜ୍ଞାନ ।

ବନରେ (ନିରୋଳରେ ବା ପବିତ୍ର ସ୍ଥାନରେ) ରହିବା ହେଉଛି ସାତ୍ତ୍ୱିକ ନିବାସ । ଗ୍ରାମରେ ରହିବା ହେଉଛି ରାଜସିକ ନିବାସ ଓ ଜୁଆଖେଳ ଘରେ ରହିବା ହେଉଛି ତାମସିକ ନିବାସ । ଏସବୁ ଛାଡ଼ି ଭଗବାନଙ୍କ ମନ୍ଦିରରେ ରହିବା ହେଉଛି ନିର୍ଗୁଣ ନିବାସ ।

ଅନାସକ୍ତ ହୋଇ କର୍ମ କରୁଥିବା ପୁରୁଷ ସାତ୍ତ୍ୱିକ, ଆସକ୍ତିପ୍ରବଣ ହୋଇ କର୍ମ କରୁଥିବା ପୁରୁଷ ରାଜସିକ ଏବଂ ପୂର୍ବାପର ବିଚାର ନ କରି କର୍ମ କରୁଥିବା ପୁରୁଷ ହେଉଛି ତାମସିକ । ଏସବୁର ଉପରେ, ଯେଉଁ ବ୍ୟକ୍ତି କେବଳ ଭଗବାନଙ୍କର ଶରଣାପନ୍ନ ହୋଇ ବିନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅହଂକାରରେ କର୍ମ କରନ୍ତି, ସେ ହେଉଛନ୍ତି ନିର୍ଗୁଣ କର୍ତ୍ତା ।

ଦ୍ରବ୍ୟ, ଦେଶ, ଫଳ, କାଳ, ଜ୍ଞାନ, କର୍ମ, କର୍ତ୍ତା, ଶ୍ରାଦ୍ଧ, ଅବସ୍ଥା, ଦେବ-ମନୁଷ୍ୟ-ତୀର୍ଯ୍ୟଗାଦି ଶରୀର ଓ ନିଷ୍ଠା – ଏସବୁ ହେଉଛି ତ୍ରିଗୁଣାତ୍ମକ ।ଜୀବକୁ ଯେତେ ସବୁ ଯୋନି ବା ଗତି ମିଳେ, ସେସବୁ ତାର ଗୁଣ ଓ କର୍ମ ଅନୁସାରେ ମିଳେ ।ସବୁ ଗୁଣ ଚିତ୍ତ ସହିତ ସମ୍ବନ୍ଧିତ ।ଯେଉଁ ଜୀବ ସେସବୁକୁ ଜୟ କରିପାରେ, ସେ ଭକ୍ତିଯୋଗଦ୍ୱାରା ଭଗବାନଙ୍କ ଠାରେ ନିଷ୍ଠାବାନ୍ ହୋଇଯାଏ ଏବଂ ଅନ୍ତକାଳରେ ଭଗବାନଙ୍କୁ ପାଇଯାଏ ।

ଧ୍ୟାନଯୋଗଦ୍ୱାରା ଚିତ୍ତବୃତ୍ତିମାନଙ୍କୁ ଶାନ୍ତ କରିଦେଇ, କାହାରି ଉପରେ ନିର୍ଭର ନ କରି ଜୀବ ସତ୍ତ୍ୱଗୁଣକୁ ମଧ୍ୟ ଜୟ କରିପାରିବ ।ଏପରିଭାବେ ଗୁଣମାନଙ୍କଠାରୁ ମୁକ୍ତ ହୋଇଗଲେ ଜୀବ ନିଜର ଜୀବ ଭାବ ଛାଡ଼ିଦେଇ ଭଗବାନଙ୍କ ସହିତ ସମ୍ପୂର୍ଣ୍ଣ ମିଶିଯାଏ । ସେ ଭଗବାନଙ୍କ ସହିତ ଏକ ହୋଇଯାଏ ।ଜୀବଭାବରୁ ମୁକ୍ତ ହୋଇଯାଇ ସେ ଅନ୍ତଃକରଣରେ ଉତ୍ପନ୍ନ ହୋଇଥିବା ଗୁଣମାନଙ୍କଠାରୁ ମଧ୍ୟ ମୁକ୍ତ ହୋଇଯାଏ ଏବଂ ପୂର୍ଣ୍ଣ ପରମାତ୍ମାଙ୍କ ସହିତ ଅର୍ଥାତ୍ ଭଗବାନଙ୍କ ସହିତ ମିଶି ଏକାକାର ହୋଇଯାଏ ।ତା'ପରେ ତାର ଆଉ ପୁନରାଗମନ ହୁଏ ନାହିଁ ।

ସପ୍ତବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୬ଶ ଅଧ୍ୟାୟ) ରେ ପୁରୁରବା ଦୃଷ୍ଟାନ୍ତ ଦ୍ୱାରା କୁସଂଗ ଓ ସାଧୁ ସଂଗର ପରିଣାମ କଥନ ।ପୁରୁରବା ଓ ଉର୍ବଶୀଙ୍କ ଚରିତ ନବମ ସ୍କନ୍ଧର ୧୪ଶ ଅଧ୍ୟାୟରେ ଆଗରୁ ବର୍ଣ୍ଣିତ ।ଇଳାନନ୍ଦନ ରାଜା ପୁରୁରବା ପ୍ରଥମେ ଉର୍ବଶୀଙ୍କ ବିରହରେ ଅତ୍ୟନ୍ତ ମୁହ୍ୟମାନ ହୋଇଯାଇଥିଲେ ।ପରେ ଶୋକ ଦୂର ହେବାରୁ ତାଙ୍କର ମନରେ ପ୍ରବଳ ବୈରାଗ୍ୟ ଜାତ ହେଲା ।ସେତେବେଳେ ସେ ଗୋଟିଏ ଗାଥା (ଶ୍ଳୋକ ୭ମ ରୁ ୨୪ଶ ପର୍ଯ୍ୟନ୍ତ ବର୍ଣ୍ଣିତ) ଗାଇଥିଲେ ।ଅର୍ଥାତ୍ ଉର୍ବଶୀଙ୍କ ପ୍ରେମରେ ଅନ୍ଧ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ହୋଇ, ତାର ବାହୁବେଷ୍ଟନୀ ବନ୍ଧନରେ ରହି ପୁରୁରବା ଜୀବନର ଅମୂଲ୍ୟ ସମୟ ନଷ୍ଟ କରି ଦେଇଥିଲେ । କାମାନ୍ଧ ହୋଇ ଯାଇଥିଲେ । କିନ୍ତୁ ପରେ ସେ ନିଜ ଭୁଲ୍ ବୁଝିପାରି ଭଗବତ୍ କୃପାରୁ ମୋହଜାଲରୁ ମୁକ୍ତି ହେଲେ ।

ଅନେକ ଜନ୍ମ ତପ ଫଳେ । ମନୁଷ୍ୟ ଜନ୍ମ ମହୀତଳେ । ।
ଯାହାର ଦିବ୍ୟ ଜ୍ଞାନ ସ୍ଫୁରେ । ମୋର ମହିମା ସେ ସୁମରେ । । ୧୧/୨୭/୧
ଯେ ଶିଶ୍ନୋଦର ପରାୟଣ । ଅସାଧୁ ମତି ଯେ ଦୁର୍ଜନ । ।
ତା ସଙ୍ଗେ ଯେହୁ ସଙ୍ଗ ହୋଇ । ସେ ନିଶ୍ଚେ ନରକେ ପଡ଼ଇ । ।
ଅନ୍ଧକୁ ହୋଇ ଅନୁଗତ । ଅନ୍ଧ ଯେସନେ ପଡ଼େ ଖାତ । ।
ଏଣୁ ଦୁର୍ଜନ ସଙ୍ଗ ଦୋଷ । କରେ ସକଳ ଜ୍ଞାନ ଧ୍ୱଂସ । । ୧୧/୨୭/୩
ବିଦ୍ୟା ତପସ୍ୟା ଶାସ୍ତ୍ର ଦାନ । ଏକାନ୍ତ ନିବାସ ମଉନ । ।
ଏଣେ ତା ପ୍ରୟୋଜନ କିସ । ଯା ମନ ନାରୀ କଲା ବଶ । । ୧୧/୨୭/୧୨
ଏ ଦେହେ କିବା କାର୍ଯ୍ୟ ଅଛି । ଦୁର୍ଗନ୍ଧ ମଳିନ ଅଶୁଚି । ।
ରୁଧିର ମାଂସ ମଳ ମୂତ୍ର । ଅନ୍ତ୍ର ଜଡ଼ିତ ଶିରା ସୂତ୍ର । ।
ଅସ୍ଥି ନିର୍ମିତ ଗଣ୍ଠି ଚର୍ମେ । ଏ ନର ଦେହ ପାଇ କର୍ମେ । ।
ଏ ସର୍ବ ଅମେଧ୍ୟ ମନ୍ଦିର । ଅନିତ୍ୟ ନର କଳେବର । ।
ଏହାକୁ ନିତ୍ୟ ପ୍ରାୟେ ମଣି । ଯେ ପ୍ରାଣୀ ରମନ୍ତି ତରୁଣୀ । ।
ସେ କୀଟ କୃମି ସଙ୍ଗେ ସଙ୍ଗ । ଯେ ସତ୍ୟ ମଣେ ନାରୀ ଅଙ୍ଗ । ।
ଏ ବୋଲ ବୁଝି ସ୍ତିରୀ ସଙ୍ଗେ । ପଣ୍ଡିତ ନୋହେ ମତି ଭଙ୍ଗେ । ।
ବିଷୟ ସଙ୍ଗେ ଇନ୍ଦ୍ରିମେଳେ । ମନ ବିକ୍ଷେପ ରସଭୋଳେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିତ୍ୟେ ସେବନ୍ତି ଅନୁ ସଙ୍ଗେ । ଯେସନେ ଜଳଧି ତରଙ୍ଗେ । ।

ବଢ଼ଇ ରସଲୋଭେ ଚିତ୍ତ । କେବେହେଁ ନୁହଇ ଆୟତ୍ତ । ।୧୧/୨୭/୧୮ ରୁ ୨୨

ସ୍ୱଭାବେ ସାଧୁଜନ ଯେତେ । ସମାନ ଦେଖନ୍ତି ଜଗତେ । ।

ମିତ୍ର ଅଇରି ବେନି ପକ୍ଷ । ତାହାଙ୍କ ଚିତ୍ତ ନିରପେକ୍ଷ । ।

ଚିତ୍ତ ନିବେଶି ମୋ ଚରଣ । ସ୍ୱଭାବେ ଶାନ୍ତି ପରାୟଣ । ।

ନିଦ୍ୱର୍ନ୍ଦ ନିଷ୍କାମ ନିର୍ମୋହ । ନାହିଁ ତାହାଙ୍କ ପରିଗ୍ରହ । ।୧୧/୨୭/୨୭

ଯିଏ ସନ୍ଥପୁରୁଷଙ୍କ ଶରଣ ଗ୍ରହଣ କରେ, ତାର ଆସକ୍ତି, ସଂସାରଭୟ ଓ ତାର ମୂଳକାରଣ ଅଜ୍ଞାନ ସର୍ବଥା ନିବୃତ୍ତ ହୋଇଯାଏ । ଯଥା -

ଅଗ୍ନି ସେବନେ ଯେହ୍ନେ ଶୀତ । ତେମନ୍ତ ସାଧୁଙ୍କ ସଙ୍ଗତ । ।

କର୍ମବାସନା ନାଶ କରେ । ନ ପୁଣି ପଡ଼ଇ ସଂସାରେ । ।୧୧/୨୭/୩୧

ଏ ଘୋର ସଂସାର ତରଙ୍ଗ । ନିସ୍ତାର ହେତୁ ସାଧୁ ସଙ୍ଗ । ।

ସାଧୁସଙ୍ଗମ ନାବେ ବସି । ନିସ୍ତାର ଘୋର ଜଳରାଶି । ।୧୧/୨୭/୩୨

ଘୋର ରଜନୀ ଅନ୍ଧକାର । ଯେସନେ ହରେ ଦିବାକର । ।

ଜ୍ଞାନଚକ୍ଷୁକୁ ଦେଇ ସନ୍ଥ । ଅଜ୍ଞାନ ତମ କରେ ହତ । ।

ସୁଜନ ଜନର ଏ ଭାବ । ଉଦ୍ଧବେ କହିଲେ ମାଧବ । ।୧୧/୨୭/୩୪

ହରି ଭକତଙ୍କ ମହିମା । କେ ଜାଣି ପାରେ ଗୁଣସୀମା । ।

ଭକତି ଯୋଗ ଅବଧାନେ । ସଂସାରୁ ତର ସାଧୁଜନେ । ।

ହରିଙ୍କ ଗୁଣ କର୍ମମାନ । ହରଇ ପାପ କୋଟିଜନ୍ମ । ।୧୧/୨୭/୩୬

ଅଷ୍ଟବିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୭ଶ ଅଧ୍ୟାୟ) ରେ କ୍ରିୟାଯୋଗ -

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ରିୟାତ୍ମକ ଉପାସନା ବିଧି – ଭଗବତ୍ ପୂଜା ପଦ୍ଧତି ବର୍ଣ୍ଣନ - ପ୍ରତିମା ପୂଜା ଲକ୍ଷଣ ଉତ୍ୟାଦି କଥନ ଓ ବର୍ଣ୍ଣନ ।

ଭଗବାନଙ୍କର ପୂଜା ପଦ୍ଧତି ବୈଦିକ, ତାନ୍ତ୍ରିକ ଓ ମିଶ୍ରିତ (ଉଭୟ ବୈଦିକ ଓ ତାନ୍ତ୍ରିକ) – ଏପରି ୩ ପ୍ରକାର ବିଧିରେ କରାଯାଏ ।ଏହି ୩ଟି ମଧ୍ୟରୁ ଯେଉଁ ବିଧିଟି ଭକ୍ତଙ୍କୁ ଅନୁକୂଳ ଜଣାପଡ଼େ, ସେ ସେହି ବିଧିରେ ଭଗବାନଙ୍କର ଆରାଧନା କରନ୍ତି ।

ଏହି ଅଧ୍ୟାୟର ଶ୍ଳୋକ୯ ରୁ୪୭ ମଧ୍ୟରେ ଭଗବତ୍ ପୂଜାପଦ୍ଧତି ବର୍ଣ୍ଣନା କରାଯାଇଛି । ଭଗବାନଙ୍କର ପ୍ରତିମା ୮ପ୍ରକାର – ୧. ଶିଳା, ୨. ଦାରୁ, ୩. ଧାତୁ, ୪. ମାଟି ଓ ଚନ୍ଦନ ଆଦିରେ ନିର୍ମିତ, ୫. ଚିତ୍ରମୟୀ (ଫଟୋ), ୬. ବାଲୁକାମୟୀ ୭. ମନୋମୟୀ ଓ ୮. ମଣିମୟୀ ପ୍ରତିମା । ମନ୍ଦିର ମାନଙ୍କରେ ଚଳନ୍ତି ଓ ଅଚଳନ୍ତି – ଏପରି ୨ ପ୍ରକାର ପ୍ରତିମା ପ୍ରତିଷ୍ଠିତ ହୋଇଥାନ୍ତି । ଅଚଲନ୍ତି ପ୍ରତିମା ମନ୍ଦିରରେ ରହନ୍ତି ଓ ଚଳନ୍ତି ପ୍ରତିମା ଯାତ୍ରା ଆଦିରେ ବାହରନ୍ତି । ଅଚଳନ୍ତି ପ୍ରତିମାଙ୍କ ପୂଜାରେ ପ୍ରତିଦିନ ଆବାହନ ଓ ବିସର୍ଜନ କରିବା ଅନାବଶ୍ୟକ । ଚଳନ୍ତି ପ୍ରତିମା କ୍ଷେତ୍ରରେ ପ୍ରତିଦିନ ଆବାହନ ଓ ବିସର୍ଜନ କରିବା ବାଧ୍ୟବାଧକତା ନାହିଁ । କିନ୍ତୁ ବାଲୁକାମୟୀ ପ୍ରତିମାକୁ ପ୍ରତିଦିନ ଆବାହନ ଓ ବିସର୍ଜନ କରିବାକୁ ପଡ଼ିବ । ମୃଣ୍ମୟୀ, ଚିତ୍ରମୟୀ ତଥା ଚନ୍ଦନର ପ୍ରତିମାକୁ ସ୍ନାନ ନ କରାଇ କେବଳ ମାର୍ଜନ କରାଯାଏ । କିନ୍ତୁ ଅନ୍ୟ ସବୁ ପ୍ରତିମାକୁ ସ୍ନାନ କରାଇବା ଆବଶ୍ୟକ । ଭଗବାନଙ୍କୁ ପ୍ରସିଦ୍ଧ ସାମଗ୍ରୀ ପୂଜା କରିବା ଉଚିତ । କିନ୍ତୁ ଯିଏ ନିଷ୍କାମ ଭକ୍ତ, ସେ ଯେଉଁ ସାମଗ୍ରୀ ସୁଲଭ, ସେଥିରେ ପୂଜା କରିପାରିବେ । ଭକ୍ତ ହୃଦୟରେ ଭଗବାନଙ୍କୁ ଧ୍ୟାନ କରି ମାନସିକ ପୂଜା ମଧ୍ୟ କରିପାରିବେ ।

ଯେ ମେରୁତୁଲ୍ୟ ନାନା ଦ୍ରବ୍ୟେ । ମୋତେ ସମର୍ପଇ ଅଭାବେ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ରଦ୍ଧା ନ ଥାଇ ଅନ୍ତର୍ଗତେ । ମୁଁ ତାହା ଛୁଇଁବି କେମନ୍ତେ । । ୧୧/୨୮/୧୮

ଓଁ କାରର ୫ଟି କଳା - ଅକାର, ଉକାର, ମକାର, ବିନ୍ଦୁ ଓ ନାଦ । ପୂଜା ଆସ୍ଥାନର ୪ କୋଣର ୪ ଖୁରା ହେଲେ - ଧର୍ମ, ଜ୍ଞାନ, ବୈରାଗ୍ୟ ଓ ଐଶ୍ୱର୍ଯ୍ୟ (୪ଟି ଦଣ୍ଡ); ୩ଟି ପଟା (ପୀଠ) – ସତ୍ତ୍ୱ, ରଜ ଓ ତମ । ସେହି ପୀଠ ଉପରେ ୯ ଶକ୍ତି – ବିମଳା, ଉତ୍କର୍ଷଣୀ, ଜ୍ଞାନ, କ୍ରିୟା, ଯୋଗା, ପ୍ରହ୍ୱୀ, ସତ୍ୟା, ଈଶାନା ଓ ଅନୁଗ୍ରହୀ । ଆସନ ଉପରେ ଏକ ଅଷ୍ଟଦଳ ପଦ୍ମ ରହିଛି । ଭଗବାନଙ୍କର ୮ଟି ଆୟୁଧ (ଅସ୍ତ୍ର) – ସୁଦର୍ଶନ ଚକ୍ର, ପଞ୍ଚଜନ୍ୟ ଶଙ୍ଖ, କୌମଦକୀ ଗଦା, ଖଡ୍‌ଗ, ବାଣ, ଧନୁ, ହଳ ଓ ମୂଷଳ । ଏସବୁ ଅସ୍ତ୍ରକୁ ୮ ଦିଗରେ ଏବଂ କୌସ୍ତୁଭମଣୀ, ବୈଜୟନ୍ତି ମାଳା ତଥା ଶ୍ରୀବତ୍ସଚିହ୍ନକୁ ବକ୍ଷସ୍ଥଳର ଯଥା ସ୍ଥାନରେ ପୂଜା କରିବ । ଭଗବାନଙ୍କର ୮ଟି ପାର୍ଷଦ - ନନ୍ଦ, ସୁନନ୍ଦ, ଚଣ୍ଡ, ପ୍ରଚଣ୍ଡ, ବଳ, ମହାବଳ, କୁମୁଦ ଓ କୁମୁଦେକ୍ଷଣ । ଏମାନଙ୍କୁ ୮ଦିଗରେ, ଗରୁଡ଼ଙ୍କୁ ସମ୍ମୁଖରେ, ଦୁର୍ଗା, ବିନାୟକ, ବ୍ୟାସ ଓ ବିଷ୍ୱକେସନଙ୍କୁ ୪ କୋଣରେ ସ୍ଥାପନା କରିବା ଆବଶ୍ୟକ । ବାମ ପଟରେ ଗୁରୁ ଏବଂ ପୂର୍ବାଦି ଦିଗମାନଙ୍କର ଇନ୍ଦ୍ରାଦି ଅଷ୍ଟଲୋକ ପାଳଙ୍କୁ ସ୍ଥାପନ କରି ପ୍ରୋକ୍ଷଣ, ଅର୍ଦ୍ଧଦାନ ଆଦି କ୍ରମେ ସେମାନଙ୍କର ପୂଜା କରିବା ଉଚିତ ।

ଚନ୍ଦନ, ବେଣାଚେର, କର୍ପୁର, କେଶର, ଅଗୁରୁ ଆଦି ମିଶ୍ରିତ ଜଳରେ ଭଗବାନଙ୍କୁ ସ୍ନାନ କରାଇବା ସମୟରେ ଋକ୍ ବେଦର ସୁବର୍ଣ୍ଣ ଘମ ମନ୍ତ୍ର, ଜିତଂ ତେ ପୁଣ୍ଡରୀକାକ୍ଷ ଇତ୍ୟାଦି ମହାପୁରୁଷବିଦ୍ୟା, ସହସ୍ର ଶୀର୍ଷା ପୁରୁଷ ଇତ୍ୟାଦି ପୁରୁଷସୁକ୍ତ ଓ ଇନ୍ଦ୍ର ନରୋ ନେମଧିତା ହବନ୍ତ ଇତ୍ୟାଦି ସାମବେଦର ସାମ ଗାୟନ କରି ଭଗବାନଙ୍କର ଅଭିଷେକ କରିବା ଉଚିତ । ବସ୍ତ୍ର, ଯଜ୍ଞୋପବୀତ, ଆଭୂଷଣ, ପତ୍ର, ମାଳା, ଗନ୍ଧ ଓ ଚନ୍ଦନାଦିରେ ଶ୍ରଦ୍ଧାପୂର୍ବକ ଭଗାବନଙ୍କୁ ଯଥା ଉଚିତ ରୂପେ ବେଶ କରିବା ଉଚିତ । ଭଗବାନଙ୍କୁ ପାଦ୍ୟ, ଆଚମନ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚନ୍ଦନ, ପୁଷ୍ପ, ଅକ୍ଷତ, ଧୂପ, ଦୀପ । ।ଦି ସାମଗ୍ରୀ ଅର୍ପଣ କରିବା ଉଚିତ  । ଗୁଡ଼, ଘିଅ, ଖିରୀ, ପୁରି, ପିଷ୍ଟକ, ଲଡୁ, ହାଲୁଆ, ଦହି, ଅନ୍ନ, ଡ଼ାଲି ଆଦି ବିବିଧ ବ୍ୟଞ୍ଜନ ନୈବେଦ୍ୟ ରୂପେ ଅର୍ପଣ କରିବା ଉଚିତ  ।

ଶ୍ଳୋକ୪୮ ରୁ ୫୫ ମଧ୍ୟରେ ଭଗବତ୍ ପୂଜାର ଫଳପ୍ରାପ୍ତି ବିଷୟରେ ବର୍ଣ୍ଣନା କରାଯାଇଛି  । ତଥା ଶ୍ଳୋକ ୫୪ ରେ ବର୍ଣ୍ଣନା କରାଯାଇଛି ଯେ, ଯିଏ ନିଜେ ଦାନ କରିଥିବା ଅଥବା ଅନ୍ୟମାନେ ଦାନ କରିଥିବା ଦେବତା ତଥା ବ୍ରାହ୍ମଣଙ୍କର ଜୀବିକା ହରଣ କରିନିଏ, ସେ କୋଟିଏ ବର୍ଷ ପର୍ଯ୍ୟନ୍ତ ବିଷ୍ଠାର କୃମି ହୋଇ ରହେ  ।

ଉନତ୍ରିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୮ଶ ଅଧ୍ୟାୟ) ରେ ପରମାର୍ଥ ନିରୂପଣ ଓ ଜ୍ଞାନଯୋଗ କଥନ  ।

ସକଳ ବିଶ୍ୱର ଆତ୍ମା ଏକ ଓ ଅଦ୍ୱିତୀୟ  । ସେହି ଆତ୍ମା ହିଁ ବ୍ରହ୍ମା ହୋଇ ନିଜଦ୍ୱାରା ନିଜକୁ ନିର୍ମାଣ କରେ  । ସେ ସ୍ୱୟଂ ବିଷ୍ଣୁ ରୂପରେ ନିଜକୁ ରକ୍ଷା ବି କରେ ଏବଂ ପ୍ରଳୟକାଳରେ ରୁଦ୍ରରୂପରେ ନିଜକୁ ସଂହାର ବି କରେ  । ତେଣୁ ଆତ୍ମାକୁ ଛାଡ଼ି ଅନ୍ୟ କୌଣସି ବସ୍ତୁ ଥିବା ସିଦ୍ଧ ହୁଏ ନାହିଁ  । ତଥାପି ଆତ୍ମାଠାରୁ ଭିନ୍ନ ଯେଉଁ ଅନ୍ୟ ଭାବ (ସତ୍ତା) ଦେଖିବାକୁ ମିଳେ, ତାହା ଭିତ୍ତିହୀନ ବା ଅମୂଳକ; କିନ୍ତୁ ଅମୂଳକ ହୋଇ ମଧ୍ୟ ଯାହା ଆତ୍ମାରେ ୩ ପ୍ରକାରେ ଆଭାସିତ ହୁଏ (ଥିଲା ପରି ଜଣାଯାଏ), ତାହା ତ୍ରିଗୁଣାତ୍ମକ ମାୟା ହିଁ ଅଟେ  ।

ଯେପରି ସ୍ୱପ୍ନରେ ଦିଶୁଥିବା ଦୁର୍ଘଟଣା ସତ୍ୟ ହୋଇ ନଥିଲେ ମଧ୍ୟ ସେପରି ଘଟୁଥିଲା ପରି ଦେଖାଯାଏ ଏବଂ ତାହା ଦେଖି ମନୁଷ୍ୟକୁ ଦୁଃଖ-ଶୋକ ମଧ୍ୟ ଅନୁଭବ ହୋଇଥାଏ; କିନ୍ତୁ ଜାଗ୍ରତ ହୋଇଯିବା ମାତ୍ରେ ସବୁ ଦୁର୍ଘଟଣା କେଉଁଆଡ଼େ ଉଭେଇଯାଏ, ଠିକ୍ ସେହିପରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଗ୍ରତ ସମୟରେ ଦେଖୁଥିବା ବା ଘଟୁଥିବା ବିଷୟ ସବୁ ମଧ୍ୟ ମିଥ୍ୟା । ନିଦରେ ଶୋଇ ବିପଦପୂର୍ଣ୍ଣ ସ୍ୱପ୍ନ ଦେଖୁଥିବାବେଳେ ମନୁଷ୍ୟକୁ ଲାଗେ, ସେ ଭୀଷଣ ବିପତ୍ତିରେ ପଡ଼ିଯାଇଛି; କିନ୍ତୁ ନିଦ ଭାଙ୍ଗିଗଲେ ସ୍ୱପ୍ନର ବିପତ୍ତି ରହେ ନାହିଁ, କି ବିପତ୍ତିର କାରଣ ମୋହ ଆଦି ବିକାର ବି ରହେ ନାହିଁ ।

ଆତ୍ମା ଯେତେବେଳେ ଦେହ, ଇନ୍ଦ୍ରିୟ, ପ୍ରାଣ ଓ ମନ ପ୍ରତି ଆତ୍ମବୁଦ୍ଧି ବା ଅହଂଭାବ କରେ, ସେତେବେଳେ ତାକୁ ଜୀବ କୁହାଯାଏ । ସେହି ସୂକ୍ଷ୍ମାତିସୂକ୍ଷ୍ମ ଆତ୍ମାର ହିଁ ମୂର୍ତ୍ତି ହେଉଛି – ଗୁଣ ଓ କର୍ମ ସମନ୍ୱୟରେ ନିର୍ମିତ ଲିଙ୍ଗଶରୀର । ତାକୁ ହିଁ କେଉଁଠି ସୂତ୍ରାତ୍ମା ଓ ଆଉ କେଉଁଠି ମହତ୍ତ୍ୱ କୁହାଯାଏ ।

ଏପରି ଆହୁରି ଅନେକ ନାମ ନେଇ ଅହଂତ୍ୱର ଅଧୀନ ହୋଇ ଜୀବ ଜନ୍ମ-ମୃତ୍ୟୁ ଚକ୍ରରେ ଘୂରିବୁଲେ । ଅହଂକାର ହିଁ ମନ, ବାଣୀ, ପ୍ରାଣ, ଶରୀର, କର୍ମ ଆଦି ଅନେକ ରୂପରେ ଦେଖାଯାଉଛି । ଏହାର କୌଣସି ମୂଳ ନ ଥିବାରୁ ଏହା ହେଉଛି ମିଥ୍ୟା । ଜୀବ ନିଜେ ଜଡ଼ପଦାର୍ଥ ସଙ୍ଗେ ଅହଂତ୍ୱ ରଖି ସେଥିରେ ବାନ୍ଧି ହୋଇଥାଏ । ଏଣୁ ମନନଶୀଳ ପୁରୁଷ ସକଳ ପ୍ରକାର ତୃଷ୍ଣାରୁ ନିବୃତ୍ତ ହୋଇ, ଉପାସନା ଦ୍ୱାରା ତୀକ୍ଷ୍ଣ ହୋଇଥିବା ଜ୍ଞାନରୂପୀ ଖଡ୍‌ଗରେ ଅହଂକାରକୁ ସମ୍ପୂର୍ଣ୍ଣରୂପେ କାଟି ଦେଇ ଏବଂ ଭଗବତ୍ ସ୍ୱରୂପକୁ ମନନ କରି କରି ସ୍ୱଚ୍ଛନ୍ଦଭାବରେ ପୃଥିବୀରେ ବିଚରଣ କରିବା ଉଚିତ ।

ସୁବର୍ଣ୍ଣେ ନାନା ଦ୍ରବ୍ୟ ଯେହ୍ନେ । ଧରଇ ନାନା ରୂପ ଭିନ୍ନେ ।।
ରୂପ ବିନାଶେ ସେ ସୁବର୍ଣ୍ଣ । ସେ ଭାବେ ଜଗତ ଅଭିନ୍ନ ।।
ମୋହର ତହୁଁ ସମ୍ଭବଇ । କାଳେ ପ୍ରବେଶ ମୋର ତହିଁ ।।୧୧/୨୯/୧୯

ଆକାଶରେ ମେଘମାନେ ଯେତେ ଯିବାଆସିବା କଲେ ମଧ୍ୟ ସୂର୍ଯ୍ୟଙ୍କର ଯେପରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୌଣସି ହାନି-ଲାଭ ହୁଏ ନାହିଁ, ଯାହାଙ୍କର ଭଗବାନଙ୍କର ସ୍ୱରୂପ ବିଷୟରେ ପୂର୍ଣ୍ଣ ଜ୍ଞାନ ହୋଇଯାଇଛି, ତାଙ୍କ ଭିତରେ ତିନି ଗୁଣର ବେଗ ଯେତେ ବଢ଼ିଲେ-ଛିଡ଼ିଲେ ବି ତାଙ୍କ ଉପରେ ସେହିପରି ତାହାର କୌଣସି ପ୍ରଭାବ ପଡ଼ିବ ନାହିଁ; କାରଣ ସେ ତାଙ୍କର ନିଜ ଜ୍ଞାନରେ ଦୃଢ଼ନିଶ୍ଚୟପୂର୍ବକ ଅଟଳ ଓ ଅଚଳ ହୋଇ ରହିଥାନ୍ତି ।

ଫଳର ପ୍ରାୟେ ଏ ଶରୀର । ବୃକ୍ଷର ପ୍ରାୟେ ଆତ୍ମା ଚିର । ।
ଏଣୁ ପଣ୍ଡିତମାନଙ୍କର । ଦେହରେ ନ ଥାଇ ଆଦର । ।୧୧/୨୯/୪୨

ଅର୍ଥାତ୍ ଏହି ଶରୀରଟା ହେଉଛି ଗଛରେ ଫଳିଥିବା ଫଳ ପରି । ଗଛର ଫଳ ଯେପରି ଦିନେ ପାଚି-ଝଡ଼ି ପଡ଼ିବା ସୁନିଶ୍ଚିତ, ଏହି ଶରୀର ଦିନେ ନଷ୍ଟ ହୋଇଯିବା ବି ଠିକ୍ ସେହିପରି ସୁନିଶ୍ଚିତ । ତେଣୁ ପଣ୍ଡିତମାନଙ୍କର ଶରୀରରେ ଆଦର ନ ଥାଏ ।

ତ୍ରିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୨୯ଶ ଅଧ୍ୟାୟ) ରେ ଭାଗବତ ଧର୍ମ ନିରୂପଣ (ଭକ୍ତିଯୋଗ ନିରୂପଣ) ଓ ଉଦ୍ଧବଙ୍କ ବଦରିକା ଗମନ ବର୍ଣ୍ଣିତ ।

ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଯେଉଁ ଭକ୍ତିଯୋଗର ଭାଗବତଧର୍ମ କହିଲେ ତାହା ଏହି ଅଧ୍ୟାୟର ଶ୍ଳୋକ ୯ ରୁ ୧୯ ମଧ୍ୟରେ ବର୍ଣ୍ଣନା କରାଯାଇଛି ।

ଶ୍ଳୋକ ୧୪ ରୁ ୧୬ ମଧ୍ୟରେ କୁହାଯାଇଛି ଯେ, ସମସ୍ତଙ୍କ ମଧ୍ୟରେ ଈଶ୍ୱରଙ୍କ ସତ୍ତା ଦର୍ଶନ କରିବା ଉଚିତ କିନ୍ତୁ ସମସ୍ତଙ୍କ ସହ ସମାନ ବ୍ୟବହାର କରିବାକୁ ନୁହେଁ । ଶ୍ରୀମଦ୍ଭଗବତ୍ ଗୀତାରେ ମଧ୍ୟ ଏ କଥା ସ୍ପଷ୍ଟ ଉଲ୍ଲେଖ ଅଛି । ଯଥା -

"ବିଦ୍ୟା ବିନୟ ସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ସ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ । । (୫/୧୮)

ସୁତରାଂ ଆବ୍ରାହ୍ମଣ ଚାଣ୍ଡାଳ, ନିଛାତିନିଛ ପଶୁ, ଏପରି କି ସ୍ଥାବର-ଜଙ୍ଗମ ସମସ୍ତଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଠାରେ ଏକ ମାତ୍ର ଭଗବାନଙ୍କ ଅସ୍ତିତ୍ୱ ଅନୁଭବ କରି ସେମାନଙ୍କ ଅହିତ ହେବା ଭଳି କୌଣସି କାର୍ଯ୍ୟ ନ କରିବା ଉଚିତ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ମନୁଷ୍ୟ ଜାତି-ଧର୍ମ ନିର୍ବିଶେଷରେ ସମସ୍ତଙ୍କ ସହ ଭୋଜନ, ବିଭା ଆଦି କରିବ, ଶ୍ୱାନ-ଶୂକର ପ୍ରଭୃତିଙ୍କ ସହ ନିବିଡ଼ ଅଙ୍ଗସ୍ପର୍ଶ କରିବ ଏବଂ କ୍ରୂର ବା ଦୁଷ୍ଟ ଲୋକଙ୍କ ସାନିଧ୍ୟରେ ରହିବ । ଭଗବାନ ସମସ୍ତ ପ୍ରାଣୀଙ୍କୁ ଭିନ୍ନ ଭିନ୍ନ ଗୁଣ, ସ୍ୱଭାବ, ଆକୃତି, ରୂପ, ରଙ୍ଗ ପ୍ରଦାନ କରି ସୃଷ୍ଟି ସଞ୍ଚାଳନର ଯେଉଁ ଅନିବାର୍ଯ୍ୟ ମର୍ଯ୍ୟାଦା ପ୍ରତିଷ୍ଠା କରିଛନ୍ତି, ତାହାକୁ ରକ୍ଷା କରିବା ସହିତ ତତ୍ ତତ୍ ପ୍ରାଣୀ ଓ ପଦାର୍ଥ ସଙ୍ଗେ ତଦନୁରୂପ ବ୍ୟବହାର କରିବା ହିଁ ସମତା । ସମସ୍ତଙ୍କ ସହ ସମ ବ୍ୟବହାର କରିବା ଅସମ୍ଭବ ମଧ୍ୟ । ଘୋଡ଼ା ପିଠିରେ ବସି ହୁଏ, କୁକୁର ବା ଘୁଷୁରି ପିଠିରେ ବସି ହୁଏ ନାହିଁ; ନାରୀ ସନ୍ତାନ ପ୍ରସବ କରିପାରେ, ପୁରୁଷ କରିପାରେ ନାହିଁ; ଗାଈର କ୍ଷୀର ପିଆଯାଏ, କୁକୁରୀର ନୁହେଁ । ଅତଏବ ବିଭିନ୍ନତାର ବୈଚିତ୍ରପୂର୍ଣ୍ଣ ସୃଷ୍ଟିରେ ଏକମାତ୍ର ଅଭିନ୍ନ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରି, ନାନାବିଧ ସ୍ୱରୂପର ଅନୁରୂପ ବ୍ୟବହାର ମାଧ୍ୟମରେ ପୂଜା କରିବା ଆବଶ୍ୟକ ।

ସକଳ ତୀର୍ଥ ତୋ ଚରଣେ । ବଦ୍ରିକା ଯିବି କି କାରଣେ । ।୧୧/୩୦/୪୬

ଅର୍ଥାତ୍ ଭଗବାନଙ୍କଠାରୁ ଉଦ୍ଧବ ସମସ୍ତ ତତ୍ତ୍ୱଜ୍ଞାନ ତଥା ନିଜର ସମସ୍ତ ପ୍ରଶ୍ନର ଉତ୍ତର ପାଇ ଏହା ହୃଦୟଙ୍ଗମ କଲେ ଯେ, ଭଗବାନଙ୍କର ପଦଯୁଗଳରେ ହିଁ ସକଳ ତୀର୍ଥ ଅଛି । ତେଣୁ ସେ ସବୁ ଛାଡ଼ି ସେ ବଦ୍ରିକାକୁ ଯିବାକୁ ଇଚ୍ଛା କରୁ ନଥିଲେ । କିନ୍ତୁ ଭଗବାନଙ୍କ ଆଜ୍ଞାକୁ ସମ୍ମାନ ଦେବା ପାଇଁ ସେ ଯିବାକୁ ବାଧ୍ୟ ହେଲାବେଳେ ତାଙ୍କର କଠଉ ୨ଟିକୁ ନିଜ ମୁଣ୍ଡରେ ମୁଣ୍ଡେଇଲେ ଏବଂ ପ୍ରଭୂଙ୍କୁ ବାରମ୍ବାର ପ୍ରଣାମ କରି ସେଠାରୁ ବିଦାୟ ନେଲେ ।

ଏକତ୍ରିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୩୦ଶ ଅଧ୍ୟାୟ) ରେ ଯାଦବ ନାଶ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀକୃଷ୍ଣଙ୍କୁ ଜରା ଶବର ଶରାଘାତ, ଜରାର ସ୍ୱର୍ଗଗମନ ଓ ଦାରୁକର ବଦରିକା ପ୍ରବେଶ । ବ୍ରହ୍ମଶାପ ହେତୁ ପ୍ରଭାସ କ୍ଷେତ୍ରରେ ଯଦୁବଂଶର ବିନାଶ ହେଲା । ଶ୍ରୀକୃଷ୍ଣଙ୍କ ଚରଣଟିକୁ ମୃଗର କର୍ଣ୍ଣ ଭାବି ଭ୍ରାନ୍ତିରେ ଜରା ଶରବିଦ୍ଧ କଲା । ପରେ ସେ ଏ ବିଷୟ ଜାଣି ବହୁତ ଦୁଃଖ କଲା । ସେ ଭଗବାନଙ୍କର ପାଦ ଧରି ଶରଣ ପଶିଗଲା । ଏହ ଦେଖି ଭଗବାନ କହିଲେ ଯେ ଏଥିରେ ତାର କିଛି ଦୋଷ ନାହିଁ । ସେ ନିଜ ଇଚ୍ଛାରେ ମାନବ ଶରୀର ଧାରଣ କରିଥିଲେ ଏବଂ ଏବେ ନିଜ ଇଚ୍ଛାରେ ସେ ସେହି ଦେହଟିକୁ ତ୍ୟାଗ କରିବେ ।

ଉଠ ଶବର ଛାଡ଼ ପାୟେ । ମନେ ନ କର କିଛି ଭୟେ । ।
ମୋହର ବାଞ୍ଛିତ ଏ କର୍ମ । ମନେ ନ କର ଜାରା ଭ୍ରମ । ।
ମୋର ବଚନେ ତୁ ନିର୍ମଳ । ଏହି ଶରୀରେ ସ୍ୱର୍ଗେ ଚଳ । ।
ସେ ସ୍ୱର୍ଗ ପୂଣ୍ୟଜନ ବାସ । ସେଠାରେ କର ତୁ ନିବାସ । ।
କୃଷ୍ଣର ଆଜ୍ଞା ପାଇ ବେଗେ । ବ୍ୟାଧ ଚଳିଲା ସ୍ୱର୍ଗମାର୍ଗେ । । ୧୧/୩୧/୩୯

ତେଣେ ଭଗବାନଙ୍କୁ ଖୋଜି ଖୋଜି ନ ପାଇ ଭଗବାନଙ୍କର ସାରଥି ଦାରୁକ ଆସି ଶରବିଦ୍ଧ ଶ୍ରୀକୃଷ୍ଣଙ୍କ ନିକଟରେ ପହଞ୍ଚି ଗଲେ । ସେ ରଥରୁ ଓହ୍ଲାଇ ଭଗବାନଙ୍କ ଚରଣ ପାଖରେ ଲୋଟିପଡ଼ିଲା । ଭଗବାନଙ୍କ ମହିମା ଗାନ କରି ଦାରୁକ ଦେଖୁ ଦେଖୁ ଭଗବାନଙ୍କ ଗରୁଡ଼ଧ୍ୱଜ ପତାକା ଓ ରଥ ସହିତ ଆକାଶମାର୍ଗରେ ଚାଲିଗଲା । ସେତେବେଳେ ଦାରୁକକୁ ଦ୍ୱାରିକା ଚାଲିଯିବାକୁ ଏବଂ ତାଙ୍କର ଓ ଯଦୁବଂଶୀଙ୍କ ନାଶ ଯିବା ବିଷୟ ଲୋକଙ୍କୁ ଜଣାଇଦେବାକୁ କହିଲେ । ଦ୍ୱାରିକାକୁ ସମୁଦ୍ର ବୁଡ଼େଇଦେବ, ତେଣୁ ସମସ୍ତେ ଇନ୍ଦ୍ରପ୍ରସ୍ଥ ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । ଭଗବାନଙ୍କ ଆଦେଶ ପାଇ ଦାରୁକ ଦ୍ୱାରିକା ଫେରିଗଲେ ।

ଦ୍ୱାତ୍ରିଂଶ ଅଧ୍ୟାୟ (ମୂଳ ସଂସ୍କୃତ ଅନୁସାରେ ୩୧ଶ ଅଧ୍ୟାୟ)ରେ ଶ୍ରୀକୃଷ୍ଣଙ୍କ ବୈକୁଣ୍ଠ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗମନ; ବସୁଦେବ ଦେବକୀ ପ୍ରାଣତ୍ୟଗ; ଅନ୍ୟ ନାରୀମାନଙ୍କ ସ୍ୱ ସ୍ୱ ସ୍ୱାମୀ ମୃତଦେହ ସହ ଚିତ୍ତାରୋହଣ; ଶ୍ରୀକୃଷ୍ଣ-ଧ୍ୟାନ ପୂର୍ବକ ଅଷ୍ଟପାଟରାଣୀଙ୍କ ଅଗ୍ନି ପ୍ରବେଶ; ବଜ୍ରନାଭ ଅଭିଷେକ । ଜରା ଶବର ଦ୍ୱାରା ଶରବିଦ୍ଧ ହୋଇ ଭଗବାନ ଶ୍ରୀକୃଷ୍ଣ ସ୍ୱଧାମକୁ ଗମନ କଲେ ।

ଭଗବାନଙ୍କ ସ୍ୱଧାମ ଗମନ ପରେ ତାଙ୍କର ପ୍ରିୟଜନମାନେ ତଥା ସମସ୍ତ ପୁରୁଷ ଓ ସ୍ତ୍ରୀଲୋକମାନେ ପ୍ରାଣ ତ୍ୟାଗ କଲେ । ପୁରୁଷମାନଙ୍କର ଚିତାରେ ସ୍ତ୍ରୀମାନେ ନିଜକୁ ଆହୁତି ଦେଇଦେଲେ । ଅର୍ଜୁନ ସେମାନଙ୍କର ଶ୍ରାଦ୍ଧ କାର୍ଯ୍ୟ ବିଧିପୂର୍ବକ କରାଇଲେ ।

ଅର୍ଜୁନ ବଜ୍ରନାଭଙ୍କର ରାଜ୍ୟାଭିଷେକ କଲେ । କିନ୍ତୁ ଏହା ଅପ୍ରାସଙ୍ଗିକ ମନେ ହୁଏ । କାରଣ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଗମନ ପରେ ଦ୍ୱାରିକା ଜନଶୂନ୍ୟ ଓ ଜଳମଗ୍ନ ହୋଇଯାଇଥିଲା । ସେ ଯାହା ହେଉନା କାହିଁକି ବଜ୍ରନାଭ ମଥୁରାରେ ରାଜା ହୋଇଥିଲେ ବୋଲି ମୂଳ ସଂସ୍କୃତରେ ବର୍ଣ୍ଣିତ ଅଛି । ତା'ଛଡ଼ା ଏହି ଗ୍ରନ୍ଥରେ ମଧ୍ୟ ଅନ୍ୟ ସ୍ଥଳମାନଙ୍କରେ କବି ଶ୍ରୀ ଜଗନ୍ନାଥ ଦାସ ବଜ୍ରନାଭ ମଥୁରାର ରାଜା ହେବା କଥା ଉଲ୍ଲେଖ କରିଛନ୍ତି; ଯଥା –

ଯାଦବବଂଶେ ଶେଷ ଥିଲା । ବଜ୍ର ଯେ ଅନିରୁଦ୍ଧ ବଳା । ।
ମଥୁରା ପୁରେ ଧର୍ମ ଚାଟେ । ସ୍ଥାପିଲେ ଶୂରସେନ ପାଟେ । ।
ମଥୁରା ପୁରେ ସେ ରାଜନ । ବଜ୍ର ଅନିରୁଦ୍ଧ ନନ୍ଦନ । ।
ଭକତି କୃଷ୍ଣ ପାଦେ ଲଭ । ମନୁଷ୍ୟ ଜନ୍ମର ଏ ଲାଭ । ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟା ସର୍ବେଷାମ୍ ଅଧ୍ୟାୟାନାମ୍ ସାରସଂଗ୍ରହ ବିଶ୍ଲେଷଣ ଚିତି ସମାପ୍ତଃୟମ୍ ଏକାଦଶ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।

ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।

ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ । ।

ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।

ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।

ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।

ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର । ।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ମୋବାଇଲ୍ ନଂ – ୬୩୭୨୨୧୩୩୭୩୫

e-Mail : sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯୋଜନା କେତେ ସଫଳ



କିଷାନ ମହାକୁର

ସରକାରଙ୍କର ଏବେ ମାଳ ମାଳ ଯୋଜନା । ଯୋଜନା ତ କେତେ ହୁଏ, କେତେ ଯୋଜନାରେ ଲୋକ ଉପକୃତ ହୁଅନ୍ତି, ତାହା ସରକାର କ'ଣ ଭଗବାନ ବି କହିବା ହୁଏତ କଷ୍ଟ ।  ସରକାରଙ୍କ ଅମୃତ ଯୋଜନା - ଜଳ ସଙ୍କଟ ଦୂର କରିବା ପାଇଁ । କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ ସେଥିରେ । କିନ୍ତୁ କେତେ ଲୋକ ଉପକୃତ ହୁଅନ୍ତି ? ? ? କେଉଁଠି ପାଣି ଓଭର୍ ହେଡ୍ ଟାଙ୍କିକୁ ଉଠୁନି ତ ଆଉ କେଉଁଠି ଟାଙ୍କିରୁ ପାଣି ତଳକୁ ଆସୁନି । କେଉଁଠି ରାସ୍ତା ଅବରୋଧ ଯୋଗୁଁ ପାଇପ୍ କଟିଛି ତ କେଉଁଠି ଗାଡ଼ି ଯାଇ ପାଇପ୍ କଟିଛି, ଏସବୁ ଯଦି ଠିକ୍ ଅଛି ପାଣି ଦେବାବାଲା ଦରମା ପାଇଁ ନ ଥିବାରୁ ପାଣି ଦେବା ବନ୍ଦ କରିଛି । ଫଳରେ ଅମୃତ ସ୍ୱରୂପ ଜଳ ଯୋଗାଣ ଠପ୍ । ଯୋଜନା କଥା ପଚାରେ କିଏ ? ? ବଡ଼ ବଡ଼ ସହର/ନାମୀଦାମୀ ଗାଁର ଅବସ୍ଥା ଏଇଆ - ତଳମାଳ କଥା ପାଠକେ ଜାଣନ୍ତି.....

ସରକାରଙ୍କ ଆଉ ଏକ ଯୋଜନା - ଜବ୍ କାର୍ଡ ଯୋଜନା - ଗରୀବଙ୍କୁ ୧୦୦ ଦିନର କାମ ଯୋଗାଇ ଦେବା ଲକ୍ଷ୍ୟ ନେଇ ଏ ଯୋଜନା ହୁଏତ ହୋଇଥିଲା, କିନ୍ତୁ କେଉଁ ଗରୀବର ଏ କାର୍ଡ ଅଛି, ହାତ ଆଙ୍ଗୁଠିରେ ଗଣିଲେ ଆଙ୍ଗୁଠି ରହିଯିବ । ଏ ଯୋଜନାରେ ଗ୍ରାମରେ ନାମୀଦାମୀ ଲୋକ, ସରପଞ୍ଚଙ୍କ ସ୍ୱାମୀ, ଶ୍ୱଶୁର, ପୁଅ, ବୋହୂ, ଝିଅ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝିଆରୀ, ପୁତୁରାଙ୍କ ନାମ ଆଗରେ ଆସେ । ଯେଉଁମାନେ କାମ କରନ୍ତି ବା କାମ ଖୋଜନ୍ତି ସେମାନେ କାମ ଖୋଜୁଥାନ୍ତି ବା କାମ ପାଇଲେ ଠିକ୍ ଟଙ୍କା ପାଆନ୍ତି ନାହିଁ, କିନ୍ତୁ ବଡ଼ବଡ଼ ନିଶ ଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଚଢେ ।

ଆଉ ଏକ ଯୋଜନା କଥା ନ କହିଲେ ଭଲ । ପାଠକେ ଟିଭି ପରଦାରେ ଏହାର ନମୁନା ଦେଖିଥିବେ । ବୁଢ଼ାବୁଢ଼ୀ, ବିଧବା, ଭିନ୍ନକ୍ଷମ ମାନଙ୍କ ପାଇଁ ଏ ଯୋଜନା । ମାତ୍ର ଧନୀ ଘରର ବୁଢ଼ାବୁଢ଼ୀ ପାଆନ୍ତି ଏ ଭତ୍ତା ଟଙ୍କା । ଚାଳ ଛପର ନ ଥିଲା ବୁଢ଼ାବୁଢ଼ୀ ହେଉ ବା ଅସହାୟ ମହିଳା ଏ ଭତ୍ତା ଟଙ୍କା ପାଇବା ପାଇଁ ଦୌଡ଼ି ଦୌଡ଼ି ନିରାଶ ହୁଅନ୍ତି, କିଏ ଭୋକ ଉପାସରେ ମରେ, ତ କିଏ ବୃଦ୍ଧାଶ୍ରମ/ଜରାଶ୍ରମ ଅଣ୍ଡାଳି ଅଣ୍ଡାଳି ଆଖି ଫୁଟାଏ ।

ଇନ୍ଦିରା ଆବାସ, ବିଜୁ ପକ୍କା ଘର - ଏ ସବୁ ଥିବା ସତ୍ତ୍ୱେ ଟିକିଏ ବର୍ଷା ହେଲେ ସରକାରଙ୍କ କିପରି ମୁଣ୍ଡ ବିନ୍ଧେ, ତା' ତ ଆପଣଙ୍କୁ ବେଶ୍ ଜଣା । ଟିଭିରେ ପାଣିପାଗ ବାଲା ବାତ୍ୟାବନ୍ୟା କହିଲା ମାତ୍ରେ ତାର ଚିତ୍ର ସମସ୍ତଙ୍କ ଆଖି ଆଗକୁ ଆସେ । ଶୀତ ତାପ ନିୟନ୍ତ୍ରଣ ବ୍ୟବସ୍ଥା ଥାଇ ଦୁଇ ମହଲା ଘର ଥିବା ବ୍ୟକ୍ତିଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ନାମରେ ଗୋଟିଏ ଗୋଟିଏ ଘର ମିଳେ । ଯାହାର ଘର ନାହିଁ ତାକୁ ୨୦/୩୦ ହଜାର ଟଙ୍କା ଦେଲେ ଓ୍ୱାର୍କ ଅର୍ଡର ମିଳିବ ବୋଲି କୁହାଯାଏ, ୨୦/୩୦ ଟଙ୍କା ନ ଥିବା ଲୋକଟା ଏତେ ଟଙ୍କା ବା ଆଣିବ କୁଆଡୁ ଯେ ଦେବ ? ଫଳରେ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଦେଖିବା ହିଁ ସାର ହୁଏ ଆଉ ବର୍ଷା ବାତ୍ୟା ହେଲେ ତା ଦୁଃଖ ଆଉ କିଏ ବା କହିପାରେ ??

ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଯାୟୀ ଗରୀବ ମାନଙ୍କୁ ଶୌଚ ପାଇଁ ପାଇଖାନା ଦିଆଯାଏ, ନିଶ୍ଚିତ ଜାଣିଥିବେ କେତେ ଟଙ୍କା । ମାତ୍ର ବାର ହଜାର ଟଙ୍କା !! ପାଠକ କୁହନ୍ତୁ, ଆଜିର ଏ ମହଙ୍ଗା ଯୁଗରେ ଏତିକି ଟଙ୍କାରେ ଶୌଚ ପାଇଁ ଯିବାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଖାନାଟିଏ ହୋଇ ପାରିବ କି ? ? ଖୋଳିବାଠାରୁ ଟିଣ, କାନ୍ଥରେ ଯୋଜନାର ବିବରଣୀ ଲେଖା ସବୁ, ପୁଣି କରେଇ ଦେଉଥିବା ଲୋକକୁ ହାତଗୁଞ୍ଜା ବି । ତେଣୁ ସେତିକି ଟଙ୍କାରେ ଯେଉଁ ପାଇଖାନା ତିଆରି ହୁଏ, ସେଥିରେ ଶୌଚକ୍ରିୟା ତ ହୁଏନି, ଘରର କାଠ, ଅଳିଆ ଇତ୍ୟାଦି ରଖିବା କାମ ହୁଏ, ଫଳରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସଫଳତା ବେଶ୍ ଅନୁମେୟ ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ତିଆରି ହୁଏ । ଯନ୍ତ୍ରୀ, ମନ୍ତ୍ରୀ, ଠିକାଦାରଙ୍କ ଲାଭକୁ ବାଦ୍ ଦେଇ ଯେଉଁ ରାସ୍ତା ତିଆରି ହୁଏ ତାହା ହୁଏ ମରଣଯନ୍ତ୍ର । କାହିଁକି ନା, ଗୋଟିଏ ବର୍ଷାରେ ରାସ୍ତାର ଅବସ୍ଥା ସଙ୍କଟାପନ୍ନ ହୋଇପଡେ । ବରଂ ମାଟି ରାସ୍ତାରେ ସେମାନେ ଭଲଭାବରେ ଚଳୁଥିଲେ ।

କିଏ ବା କାହିଁକି ପାଟି ଫିଟାଇବ । ରାସ୍ତା ତିଆରି କରିବା ଲୋକ । କାହାର ଦାଦା ତ କାହାର ଭାଇ, ନ ହେଲେ ସେ ଅଞ୍ଚଳର ଦାଦା, ତେଣୁ ଆଜି ଚକ୍ ଚକ୍ ଦିଶୁଥିବା ରାସ୍ତା କାଲିକି ହୁଏ ଶୋଚନୀୟ ।

ଏମିତି ବହୁତ ଯୋଜନା । ପୋଖରୀ ପୁନରୁଦ୍ଧାର, ଶିଶୁ ଉଦ୍ୟାନ ତିଆରି, ପାର୍କ ତିଆରି ଇତ୍ୟାଦି କାମ ଅଧାପନ୍ତରିଆ ଭାବେ ପଡେ, ନ ହେଲେ କାଗଜ କଲମରେ ହୋଇଯାଏ । ମାଛଚାଷ, କୁକୁଡ଼ା ଚାଷ ଇତ୍ୟାଦି ପାଇଁ ଟଙ୍କା ନେଇ କିଛି ନ କରି ସୁଧ ବ୍ୟବସାୟ ଚାଲେ । ଗରୀବ ଚାଷୀ ତାଙ୍କଠାରୁ ଋଣ ନେଇ ଶୁଝି ନପାରି ଆତ୍ମହତ୍ୟା କରି ମରିବାକୁ ବାଧ୍ୟ ହୁଏ । ତାକୁ ପୋଡିବାକୁ ପୁଣି ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ମିଳିବା କଥା । ମୂର୍ଖ ଲୋକ କେତେ ଦୌଡ଼ିବ ନିଜ ଦୁଃଖ ଧନ୍ଦା ଛାଡି, ଫଳରେ ସିଏ ବି ଖାତା କଲମରେ ହୋଇଯାଏ ।

ସରକାରଙ୍କ ରାସନ୍ କାର୍ଡ ମିଳିଥାଏ ୬/୭ ଏକର ଜମି ଥିବା ଲୋକଙ୍କୁ । ସେମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଚାଉଳ/ଗହମ ମାଗଣାରେ/ଏକ ଟଙ୍କାରେ କିଣି ଖଟିଖିଆ ଲୋକଙ୍କୁ କୋଡ଼ିଏ ଟଙ୍କାରେ ବିକନ୍ତି । ସେସବୁ କେତେ ଯାଞ୍ଚ/ପରଖ କରାଯାଏ ତାହା ତାଙ୍କୁ ହିଁ ଜଣା ।

ଏମିତି ଆହୁରି ଅନେକ ଯୋଜନା । ଯାହା ସବୁ ମିଲିଭଗତ୍ ରେ ଶେଷ ହୁଏ । ଆହୁରି ବହୁତ୍ ଅଧା ଯୋଜନା ବି ଅଛି...... ପାଠକେ ଟିକେ ମନକୁ ଆଣନ୍ତୁ, ଖଜୁରୀ ଗଛର କି ଗୁଣ ଗାଇବି ନ୍ୟାୟରେ ଜନସାଧାରଣ ଚୁପ୍ ହେଲା ପରି ମୁଁ ମଧ୍ୟ ରହୁଛି ।

ନୂଆଁପାଲି, ସୋନପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ମା ଡାକୁଛି ମୋତେ !



ପଙ୍କଜ କୁମାର ପାଣିଗ୍ରାହୀ

ଜନ୍ମଦାତ୍ରିର ଅନାବିଳ ପ୍ରେମ ଆଗରେ ଦୃଶ୍ୟ, ଅଦୃଶ୍ୟ, ଭାବ ଅନ୍ତର୍ଭୁକ୍ତ ଅନ୍ୟ ସବୁ ତୁଚ୍ଛ ମନେହେବା ମନୁଷ୍ୟ ପ୍ରାପ୍ତିର ଏକ ଚରମ ଶୀର୍ଷ କ୍ଷେତ୍ର !

ହେଲେ ସେହି ଭାବ ବହିର୍ଭୁତ ମଣିଷର ସଙ୍କାବିହୀନ ବ୍ୟବସ୍ଥାରେ ସମସ୍ତେ କ୍ଷୁର୍ଣ୍ଣମସ୍ତା ଆଜିର ଏହି ଅମାନୁଷିକ ମଣିଷ ସମାଜର ଉତ୍ତରୋତ୍ତର ଅଗ୍ରଗତି ବିଷୟ ଭାବିଲେ କେବଳ ଦୁଇଧାର ଲୁହ ଗଡ଼ାଇ ଆଶ୍ୱାସନା ଦେଇ ନିଜକୁ ବୁଝାଇବା ଛଡା ଅନ୍ୟ ଉପାୟ ଦିଶୁନାହିଁ..... ! !

ସୌମ୍ୟ ରମଣୀ ପ୍ରକୃତିର ଚାରୁ ଚନ୍ଦ୍ର ସୁସଜ୍ଜିତ ଉଲ୍ଲାସ ସାଙ୍ଗକୁ ଜୀବ ନିର୍ଜୀବ ସହିତ କୋମଳ ସୁଶୀତଳ ବ୍ୟୋମ ଜଳାଦି ମଧ୍ୟରେ ଦିବା-ନିଶିର କଠୋର ସ୍ନିଗ୍ଧ ସୁଶୀତଳ ଆଲୋକ ଗୁଡିକ ମନମାନସରେ ଆନ୍ଦୋଳିତ, ତାହାର ଦୁର୍ଲ୍ଲଭତାକୁ ଅନୁଭବରେ ଦିଗବଳୟର ପରିସୀମା କ୍ଷୁଦ୍ର ହୋଇ ଯାଇଥାଏ ଯାହା ମନରେ ଆଶାତୀତ ଉନ୍ମାଦନା, ସିଂହରଣ ଜାଗ୍ରତ କରାଏ । ମନେହୁଏ ସତେ ଯେମିତି ସୁଖର ସାଗର ସାନ୍ଧ୍ୟ ଅନୁଭୂତିକୁ ପ୍ରକାଶ କରିବାକୁ ଗଲେ କଣ୍ଠରୁଦ୍ଧ ହୋଇପଡେ ବର୍ଣ୍ଣନାରେ ତା'ର... ! ଅନୁଭୂତିରେ ଅନୁଭୂତ ଆନନ୍ଦର ଅସୀମ ସୁଖକୁ ଅନୁଭବ, ସେହି ସୁଖକୁ ପ୍ରକାଶ, ବିତରଣ କରିବା ପାଇଁ ଆବଶ୍ୟକ ରହିଥିବା ପ୍ରସସ୍ଥ କ୍ଷେତ୍ର ଭୂମି ତୁଳନାତ୍ମକ ସଂକୁଚିତ ଆଜିର ଏହି ଅପ୍ରାକୃତିକ ଜୀବନ ଶୈଳୀକୁ ସମୀକ୍ଷା କରି ଅନ୍ତର ରୋଦନରେ ମ୍ରିୟମାଣ ମୋ ମା' ଡାକୁଛି ମୋତେ ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ କୋଳକୁ ଫେରି ଆ' ବୋଲି ! ସାମାଜିକ ବଚନବଦ୍ଧ ଅପ୍ରତ୍ୟାବର୍ତ୍ତୀ ସେବକ ଜଣେ ଯେ ସାମାଜିକ କ୍ଷେତ୍ରରେ ନିରଙ୍କୁଶ ମନମାନୀ କରି ନିଜ ପରିବାରଙ୍କ ପୋଷଣ ଉଦ୍ଦେଶ୍ୟରେ ଜନ୍ମଦାତ୍ରୀ ଠାରୁ ନିଜକୁ ଦୁରେଇ ରଖି ତା'ର ସମୟର କରାଳତାରେ ନିତ୍ୟ ବିପଦମୁଖୀ ମୋ ଜୀବନର ଶାନ୍ତ ନିଶ୍ୱାସ ମାରିବା ପରିବେଶ ଠାରୁ ଅନନ୍ତ ଦୂରରେ ମୋ ଜୀବନ ଯନ୍ତ୍ରଣାକୁ ବୁଝିବ ଏଇଠି କିଏ ? ତଥାପି ଛନ୍ଦା ପାଦ ମୋର ସବୁବେଳେ ପ୍ରୟାସରତ ଶିକୁଳି ଖୋଲି ଚାଲିଯିବି ତାହାର କୋଳକୁ ଯେଉଁଠି ମୋ ସ୍ୱର୍ଗ ସେହି ଜନ୍ମଦାତ୍ରୀ ପ୍ରକୃତି ମୋ ଜନ୍ମ ମାଟି ! କି'ନ୍ତୁ ତାହା କା'ଣ ସମ୍ଭବ..... ?

ଅପୂର୍ବ ଶାନ୍ତିର ଭଣ୍ଡାର ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରଦୂଷଣ ମୁକ୍ତ ଖୋଲା ଆକାଶର ସୁଶୀତଳ ମରୁତ ସହିତ ପବିତ୍ର ମାଟିର ନିର୍ମଳ ଜଳଧାର ଓ ପ୍ରାକୃତିକ ଖାଦ୍ୟ, ଶସ୍ୟ ରାଶିରେ ଭରପୁର ମୋ ଜନ୍ମ ମାଟିର ପଟ୍ଟାନ୍ତର ନାହିଁ । ଆତ୍ମୀୟ ସ୍ୱଜନଙ୍କ ପ୍ରେମର ଆସର ସାଙ୍ଗକୁ ପଡୋଶୀଙ୍କ ସହାନୁଭୂତିରେ ନିତ୍ୟ ଉଲ୍ଲସିତ ଜୀବନ ଶୈଳୀରେ ନିଜକୁ ମଣିଷ ବୋଲି ନଭାବି ସ୍ୱର୍ଗ ପୁରର ଅଧିବାସୀ ଭଳି ଅନୁଭବ, ଏହି ପରିବେଶରେ ମିଳିବ କାହୁଁ ଯେଉଁଠି ମୋର କର୍ମ କ୍ଷେତ୍ର ? ! ଏହା ପରା ସହର, ଯେଉଁଠି କେବଳ ସ୍ୱାର୍ଥନ୍ୱେଷୀ, ପରଶ୍ରୀ କାତର, ଲୁଟେରା, ଠକ, ଭଣ୍ଡ, ମଣିଷ ସଦୃଶ୍ୟ ପଶୁଙ୍କ ମେଳରେ ଜଳ, ବାୟୁ, ଖାଦ୍ୟ ପଦାର୍ଥର ଅପମିଶ୍ରିତ ପ୍ରଦୂଷିତ ପରିବେଶ ସହିତ କଳୁଷିତ ସମ୍ପର୍କର ଅତ୍ୟାଧୁନିକ ବାହ୍ୟ ବ୍ୟବହାର ଏବଂ ପ୍ରତ୍ୟେକ ମୁହୁର୍ତ୍ତରେ ଜଣେ ଅନ୍ୟ ଜଣଙ୍କ ପ୍ରତି ତୁଳନାତ୍ମକ ବି·ର ରଖି ନିଜକୁ ଶୀର୍ଷରେ ଅବସ୍ଥାପିତ କରିବା ଉଦ୍ଦେଶ୍ୟରେ ମା'ର ମମତାମୟୀ ଜନ୍ମ ମାଟି ଛାଡି ବସତି ସ୍ଥାପନ କରିଥା'ନ୍ତି !

ସହରରେ ବସତି ସ୍ଥାପନ କରିବା ଲକ୍ଷ୍ୟ ରଖିଥିବା ମଣିଷଙ୍କ କଥା ଭିନ୍ନ । କିନ୍ତୁ କର୍ମ ଅନ୍ୱେଷଣରେ ସହରରେ ବସତି ସ୍ଥାପନ କରିବା ବାଧ୍ୟ ବାଧକତାର ପରିସ୍ଥିତିକୁ ବୁଝିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅତ୍ୟନ୍ତ କଷ୍ଟ । ବାସ୍ତବିକ ମଣିଷ ଜୀବନର ପ୍ରାକୃତିକ ଆନନ୍ଦ ଉପଭୋଗ କରିବା ସହିତ ଜୀବନ ସାର୍ଥକ କରିବା ପାଇଁ ଜନ୍ମ ମାଟିର ପ୍ରେମ ଆଗରେ ସହର ବସତି ଗ୍ରହଣୀୟ ହୋଇ ନପାରେ । ସମୟ ସ୍ରୋତରେ ନିଜକୁ ଅତ୍ୟାଧୁନିକତାର ବଶବର୍ତ୍ତୀ କରି କୃତ୍ରିମ ଆନନ୍ଦ ଅନୁଭବ ଅଜ୍ଞାନର ଏକ ରୋମାଞ୍ଚକ ରୁଚି । ପ୍ରାକୃତିକ ଜୀବନଚର୍ଯ୍ୟାକୁ ଘୃଣା କରି ପାଶ୍ଚାତ୍ୟର ବସବର୍ତ୍ତିତା କରୁଥିବା ନିର୍ବୋଧ ମଣିଷଙ୍କ ଭାବଧାରା ଏକ ଭିନ୍ନ ରୁଚିରେ ରହିଥାଏ । ଗ୍ରାମର ସୁଖ, ଶାନ୍ତି ସହରରେ ପାଇବା ଅସମ୍ଭବ । ସହରର କୃତ୍ରିମ ଆନନ୍ଦ ଏବଂ ଗ୍ରାମ୍ୟ ଜୀବନର ପ୍ରାକୃତିକତା ମଧ୍ୟରେ ପାର୍ଥକ୍ୟ ଅନୁଭବ କରିବା ଏବଂ ଉପଯୁକ୍ତ ଭାବଧାରା ସୃଷ୍ଟି କରିବା ଏକ ଅସାଧାରଣ ବିଷୟ । ଅନେକ ସମୟରେ ଗ୍ରାମରେ ରହୁଥିବା ମଣିଷ ଗୁଡିକ ସହରବାସୀଙ୍କ ପ୍ରତି ଏକ ଭିନ୍ନ ରୁଚି ରଖୁଥିବା ବେଳେ ସହରୀ ଗ୍ରାମ୍ୟ ଜୀବନଧାରା ପ୍ରତି ଆକୃଷ୍ଟ ଭାବ ପ୍ରଦର୍ଶନ କରୁଥିବା ଏକ ମର୍ମସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳେ ଅନେକ କ୍ଷେତ୍ରରେ । କିନ୍ତୁ ଉଭୟେ ରଖିଥିବା ବିଚାର ମଧ୍ୟବର୍ତ୍ତୀ ମଣିଷ ଆକଳନ କରିଥା'ନ୍ତି ତାହାର ଉପଯୁକ୍ତତା ।

କର୍ମ ଅନ୍ୱେଷଣରେ ଗ୍ରାମ ଛାଡି ସାହାରାଭିମୁଖୀ ହେବା ମଧ୍ୟ ଏକ ପାଶ୍ଚାତ୍ୟ ଅନୁଭବ । କାରଣ ଉତ୍ତରୋତ୍ତର ଉନ୍ନତିକୁ ବିଚାରକୁ ନେଇ ଅଧିକ ଉପାର୍ଜନକ୍ଷମ ହେଲେ ପରିବାର ଆନନ୍ଦରେ ଚଳିବା ସହିତ ଆଗାମୀ ପିଢିଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବାର ସମ୍ଭାବନା ଏକ ପାଶ୍ଚାତ୍ୟ ବିଚାର ଯାହା ଅଧିକାଂଶ ମଣିଷ ଆପଣେଇବାରେ ବ୍ୟଗ୍ର ଆଜିର ସମାଜରେ ଦେଖିବାକୁ ମିଳୁଛି ଅନେକଙ୍କ କ୍ଷେତ୍ରରେ । କି'ନ୍ତୁ ତାହାର କୌଣସି ପ୍ରାକୃତିକତା ନାହିଁ । କାରଣ ଯେତେ ଯାହା କଲେ, ଅରଜିଲେ ମଧ୍ୟ ସମସ୍ତେ ଗୋଟିଏ ପଥର ବାଟୋଇ ହୋଇ ପ୍ରକୃତିରେ ପୁନଃ ବିଲୀନ ହେବା ସୁନିଶ୍ଚିତ ଯାହା କାହାକୁ ଛାଡିବନି । ଧନ, ମାନ, ଜ୍ଞାନ, ଶିକ୍ଷାର ଅଖଣ୍ଡ ଅଧିକାରୀ ମଧ୍ୟ ଦିନେ ଚାଲିଯିବ ସେହିଠାକୁ ଯେଉଁଠୁ ତା'ର ଉତ୍ପତ୍ତି । ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଥରେ ଚାଲିଗଲା ପରେ ପୁନଃ ଏହି ସଂସାରରେ ପାଦ ଥାପିବା କିମ୍ବା ସେହି ପୂର୍ବ ସ୍ମୃତିକୁ ଫେରାଇ ଆଣିବା କୌଣସି ବ୍ୟବସ୍ଥା ରଖିନାହିଁ ଜନ୍ମଦାତ୍ରୀ ପ୍ରକୃତି । ତେଣୁ ଏହି ଜନ୍ମର ସଫଳତା କେବଳ ସେହି ଜନ୍ମଦାତ୍ରୀ ପ୍ରକୃତି କୋଳରେ ବଢି, ସଢ଼ି ବିତାଇବା ଠାରୁ ଅଧିକ ଆନନ୍ଦ, ସୁଖ ଆଉ କୋଉଠି ମିଳିବା ଅସମ୍ଭବ । ତଥାପି ଆଜି ସମସ୍ତେ ସହରାଭିମୁଖୀ ହେଉଥିବା ଏକ ଅଲୌକିକ ବିଚାରଧାରା ପ୍ରତି ଅନାଗ୍ରହ ରଖୁଥିବା ମଣିଷଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । ଏହା ଅଜ୍ଞାନ, ନିର୍ବୋଧତାର ଚରମ ଶୀର୍ଷକ୍ଷେତ୍ର ଛଡା ଆଉ କିଛି ନୁହେଁ ଯେଉଁମାନେ ଜନ୍ମମାଟି ଛାଡି ସାହାରାଭିମୁଖୀ ହୋଇଥା'ନ୍ତି ।

ସବୁ ବୁଝି ସୁଝି ମଧ୍ୟ ଜନ୍ମଦାତ୍ରୀ ପ୍ରକୃତି, ଜନ୍ମମାଟି ତଥା ପିତା, ମାତାଙ୍କ କୋଳରୁ ନିଜକୁ ଦୁରେଇ ରଖି ସେମାନଙ୍କ କୋଳରେ ବଢି, ଚଢି ଶେଷରେ ସେମାନଙ୍କ ଠାରୁ ଦୁରେଇ ରହିବାରେ କୌଣସି ବାସ୍ତବ ଆନନ୍ଦ ମିଳିବା ଅସମ୍ଭବ ହୋଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ବାଧ୍ୟ ବଧକତା ମଧ୍ୟରେ ବଂଚୁଥିବା ମଣିଷଙ୍କ ପରିସ୍ଥିତି ମଧ୍ୟ ଦେଖିବାକୁ ମିଳୁଛି । କି'ନ୍ତୁ ଏମିତି ନୁହେଁ କି ସେମାନେ ନିଜକୁ ସେହି ବାଧ୍ୟ ବଧକତାରୁ ମୁକୁଳାଇ ନିଜକୁ ପ୍ରାକୃତିକ ଭାବେ ଜନ୍ମଦାତ୍ରୀ କୋଳରେ ବଂଚିପାରିବେ ନାହିଁ । ଏହା କେବଳ ମଣିଷର ଏକ ଦୁର୍ବଳ ମାନସିକତା ଛଡା ଆଉ କିଛି ହୋଇ ନପାରେ । ନିଜକୁ ସଜାଡି ବି·ରଧାରାରେ ପରିବର୍ତ୍ତନ ଆଣିବା ପ୍ରଚେଷ୍ଟା ମଣିଷକୁ ନିଶ୍ଚିତ ସୁଖୀ କରିପାରିବ ଯଦି ଆମେ ନିଜର ବିଚାରଧାରାକୁ କାହା ସହିତ ସମାନ୍ତରାଳ ନକରି କେବଳ ପ୍ରାକୃତିକ ବିଚାର ରଖିବା । ଅଲୌକିକ ଚେତନା ଠାରୁ ନିଜକୁ ଦୁରେଇ ରଖି ପାରିଲେ ଷଡ଼ଯନ୍ତ୍ରୀଙ୍କ ପ୍ରରୋଚନରୁ ନିଜକୁ ମୁକୁଳିତ କରି ପରିବା ଏବଂ ଜୀବନର ବାସ୍ତବତାକୁ ଅନୁଭବ କରି ପାରିବା । ଯେତେଦିନ ପର୍ଯ୍ୟନ୍ତ ଅନୁସରଣ, ଅନୁକରଣ ଭାବାବେଗ ସୃଷ୍ଟି ହେଉଥିବ ମନରେ ସେତେଦିନ ପର୍ଯ୍ୟନ୍ତ ମଣିଷ ନିଜସ୍ୱ ଜ୍ଞାନ ଅର୍ଜନ କରିବା ଅସମ୍ଭବ । ବରଂ ଶିକ୍ଷାରେ ବଶୀଭୂତ ନିଜର ପ୍ରାକୃତିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୀବନକୁ ବିନିଯୋଗ କରି କୃତ୍ରିମ ଜୀବନଚର୍ଯ୍ୟାରେ ନିଜକୁ ଜାଳି ଜାଳି ଜୀବନ ଅତିବାହିତ କରିବାରେ କାହାର ହସ୍ତକ୍ଷେପ ରହିବ ନାହିଁ ।

ଜୀବନ ଜଞ୍ଜାଳକୁ ସରଳରେ ଗ୍ରହଣ କଲେ କୌଣସି ବୀମା ଯୋଜନା କିମ୍ବା ଭବିଷ୍ୟ ଗଠନର ଆବଶ୍ୟକତା ରହିବ ନାହିଁ ଯାହା କ୍ରୁର ବ୍ୟବସାୟୀଙ୍କ ଠାରୁ ଶିକ୍ଷା କରି ମଣିଷ ଅପ୍ରାକୃତିକ ଜୀବନ ବଞ୍ଚୁଛି ! କୌଣସି ଶିକ୍ଷା, ସ୍ୱାସ୍ଥ୍ୟ ସହିତ ଜୀବନ ଶୈଳୀରେ ଉନ୍ନତି ଉପରେ କାହା ସହିତ ସମାନ୍ତରାଳ ତଥା ମୁକାବିଲା କରିବା ବିଚାର ମନରେ ସୃଷ୍ଟି ନକରି କେବଳ ପ୍ରାକୃତିକ ଉପାୟରେ ଜୀବନଚର୍ଯ୍ୟା ଉପରେ ମନୋନିବେଶ କଲେ ଆଜିର ଏହି ଅପ୍ରାକୃତିକ କୁହେଳିକାକୁ ଅଚିରେ ସାମ୍ନା କରିହେବ କେବଳ ପ୍ରାକୃତିକ ଉପାୟରେ ଯାହା ମଣିଷକୁ ଅତ୍ୟନ୍ତ ସୁଖମୟ ଜୀବନ ବଂଚିବାରେ ସହାୟକ ହୋଇପାରିବ । କିଂନ୍ତୁ ସେସବୁ ଆଉ ଅଛି ? ! ଏହି ବିଚାରଧାରା ରଖିଥିବା ମଣିଷ ଅତ୍ୟନ୍ତ ବିରଳ ! ତର୍ଜମା କରି ଦେଖିଲେ ଜାଣି ପାରିବେ ବାସ୍ତବ କ'ଣ ଏବଂ ମନୁଷ୍ୟ ଜୀବନର ପ୍ରକୃତ ଆନନ୍ଦ କେବଳ ପ୍ରାକୃତିକତାରେ ରହିବା ବ୍ୟତୀତ କୌଣସି ଅଲୌକିକ କିମ୍ବା କୃତ୍ରିମ ବିଷୟ ମଣିଷକୁ କେବେ ସୁଖ ଦେଇ ପାରିବ ନାହିଁ । ତେଣୁ ଆଜିଠାରୁ ମନସ୍ଥ କରିଛି ସଂସାରର ସମସ୍ତ କୁହେଳିକାକୁ ପଛରେ ପକାଇ ନିଜସ୍ୱ ଭାବଧାରରେ ପ୍ରାକୃତିକ ଜୀବନ ବଂଚିବା ଶଖିବି ଜୀବନ ଶେଷ ପର୍ଯ୍ୟନ୍ତ ଫେରି ଯାଇ ମୋ ମା' କୋଳକୁ ଯିଏ ମୋତେ ଜନ୍ମ ଦେଇଛି ତାହାର କୋଳରେ । କିଂନ୍ତୁ ତାହା କେତେଦୂର ଏବଂ କେବେ ସମ୍ଭବ ହେବ ସମୟ କହିବ..... !

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ.: ୯୪୩୭୬୦୨୪୯୧୭.

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସ୍ୱାମୀ ବିବେକାନନ୍ଦ



ଦେବେନ୍ଦ୍ର ସାମଲ

ସ୍ୱାମୀ ବିବେକାନନ୍ଦ ୧୨ ଜାନୁଆରୀ ୧୮୬୩ରେ ନରେନ୍ଦ୍ରନାଥ ଦତ୍ତ ଭାବରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଭାରତୀୟ ହିନ୍ଦୁ ଭିକ୍ଷୁ ତଥା ଊନବିଂଶ ଶତାବ୍ଦୀର ସାଧୁ ରାମକୃଷ୍ଣଙ୍କର ମୁଖ୍ୟ ଶିଷ୍ୟ ଥିଲେ । ତାଙ୍କ ପିତା ବିଶ୍ୱନାଥ ଦତ୍ତ ଜଣେ ସଫଳ ଓକିଲ ଥିଲେ ଏବଂ ମାତା ଭୁବନେଶ୍ୱରୀ ଦେବୀଙ୍କୁ ଗଭୀର ଭକ୍ତି କରିଥିଲେ । ତାଙ୍କର ଜ୍ଞାନ ଏବଂ ପ୍ରୟାସ ସହିତ ସେ ବେଦାନ୍ତର ଭାରତୀୟ ଦର୍ଶନ ଏବଂ ଯୋଗକୁ ପାଶ୍ଚାତ୍ୟ ଜଗତରେ ପରିଚିତ କରାଇବାରେ ଏକ ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ପ୍ରମାଣିତ କଲେ । ଊନ୍‌ବିଂଶ ଶତାବ୍ଦୀର ଶେଷ ଭାଗରେ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ଉଭୟ ଭାରତ ଏବଂ ଆମେରିକାରେ ଜଣାଶୁଣା ଥିଲା ।

ଜଣେ ଦକ୍ଷ ବାଳକ, ନରେନ୍ଦ୍ର ସଂଗୀତ, ଯୋଗ ଅଧ୍ୟୟନରେ ଉତ୍କର୍ଷ ଥିଲେ । ସେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିବା ବେଳକୁ ସେ ବିଭିନ୍ନ ବିଷୟ, ବିଶେଷକରି ପାଶ୍ଚାତ୍ୟ ଦର୍ଶନ ଏବଂ ଇତିହାସ ବିଷୟରେ ଏକ ବିସ୍ତୃତ ଜ୍ଞାନ ଆହରଣ କରିଥିଲେ । ଯୋଗୀ ସ୍ୱଭାବରେ ଜନ୍ମଗ୍ରହଣ କରି ସେ ବାଲ୍ୟକାଳରୁ ଧ୍ୟାନ ଅଭ୍ୟାସ କରୁଥିଲେ । ତାଙ୍କର ବାଲ୍ୟକାଳରେ, ସେ ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ସନ୍ଦେହରେ ଜଡିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲେ । ଏହା ତାଙ୍କୁ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ରହୁଥିବା ଶ୍ରୀ ରାମକୃଷ୍ଣଙ୍କୁ ଭେଟାଇଥିଲା । ନରେନ୍ଦ୍ରଙ୍କ ମନରୁ ସନ୍ଦେହ ଦୂର କରିବା ବ୍ୟତୀତ ଶ୍ରୀ ରାମକୃଷ୍ଣ ତାଙ୍କୁ ଜିତିଲେ ଏବଂ ଏହିପରି ସେମାନଙ୍କ ମଧ୍ୟରେ ଗୁରୁ-ଶିଷ୍ୟ ସମ୍ପର୍କ ଆରମ୍ଭ କଲେ ।

କିଛି ବର୍ଷ ପରେ, ଦୁଇଟି ଘଟଣା ନରେନ୍ଦ୍ରଙ୍କୁ ବହୁ କଷ୍ଟ ଦେଇଥିଲା: ଗୋଟିଏ ହେଲା ତାଙ୍କ ପିତାଙ୍କ ଦେହାନ୍ତ ଏବଂ ଅନ୍ୟଟି ଯେତେବେଳେ ଶ୍ରୀ ରାମକୃଷ୍ଣ ତାଙ୍କ ମର୍ତ୍ତ୍ୟ ଶରୀର ଛାଡିଥିଲେ । ଏହା ପରେ, ୧୮୮୭ ମସିହାରେ ସେ ସନ୍ନ୍ୟାସୀ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କଲେ, ଯାହା ଦ୍ୱାରା ସେ ଏକ ନୂତନ ନାମ ଗ୍ରହଣ କଲେ । ନରେନ୍ଦ୍ର ବର୍ତ୍ତମାନ ସ୍ୱାମୀ ବିବେକାନନ୍ଦ ହୋଇଗଲେ । ଖୁବ୍ ଶୀଘ୍ର, ବିବେକାନନ୍ଦ ତାଙ୍କ ଜୀବନରେ ଏକ ବଡ଼ ମିଶନ ପାଇଁ ତାଙ୍କ ଭିତରର ଆହ୍ୱାନ ଶୁଣିଲେ । ତାଙ୍କ ଗୁରୁ ତାଙ୍କୁ ଶିଖାଇଲେ ଯେ ଇଶ୍ୱରଙ୍କ ଉପାସନା ପୁରୁଷମାନଙ୍କ ସେବା । ସେ ଶ୍ରୀ ରାମକୃଷ୍ଣଙ୍କ ବାର୍ତ୍ତାର ମହତ୍ତ୍ୱକୁ ହୃଦୟଙ୍ଗମ କରି ଆଧୁନିକ ଦୁନିଆରେ ଏବଂ ବିଶେଷ ଭାବରେ ଭାରତରେ ବିସ୍ତାର କରିବାକୁ ନିଷ୍ପତ୍ତି ନେଇଥିଲେ ।

ବିଭିନ୍ନ ଧାର୍ମିକ ପରମ୍ପରା ଏବଂ ସାମାଜିକ ଢାଞ୍ଚା ସହିତ ନିଜକୁ ପରିଚିତ କରି ନରେନ୍ଦ୍ର ଭାରତରେ ବହୁ ଭ୍ରମଣ କରିଥିଲେ । ତାଙ୍କର ଭ୍ରମଣ ସମୟରେ, ଜନତାଙ୍କ ଭୟଙ୍କର ଦାରିଦ୍ରତା ଏବଂ ପଛୁଆତାକୁ ଦେଖି ସେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ସେ ଭାରତର ପ୍ରଥମ ଧାର୍ମିକ ନେତା ଭାବରେ ଜଣାଇଥିଲେ ଏବଂ ଖୋଲାଖୋଲି ଭାବରେ ଘୋଷଣା କରିଥିଲେ ଯେ ଭାରତର ପତନର ପ୍ରକୃତ କାରଣ ହେଉଛି ଜନତାଙ୍କ ଅବହେଳା ।

ସ୍ୱାମୀଜୀଙ୍କ ପାଇଁ ଗୋଟିଏ କଥା ସ୍ପଷ୍ଟ ହେଲା- ଶିକ୍ଷାର ପ୍ରସାର ତଥା ଗରିବ ଜନତାଙ୍କ ଉନ୍ନତି ପାଇଁ ତାଙ୍କର ଯୋଜନା କାର୍ଯ୍ୟକାରୀ କରିବା ପାଇଁ, ଏବଂ ଉତ୍ସର୍ଗୀକୃତ ଲୋକଙ୍କ ଏକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦକ୍ଷ ସଂଗଠନ ଆବଶ୍ୟକ ଥିଲା । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱାମୀଜୀ କିଛି ବର୍ଷ ପରେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ ସେ ଜାପାନ, ଚୀନ୍ ଏବଂ କାନାଡାର ସହର ପରିଦର୍ଶନ କରି ପାଶ୍ଚାତ୍ୟ ଯାତ୍ରା ଆରମ୍ଭ କରିଥିଲେ । ସେ ୧୮୯୩ ମସିହାରେ ଚିକାଗୋରେ ହେବାକୁ ଥିବା ବିଶ୍ୱସ୍ତରୀୟ ସଂସଦ ବିଷୟରେ ମଧ୍ୟ ଶୁଣିଥିଲେ । ସେ ଅନୁଭବ କରିଥିଲେ ଯେ ସଂସଦ ତାଙ୍କ ଗୁରୁଙ୍କ ବାର୍ତ୍ତାକୁ ବିଶ୍ୱକୁ ଉପସ୍ଥାପନ କରିବା ପାଇଁ ସଠିକ୍ ଦିଗ ଯୋଗାଇବ ଏବଂ ତେଣୁ ସେ ଆମେରିକା ଯିବାକୁ ସ୍ଥିର କଲେ ।

ବିଶ୍ୱ ସଂସଦର ଧର୍ମ ସଂସଦରେ ତାଙ୍କର ଭାଷଣ ତାଙ୍କୁ 'ଇଶ୍ୱରୀୟ ଅଧିକାର ଦ୍ୱାରା ବାକ୍ୟ' ଏବଂ 'ପାଶ୍ଚାତ୍ୟ ଜଗତକୁ ଭାରତୀୟ ଜ୍ଞାନର ଦୂତ' ଭାବରେ ବିଖ୍ୟାତ କରିଥିଲା । ଆମେରିକା ଏବଂ ଲଣ୍ଡନର କିଛି ଅଂଶରେ ପ୍ରଚାର କରିବା ପରେ ସ୍ୱାମୀଜୀ ନିଜ ଲୋକଙ୍କୁ ପ୍ରେରଣା ଦେବା ପାଇଁ ଭାରତ ଫେରି ଆସିଥିଲେ । ପାଶ୍ଚାତ୍ୟ ଦେଶରେ ବିବେକାନନ୍ଦ ଭାରତର ମହାନ ଆଧ୍ୟାତ୍ମିକ ପରମ୍ପରା ବିଷୟରେ କହିଥିଲେ; ଭାରତରେ ସେ ବାରମ୍ବାର ସାମାଜିକ ସମସ୍ୟାର ସମାଧାନ କରିଥିଲେ: ଲୋକଙ୍କୁ ଉନ୍ନତ କରିବା, ଜାତି ପ୍ରଣାଳୀକୁ ହଟାଇବା, ବିଜ୍ଞାନ ଏବଂ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା, ବ୍ୟାପକ ଦାରିଦ୍ର୍ୟ ଦୂର କରିବା ଏବଂ ଔପନିବେଶିକ ଶାସନକୁ ସମାପ୍ତ କରିବା । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥରେ ଲେଖିଛନ୍ତି: "ସ୍ୱାମୀଜୀ ପୂର୍ବ ଏବଂ ପାଶ୍ଚାତ୍ୟ, ଧର୍ମ ଏବଂ ବିଜ୍ଞାନ, ଅତୀତ ଏବଂ ବର୍ତ୍ତମାନର ସମନ୍ୱୟ ରକ୍ଷା କରିଛନ୍ତି ଏବଂ ସେଥିପାଇଁ ସେ ମହାନ ଅଟନ୍ତି । ଆମ ଦେଶବାସୀ ତାଙ୍କ ଶିକ୍ଷାଠାରୁ ଅଦୃଶ୍ୟ ଆତ୍ମ ସମ୍ମାନ, ଆତ୍ମନିର୍ଭରଶୀଳତା ଏବଂ ଆତ୍ମବିଶ୍ୱାସ ଲାଭ କରିଛନ୍ତି ।"

୪ ଜୁଲାଇ ୧୯୦୨ରେ, ସ୍ୱାମୀ ବିବେକାନନ୍ଦ ତାଙ୍କ ମର୍ତ୍ତ୍ୟ ଶରୀର ଛାଡି "ମହାସମାଧି" ପ୍ରାପ୍ତ କଲେ । ବିବେକାନନ୍ଦ ଭାରତ ଭିତରେ ତଥା ବାହାରେ ହିନ୍ଦୁ ଧର୍ମକୁ ପୁନର୍ଜୀବିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରିଥିଲେ ଏବଂ ଯୋଗର ଆନ୍ତରିକତାର ସହିତ ଯୋଗ, ଧ୍ୟାନ ଏବଂ ଅନୁଭୂତ ପାଶ୍ଚାତ୍ୟରେ ଭାରତୀୟ ଆଧ୍ୟାତ୍ମିକ ଆତ୍ମ-ଉନ୍ନତିର ମୁଖ୍ୟ କାରଣ ଥିଲା । ସେ ଧାରଣ କରିଥିବା ଜ୍ଞାନ ଏବଂ ଜ୍ଞାନର ବିପୁଳ ଉତ୍ସରୁ ସେ ତାଙ୍କର ଧାରଣା ଗ୍ରହଣ କରିଥିଲେ ଏବଂ ପ୍ରାୟତଃ ସେମାନଙ୍କୁ କବିତାର ଭାଷାରେ ଉପସ୍ଥାପନ କରିଥିଲେ । ତାଙ୍କ ଜୀବନ ଏବଂ ଶିକ୍ଷା ସମସ୍ତଙ୍କ ପାଇଁ ବହୁମୂଲ୍ୟ ଅଟେ ।

VIM ୭୧୮, ଶୈଳଶ୍ରୀ ବିହାର, ଭୁବନେଶ୍ୱର, ୭୫୧୦୨୧
ଭ୍ରାମ୍ୟଭାଷ : ୯୪୩୯୯୦୯୪୨୨
ଇମେଲ୍ : debendrasamal17@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିବର୍ତ୍ତନବାଦର ଜନକ : ଡାରୱିନ୍



ଅକ୍ଷୟ କୁମାର ରାଉତ

ସବୁ ମଣିଷ ସମାନ ହେଲେ ମଧ୍ୟ ସମସ୍ତ ମଧ୍ୟରେ ଗୁଣଗତ ସମାନତା ପରିଲକ୍ଷିତ ହୁଏନାହିଁ । କେହି ପଣ୍ଡିତ ବିଦ୍ୱାନ ତ ଅନ୍ୟ କେହି ମୂର୍ଖ, ଅଧମ ଅଟନ୍ତି । ସେହିପରି କେତେକ ଲୋକ ସମାଜରେ କବି, ଲେଖକ, ଦାର୍ଶନିକ, ବୈଜ୍ଞାନିକ ଓ ଜନସେବକ ଅଟନ୍ତି । ଯେଉଁମାନେ ମହତ୍‌ଗୁଣର ଅଧିକାରୀ ହୋଇ ସମାଜର ସେବା କରନ୍ତି, ସେମାନେ ଯୋଗଜନ୍ମା ମହାପୁରୁଷ, ମନୀଷୀ ତଥା ବିଶିଷ୍ଟ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତି । ସେମାନେ ଆହାର, ବିହାର ଓ ବ୍ୟକ୍ତିଗତ ଉନ୍ନତି ସାଧନ ତ୍ୟାଗକରି ଜାତି, ଦେଶ ଓ ବିଶ୍ୱର ହିତସାଧନରେ ଲାଗିପଡନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବିଶିଷ୍ଟ ଜୀବବିଜ୍ଞାନୀ ଚାର୍ଲସ୍ ରବର୍ଟ ଡାର୍ୱଇନ୍ । ସେ ୧୮୦୯ ମସିହା ଫେବୃଆରୀ ମାସ ୧୨ ତାରିଖରେ ଇଂଲଣ୍ଡର ସ୍ରିଭ୍‌ସବେରୀଠାରେ ଏକ ଧନାଢ୍ୟ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ରବର୍ଟ ଡାର୍ୱଇନ୍ ଜଣେ ପ୍ରତିଷ୍ଠିତ ଡାକ୍ତର ଓ ଜେଜେ ବାପା ଇରାସମସ୍ ଡାର୍ୱଇନ୍ ଜଣେ ଡାକ୍ତର, କବି ଓ ବୈଜ୍ଞାନିକ ଥିଲେ । ତାଙ୍କ ମାତାଙ୍କ ନାମ ଥିଲା ସୁସାନା ୱେଜ୍‌ଉଡ୍ । ତାଙ୍କ ଘରର ନାମ ମାଉଣ୍ଟ ଯାଭା ଏକ ବିରାଟ ଅଟ୍ଟାଳିକା ଥିଲା । ତାଙ୍କର ଚାରି ଭଉଣୀ ଓ ଗୋଟିଏ ଭାଇ ମଧ୍ୟରେ ସେ ଥିଲେ ପିତାମାତାଙ୍କର ପଞ୍ଚମ ସନ୍ତାନ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଙ୍କୁ ଆଠବର୍ଷ ହୋଇଥିବା ବେଳେ ୧୮୧୭ ମସିହାରେ ତାଙ୍କର ମା' ମୃତ୍ୟୁବରଣ କରିଥିଲେ ।

ଚାର୍ଲସ୍ ଡାର୍ୱିଇନ୍ ନିରୀହ, ଶାନ୍ତ ଓ ପ୍ରକୃତିପ୍ରେମୀ ଥିଲେ । ସେ ସମୟ ପାଇଲେ ସମୁଦ୍ର, ନଦୀକୂଳ, ଜଙ୍ଗଲ, ପାହାଡ ପର୍ବତ ଓ ବଗିଚାରେ ବୁଲି ବୁଲି ପ୍ରକୃତିର ଅପୂର୍ବ ଶୋଭାକୁ ଉପଭୋଗ କରୁଥିଲେ । ଏହା ସହିତ ପ୍ରକୃତିର ବିଭିନ୍ନ ବସ୍ତୁ, ଶାମୁକା, ପକ୍ଷୀ ଅଣ୍ଡା, ପ୍ରଜାପତି, ବାଲିରଗଡା, ମୁଦ୍ରା ଓ ଖଣିଜଦ୍ରବ୍ୟ ସଂଗ୍ରହ କରୁଥିଲେ । ନଦୀ ବା ପୋଖରୀରେ ବନିଶୀ ପକାଇବା ଅଭ୍ୟାସ ସହିତ ବୃକ୍ଷଲତା ଓ ଜୀବମାନଙ୍କୁ ସେ ଭଲ ପାଉଥିଲେ । ସେ ୧୮୧୮ ମସିହାରେ ସ୍ରିଭ୍ସବେରୀ ବିଦ୍ୟାଳୟରେ ନାମ ଲେଖାଇ ୧୮୨୫ ପର୍ଯ୍ୟନ୍ତ ସେଠାରେ ପାଠ ପଢ଼ିଥିଲେ । ସେ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ନଦେଇ ପ୍ରାଣୀ ଓ ଉଦ୍ଭିଦ ଉପରେ ଗବେଷଣା କରୁଥିଲେ । ସମସ୍ତେ ତାଙ୍କୁ ଆଡବାଇଆ ଓ ବୋକା ବୋଲି ଭାବୁଥିଲେ ।

ପିଲାଦିନରୁ ଡାର୍ୱିଇନ୍ ସେକସ୍ପିୟର, ବାଇରନ୍ ଓ ସ୍କଟଙ୍କ ଲେଖା ପଢ଼ିବାକୁ ଭଲ ପାଉଥିଲେ । ୧୮୨୫ ମସିହାରେ ସେ ଏଡିନ୍ବରା ବିଶ୍ୱବିଦ୍ୟାଳୟରେ ଡାକ୍ତରି ପାଠ ପଢ଼ିଲେ । ବ୍ୟବଚ୍ଛେଦ, ଶଲ୍ୟଚିକିତ୍ସା, ରକ୍ତ, କଷ୍ଟ ଓ ଚିତ୍କାର ଦେଖି ସେ ମନ ବଦଳାଇ ୧୮୨୭ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର କ୍ରାଏଷ୍ଟ କଲେଜରେ ସ୍ନାତକ ଡିଗ୍ରୀ ପାଇଁ କଳା ବିଭାଗରେ ନାମ ଲେଖାଇଲେ । ଡାର୍ୱିଇନ୍ ଉଦ୍ଭିଦବିଜ୍ଞାନ ପ୍ରଫେସର ଜନ୍ ଷ୍ଟିଭେନ୍ସ ହେନ୍ସ୍ଲୋଙ୍କ ଅନୁଗାମୀ ତଥା ଘନିଷ୍ଠ ବନ୍ଧୁ ହୋଇଗଲେ । ହେନ୍ସ୍ଲୋ ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ଧାତୁ ବିଜ୍ଞାନ ଓ ଭୂତତ୍ତ୍ୱ ବିଜ୍ଞାନରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିଥିଲେ । ଡାର୍ୱିଇନ୍ ଭୂତତ୍ତ୍ୱ ବିଭାଗରେ ଯୋଗଦେଲେ । ଡାର୍ୱିଇନ୍ ନୂଆ ଜୀବ ଉପରେ ଗବେଷଣା କରିବା ଆରମ୍ଭ କରିଦେଲେ । ସେ ସମୁଦ୍ରକୂଳରେ ଶାମୁକା, ଗେଣ୍ଡା, ଶଙ୍ଖ ଆଦି ସଂଗ୍ରହ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅମେରୁଦଣ୍ଡୀ ଜୀବମାନଙ୍କର ଉପରେ ଗବେଷଣା କଲେ । ଦିନେ ସେ ତିନୋଟି ନୂତନ ପୋକ ଦେଖି ତାକୁ ଧରିବାକୁ ଚେଷ୍ଟା କଲେ । ସେ ଦୁଇ ହାତରେ ଦୁଇଟି ପୋକ ଓ ଆଉ ଗୋଟିଏ ପୋକକୁ ପାଟିରେ ପୂରାଇ ପରୀକ୍ଷାଗାରରେ ପହଁଚିଲେ । ସେ ପୋକ କାମୁଡାକୁ ଭ୍ରୁକ୍ଷେପ କରିନଥିଲେ । ଇଂଲଣ୍ଡରୁ ପ୍ରକାଶିତ ଉଦ୍ଭିଦ ପତ୍ରିକାରେ ଏହି ବିଷୟ ପ୍ରକାଶ ପରେ ତାଙ୍କୁ ଅନେକ ପ୍ରଶଂସା ମିଳିଥିଲା । ଏହା ଥିଲା ତାଙ୍କର ପ୍ରଥମ ସଫଳତା । ତାଙ୍କର ସଂଗ୍ରହ କରିଥିବା ପୋକ ଓ ଅମେରୁଦଣ୍ଡୀ ଜୀବମାନଙ୍କର ଶରୀର ଏବେ ମଧ୍ୟ କେମ୍ବ୍ରିଜ୍ ପ୍ରାଣୀବିଜ୍ଞାନ ସଂଗ୍ରହାଳୟରେ ଅଛି । ସେ ୧୮୩୧ ମସିହାରେ ସ୍ନାତକ ଡିଗ୍ରୀ ଲାଭ କଲେ । ୧୭୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସେ ଦଶମ ସ୍ଥାନ ଅଧିକାର କରିଥିଲେ ।

ଡାର୍ୱିଇନ୍ କେମ୍ବ୍ରିଜରୁ ଘରକୁ ଫେରିବା ପରେ ପ୍ରଫେସର ହେନ୍‌ସ୍ଲୋଙ୍କ ଠାରୁ ଜଳଯାତ୍ରା ପାଇଁ ଏକ ଚିଠି ପାଇଲେ । ସେ ପାଞ୍ଚ ଶହ ପାଉଣ୍ଡ ଅର୍ଥ ଦେଇ ବ୍ରିଟିଶ୍ ନୌବାହିନୀର 'ବିଗଲ୍' ନାମକ ଜାହାଜରେ ୧୮୩୧ ମସିହା ଡିସେମ୍ବର ମାସ ୨୭ ତାରିଖରେ ଜଣେ ଅବୈତନିକ ପ୍ରକୃତି ବିଶେଷଜ୍ଞ ଭାବେ ଜଳଯାତ୍ରା ଆରମ୍ଭ କଲେ । ଏହାଥିଲା 'ବିଗଲ୍'ର ଦ୍ୱିତୀୟ ଜଳଯାତ୍ରା । ରବର୍ଟ ଫିଜ୍ରୟ କ୍ୟାପ୍ଟେନ୍ ଭାବେ ଏହାର ନେତୃତ୍ୱ ନେଇଥିଲେ । ଦୁଇଟି କ୍ୟାବିନରୁ ଗୋଟିଏରେ କ୍ୟାପ୍ଟେନ୍ ଓ ଅନ୍ୟଟିରେ ଡାର୍ୱିଇନ୍‌ଙ୍କ ସହିତ ଅନ୍ୟ ଦୁଇଜଣ ଯାଇଥିଲେ । ସ୍ଥଳଭାଗରେ ଭୂତାତ୍ତ୍ୱିକ ଅଧ୍ୟୟନ ଓ ପ୍ରାକୃତିକ ଇତିହାସ ସଂଗ୍ରହ ଥିଲା ଡାର୍ୱିଇନ୍‌ଙ୍କର ମୁଖ୍ୟ କାମ, ଡାର୍ୱିଇନ୍ ନିଜର ପର୍ଯ୍ୟବେକ୍ଷଣକୁ ଲେଖିକରି ରଖୁଥିଲେ ଏବଂ ବିଭିନ୍ନ ସ୍ଥାନରୁ ପ୍ରାକୃତିକ ଇତିହାସ ସମ୍ବନ୍ଧୀୟ ନମୁନା ସଂଗ୍ରହ କରି କେମ୍ବ୍ରିଜ୍ ପଠାଉଥିଲେ । ଗୋବର ପୋକ ଓ ସାମୁଦ୍ରିକ ଅମେରୁଦଣ୍ଡୀ ଜୀବକୁ ବ୍ୟବଚ୍ଛେଦ କରିବାର ତାଙ୍କର ଦକ୍ଷତା ଥିଲା । ତାଙ୍କର ପ୍ରାଣୀବିଜ୍ଞାନ ସମ୍ବନ୍ଧୀୟ ନୋଟ୍ ଗୁଡିକ ମୁଖ୍ୟତଃ ସାମୁଦ୍ରିକ ଅମେରୁଦଣ୍ଡୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୀବ ଉପରେ ପର୍ଯ୍ୟବେକ୍ଷିତ । ସେ ତାଙ୍କର ନୋଟ୍, ସାମୁଦ୍ରିକ ଜୀବ ପ୍ଲାଙ୍କଟନ୍ ଠାରୁ ଆରମ୍ଭ କରିଥିଲେ ।

ସାଣ୍ଟିଆଗୋ ଦ୍ୱୀପର ପୋର୍ଟୋ ପ୍ରେଇଆର ଆଗ୍ନେୟଗିରି ଉପରେ ସମୁଦ୍ର ଶାମୁକା ଦେଖି ଚାର୍ଲସ୍ ଲ୍ୟେଲ୍‌ଙ୍କ 'ଭୂତତ୍ତ୍ୱବିଜ୍ଞାନର ନିୟମ' ପୁସ୍ତକ ଲେଖା ଅନୁଯାୟୀ ସ୍ଥଳଭାଗ ପ୍ରଥମେ ସମାନ ସମତଳରେ ଥିଲା ଓ ସମୟକ୍ରମେ ଏହାର କିଛି ଅଂଶ ଉପରକୁ ଉଠିଛି ଏବଂ ଅନ୍ୟ କିଛି ଅଂଶ ତଳକୁ ଯାଇଛି । ଏହି ମତରେ ଡାର୍ୱଇନ୍ ସହମତି ପ୍ରକାଶ କରିଥିଲେ । ଡାର୍ୱଇନ୍ ବ୍ରାଜିଲ ଜଙ୍ଗଲରେ ଅନେକ ପ୍ରକାରର ନୂତନ ଜୀବ ଓ ବଡ ବଡ ଗଛ ଦେଖି, ବାଇବେଲ ଅନୁଯାୟୀ ପୃଥିବୀରେ ସମସ୍ତ ଜୀବଜାତି ମାତ୍ର ଛଅ ଦିନରେ ସୃଷ୍ଟି ହୋଇଛି ବୋଲି ଅବିଶ୍ୱାସ କରିଥିଲେ । ବିଗଲରେ ମାସ ମାସ ଧରି ଆମେରିକାର ପୂର୍ବ ଉପକୂଳରେ ବୁଲି କୀଟପତଙ୍ଗ, ଉଦ୍ଭିଦ, ସରୀସୃପ ଓ ଅନ୍ୟଜୀବଙ୍କର ନମୁନା ସଂଗ୍ରହ କରି ଲଣ୍ଡନ ପଠାଉଥିଲେ । ବ୍ରାଜିଲରେ ଅନେକ କୀଟପତଙ୍ଗ, ଗଛଡାଳ, ପତ୍ର, ବଲ୍କଳ ଓ ଫୁଲପାଖୁଡା ପରି ଦେଖା ଯାଉଥିଲେ । ସେମାନଙ୍କର ଭୌତିକ ଗଠନରେ ରଙ୍ଗ, ଆକାର, ଦାନ୍ତ, ଲାଞ୍ଜ ଓ ପଞ୍ଝା ଆଦି ଜୀବନ ସୁରକ୍ଷାରେ ବିକଶିତ ହେଉଥିଲା । ଏହି ଧାରଣା ପରବର୍ତ୍ତୀ 'ଜୀବ ବିବର୍ତ୍ତନ ତତ୍ତ୍ୱ' ବିକାଶରେ ଡାର୍ୱିଇନ୍‌ଙ୍କୁ ସାହାଯ୍ୟ କରିଥିଲା ।

ଡାର୍ୱିଇନ୍‌ଙ୍କୁ ନମୁନା ସଂଗ୍ରହ ଓ ସାଇତି ରଖିବା ପାଇଁ କୋଭିଙ୍ଗଟନ୍ ନାମକ ବ୍ୟକ୍ତି ସାହାଯ୍ୟ କରୁଥିଲେ । ଆଣ୍ଡିକ୍ ପର୍ବତମାଳାରେ ୪୦୦୦ ମିଟର ଉଚ୍ଚରେ ସମୁଦ୍ରକୂଳ ବୃକ୍ଷର ଜୀବାଶ୍ମ ଓ ସମୁଦ୍ର ଶାମୁକା ଦେଖି ସିଦ୍ଧାନ୍ତରେ ପହଁଚିଲେ ଯେ ପ୍ରଶାନ୍ତ ମହାସାଗର କୂଳରେ ଥିବା ଏହି ସ୍ଥାନଟି କୌଣସି କାରଣରୁ ଭୂମିଟି ତଳକୁ ଦବି ମାଟି ଓ ବାଲି ଚାପି ହୋଇଯାଇଛି । ପରେ ଏହି ଜାଗା ଉପରକୁ ଉଠିଛି । ସେହିପରି ଆଗ୍ନେୟଗିରି ଉଦ୍ଗିରଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯୋଗୁଁ ଲାଭାରେ ସୃଷ୍ଟି ହୋଇଥିବା ଦ୍ୱୀପଗୁଡିକ ସର୍ବଦା ଶୁଖିଲା ଥାଏ । ଲାଭା ସଛିଦ୍ର ଯୋଗୁ ବର୍ଷାଜଳ ତଳକୁ ଶୋଷି ହୋଇଯାଏ । ଫଳରେ ଏଠାରେ କାକ୍ଟସ ଓ କଣ୍ଟାଳିଆ ବୁଦା ଦେଖାଯାଏ । ତେଣୁ ଏଠାରେ ତୃଣଭୋଜୀ ପ୍ରାଣୀ ଦେଖାଯାଆନ୍ତି ନାହିଁ । ଏହି ଉପକୂଳରେ ବିରାଟ ବିରାଟ କଇଁଛ ଦେଖାଯାଆନ୍ତି  ।

୧୮୩୧ ମସିହା ଡିସେମ୍ବର ମାସରୁ ୧୮୩୬ ମସିହା ଅକ୍ଟୋବର ମାସ ମଧ୍ୟରେ ଡାର୍ୱିଇନ୍ ଜାହାଜରେ ସମୁଦ୍ର ମଧ୍ୟରେ ୫୩୩ ଦିନ ରହିଥିଲେ, ବାକି ସମୟ ସେ ସ୍ଥଳଭାଗରେ ରହି ନିଜର ଗବେଷଣା ଚଳାଇଥିଲେ । ସେ ଜାଣି ପାରିଥିଲେ, ଯେତେବେଳେ ପାରିପାର୍ଶ୍ୱିକ ଅବସ୍ଥାରେ ପରିବର୍ତ୍ତନ ଘଟେ, ସେତେବେଳେ ଜୀବମାନଙ୍କର ପରିବର୍ତନ ହୋଇଥାଏ । ଯେଉଁ ଜୀବ ପରିବେଶ ସହିତ ଉତ୍ତମ ଭାବେ ଖାପଖୁଆଇ ପାରେ, ସେ ଜୀବ ଜୀବନ ସଂଗ୍ରାମରେ ବିଜୟୀ ହୋଇ ବଂଶ ବିସ୍ତାର କରିଥାଏ । ପରିବର୍ତ୍ତନଶୀଳ ଜୀବର କ୍ରମ ବିକାଶକୁ ଜୀବ ବିବର୍ତ୍ତନ କୁହାଯାଏ । ସୁତରାଂ ବିବର୍ତ୍ତନବାଦର ମୂଳ କଥା ହେଲା, "ବିଭିନ୍ନ ଜୀବଜାତି ସ୍ୱତନ୍ତ୍ର ଭାବେ ଜାତ ହୋଇନାହାଁନ୍ତି । ଗୋଟିଏ ଜୀବଜାତି ଅନ୍ୟ ଜୀବଜାତିରୁ କ୍ରମ ବିକଶିତ ପ୍ରକ୍ରିୟାରେ ଜାତ ହୋଇଛନ୍ତି ।" ତେଣୁ ସର୍ବପ୍ରଥମ ଜୀବ ରୂପେ କୋଟି କୋଟି ବର୍ଷର ବିବର୍ତ୍ତନ ପ୍ରକ୍ରିୟା ମଧ୍ୟ ଦେଇ ପୃଥିବୀରେ କୋଟି କୋଟି ସଂଖ୍ୟକ ବିଭିନ୍ନ ଜୀବଜାତି ସୃଷ୍ଟି କରିଛି ଏବଂ ଜୀବ ବିବର୍ତ୍ତନ ପ୍ରକ୍ରିୟାର ଶେଷ ସୋପାନରେ ଆମେ 'ମାନବ ପ୍ରଜାତି'ରେ ବର୍ତ୍ତମାନ ପହଞ୍ଚିଛେ । ଡାର୍ୱିଇନ୍‌ଙ୍କ ବିଗଲ୍ ଜାହାଜରେ କରିଥିବା ଯାତ୍ରା ବିଜ୍ଞାନ ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ଏହି ଯାତ୍ରାରୁ 'ଜୀବ ବିବର୍ତ୍ତନ ତତ୍ତ୍ୱ' ଆବିଷ୍କୃତ ହୋଇଥିଲା । ଡାର୍ୱିଇନ୍ ସମସ୍ତ ତଥ୍ୟକୁ ନେଇ ଗୋଟିଏ ପୁସ୍ତକ ପ୍ରକାଶ କଲେ । ଏହାର ନାମ ହେଉଛି 'ପ୍ରଜାତିର ଉତ୍ପତ୍ତି' (The Origin of Species) । ୧୮୫୯ ମସିହା ନଭେମ୍ବର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୨୪ ତାରିଖରେ ଜନ୍ମ୍ୟରେ ପ୍ରକାଶ କରିଥିଲେ ।

ଡାର୍ୱିଇନ୍ ୧୮୩୯ ମସିହା ଜାନୁଆରୀ ୨୯ ତାରିଖରେ ତାଙ୍କ ମାମୁ ଜୋସିଆ ୱେଜଉଡ୍‌ଙ୍କ ଝିଅ ଏମ୍ମାଙ୍କୁ ବିବାହ କରିଥିଲେ । ତାଙ୍କର ଦଶ ଜଣ ସନ୍ତାନ ଭୂମିଷ୍ଠ ହୋଇଥିଲେ । ସେଥି ମଧ୍ୟରୁ ତିନି ଜଣ ମୃତ୍ୟୁକରଣ କରିଥିଲେ । ସନ୍ତାନ ମଧ୍ୟରୁ ଜର୍ଜ ହାୱାର୍ଡ ଡାର୍ୱିଇନ୍, ଫ୍ରାନ୍‌ସିସ୍ ଡାର୍ୱିଇନ୍ ଓ ହୋରାମ୍ ଡାର୍ୱିଇନ୍ ଜଣେ ଜଣେ ବୈଜ୍ଞାନିକ ଭାବେ ଖ୍ୟାତି ଲାଭ କରିଥିଲେ । ଅନ୍ୟ ସନ୍ତାନମାନେ ସୈନିକ, ରାଜନୀତିଜ୍ଞ ଓ ଅର୍ଥନୀତିଜ୍ଞ ଭାବେ ପ୍ରସିଦ୍ଧି ଲାଭ କରିଥିଲେ । ଡାର୍ୱିଇନ୍‌ଙ୍କ ଲିଙ୍କନସ୍ତ୍ରାୟାର୍ ଠାରେ ୩୨୪ ଏକର ଜାଗାରେ କିଛି ଚାଷଜମି ଓ ଘରବାରି ଥିଲା । ଏଥିରୁ ମିଳୁଥିବା ଆୟରେ ତାଙ୍କର ପରିବାର ଚଳୁଥିଲେ । ତେଣୁ ସେ ଅର୍ଥ ଚିନ୍ତା ନକରି ସର୍ବଦା ଗବେଷଣାରେ ସମୟ ବିତାଉଥିଲେ । ସେ ଅତିଥି ଓ ବନ୍ଧୁବତ୍ସଳ ଥିଲେ । ବିଜ୍ଞାନ ବ୍ୟତୀତ ସଂଗୀତ ଓ ସାହିତ୍ୟରେ ମଧ୍ୟ ତାଙ୍କର ରୁଚି ଥିଲା । ସେ ଲେଖିଥିବା ପୁସ୍ତକଗୁଡିକ ହେଉଛି 'Journal and Remarks', 'ବିଗଲ୍ ଯାତ୍ରା', 'ପ୍ରବାଳ ପ୍ରାଚୀରର ଗଠନ ଓ ବିତରଣ', (୧୮୪୨) ଦକ୍ଷିଣ ଆମେରିକାରେ ଭୂତାତ୍ତ୍ୱିକ ପର୍ଯ୍ୟବେକ୍ଷଣ, (୧୮୪୬) 'ପ୍ରଜାତିର ଉତ୍ପତ୍ତି', (୧୮୫୯), 'ଅର୍କିଡ୍ ପରାଗଣ', (୧୮୬୨), 'ନିଜ ତତ୍ତ୍ୱାବଧାନରେ ପାଳିତ ପ୍ରାଣି ଓ ଉଦ୍ଭିଦଗୁଡିକର ବିବିଧତା', (୧୮୬୮), 'ମାନବର ବିକାଶ' (୧୮୭୧), 'ମନୁଷ୍ୟ ଓ ପ୍ରାଣୀମାନଙ୍କ ଠାରେ ଆବେଗର ପରିପ୍ରକାଶ' (୧୮୭୨), 'କୀଟପତଙ୍ଗଭୋଜୀ ଉଦ୍ଭିଦ' (୧୮୭୫), 'ଉଦ୍ଭିଦ ରାଜ୍ୟରେ ପର-ପରାଗଣ ଓ ସ୍ୱ-ପରାଗଣର ପ୍ରଭାବ' (୧୮୭୬), 'ସମାନ ପ୍ରଜାତିର ବୃକ୍ଷରେ ବିଭିନ୍ନ ପ୍ରକାରର ଫୁଲ' (୧୮୭୭), 'ଉଦ୍ଭିଦଠାରେ ଗତି କରିବାର ଶକ୍ତି' (୧୮୮୦), 'କୃମି ମାଧ୍ୟମରେ ଖାଦ୍ୟ ରୂପେ ବ୍ୟବହୃତ ଉଦ୍ଭିଦରେ ଫମ୍ପିର ସୃଷ୍ଟି' (୧୮୮୧), ଓ 'ମୋ' ଆତ୍ମଜୀବନୀ' (୧୮୮୭) ଏହି ସବୁ ପୁସ୍ତକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟତୀତ ସେ ଅନେକ ପ୍ରବନ୍ଧ ରଚନା କରିଥିଲେ ।

ଡାର୍ୱିଇନ୍ ଲଣ୍ଡନର ରୟାଲ୍ ସୋସାଇଟି, ବର୍ଲିନ୍ ବିଜ୍ଞାନ ଏକାଡେମୀ, ସେଣ୍ଟ ପିଟରସ୍ବର୍ଗ ଇମ୍ପେରିଆଲ ବିଜ୍ଞାନ ଏକାଡେମୀ, ଫ୍ରାନ୍ସ ଇନ୍ଷ୍ଟିଚ୍ୟୁଟ୍ର ସଭ୍ୟ ଥିଲେ । ରୟାଲ୍ ପଦକ, କୋପ୍ଲେ ପଦକ, ବାଲେ ପଦକ ଓ ପ୍ରୁସିଆନ୍ ଅର୍ଡରର ନାଇଟ୍ ଉପାଧି ତାଙ୍କୁ ପ୍ରଦାନ କରାଯାଇଥିଲା । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଏଲ୍.ଏଲ୍.ଡି. ଉପାଧି ପାଇଥିଲେ । ତାଙ୍କ ନାମରେ ଅନେକ ସ୍ଥାନ ନାମିତ କରାଯାଇଛି । ବିଗଲ ପ୍ରଣାଳୀ ନିକଟରେ ଏକ ଜଳ ରାଶିର ନାମ ଡାର୍ୱିଇନ୍ ସାଉଣ୍ଡ ରଖାଯାଇଛି । ଗୋଟିଏ ଗ୍ରାମ ଓ ପ୍ରାକୃତିକ ବନ୍ଦର ନାମ ଡାର୍ୱିଇନ୍ ରଖାଯାଇଛି । ୧୨୦ରୁ ଅଧିକ ପ୍ରଜାତିର ନାମକରଣ ତାଙ୍କ ନାମାନୁସାରେ ହୋଇଛି । ଏକ କୋକିଳକଣ୍ଠୀ ପକ୍ଷୀର ନାମ ଡାର୍ୱିଇନ୍ ରଖାଯାଇଛି । ୧୯୦୮ ମସିହା ଠାରୁ ପ୍ରତିବର୍ଷ ଜଣେ ଉଦ୍ଭିଦବିଜ୍ଞାନୀଙ୍କୁ ଡାର୍ୱିଇନ୍-ୱାଲେସ୍ ପଦକ ପ୍ରଦାନ କରାଯାଇଛି । ପ୍ରତ୍ୟେକ ବର୍ଷ ଡାର୍ୱିଇନ୍ଙ୍କ ଜନ୍ମ ଦିନକୁ ଡାର୍ୱିଇନ୍ ଦିବସ ରୂପେ ପାଳନ କରାଯାଉଛି ।

'ପ୍ରଜାତିର ଉତ୍ପତ୍ତି' ପୁସ୍ତକର ୧୫୦ ତମ ଓ ଡାର୍ୱିଇନ୍ଙ୍କ ଦ୍ୱିଶତକ ବାର୍ଷିକୀ ଜନ୍ମ ଜୟନ୍ତୀ ୨୦୦୯ ମସିହାରେ ସମଗ୍ର ପୃଥିବୀରେ ପାଳନ କରାଯାଇଥିଲା । ବ୍ରିଟେନ୍ ଦଶ-ପାଉଣ୍ଡ ବ୍ୟାଙ୍କ ନୋଟରେ ହମିଙ୍ଗବାର୍ଡ ଓ ବିଗଲ୍ ସହ ଡାର୍ୱିଇନ୍ଙ୍କ ଛବିକୁ ଛାପିଛି । ଡାର୍ୱିଇନ୍ଙ୍କ ସମ୍ମାନରେ ବ୍ରିଟେନ୍ ଦୁଇ ପାଉଣ୍ଡର ରୌପ୍ୟ ମୁଦ୍ରା ପ୍ରଚଳନ କରିଛି । ଇକ୍ୱେଡର ମଧ୍ୟ ୨୫ ଡଲାର ମୁଦ୍ରା ଡାର୍ୱିଇନ୍ଙ୍କ ସମ୍ମାନରେ ପ୍ରଚଳନ କରିଛି । ଲଣ୍ଡନର ଏକ ସଂଗ୍ରହାଳୟ ଓ ସ୍ରିଭ୍ସବେରୀର ପାଠାଗାରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଗୋଟିଏ ସ୍ନାତକୋତ୍ତର ମହାବିଦ୍ୟାଳୟର ନାମ 'ଡାର୍ୱିଇନ୍ କଲେଜ' ରଖାଯାଇଛି । ଅନେକ ଦେଶ ଡାର୍ୱିଇନ୍ଙ୍କ ସମ୍ମାନରେ ସ୍ମାରକୀ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଡାକଟିକେଟ ପ୍ରଚଳନ କରିଛନ୍ତି । ୧୯୮୩ ମସିହା ମେ ମାସ ୧୮ ତାରିଖରେ ଭାରତ ସରକାର ଡାର୍ଉଇନ୍‌ଙ୍କ ସମ୍ମାନରେ ଏକ ଡାକଟିକେଟ୍ ପ୍ରଚଳନ କରିଛନ୍ତି ।

୭୩ ବର୍ଷ ବୟସରେ ଇଂଲଣ୍ଡର ଡାଉନ୍ ନାମକ ସ୍ଥାନରେ ୧୮୮୨ ମସିହା ଏପ୍ରିଲ୍ ୧୯ ତାରିଖ ଦିନ ଚାର୍ଲସ୍ ଡାର୍ଉଇନ୍ ଶେଷ ନିଶ୍ୱାସ ତ୍ୟାଗ କଲେ । ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କୁ ଲଣ୍ଡନର ୱେଷ୍ଟମିନ୍‌ଷ୍ଟର ଆବେ ଠାରେ ଅପ୍ରେଲ ମାସ ୨୬ ତାରିଖରେ ସମାଧି ଦିଆଗଲା ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର
ଦୂରଭାଷ : ୯୯୩୭୬୯୦୪୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରିୟ ହୃଦୟ କଥା



ପ୍ରିୟରଞ୍ଜନ ବିଶ୍ୱାଳ

ଭାରତର ଅର୍ଥ କଣ ?

"ଭାରତ"- କ'ଣ ଆପଣ ଏହି ଶବ୍ଦର ଅର୍ଥ ଜାଣନ୍ତି ?

ଭା- ଅର୍ଥାତ୍- ଆଲୋକ, ଯେଉଁଠି ବି 'ଭା'ର ବ୍ୟବହାର ହୁଏ, ତାହା ଆଲୋକର ଅର୍ଥରେ ହିଁ ବ୍ୟବହାର ହୋଇଥାଏ । ଯେପରି- ଆଭା- ଅର୍ଥାତ୍ ଆଲୋକ, ପ୍ରଭାତ- ଅର୍ଥାତ୍ ସକାଳ, ଭାସ୍କର ଏବଂ ଭାନୁ ଅର୍ଥାତ୍ ସୂର୍ଯ୍ୟ । ଏହି ସବୁଥିରେ 'ଭା'ର ବ୍ୟବହାର ହୋଇଛି ଏବଂ ଏ ସବୁର ସମ୍ପର୍କ ଆଲୋକ ସହ ଯୋଡି ହୋଇ ରହିଛି । 'ରତ'- ଅର୍ଥାତ୍ ଲାଗିଥିବା/ ବୁଡି ରହିଥିବା, ଯେପରି ସାଧନାରେ ରତ, ତପସ୍ୟାରେ ରତ । ଯେତେବେଳେ ଏହି ଦୁଇଟି ଯାକ ଶବ୍ଦ ଯୋଡିହୋଇ ଗୋଟିଏ ଶବ୍ଦ ପ୍ରସ୍ତୁତ କରନ୍ତି ତେବେ ହୁଏ- 'ଭାରତ' । ଯାହାର ଅର୍ଥ ଆଲୋକର ସନ୍ଧାନରେ ଲାଗିଥିବା/ ବୁଡିରହିଥିବା ବା ଆଲୋକର ସନ୍ଧାନ କରୁଥିବା । ଅନ୍ଧକାରରୁ ଆଲୋକକୁ ଯାତ୍ରା ହେଉଛି ଆମ ପରମ୍ପରା । ତେଣୁ କୁହାଯାଏ- 'ତମସୋ ମା ଜ୍ୟୋତିର୍ଗମୟ' । ଏଥିପାଇଁ ଆମ ଦେଶର ନାମ ଭାରତ ଅଟେ ।

ଆଜି ପରଠାରୁ ଯେତେବେଳେ ଆପଣ ନିଜକୁ ଭାରତବାସୀ ବୋଲି କହିବେ, ସେତେବେଳେ ଭାରତର ଅର୍ଥକୁ ମନେ ମନେ ଚିନ୍ତା କରି ଥରେ ଗର୍ବର ସହ ହସିବେ ନିଶ୍ଚିତ । ଏବେ ବାସ୍ତବ ବିଚାର ଆପଣଙ୍କର ।

ବଳରାମପୁର, କୁଶଳେଶ୍ୱର, ଘସିପୁରା, ଆନନ୍ଦପୁର
କେନ୍ଦୁଝର, ପିନ୍- ୭୫୮୦୨୫
ଭ୍ରାମ୍ୟଭାଷ : ୮୩୨୭୭୬୧୪୭୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମାର୍ଚ୍ଚ ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ମାର୍ଚ୍ଚ ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

# https://anchor.fm/aahwaan

Listen to Odia Podcast on https://anchor.fm/aahwaan